

‘ସବୁ କଳା ଜାଣିଛି’

ପୃଷ୍ଠା ୧୧ ଦେଖନ୍ତୁ...

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 42 ◆ISSUE-330 ◆BHUBANESWAR ◆THURSDAY ◆29 MAY 2025 ◆PAGE-12 ◆₹ 6.00 | BHUBANESWAR | ◆ବର୍ଷ-୪୨ ◆ସଂଖ୍ୟା-୩୩୦ ◆ଭୁବନେଶ୍ୱର ◆ଗୁରୁବାର ◆୨୯ ମେ ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦


## କମିଲା ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା କେନ୍ଦ୍ରୀୟ ସହାୟତା

# ଓଡ଼ିଶାକୁ ୫୦୦ କୋଟି ଟଙ୍କା କମ୍ ଅନୁଦାନ

■ ଭୁବନେଶ୍ୱର, ୨୮।୫ (ସମିସ): ରାଜ୍ୟର ୮୩୦୦ ଗ୍ରାମକୁ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ ଏଯାଏଁ ସଡ଼କ ସଂଯୋଗ ହୋଇପାରି ନାହିଁ। ରାଜ୍ୟ ଗ୍ରାମ୍ୟ ଉନ୍ନୟନ ବିଭାଗ ଗତ ଅଧିବେଶନରେ ବିଧାନସଭାରେ ଏହି ତଥ୍ୟ ପ୍ରଦାନ କରିବା ସହ ୧୦୦ ଜନସଂଖ୍ୟା ବିଶିଷ୍ଟ ଗାଁକୁ ସବୁଦିନିଆ ରାସ୍ତା କରିବାକୁ ଘୋଷଣା କରିଥିଲେ। ମାତ୍ର କେନ୍ଦ୍ର ସରକାର ଓଡ଼ିଶାକୁ ଅନୁଦାନ ହ୍ରାସ କରିବା ପରେ ରାଜ୍ୟ ସରକାରଙ୍କ ଏହି ଘୋଷଣାର କାର୍ଯ୍ୟକାରିତାକୁ ନେଇ ପ୍ରଶ୍ନ ଉଠିଛି।




ବିଡ଼ମ୍ବନା ହେଉଛି ନବୀନ ପଟ୍ଟନାୟକ ସରକାରଙ୍କ ଶେଷ ଆର୍ଥିକ ବର୍ଷରେ ଓଡ଼ିଶାକୁ କେନ୍ଦ୍ର ସରକାର ଯେତିକି ଅନୁଦାନ ପ୍ରଦାନ କରିଥିଲେ, ଏବେ ବିଜେପି ସରକାରଙ୍କ ସମୟରେ ତା'ଠାରୁ ଓଡ଼ିଶା ୫୦୦ କୋଟି ଟଙ୍କା କମ୍ ପାଇଛି। ଓଡ଼ିଶାରେ ବିଜେପି କ୍ଷମତାକୁ ଆସିଲେ କେନ୍ଦ୍ରରୁ ବିପୁଳ ଅର୍ଥ ରାଶି ମିଳିବ ବୋଲି ଦଳୀୟ ନେତାମାନେ ମାରିଥିବା ବାହାଦୂରୀ ଏବେ ଛଳନା ବୋଲି ପ୍ରମାଣିତ ହୋଇଛି।

୨୦୨୩-୨୪ ଆର୍ଥିକ ବର୍ଷରେ ତତ୍କାଳୀନ ବିଜେଡି ସରକାର ସମୟରେ ପ୍ରଧାନମନ୍ତ୍ରୀ ଗ୍ରାମସଡ଼କ ଯୋଜନାରେ ଓଡ଼ିଶାକୁ କେନ୍ଦ୍ର ସରକାର ୧୨୬୧ କୋଟି ଟଙ୍କା ପ୍ରଦାନ କରିଥିଲେ। ଏହି ଅର୍ଥରେ ଗ୍ରାମାଞ୍ଚଳକୁ ସଡ଼କ ନିର୍ମାଣ କରାଯାଉଥିଲା ଏବଂ ରାଜ୍ୟ ସରକାର ନିଜସ୍ୱ ପାଣ୍ଠିରେ ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନା କାର୍ଯ୍ୟକାରୀ କରୁଥିଲେ। ୨୦୨୪-୨୫ରେ ରାଜ୍ୟରେ ବିଜେପି ସରକାର କେନ୍ଦ୍ରରୁ ଏହି ଯୋଜନାରେ ମାତ୍ର ୭୧୨ କୋଟି ଟଙ୍କା ଆଣିବାରେ ସକ୍ଷମ ହୋଇଛନ୍ତି। ଫଳରେ ଓଡ଼ିଶା ଡବଲ୍ ଇଞ୍ଜିନ୍ ସରକାରରେ ଉପେକ୍ଷିତ ହୋଇଛି।

ବିଜେଡି ଶାସନରେ ରାଜ୍ୟ ସରକାର କେନ୍ଦ୍ର ନିକଟରେ ଓଡ଼ିଶାର ଅବହେଳାର ତୀବ୍ର ପ୍ରତିବାଦ କରିବା ସହ ଅଧିକ ଅନୁଦାନ ଦାବି କରୁଥିଲା। ବିଜେଡି ସାଂସଦମାନେ ଦିଲ୍ଲୀରେ ବିଭିନ୍ନ ମନ୍ତ୍ରୀଙ୍କ ନିକଟରେ ରାଜ୍ୟର ଦାବି ଉଠାଉଥିଲେ। ମାତ୍ର ସମ୍ପ୍ରତି ଓଡ଼ିଶାରୁ ୨୦ ଜଣ ବିଜେପି ସାଂସଦ ▶ପୃଷ୍ଠା-୭

## ଓଡ଼ିଶାରେ ମୌସୁମୀ

### ଲଘୁଚାପ ଘନୀଭୂତ । ୨୪ ଘଣ୍ଟାରେ ଅବପାତ । ଆହୁରି ୨ ଦିନ ବର୍ଷା

■ ଭୁବନେଶ୍ୱର, ୨୮।୫ (ସମିସ): ଓଡ଼ିଶା ଛୁଇଁଛି ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ। ସ୍ୱାଭାବିକ ତାରିଖ ଜୁନ୍ ୧୦ ତୁଳନାରେ ୧୪ ଦିନ ଆଗରୁ ଆଜି(ବୁଧବାର) ମୌସୁମୀ ଓଡ଼ିଶାରେ ପ୍ରବେଶ କରିଛି। ସାଧାରଣ ଭାବେ ମୌସୁମୀ ଜୁନ୍ ୧ ରେ କେରଳ ଛୁଇଁବା ପରେ ଜୁନ୍ ୧୦ ବେଳକୁ ଓଡ଼ିଶା ଛୁଇଁଥାଏ। ଚଳିତବର୍ଷ ମୌସୁମୀ ମେ' ୨୪ରେ କେରଳ ଛୁଇଁଥିବା ବେଳେ ମାତ୍ର ୪ ଦିନ ମଧ୍ୟରେ ଓଡ଼ିଶା ପ୍ରବେଶ କରିଛି। ▶ପୃଷ୍ଠା-୭

## ରାଜ୍ୟ କ୍ୟାବିନେଟ୍‌ରେ ୫ ପ୍ରସ୍ତାବକୁ ମୋହର

# ନିଯୁକ୍ତି ବୟସ ସୀମା ୪୨କୁ ବୃଦ୍ଧି

- ରାଜ୍ୟରେ ପ୍ରତିଷ୍ଠା ହେବ କୃତ୍ରିମ ବୁଦ୍ଧିମତା (ଏଆଇ) ଉତ୍କର୍ଷ କେନ୍ଦ୍ର
- ଯୋରନ୍ଦା ମହିମା ଗାଦିର ଉନ୍ନତି ସହ ଭବ୍ୟ ଶୂନ୍ୟମଣ୍ଡପ ନିର୍ମାଣ ପାଇଁ ୧୭୧ କୋଟି ୧୧ ଲକ୍ଷ ଟଙ୍କାର ଟେଣ୍ଡରକୁ ଅନୁମୋଦନ
- ଓଡ଼ିଶା ଚକ୍ଷୁ ଚିକିତ୍ସା ସେବା ନିୟମାବଳୀ-୨୦୨୫କୁ ଅନୁମୋଦନ
- ଜଟାଧାର ମୁହାଣରେ ଜେଏସଡବ୍ଲ୍ୟୁର ଜେଟି ନିର୍ମାଣ ପାଇଁ ରିଆତି ଚୁକ୍ତିନାମା ସ୍ୱାକ୍ଷରକୁ ଅନୁମୋଦନ ଦେଲେ ସରକାର

■ ଭୁବନେଶ୍ୱର, ୨୮।୫ (ସମିସ): ନିଯୁକ୍ତି ପ୍ରକ୍ରିୟାରେ ଅଂଶଗ୍ରହଣ କରିବା ପାଇଁ ସର୍ବୋଚ୍ଚ ବୟସ ସୀମାକୁ ରାଜ୍ୟ ସରକାର ୩୨ରୁ ୪୨ ବର୍ଷକୁ ବୃଦ୍ଧି କରିଛନ୍ତି। ଏଥିପାଇଁ ଓଡ଼ିଶା ବେସାମରିକ ସେବା(ସର୍ବୋଚ୍ଚ ବୟସ ସୀମା ସ୍ଥିରୀକରଣ) ନିୟମାବଳୀ ୧୯୮୯ରେ ସଂଶୋଧନ ପ୍ରସ୍ତାବକୁ ବୁଧବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜ୍ୟ କ୍ୟାବିନେଟ ବୈଠକରେ ଅନୁମୋଦନ ମିଳିଛି। ଏଥିସହ କ୍ୟାବିନେଟରେ ୫ଟି ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବକୁ ମଞ୍ଜୁରି ମିଳିଛି। ରାଜ୍ୟରେ କୃତ୍ରିମ ବୁଦ୍ଧିମତାକୁ ପ୍ରୋତ୍ସାହନ ଦେବାକୁ ମୋହର ମାରିଛି ରାଜ୍ୟ କ୍ୟାବିନେଟ। ଓଡ଼ିଶା ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ନୀତି, ୨୦୨୫କୁ ଅନୁମୋଦନ ମିଳିଥିବା ବେଳେ, ଏହି ନୀତି ଓଡ଼ିଶାରେ ଶ୍ରେଷ୍ଠ ଡିଜିଟାଲ ପରିବର୍ତ୍ତନ ପ୍ରକ୍ରିୟାର ଅଂଶବିଶେଷ ହେବ। ଏହାସହ କୃତ୍ରିମ ବୁଦ୍ଧିମତାର ବ୍ୟବହାର ଦ୍ୱାରା ରାଜ୍ୟ ପ୍ରଶାସନିକ କ୍ଷେତ୍ରରେ ଅପରିସୀମ ସୁଫଳ ମିଳିବ ▶ପୃଷ୍ଠା-୭










ସକାଳ
www.sakalaepaper.com

# ଇରାନରେ ୩ ଭାରତୀୟଙ୍କୁ ଅପହରଣ; କୋଟିଏ ମାଗୁଛନ୍ତି ଦଲାଲ୍




ନୂଆଦିଲ୍ଲୀ, ୨୮।୫ (ଏଜେନ୍ସି): ଇରାନ ଯାଇଥିବା ତିନି ଜଣ ଭାରତୀୟ ନାଗରିକ ନିଖୋଜ ହୋଇଯାଇଛନ୍ତି। ସେମାନଙ୍କୁ ଠାବ କରିବା ଲାଗି ଉଦ୍ୟମ ଚାଲିଥିବା ବେଳେ ପରିବାର ଲୋକ ଅଭିଯୋଗ କରିଛନ୍ତି ଏହି ତିନି ଜଣଙ୍କୁ ଦଲାଲମାନେ ମୁକ୍ତିଦାମିନ କରି ରଖିଛନ୍ତି। ସେମାନେ ବିପୁଳ ଟଙ୍କା ଦାବି କରୁଛନ୍ତି, ନହେଲେ ଛାଡ଼ିବେ ନାହିଁ ବୋଲି ଧମକ ଦେଉଛନ୍ତି। ନିଖୋଜ ଥିବା ତିନି ଜଣ ବ୍ୟକ୍ତି ଗୋଟିଏ ପରିବାରର ବୋଲି ଜଣାପଡ଼ିଛି। ସେମାନେ ହେଲେ ପଞ୍ଜାବର ହୁସନପ୍ରୀତ ସିଂହ, ଯଶପାଲ ସିଂହ ଏବଂ ଅମୃତପାଲ ସିଂହ। ଅମୃତପାଲଙ୍କ ମାତା ପୁଲିସରେ କରିଥିବା ଅଭିଯୋଗ ଅନୁଯାୟୀ ମେ ୧ ତାରିଖରେ ତାଙ୍କ ପୁଅ ଓ ଅନ୍ୟ ଦୁଇ ଜଣ ଇରାନରେ ପହଞ୍ଚିଥିଲେ। ଇରାନରୁ ସେମାନେ ଅଷ୍ଟ୍ରେଲିଆ ଯିବେ ବୋଲି ତାଙ୍କ ପୁଅ ଫୋନ କରି ତାଙ୍କୁ ଜଣାଇଥିଲା। ଏହାର କିଛି ସମୟ ପରେ ପୁଅ ତାଙ୍କୁ ପୁଣି ଫୋନ୍ କରିଥିଲା। ସେ ଜଣାଇଥିଲେ ଯେ ସେମାନଙ୍କୁ କିଛି ଲୋକ ମୁକ୍ତିଦାମିନ କରି ରଖିଛନ୍ତି। ଟ୍ରାଭେଲ ଏଜେଣ୍ଟମାନେ ଟଙ୍କା ଦେଇନଥିବାରୁ ସେମାନେ ଟଙ୍କା ଦାବି କରୁଛନ୍ତି। ତିନି ଜଣ ୧୮ ଲକ୍ଷ ଲେଖାଏଁ ପଠାଇବାକୁ ସେମାନେ ଦାବି କରିଥିଲେ। ଏହି ଖବର ମିଳିବା ପରେ ଅମୃତପାଲଙ୍କ ମା' ଟ୍ରାଭେଲ ଏଜେଣ୍ଟମାନଙ୍କ ସହିତ ସଂପର୍କ କରିବାକୁ ଚେଷ୍ଟା କରିଥିଲେ। କିନ୍ତୁ ଏହି ଏଜେଣ୍ଟମାନେ ଫେରାର ହେବା ସହିତ ସେମାନଙ୍କର ମୋବାଇଲ ଫୋନକୁ ସୁଇଚ୍ ଅଫ୍ କରିଦେଇଥିଲେ।

ଭାରତ ସରକାର ଏସଂପର୍କରେ ଇରାନ ସରକାରଙ୍କୁ ଜଣାଇଛନ୍ତି। ତେହରାନରେ ଥିବା ଭାରତୀୟ ଦୂତାବାସ ପକ୍ଷରୁ କୁହାଯାଇଛି ଯେ ନିଖୋଜ ଭାରତୀୟଙ୍କୁ ତୁରନ୍ତ ଠାବ କରିବା ଲାଗି ପ୍ରଶାସନ ଉପରେ ଚାପ ପକାଯାଉଛି। ସେମାନଙ୍କର ନିରାପତ୍ତାକୁ ସୁନିଶ୍ଚିତ କରିବା ଲାଗି ଅନୁରୋଧ କରାଯାଇଛି। ଯାହା ସୂଚନା ମିଳିବ ସେସଂପର୍କରେ ନିଖୋଜ ବ୍ୟକ୍ତିଙ୍କ ପରିବାରକୁ ଜଣାଇ ଦିଆଯିବ ବୋଲି ଦୂତାବାସ ପକ୍ଷରୁ କୁହାଯାଇଛି।

ମିଳିଥିବା ଖବର ଅନୁଯାୟୀ ପଞ୍ଜାବରେ ଏଜେଣ୍ଟମାନେ ଏହି ତିନି ଜଣଙ୍କୁ ଦୁବାଇ ଓ ଇରାନ ରାସ୍ତା ଦେଇ ଅଷ୍ଟ୍ରେଲିଆ ପଠାଇବାକୁ ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ମେ ୧ ତାରିଖରେ ସେମାନେ ଇରାନରେ ପହଞ୍ଚିବା ମାତ୍ରେ ସେମାନଙ୍କୁ ଅପହରଣ କରିନିଆଯାଇଥିଲା। ଏକ କୋଟି ଟଙ୍କା ନଦେଲେ ସେମାନଙ୍କୁ ମାରି ଦିଆଯିବ ବୋଲି ଅପହରଣକାରୀମାନେ ଧମକ ଦେଉଛନ୍ତି। ଅପହରଣକାରୀମାନେ ଏକ ଭିଡିଓ ପଠାଇଛନ୍ତି ଯେଉଁଥିରେ ଦେଖାଯାଉଛି ଯେ ତିନି ଭାରତୀୟଙ୍କୁ ବାନ୍ଧି ରଖାଯାଇଛି ଏବଂ ସେମାନଙ୍କ ଦେହରେ କ୍ଷତ ଚିହ୍ନ ଥିବା ସହିତ ରକ୍ତ ବହୁଛି।

## ■ ଗାଜାରେ ଖାଦ୍ୟ ପାଇଁ ଦଳାଚକଟା
# ୩ ମୃତ, ୪୬ ଆହତ

ରାଫା, ୨୮।୫ (ଏଜେନ୍ସି): ଗାଜା ସହର ରାଫାରେ ମଙ୍ଗଳବାର ଅପ୍ରୀତିକର ସ୍ଥିତି ସୃଷ୍ଟି ହୋଇଛି। ଖାଦ୍ୟ ପାଇଁ ଯାଇଥିବାବେଳେ ଦଳାଚକଟା ହୋଇଛି। ଏହି ଅଘଟଣରେ ୩ ଜଣଙ୍କ ମୃତ୍ୟୁ ହୋଇଛି। ୪୬ ଜଣ ଆହତ ହୋଇଛନ୍ତି। ୭ ଜଣ ଲୋକ ମଧ୍ୟ ନିଖୋଜ ଅଛନ୍ତି। ରିପୋର୍ଟ ଅନୁଯାୟୀ ଇସ୍ରାଏଲ ସୈନିକଙ୍କ ପାଇଁ ଏପରି ହୋଇଥିଲା। ଏହାର ଯବାନ ଫାଙ୍କା ଗୁଳିଚାଳନା କରିବାରୁ ଦଳାଚକଟା ହୋଇଥିଲା। ଇସ୍ରାଏଲୀ ସେନା ପକ୍ଷରୁ କୁହାଯାଇଛି ଯେ ଭିଡ଼କୁ ନିୟନ୍ତ୍ରଣ କରିବା ପାଇଁ ସତର୍କତାମୂଳକ ପଦକ୍ଷେପ ଭାବେ ଯବାନ ଗୁଳି ଚଳାଇ ଥିଲେ। ରିପୋର୍ଟ ଅନୁଯାୟୀ ଗାଜାରେ ଲୋକଙ୍କୁ ଖାଦ୍ୟ ଯୋଗାଇବା ପାଇଁ ଅନେକ କେନ୍ଦ୍ର ଆରମ୍ଭ କରାଯାଉଛି। ମଙ୍ଗଳବାର ଦିନ, ରାଫା ସହରର ଏପରି ଏକ କେନ୍ଦ୍ରରେ ହଜାର ହଜାର ଲୋକଙ୍କ ଭିଡ଼ ଲାଗିଥିଲା। ଇସ୍ରାଏଲୀ ଗୁଳି ଚଳାଇବା ପରେ ପାଲେଷ୍ଟିନୀୟ ନାଗରିକ ଖାଦ୍ୟ ପାଇଁ ଦୌଡିଥିଲେ। ଗାଜାର ସରକାରୀ ଗଣମାଧ୍ୟମ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି ଯେ ରାଫାରେ ଯାହା ଘଟିଲା ତାହା ଏକ ସୁଚିନ୍ତିତ ହତ୍ୟାକାଣ୍ଡ ଏବଂ ସମ୍ପୂର୍ଣ୍ଣ ଯୁଦ୍ଧ ଅପରାଧ ଥିଲା।

# ଘୋଷଣା ପରେ ମକ୍‌ଡ୍ରିଲ୍ ସ୍ଥଗିତ ରଖିଲେ ସରକାର

ନୂଆଦିଲ୍ଲୀ, ୨୮।୫ (ଏଜେନ୍ସି): ଆତଙ୍କବାଦୀ ବିରୋଧରେ ଭାରତ ଆରମ୍ଭ କରିଥିବା 'ଅପରେସନ ସିନ୍ଦୂର' ଏବେ ଶେଷ ହୋଇନାହିଁ। ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂହ ଏହା ପୂର୍ବରୁ ଘୋଷଣା କରିଥିଲେ। ପାକିସ୍ତାନ ଏବଂ ପିଓକେରେ ଆକ୍ରମଣ ପୂର୍ବରୁ ଭାରତ ଯେଉଁ ଭଳି ଭାବେ ମକଡ୍ରିଲ କରିଥିଲା ଏବେ ପୁଣି ସେହି ଭଳି ଜମ୍ମୁ-କଶ୍ମୀର, ଗୁଜରାଟ, ପଞ୍ଜାବ ଏବଂ ରାଜସ୍ଥାନର ପାକିସ୍ତାନ ସୀମାରେ ଭାରତ ଗୁରୁବାର ମକ୍‌ଡ୍ରିଲ୍ ଅପରେସନ ସିଲ୍ଡ କରିବାକୁ ଭାରତ ସରକାର ଘୋଷଣା କରିଥିଲେ। ମାତ୍ର ଶେଷ ସମୟରେ ଏହାକୁ ବାତିଲ କରିଦିଆଯାଇଛି। ଏଥିପାଇଁ ପୂର୍ବରୁ ଲୋକଙ୍କୁ ସତର୍କ ରହିବାକୁ ନିବେଦନ କରାଯାଥିଲା। ଶତ୍ରୁର ଆକ୍ରମଣ ସମୟରେ କେମିତି ଜୀବନ ବଞ୍ଚାଇବାକୁ ହୁଏ ଏଥିରେ ତାର ଶିକ୍ଷା ଦିଆଯାଇଥାନ୍ତା। କିନ୍ତୁ ଏବେ ପ୍ରାଶାସନିକ କାରଣ ଦର୍ଶାଇ ଏହାକୁ ସ୍ଥଗିତ କରିଦିଆଯାଇଛି। ଗୁଜରାଟ, ରାଜସ୍ଥାନ ଏବଂ ଚଣ୍ଡିଗଡରେ ଏହାକୁ ବାତିଲ କରିଦିଆଯାଇଥିବାବେଳେ ହରିୟାଣାରେ ଜାରି ରଖିବା ପାଇଁ ରାଜ୍ୟ ସରକାର ଅଧିକାରୀମାନଙ୍କୁ ଅନୁରୋଧ କରିଛନ୍ତି।

ଏହା ପୂର୍ବରୁ ପହଲଗାମ ଆକ୍ରମଣର ପ୍ରତିଶୋଧ ନେବା ପାଇଁ ଭାରତୀୟ ସେନା ଗତ ୭ ତାରିଖରେରେ ଅପରେସନ ସିନ୍ଦୂର ଆରମ୍ଭ କରିଥିଲା। ଏହାପରେ ପାକିସ୍ତାନ ସହ ଯୁଦ୍ଧ ସ୍ଥିତି ସୃଷ୍ଟି ହୋଇଥିଲା। ତେବେ ଭାରତୀୟ ସେନାର ପ୍ରଚଣ୍ଡ ଆକ୍ରମଣର ସାମ୍ନା କରି ନ ପାରି ପାକିସ୍ତାନ ଯୁଦ୍ଧବିରତି ପାଇଁ ଭାରତକୁ ଅନୁରୋଧ କରିଥିଲେ। ଏବେ ଯୁଦ୍ଧବିରତି ଜାରି ରହିଥିବା ସତ୍ତ୍ୱେ କୁଟୀଳ ପାକିସ୍ତାନ ଉପରେ କୌଣସି ପ୍ରକାରର ଭରସା ନାହିଁ। ତେଣୁ ଭାରତ ସରକାର ଏଭଳି ପଦକ୍ଷେପ ନେଇଥିବା କୁହାଯାଉଛି।

ଭାରତ ସହ ସଂଘର୍ଷବେଳେ ଏହି ସୀମାନ୍ତ ରାଜ୍ୟଗୁଡ଼ିକରେ ପାକିସ୍ତାନ ଡ୍ରୋନ୍ ଏବଂ କ୍ଷେପଣାସ୍ତ୍ର ମାଡ଼ କରିଥିଲା। କିନ୍ତୁ ଭାରତୀୟ ଏୟାର ଡିଫେନ୍ସ ସିଷ୍ଟମ ଏହାକୁ ଧ୍ୱଂସ କରି ଦେଇଥିଲା।

# ସୋସିଆଲ ମିଡିଆରେ ଆମେରିକୀୟଙ୍କୁ ଆକ୍ଷେପ କଲେ ମିଳିବନି ଭିସା

ୱାଶିଂଟନ, ୨୮।୫ (ଏଜେନ୍ସି): ଆମେରିକା ନିଜର ଭିସା ନୀତିକୁ ପୂର୍ବାପେକ୍ଷା ଆହୁରି କଡ଼ାକଡ଼ି କରିଛି। ସୋସିଆଲ ମିଡିଆରେ ଆମେରିକୀୟ ଏବଂ ଆମେରିକାକୁ ତାଚ୍ଛଲ୍ୟ, ଆକ୍ଷେପ, ସମାଲୋଚନା କରୁଥିବା ଓ ଧମକ ଦେଉଥିବା ବ୍ୟକ୍ତିଙ୍କୁ ଆଉ ଆମେରିକା ଭିସା ମିଳିବ ନାହିଁ। ଆମେରିକା ବିଦେଶ ମନ୍ତ୍ରୀ ମାର୍କୋ ରୁବିଓ ବୁଧବାର ଏହି ଘୋଷଣା କରିଛନ୍ତି। ବିଶ୍ୱର ପ୍ରଥମ ରାଷ୍ଟ୍ର ଭାବେ ଆମେରିକା ଏଭଳି ନିୟମ ଆଣିଛି।

ରୁବିଓ କହିଛନ୍ତି ଯେ ଯଦି କୌଣସି ବିଦେଶୀ ଅଧିକାରୀ ନିଜ ଦେଶରେ ଆମେରିକୀୟଙ୍କୁ ଗିରଫ କିମ୍ବା ଅନ୍ୟ କୌଣସି ଧମକ ଦେଇ ପୋଷ୍ଟ ସେନ୍‌ସର କରେ ତେବେ ଏହାକୁ କଦାପି ସ୍ୱୀକାର କରାଯିବ ନାହିଁ। ଆମେରିକା ଟେକ୍ ପ୍ଲାଟଫର୍ମରେ ବିଷୟବସ୍ତୁକୁ ହଟାଇବା କିମ୍ବା ନିୟନ୍ତ୍ରଣ କରିବାକୁ ଦାବି କରୁଥିବା ବିଦେଶୀ ଅଧିକାରୀଙ୍କ ଭିସା ଉପରେ କଟକଣା ଲଗାଇ ଦିଆଯିବ। କିଛି ବିଦେଶୀ ନାଗରିକ ଆମେରିକାରେ ରହି ସୋସିଆଲ ମିଡିଆ ପୋଷ୍ଟକୁ ନେଇ ଆମେରିକୀୟଙ୍କୁ ଗିରଫ ଧମକ ଦେଉଛନ୍ତି। ତେବେ ଏହି ନିୟମରେ କେଉଁ ଦେଶ କିମ୍ବା ଅଧିକାରୀ ପ୍ରଭାବିତ ହେବେ ତାହାର କୌଣସି ସୂଚନା ରୁବିଓ ଦେଇ ନ ଥିଲେ। କିନ୍ତୁ ସେ କହିଛନ୍ତି ଯେ କିଛି ବିଦେଶୀ ନାଗରିକ ପଦରେ ରହି ଆମେରିକା ଟେକ୍ କମ୍ପାନୀ ଏବଂ ଆମେରିକୀୟଙ୍କ ବିରୋଧରେ ସେନ୍‌ସରସିପ୍ କାର୍ଯ୍ୟାନୁଷ୍ଠାନ ନେଇଛନ୍ତି। କିନ୍ତୁ ଏପରି କରିବାରେ ତାଙ୍କର କୌଣସି ଅଧିକାର ନ ଥିଲା।

## ତିନି ସେନାର ଯବାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନେଇପାରିବେ ଜଣେ ଅଧିକାରୀ

ନୂଆଦିଲ୍ଲୀ, ୨୮।୫ (ଏଜେନ୍ସି): ଏବେ ଦେଶର ତିନି ସେନାର ଯବାନଙ୍କ ଉପରେ ଜଣେ ଅଧିକାରୀ କାର୍ଯ୍ୟାନୁଷ୍ଠାନ ନେଇପାରିବେ। 'ଇଣ୍ଟର ସର୍ଭିସ ଅର୍ଗାନାଇଜେସନ ନିୟମ' ଅଧିନରେ ଏହି କ୍ଷମତା ଦିଆଯାଇଛି। ଏହି ନିୟମ ମଙ୍ଗଳବାରଠାରୁ ଦେଶରେ ଲାଗୁ କରାଯାଇଛି। କେନ୍ଦ୍ର ପକ୍ଷରୁ ଏ ନେଇ ବିଜ୍ଞପ୍ତି ଜାରି କରାଯାଇଛି। ଏହି ନିୟମ ଅଧିନରେ ଜଣେ କମାଣ୍ଡର-ଇନ୍-ଚିଫ୍/ ଅଫିସର-ଇନ-କମାଣ୍ଡଙ୍କୁ ନିଯୁକ୍ତ କରାଯିବ। ଏହି କମାଣ୍ଡର ସୈନିକଙ୍କୁ ନିୟନ୍ତ୍ରଣ ଏବଂ କାର୍ଯ୍ୟାନୁଷ୍ଠାନ ନେଇପାରିବେ। 'ଇଣ୍ଟର ସର୍ଭିସ ଅର୍ଗାନାଇଜେସନ ନିୟମ' ଦୁଇ ବର୍ଷ ତଳେ ମୌସୁମୀ ଅଧିବେଶନରେ ପାରିତ କରାଯାଇଥିଲା। ୨୦୨୩ ଅଗଷ୍ଟ ୧୫ରେ ରାଷ୍ଟ୍ରପତି ଏହାକୁ ମଞ୍ଜୁରୀ ଦେଇଥିଲେ। ପରେ ୨୦୨୪ ମେ' ୧୦ରୁ ଏହା କାର୍ଯ୍ୟକାରୀ ହୋଇଥିଲା। କିନ୍ତୁ ସରକାର ବୁଧବାର ଆନୁଷ୍ଠାନିକ ଭାବେ ଗେଜେଟ ବିଜ୍ଞପ୍ତି ଜାରି କରିଥିଲେ।

# 'ଅପରେସନ ସିନ୍ଦୂର' ଲାଗି ୫ ବର୍ଷ ପଛକୁ ପଳାଇଛି ପାକିସ୍ତାନ

ନୂଆଦିଲ୍ଲୀ, ୨୮।୫ (ଏଜେନ୍ସି): ଆତଙ୍କବାଦ ବିରୋଧରେ ଭାରତ ଚଳାଇଥିବା ଅପରେସନ ସିନ୍ଦୂରରେ ପାକିସ୍ତାନର ବିପୁଳ କ୍ଷୟକ୍ଷତି ହୋଇଛି। ଏଥିରେ ପାକିସ୍ତାନ ବାୟୁସେନା ସର୍ବାଧିକ କ୍ଷତିଗ୍ରସ୍ତ ହୋଇଛି। ଭାରତ ଆକ୍ରମଣରେ ପାକ୍ ବାୟୁସେନା ଅସହାୟ ହୋଇ ପଡିଥିଲା। ଆକ୍ରମଣରୁ କିପରି ରକ୍ଷା କରିବ ତାହା ବୁଝିପାରି ନ ଥିଲା। ଏଥିରେ ହୋଇଥିବା କ୍ଷତି ଯୋଗୁଁ ପାକିସ୍ତାନ ସେନା ୫ ବର୍ଷ ପଛକୁ ପଳାଇଛି ବୋଲି ଅପରେସନ ସିନ୍ଦୂର ସହ ଜଡ଼ିତ ଅଧିକାରୀ କହିଛନ୍ତି। ଅପରେସନ ସିନ୍ଦୂରରେ ଭାରତୀୟ ବାୟୁସେନା କ୍ରୁଜ୍ ମିସାଇଲ୍, ଦୀର୍ଘ ଦୂରଗାମୀ ଅସ୍ତ୍ରଶସ୍ତ୍ର ଏବଂ ବିଭିନ୍ନ ପ୍ରକାରର ଘୂର୍ଣ୍ଣୟମାନ ଅସ୍ତ୍ରଶସ୍ତ୍ର ବ୍ୟବହାର କରିଥିଲା। ପ୍ରତିରକ୍ଷା ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ଭାରତୀୟ ବାୟୁସେନା ଲଗାତାର ଚାରି ଦିନ ପର୍ଯ୍ୟନ୍ତ ପାକିସ୍ତାନରେ ଅତି ସଠିକ୍ ଭାବରେ ଆକ୍ରମଣ କରିଥିଲା। ଏହି ଆକ୍ରମଣ ଦ୍ୱାରା ପାକିସ୍ତାନକୁ ହୋଇଥିବା କ୍ଷତି ଏତେ ଅଧିକ ଯେ ଏହାକୁ ପୂରଣ କରିବାକୁ ଅତି କମରେ ୫ ବର୍ଷ ସମୟ ଲାଗିବ।

# ଅସ୍ତ୍ରବିରତି ପାଇଁ ୨ ଥର ଅନୁରୋଧ କରିଥିଲା ପାକିସ୍ତାନ


ନୂଆଦିଲ୍ଲୀ: ଭାରତର ସଠିକ ଆକ୍ରମଣରେ ପାକିସ୍ତାନ ଘାଇଲା ହୋଇଯାଇଥିଲା। ଏହା ଦେଖି ପାକିସ୍ତାନ ଏତେ ମାତ୍ରାରେ ଭୟଭୀତ ହୋଇ ଯାଇଥିଲା ଯେ ଅସ୍ତ୍ରବିରତି ପାଇଁ ୨ ଥର ଅନୁରୋଧ କରିଥିଲା। ଏହି ଦେଶର ମିଲିଟାରୀ ଅପରେସନ ମହାନିର୍ଦ୍ଦେଶକ (ଡିଜିଏମଓ) ଏଥିପାଇଁ ବାର୍ତ୍ତା ମଧ୍ୟ ପ୍ରେରଣ କରିଥିଲେ। ଏହା ସତ୍ତ୍ୱେ ପାକିସ୍ତାନର ବିଶ୍ୱସନୀୟତା ଉପରେ ପ୍ରଶ୍ନ ଉଠିଥିଲା। ଗୋଟିଏ ପଟେ ଭାରତକୁ ଅସ୍ତ୍ରବିରତି ପାଇଁ ଅନୁରୋଧ କରିଥିବାବେଳେ ଅନ୍ୟପଟେ ସାମରିକ ଠିକଣାରେ ଆକ୍ରମଣ କରିଥିଲା। ଏହାର ତିନି ଦିନ ପରେ ମେ ୧୦ରେ ଅପରାହ୍ନ ୩:୩୫ ସମୟରେ ଦୁଇ ଦେଶ ମଧ୍ୟରେ ଡିଜିଏମଓ ସ୍ତରୀୟ ଆଲୋଚନା ହୋଇଥିଲା। ଏଥିରେ ଅସ୍ତ୍ରବିରତି ଉପରେ ଆଲୋଚନା ହୋଇଥିଲା। ଆମେରିକାର ମଧ୍ୟସ୍ଥତା ପରିବର୍ତ୍ତେ ପ୍ରତିଷ୍ଠିତ ସାମରିକ ଯୋଗାଯୋଗ ଚ୍ୟାନେଲ ମାଧ୍ୟମରେ ଏହି ଯୁଦ୍ଧବିରତି ହୋଇଥିଲା। ଦୁଇ ପରମାଣୁ ଅସ୍ତ୍ରଶସ୍ତ୍ର ସମ୍ପନ୍ନ ପଡ଼ୋଶୀଙ୍କ ମଧ୍ୟରେ ଉତ୍ତେଜନା ହ୍ରାସ ଏହାର ଲକ୍ଷ୍ୟ ଥିଲା।

ପୂର୍ବରୁ ବୈଦେଶିକ ମନ୍ତ୍ରଣାଳୟର ମୁଖପାତ୍ର ରଣଧୀର ଜୟସ୍ୱାଲ କହିଥିଲେ ଯେ ପାକିସ୍ତାନୀ ଘାଟି ଉପରେ ଭାରତୀୟ ବାୟୁସେନା ସଠିକ୍ ଆକ୍ରମଣ କରିଥିଲା। ଏଥିଯୋଗୁଁ ପାକିସ୍ତାନର ଡିଜିଏମଓ ଆଲୋଚନା କରିବାକୁ ଅନୁରୋଧ କରି ଯୁଦ୍ଧବିରତି ପ୍ରସ୍ତାବ ଦେଇଥିଲେ। ଅନ୍ୟପକ୍ଷରେ ଅପରେସନ ସିନ୍ଦୂର ଜନିତ ମୃତ୍ୟୁ ସଂଖ୍ୟା ପାକିସ୍ତାନରେ ବୃଦ୍ଧି ପାଇବାରେ ଲାଗିଛି। ଏଥିରେ ୧୭୦ ରୁ ଅଧିକ ଆତଙ୍କବାଦୀ, ସେମାନଙ୍କ ସହାୟକ ଏବଂ ପାକିସ୍ତାନୀ ସାମରିକ କର୍ମଚାରୀ ପ୍ରାଣ ହରାଇଛନ୍ତି। ଏମାନଙ୍କ ମଧ୍ୟରେ ବହାବଲପୁର ସ୍ଥିତ ଆତଙ୍କବାଦୀ ସଂଗଠନ ଜୈସ-ଇ-ମହମ୍ମଦର ୨୦ରୁ ଅଧିକ ସଦସ୍ୟ ସାମିଲ ଅଛନ୍ତି।

## ହମାସ୍ ମୁଖ୍ୟ ଶିନାୱରକୁ ହତ୍ୟା

ତେଲ ଆଭିଭ, ୨୮।୫ (ଏଜେନ୍ସି): ଆତଙ୍କବାଦୀ ସଂଗଠନ ହମାସ୍‌ର ଗାଜା ମୁଖ୍ୟ ମହମ୍ମଦ ସିନାୱରକୁ ଇସ୍ରାଏଲ ସେନା (ଆଇଡିଏଫ୍) ହତ୍ୟା କରିଛି। ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତନ୍ୟାହୁ ବୁଧବାର ଏହି ଘୋଷଣା କରିଛନ୍ତି। ଗତ ୧୪ ତାରିଖରେ ଆଇଡିଏଫ୍ କରିଥିବା ବଡ଼ଧରଣର ଆକ୍ରମଣରେ ହମାସ୍ ମୁଖ୍ୟ ଗୁରୁତର ଆହତ ହୋଇଥିଲା। ସେତେବେଳେ ସିନାୱର ପ୍ରାଣ ହରାଇଛି କି ନାହିଁ ତାହା ଆଇଡିଏଫ୍ ସ୍ପଷ୍ଟ କରିପାରି ନ ଥିଲା। ମହମ୍ମଦ ସିନାୱରର ଭାଇ ତଥା ହମାସର୍ ପୂର୍ବତନ ମୁଖ୍ୟ ଯାହା ସିନାୱାରକୁ ଆଇଡିଏଫ୍ ୨୦୨୪ ଅକ୍ଟୋବରେ ନିହତ କରିଥିଲା। ସେ ୨୦୨୩ ଅକ୍ଟୋବର ୭ ଆକ୍ରମଣର ମାଷ୍ଟରମାଇଣ୍ଡ ଥିଲା। ତା' ପାଇଁ ହିଁ ଗାଜାରେ ଯୁଦ୍ଧ ଆରମ୍ଭ ହୋଇଥିଲା। ଇରାନ୍‌ରେ ବିସ୍ଫୋରଣ କରି ହମାସର ପୂର୍ବତନ ମୁଖ୍ୟ ଇସ୍‌ମାଇଲ ହାନିଏକୁ ମାରିବା ପରେ ଯାହା ଏହି ଆତଙ୍କବାଦୀ ସଂଗଠନର ଦାୟିତ୍ୱ ନେଇଥିଲା।

## ଉପଗ୍ରହର ଚିତ୍ରରୁ ଖୁଲାସା
# ପାକିସ୍ତାନ ମୁରିଦ ଏୟାରବେସ୍‌ର ଭୂତଳ ଠିକଣାକୁ ନିଶାଣ କରିଥିଲା ଭାରତ




ଇସଲାମାବାଦ, ୨୮।୫ (ଏଜେନ୍ସି): ଅପରସେନ ସିନ୍ଦୂର ଅଧିନରେ ପାକିସ୍ତାନର ମୁରିଦ ଏୟାର ବେସ୍‌ର ଭୂତଳ କେନ୍ଦ୍ର ଉପରେ ଭାରତ ଆକ୍ରମଣ କରିଥିଲା। ନୂଆ ଜାରି ହୋଇଥିବା ଉପଗ୍ରହ ଚିତ୍ରରେ ଏହି ଦାବି କରାଯାଇଛି। ମାକ୍ସାର ଟେକ୍ନୋଲୋଜି ପକ୍ଷରୁ ଜାରି ଏହି ଫଟୋରେ ଭାରତର କ୍ଷେପଣାସ୍ତ୍ର ମାଡ଼ ଦ୍ୱାରା ୩ ମିଟର ଓସାରର ଖାତ ହୋଇ ଯାଇଥିବା ଦେଖାଯାଉଛି। କଡ଼ା ସୁରକ୍ଷା ବଳୟରେ ଥିବା ଏହି ଏୟାରବେସ୍‌ର ଏକ କୋଠାର ପ୍ରମୁଖ ପ୍ରବେଶ ପଥ ନିକଟରେ ଏହି ଖାତ ହୋଇଛି। ଏଥିରେ ଭୂତଳ ଭିତ୍ତିଭୂମି କ୍ଷତିଗ୍ରସ୍ତ ହୋଇଥିବା ସନ୍ଦେହ କରାଯାଉଛି। ଏହା କମାଣ୍ଡ ଓ କଣ୍ଟ୍ରୋଲ କିମ୍ବା ଡ୍ରୋନ ଅପରେସନ ପାଇଁ ବ୍ୟବହାର କରାଯାଉଥିଲା ବୋଲି ଆଶଙ୍କା ରହିଛି। ଭୂ-ଗୁଇନ୍ଦା ଗବେଷକ ଡାମିଏନ ସିମନଙ୍କ ଅନୁଯାୟୀ ଏୟାର ବେସ୍ ମଧ୍ୟରେ ଥିବା ଏକ ଅତ୍ୟନ୍ତ ସୁରକ୍ଷିତ କୋଠା (ସବ୍-କମ୍ପ୍ଲେକ୍ସ)କୁ ଭାରତ ନିଶାଣ କରିଥିଲା। ଏଠାରେ ଅନେକ ସୁରକ୍ଷା ସ୍ତର ରହିଛି। ଡବଲ୍ ଫେନ୍ସିଂ ଏବଂ ୱାଚଟାୱାର୍ ସହିତ ଅନେକ ସୁରକ୍ଷାକର୍ମୀ ଜଗି ରହୁଛନ୍ତି। ପ୍ରତିରକ୍ଷା ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ ଏହି ସ୍ଥାନକୁ ଆକ୍ରମଣ କରି ଭାରତ ସୁରକ୍ଷା ପ୍ରତି ବିପଦ ସୃଷ୍ଟି କରିଦେଇଛି। ଏହା ଅସ୍ତ୍ରଶସ୍ତ୍ରର ସଠିକ୍ ଲକ୍ଷ୍ୟଭେଦ ଏବଂ ବିଧ୍ୱଂସକ କ୍ଷମତାକୁ ପ୍ରଦର୍ଶିତ କରିଛି। ପ୍ରଥମ ଥର ପାଇଁ ପାକିସ୍ତାନରେ ଥିବା ସାମରିକ ଭିତ୍ତିଭୂମି ଉପରେ ଏଭଳି ଆକ୍ରମଣ କରିଥିଲା।

## ■ ଦୁଷ୍କର୍ମ ମାମଲାରେ ଅଭିଯୁକ୍ତକୁ ଜାମିନ
# ଗୋଟେ ହାତରେ ତାଳି ବାଜେନି: ସୁପ୍ରିମକୋର୍ଟ

ନୂଆଦିଲ୍ଲୀ, ୨୮।୫ (ଏଜେନ୍ସି): ଏକ ଦୁଷ୍କର୍ମ ମାମଲାର ଶୁଣାଣି କରି ସୁପ୍ରିମକୋର୍ଟ ବୁଧବାର ୨୩ ବର୍ଷୀୟ ଅଭିଯୁକ୍ତକୁ ଜାମିନ ଦେଇଛନ୍ତି। ଦୀର୍ଘ ୯ ମାସ ହେଲା ଜେଲ୍‌ରେ ଥିବା ସତ୍ତ୍ୱେ ଏ ପର୍ଯ୍ୟନ୍ତ ଅଭିଯୁକ୍ତଙ୍କ ବିରୋଧରେ ଆରୋପପତ୍ର ଧାର୍ଯ୍ୟ କରାଯାଇ ନାହିଁ ବୋଲି କହିଛନ୍ତି। ଏହା ସହିତ ସୁପ୍ରିମକୋର୍ଟ ପୀଡ଼ିତା ମହିଳାଙ୍କୁ କଠୋର ଭାଷାରେ ସମାଲୋଚନା କରିଛନ୍ତି। ଗୋଟେ ହାତରେ ତାଳି ମଧ୍ୟ ବାଜେ ନାହିଁ। ଏହି ମହିଳା କୌଣସି ଶିଶୁ ନୁହଁନ୍ତି। ତାଙ୍କୁ ୪୦ ବର୍ଷ ହେଲାଣି ବୋଲି ଜଷ୍ଟିସ ବିଭି ନାଗରତ୍ନା ଏବଂ ସତୀଶ ଚନ୍ଦ୍ର ଶର୍ମାଙ୍କ ଖଣ୍ଡପୀଠ କହିଛନ୍ତି। ଏହି ମାମଲାରେ ଦିଲ୍ଲୀ ପୁଲିସର ଆଭିମୁଖ୍ୟ ଉପରେ ମଧ୍ୟ ସୁପ୍ରିମକୋର୍ଟ ପ୍ରଶ୍ନ ଉଠାଇଛନ୍ତି। ଅଭିଯୁକ୍ତ (ସୋସିଆଲ ମିଡିଆ ଇନଫ୍ଲୁଏନ୍ସର)ଙ୍କ ସହ ମହିଳା ନିଜ ଇଚ୍ଛାରେ ୭ ଥର ଜମ୍ମୁ ଯାଇଥିଲେ। ଏହାକୁ ନେଇ ତାଙ୍କ ସ୍ୱାମୀ ମଧ୍ୟ ଚିନ୍ତିତ ନ ଥିଲେ। ଏହା ସତ୍ତ୍ୱେ ପୁଲିସ କାହିଁକି ଧାରା ୩୭୬ ଲଗାଇଲ ବୋଲି ସୁପ୍ରିମକୋର୍ଟ ପ୍ରଶ୍ନ କରିଛନ୍ତି। ଖଣ୍ଡପୀଠ ଯୁବକକୁ ମଧ୍ୟ ଭର୍ତ୍ସନା କରିଛନ୍ତି। ଏଭଳି ଲୋକଙ୍କ ଦ୍ୱାରା କିଏ ପ୍ରଭାବିତ ହେଉଛି ବୋଲି ପଚାରିଛନ୍ତି।

## ମୋ ଲାଗି ଏ ଯାଏଁ ତିଷ୍ଠିଛି ରୁଷ୍: ଟ୍ରମ୍ପ

ୱାଶିଂଟନ, ୨୮।୫ (ଏଜେନ୍ସି): ଏ ପର୍ଯ୍ୟନ୍ତ ରୁଷ୍-ୟୁକ୍ରେନ ଯୁଦ୍ଧ ବନ୍ଦ କରିବାରେ ବିଫଳ ହୋଇଥିବା ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ନିଜ ସମକକ୍ଷ ଭ୍ଲାଦିମିର ପୁଟିନଙ୍କୁ ଚେତାବନୀ ଦେଇଛନ୍ତି। ପୁଟିନ ନିଆଁ ସହ ଖେଳୁଛନ୍ତି ବୋଲି ଟ୍ରମ୍ପ କହିଛନ୍ତି। ୟୁକ୍ରେନରେ ରୁଷ୍ ଜୋରଦାର ଆକ୍ରମଣ ଜାରି ରଖିଥିବାବେଳେ ଆମେରିକା ରାଷ୍ଟ୍ରପତି ଏହି ମନ୍ତବ୍ୟ ଦେଇଛନ୍ତି। ଯଦି ସେ ନ ଥାଆନ୍ତେ ତେବେ ରୁଷ୍ ସହ ବହୁତ ଖରାପ ହୋଇଥାନ୍ତା। କେବଳ ମୋ ଲାଗି ରୁଷ୍ ଏ ପର୍ଯ୍ୟନ୍ତ ତିଷ୍ଠିଛି ବୋଲି ଟ୍ରମ୍ପ କହିଛନ୍ତି। ତେବେ ଟ୍ରମ୍ପଙ୍କ ଏହି ମନ୍ତବ୍ୟ ଉପରେ ପୁଟିନଙ୍କ ଘନିଷ୍ଠ ସହଯୋଗୀ ଦିମିତ୍ରି ମେଦଭେଦବ କଡ଼ା ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ଆମେ କେବଳ ଗୋଟିଏ ଖରାପ ଜିନିଷ ବିଷୟରେ ଜାଣିଛୁ, ତାହା ହେଉଛି ତୃତୀୟ ବିଶ୍ୱଯୁଦ୍ଧ। ଆଶା କରୁଛୁ ଟ୍ରମ୍ପ ଏହା ବୁଝିପାରିବେ। ଏହା ପୂର୍ବରୁ ପୁଟିନ ସମ୍ପୂର୍ଣ୍ଣ ପାଗଳ ହୋଇଯାଇଛନ୍ତି ବୋଲି ଟ୍ରମ୍ପ କହିଥିଲେ।

## ହରିୟାଣା ପରେ କେରଳ
# ଋଣଭାରରେ ବାପାମାଆ ଓ ୨ ପୁଅଙ୍କ ଆତ୍ମହତ୍ୟା

ତିରୁଅନନ୍ତପୁରମ, ୨୮।୫ (ଏଜେନ୍ସି): ହରିୟାଣା ପରେ ଏବେ କେରଳ। ପୁଣି ସେହି ସମାନ ଘଟଣାର ପୁନରାବୃତ୍ତି। କାଳ ସାଜିଲା ଋଣ। ଉଜୁଡ଼ି ଗଲା ସୁନାର ସଂସାର। ଆଉ ନେଇଗଲା ଗୋଟିଏ ପରିବାରର ଚାରି ଜଣଙ୍କ ଜୀବନ। ଋଣଭାରର ଅସହ୍ୟ ଯନ୍ତ୍ରଣା ସହି ନ ପାରି ଦଉଡି ଦେଇ ଆତ୍ମହତ୍ୟା କଲେ ବାପା,ମାଆ ଏବଂ ୨ ଭେଣ୍ଡା ପୁଅ। କେରଳ ଉକ୍କମର ଭେଭିଲାକୋମରେ ଘଟିଛି ଏହି ହୃଦୟ ବିଦାରକ ଘଟଣା । ମୃତକଙ୍କ ମଧ୍ୟରେ ଅନୀଲ କୁମାର (୫୫), ତାଙ୍କ ସ୍ତ୍ରୀ ପତ୍ନୀ ଶିଜା (୫୦), ପୁଅ ଅଶ୍ୱିନ (୨୦) ଏବଂ ଆକାଶ (୨୫)। ପୁଲିସ ସୂଚନା ଅନୁଯାୟୀ ଅନୀଲ କୁମାର ଆର୍ଥିକ ସ୍ଥିତି ଠିକ୍ ନ ଥିଲା ବୋଲି ପ୍ରାରମ୍ଭିକ ତଦନ୍ତରୁ ଜଣାପଡ଼ିଛି। ଘଟଣାସ୍ଥଳରୁ କୌଣସି ସୁଇସାଇଡ ନୋଟ୍ ମିଳିନାହିଁ। ମାମଲାର ତଦନ୍ତ ଜାରି ରହିଛି। ଏହି



ପରିବାରର କୌଣସି ସଦସ୍ୟ ଘରୁ ନ ବାହାରିବାରୁ ପଡୋଶୀଙ୍କ ସନ୍ଦେହ ବଢ଼ିଥିଲା। ସେମାନେ ମଙ୍ଗଳବାର ସକାଳେ ଯାଇ ଘର ଦେଖିବାରୁ ଏହି ଘଟଣା ସାମ୍ନାକୁ ଆସିଥିଲା। ପୁଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇ ଦେଇଛି। ପଡୋଶୀଙ୍କ ସୂଚନା ଅନୁଯାୟୀ ମୃତ ପରିବାର ଆର୍ଥିକ ସଙ୍କଟ ଦେଇ ଗତି କରୁଥିଲେ । ପାରିପାର୍ଶ୍ୱିକ ସ୍ଥିତିକୁ ଦେଖିଲେ ପରିବାର ଆତ୍ମହତ୍ୟା କରିଥିବା ଅନୁମାନ କରାଯାଉଛି। କାରଣ ଘର ଭିତର ପଟୁ ବନ୍ଦ ହୋଇଥିଲା। ଡ୍ରଇଁ ରୁମ୍‌ର ସିଲିଂରେ ସମସ୍ତେ ଆତ୍ମହତ୍ୟା କରିଥିଲେ। ଏହା ଦେଖି ସେମାନେ କଡାକବୋର ପୁଲିସକୁ ସୂଚନା ଦେଇଥିଲେ। ସୂଚନା ଅନୁଯାୟୀ ଅନିଲ କୁମାର ଚାଷୀ ସମବାୟ ବ୍ୟାଙ୍କର ବରିଷ୍ଠ କିରାଣୀ ଭାବେ କାମ କରୁଥିଲେ। ତାଙ୍କ ପତ୍ନୀ ସିଜା ବିଧାନସଭାରେ ଠିକା କର୍ମଚାରୀ ଥିଲେ।



# କମଲ ହାସନଙ୍କୁ ରାଜ୍ୟସଭା ପଠାଇବ ଡିଏମ୍‌କେ

ଚେନ୍ନଇ, ୨୮।୫ (ଏଜେନ୍ସି): କନ୍ନଡ ଭାଷା ଉପରେ ମନ୍ତବ୍ୟ ଦେଇ ବିବାଦରେ ଫସିଥିବା ଅଭିନେତା କମଲ ହାସନଙ୍କୁ ତାମିଲନାଡୁର କ୍ଷମତାସୀନ ଡିଏମ୍‌କେ ସରକାର ରାଜ୍ୟସଭାକୁ ପଠାଇବାକୁ ଯାଉଛନ୍ତି। ଜୁନ୍ ୧୯ରେ ରାଜ୍ୟସଭା ନିର୍ବାଚନ ହେବାକୁ ଥିବାବେଳେ ଡିଏମ୍‌କେ ନିଜ ଦଳର ତିନି ଜଣ ଏବଂ ଏମଏନଏମ ମୁଖ୍ୟ କମଲ ହାସନଙ୍କୁ ପ୍ରାର୍ଥୀ କରିଛି। ଏହାକୁ ନେଇ ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ୍‌କେ ଷ୍ଟାଲିନ କହିଛନ୍ତି ଯେ ଆସନ ବଣ୍ଟନ ଫର୍ମୁଲା ପୂର୍ବରୁ ସ୍ଥିର ହୋଇସାରିଛି। ଡିଏମକେ ରାଜ୍ୟସଭା ପ୍ରାର୍ଥୀ ଭାବରେ ବର୍ତ୍ତମାନର ସାଂସଦ ପିୱିଲସନ, ପୂର୍ବତନ ବିଧାୟକ ଏସଆର ଶିବଲିଙ୍ଗ ଏବଂ ଦଳର ମୁଖପାତ୍ର ରୁକୈୟା ମଲିକଙ୍କୁ ପ୍ରାର୍ଥୀ କରାଯାଇଛି। ଅନ୍ୟପକ୍ଷରେ ତାମିଲରୁ କନ୍ନଡ ସୃଷ୍ଟି ହୋଇଥିବା ମନ୍ତବ୍ୟ ଦେଇ କମଲ ହାସନ ବିବାଦରେ ପଡ଼ିଛନ୍ତି। ଏହାକୁ ନେଇ କର୍ଣ୍ଣାଟକରେ ତାଙ୍କୁ ତୀବ୍ର ବିରୋଧ କରାଯାଉଛି। ବିଭିନ୍ନ ସ୍ଥାନରେ ଏତଲା ମଧ୍ୟ ରୁଜୁ କରାଯାଇଛି। ବିଜେପି ଏବଂ କଂଗ୍ରେସ ନେତା ମଧ୍ୟ କମଲ ହାସନଙ୍କୁ ସମାଲୋଚନା କରିଛନ୍ତି। ବିବାଦ ବଢ଼ିବା ପରେ ନିଜ ମନ୍ତବ୍ୟକୁ ନେଇ ଅଭିନେତା ପଛଘୁଞ୍ଚା ଦେଇଛନ୍ତି। ସ୍ପଷ୍ଟୀକରଣ ଦେଇ ସେ କହିଛନ୍ତି ଯେ ଭଲ ପାଇବା ଯୋଗୁଁ ଏପରି କହିଥିଲେ। ଅନେକ ଐତିହାସିକ ମୋତେ ଭାଷା ଇତିହାସ ଶିଖାଇଛନ୍ତି। ମୋର କିଛି କହିବାର ନ ଥିଲା। ତାମିଲନାଡୁ ଏପରି ଏକ ରାଜ୍ୟ ଯେଉଁଠାରେ ଜଣେ ମେନନ୍, ରେଡ୍ଡି, ତାମିଲ, କନ୍ନଡିଗା ଆୟେଙ୍ଗାର ଆମର ମୁଖ୍ୟମନ୍ତ୍ରୀ ହୋଇଛନ୍ତି। ତେଣୁ ଭାଷା ଉପରେ ମନ୍ତବ୍ୟ ଦେବାକୁ ଅଭିନେତା ଯୋଗ୍ୟ ନୁହେଁ।

# ମନ୍ତ୍ରୀ ବିଜୟ ଶାହାଙ୍କ ଗିରଫ ଉପରେ ସୁପ୍ରିମକୋର୍ଟ କଟକଣା



ନୂଆଦିଲ୍ଲୀ, ୨୮।୫ (ଏଜେନ୍ସି): କର୍ଣ୍ଣେଲ ସୋଫିଆ କ୍ୟୁରେସିଙ୍କ ବିରୋଧରେ ଅପମାନଜନକ ମନ୍ତବ୍ୟ ଦେଇଥିବା ମଧ୍ୟପ୍ରଦେଶ ମନ୍ତ୍ରୀ ବିଜୟ ଶାହାଙ୍କୁ ବୁଧବାର ସୁପ୍ରିମକୋର୍ଟରୁ ଆଶ୍ୱସ୍ତି ମିଳିଛି। ଶାହାଙ୍କୁ ନେଇ ମଧ୍ୟପ୍ରଦେଶ ହାଇକୋର୍ଟ ଜାରି କରିଥିବା ନୋଟିସ ଉପରେ ସର୍ବୋଚ୍ଚ ନ୍ୟାୟାଳୟ କଟକଣା ଲଗାଇ ଦେଇଛନ୍ତି। ମନ୍ତ୍ରୀଙ୍କୁ ଗିରଫଦାରୀରୁ ସୁରକ୍ଷା ଦେଇଛନ୍ତି। ସୁପ୍ରିମକୋର୍ଟରେ ମାମଲାର ଶୁଣାଣି ଚାଲିଥିବାବେଳେ ହାଇକୋର୍ଟ ଏହି ମାମଲାରେ ହସ୍ତକ୍ଷେପ କରିବାର ଆବଶ୍ୟକତା ନାହିଁ। ତେଣୁ ମାମଲାର ଶୁଣାଣିକୁ ବନ୍ଦ କରିବା ପାଇଁ ଜଷ୍ଟିସ ସୂର୍ଯ୍ୟକାନ୍ତ ଏବଂ ଜଷ୍ଟିସ ଦୀପାଙ୍କର ଦତ୍ତାଙ୍କ ଖଣ୍ଡପୀଠ ହାଇକୋର୍ଟଙ୍କୁ ଅନୁରୋଧ କରିଛନ୍ତି। ଏ ସମ୍ବନ୍ଧିତ ସବୁ ମାମଲାର ଶୁଣାଣି ଏଥର ସର୍ବୋଚ୍ଚ ନ୍ୟାୟାଳୟରେ ହେବ। ଏହା ମଧ୍ୟରେ ଏସ୍‌ଆଇଟି ସୁପ୍ରିମକୋର୍ଟରେ ପ୍ରାରମ୍ଭିକ ଯାଞ୍ଚ ରିପୋର୍ଟ ଦାଖଲ କରିଛି। ଏହାକୁ ନେଇ ଜଷ୍ଟିସ ସୂର୍ଯ୍ୟକାନ୍ତ କହିଥିଲେ ଯେ ମନ୍ତ୍ରୀ ଯେଉଁଠି ଏହି ଟିପ୍ପଣୀ ଦେଇଥିଲେ ସେଠାକୁ ଏସଆଇଟି ଯାଇଥିଲା। ମୋବାଇଲ ତଥ୍ୟ ସଂଗ୍ରହ କରି ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା। ଏବେ ଯାଞ୍ଚ ପ୍ରାରମ୍ଭିକ ପର୍ଯ୍ୟାୟରେ ପହଞ୍ଚିଛି। ଏବେ ଯାଞ୍ଚକୁ ନେଇ ଏସ୍‌ଆଇଟି ଆଉ କିଛି ସମୟ ମାଗିଛି। ତେଣୁ ଜୁଲାଇ ପ୍ରଥମ ସପ୍ତାହରେ ଏହି ମାମଲାର ଶୁଣାଣି ହେବ। ପୂର୍ବ ଶୁଣାଣିରେ ମନ୍ତ୍ରୀ ଶାହାଙ୍କୁ ସୁପ୍ରିମକୋର୍ଟ ତୀବ୍ର ଭର୍ତ୍ସନା କରୁଛି। ତାଙ୍କ ବୟାନକୁ ନେଇ ସାରା ଦେଶ ଲଜ୍ଜା ଅନୁଭବ କରୁଛି ବୋଲି କହିଥିଲେ। ଏହା ବିରୋଧରେ ମଧ୍ୟପ୍ରଦେଶ ହାଇକୋର୍ଟଠାରୁ ସୁପ୍ରିମକୋର୍ଟ ପର୍ଯ୍ୟନ୍ତ ଅନେକ ଅଭିଯୋଗ ହୋଇଛି। ହାଇକୋର୍ଟରେ ହୋଇଥିବା ମାମଲାକୁ ଚ୍ୟାଲେଞ୍ଜ କରି ମନ୍ତ୍ରୀ ବିଜୟ ଶାହ ସୁପ୍ରିମକୋର୍ଟ ପହଞ୍ଚି ଥିଲେ। ଏହି ମାମଲାର ଯାଞ୍ଚ ଲାଗି ଶୀର୍ଷ ଅଦାଲତ ୩ ଜଣ ଆଇପିଏସଙ୍କୁ ନେଇ ଏକ କମିଟି ଗଠନ କରି ତଦନ୍ତ ନିର୍ଦ୍ଦେଶ ଦେଇଥିଲେ ।

## ଗୁଳି ମାରି ମୋତେ ପୋତି ଦିଅ: ଶେଖ୍ ହାସିନା

ନୂଆଦିଲ୍ଲୀ, ୨୮।୫ (ଏଜେନ୍ସି): ମୋତେ ଗୁଳି କରିଦିଅ। ଗଣଭବନରେ ମୋତେ ପୋତି ଦିଅ। ମୁଁ କେଉଁଆଡେ ଯିବାକୁ ଚାହୁଁନାହିଁ। ଉଗ୍ର ହିଂସାକୁ ଦେଖି ବାଂଲାଦେଶ ଛାଡ଼ିବା ପୂର୍ବରୁ ପ୍ରଧାନମନ୍ତ୍ରୀ ଶେଖ୍ ହାସିନାଙ୍କର ଏହା ଥିଲା ଶେଷ ଉକ୍ତି। ବାଂଲାଦେଶ ଖବରକାଗଜ 'ପ୍ରୋଥୋମ ଆଲୋ'ରେ ଏହି ରିପୋର୍ଟ ପ୍ରକାଶ ପାଇଛି। ଇଣ୍ଟରନ୍ୟାସନାଲ କ୍ରାଇମ ଟ୍ରିବ୍ୟୁନାଲରେ ଶୁଣାଣି ସମୟରେ ଓକିଲ ମହମ୍ମଦ ତାଜୁଲ ଇସଲାମ ଏହି ସୂଚନା ଦେଇଥିଲେ। ହିଂସା ସମୟରେ ଢାକାର ଚଙ୍ଖରପୁଲରେ ହୋଇଥିବା ମାନବାଧିକାର ଉଲ୍ଲଙ୍ଘନ ମାମଲା ବିଷୟରେ ମଧ୍ୟ ସେ କୋର୍ଟଙ୍କୁ ସୂଚନା ଦେଇଥିଲେ।

## ■ ଓଡ଼ିଶାକୁ ଉପେକ୍ଷା, ଚାଷୀକୁଳ ହତାଶ

# ଧାନ ଏମ୍ଏସ୍‌ପି ବଢ଼ିଲା ମାତ୍ର ୬୯ ଟଙ୍କା

ଭୁବନେଶ୍ୱର, ୨୮।୫ (ସମିସ): କେନ୍ଦ୍ର ସରକାର ୨୦୨୫-୨୬ ଖରିଫ୍ ଋତୁ ପାଇଁ ବୁଧବାର ଧାନ ସମେତ ୧୪ଟି କୃଷିଜାତ ଦ୍ରବ୍ୟର ସର୍ବନିମ୍ନ ସହାୟକ ମୂଲ୍ୟ(ଏମ୍ଏସ୍‌ପି) ବୃଦ୍ଧି କରିଛନ୍ତି। କଳାରାଶି, କପା, ହରଡ଼, ବାଜରା ଭଳି ଶସ୍ୟର ଏମ୍ଏସ୍‌ପି ଯଥେଷ୍ଟ ବୃଦ୍ଧି କରାଯାଇଥିବା ବେଳେ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ କ୍ୱିଣ୍ଟାଲ ପ୍ରତି ମାତ୍ର ୬୯ ଟଙ୍କା ବୃଦ୍ଧି କରାଯାଇଛି; ଯାହାକୁ ନେଇ ରାଜ୍ୟର ଚାଷୀ ନେତା ଏବଂ କୃଷି ବିଶେଷଜ୍ଞ ନିରାଶା ଓ କ୍ଷୋଭ ବ୍ୟକ୍ତ କରିଛନ୍ତି।

ଧାନର ଏମ୍ଏସ୍‌ପି ଅତିକମ୍‌ରେ ୨୯୩୦ ଟଙ୍କା କରିବାକୁ ଓଡ଼ିଶା ଗତ ୮ ବର୍ଷ ହେଲାଣି ଦାବି କରିଆସୁଛି। ଏନେଇ ରାଜ୍ୟ ବିଧାନସଭାରେ ମଧ୍ୟ ଏକ ସର୍ବଦଳୀୟ ସଂକଳ୍ପପତ୍ର ପାରିତ ହୋଇ କେନ୍ଦ୍ର ସରକାରଙ୍କୁ ପ୍ରଦାନ କରାଯାଇଛି। ମାତ୍ର କେନ୍ଦ୍ର ସରକାର ଓଡ଼ିଶାର ଏହି ଦାବିକୁ କର୍ଣ୍ଣପାତ କରୁନାହାନ୍ତି। ଅପରପକ୍ଷେ ରାଜ୍ୟ ସରକାର ସମୃଦ୍ଧ କୃଷକ ଯୋଜନାରେ ଗତ ଖରିଫ୍ ଋତୁଠାରୁ ଧାନର ଏମ୍ଏସ୍‌ପି ବାବଦରେ କ୍ୱିଣ୍ଟାଲ ପିଛା ୩୧୦୦ ଟଙ୍କା ପ୍ରଦାନ ଆରମ୍ଭ କରିଛନ୍ତି। ଏଥିରେ ଧାନର ଏମ୍ଏସ୍‌ପି ବାବଦରେ ୨୩୦୦ ଏବଂ ଇନ୍‌ପୁଟ ସହାୟତା ବାବଦରେ ୮୦୦ ଟଙ୍କା ପ୍ରଦାନ କରୁଛନ୍ତି। ଯାହାଫଳରେ ଓଡ଼ିଶା ରାଜକୋଷକୁ ଏଥିପାଇଁ ପ୍ରାୟ ଅତିରିକ୍ତ ୫୮୬୨ କୋଟି ଟଙ୍କାର ଅତିରିକ୍ତ ବୋଝ ମୁଣ୍ଡାଇବାକୁ ପଡ଼ିଛି। ଯଦି କେନ୍ଦ୍ର ସରକାର ଧାନର ଏମ୍ଏସ୍‌ପି ଅଧିକ ବୃଦ୍ଧି କରିଥା'ନ୍ତେ, ତାହେଲେ ରାଜ୍ୟ ସରକାର ଇନ୍‌ପୁଟ ସହାୟତା ବାବଦରେ ଯେଉଁ ଅତିରିକ୍ତ ଅର୍ଥ ବୋଝ ମୁଣ୍ଡାଉଛନ୍ତି, ସେଥିରୁ ଅନେକାଂଶରେ ମୁକ୍ତି ପାଇଥା'ନ୍ତେ। ମାତ୍ର ଚିରାଚରିତ ଭାବେ ସରକାର ମାତ୍ର କିଛି ଟଙ୍କା ବଢ଼ାଇ ଓଡ଼ିଶା ପରି କୃଷିପ୍ରଧାନ ରାଜ୍ୟଗୁଡ଼ିକୁ ଆଉଥରେ ଲଲିପପ୍ ଧରାଇ ଦେଲେ ବୋଲି ଅର୍ଥନୀତି ବିଶେଷଜ୍ଞମାନେ ମତ ପ୍ରକାଶ କରିଛନ୍ତି।

ସୂଚନାଯୋଗ୍ୟ ଯେ ୨୦୧୭ ମସିହା ମାର୍ଚ୍ଚ ୨୫ ତାରିଖଠାରୁ ଓଡ଼ିଶା ବିଧାନସଭାରେ ଧାନର ସର୍ବନିମ୍ନ ସହାୟକ ମୂଲ୍ୟକୁ ୨୯୩୦ ଟଙ୍କା କରିବାକୁ ସର୍ବସମ୍ମତି କ୍ରମେ ପ୍ରସ୍ତାବ ପାରିତ ହୋଇଥିଲା। ଏଥିରେ ବିଜେପି ମଧ୍ୟ ନିଜର ସମ୍ମତି ପ୍ରଦାନ କରିଥିଲା। ଇତିମଧ୍ୟରେ ୮ ବର୍ଷ ବିତିଯାଇଥିବା ବେଳେ ଧାନ ଉତ୍ପାଦନରେ ଖର୍ଚ୍ଚ ଏବଂ ଆନୁଷଙ୍ଗିକ ଅର୍ଥ ବହୁଗୁଣରେ ବୃଦ୍ଧି ପାଇଛି। ସେସବୁକୁ ବିଚାରକୁ ନେଲେ ଧାନର ଏମ୍ଏସ୍‌ପି ସର୍ବନିମ୍ନ ୩୫୦୦ ଟଙ୍କା ହେବା ଆବଶ୍ୟକ ବୋଲି ଚାଷୀକୁଳ ଦାବି କରୁଛନ୍ତି।

ଅପରପକ୍ଷେ ଧାନ ବ୍ୟତୀତ ଅନ୍ୟ ଖରିଫ ଫସଲର ଏମ୍ଏସ୍‌ପିରେ ଆଖିଦୃଶିଆ ବୃଦ୍ଧି କରିଛନ୍ତି ରାଜ୍ୟ ସରକାର। କଳାରାଶି କ୍ୱିଣ୍ଟାଲ ପ୍ରତି ୮୨୦ ଟଙ୍କା ବୃଦ୍ଧି କରାଯାଇଥିବା ବେଳେ କପା ୫୮୯ ଟଙ୍କା, ରାଶି ୫୭୯ ଟଙ୍କା, ମାଣ୍ଡିଆ ୫୯୬ ଟଙ୍କା, ଚିନାବାଦାମ ୪୮୦ ଟଙ୍କା, ସୂର୍ଯ୍ୟମୁଖୀ ୪୪୧ ଟଙ୍କା, ସୋୟାବିନ୍ ୪୩୬ ଟଙ୍କା, ହରଡ଼ ୪୫୦ ଟଙ୍କା, ବିରି ୪୦୦ ଟଙ୍କା ଆଦି ବୃଦ୍ଧି କରାଯାଇଛି। ମାତ୍ର ଧାନ ପ୍ରତି ଏତେ ଅବିଚାର କାହିଁକି ବୋଲି ଚାଷୀ ନେତାଏ ପ୍ରଶ୍ନ କରିଛନ୍ତି। ପ୍ରତିବର୍ଷ ମଜୁରି ସହ ପେଟ୍ରୋଲ, ଡିଜେଲ ଏବଂ ସାର , କୀଟନାଶକ ଦର ବୃଦ୍ଧି ହେଉଛି। ମାତ୍ର ସେହି ଅନୁସାରେ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ବୃଦ୍ଧି ହେଉନାହିଁ। ଯାହା ଚାଷୀକୁଳ ପ୍ରତି କେବଳ ଉପହାସ ବୋଲି ସାଧାରଣରେ ମତପ୍ରକାଶ ପାଇଛି।

> **କଳାରାଶି ୮୨୦, କପା ୫୮୯ ଟଙ୍କା ବଢ଼ିଲା; ଧାନ ବେଳକୁ କୁଣ୍ଠକୁଣ୍ଠ**
>
> **୮ ବର୍ଷ ତଳେ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ୨୯୩୦ ଟଙ୍କା ଦାବି କରିଥିଲା ଓଡ଼ିଶା**
>
> **କେନ୍ଦ୍ର ସରକାରଙ୍କୁ ଦିଆଯାଇଥିଲା ରାଜ୍ୟ ବିଧାନସଭାରେ ପାରିତ ସର୍ବଦଳୀୟ ସଂକଳ୍ପ**

## ଓଡ଼ିଶା ପୁଲିସର ଚିନ୍ତା ବଢ଼ିଲା

# '୨୦୦ ପେଟି ବିସ୍ଫୋରକ ଲୁଟିଛନ୍ତି ମାଓବାଦୀ'

ରାଉରକେଲା,୨୮।୫(ସମିସ): ମିଳିତ ସୁରକ୍ଷା ବାହିନୀର ସ୍ୱତନ୍ତ୍ର ଅଭିଯାନ ଯୋଗୁଁ ଛତିଶଗଡ଼ରେ ମାଓଗଡ଼ ଭୁଶୁଡ଼ି ପଡୁଥିବା ବେଳେ ମାଓବାଦୀମାନେ ଏବେ ଓଡ଼ିଶା ମୁହାଁ ହୋଇଛନ୍ତି। ଗତକାଲି ସୁନ୍ଦରଗଡ଼ ଜିଲ୍ଲା କେ. ବଲାଙ୍ଗ ଥାନା ଲଙ୍ଗଳକଟା ଜଙ୍ଗଲରେ ୩୦ରୁ ୪୦ ସଶସ୍ତ୍ର ମାଓବାଦୀ ଏକ ବାରୁଦ ବୋଝେଇ ଟ୍ରକ୍ ଲୁଟ୍ କରିବା ଘଟଣା ଏଭଳି ସୂଚନା ଦେଉଛି। ସେମାନେ ୨୦୦ ପେଟି ବିସ୍ଫୋରକ ଲୁଟିନେଇଥିଲେ। ଏହି ଘଟଣା ରାଜ୍ୟ ପୁଲିସ ବିଭାଗର ନିଦ ହଜାଇ ଦେଇଛି। ମାଓବାଦୀ କେଉଁଠୁ ଆସିଲେ, କେମିତି ଲୁଟିଲେ ଏବଂ ବିସ୍ଫୋରକ ନେଇ ଗୁଆଡ଼େ ଗଲେ? ଏହାର ଖୋଳତାଡ଼ କରିବାକୁ ଏଠାରେ ଆସି ପହଞ୍ଚିଛନ୍ତି ପୁଲିସ୍ ମହାନିର୍ଦ୍ଦେଶକ ଯୋଗେଶ ବାହାଦୂର ଖୁରାନିଆ। ତାଙ୍କ ସହ ଅଛନ୍ତି ପୁଲିସ୍ ଆଇଜି ଅପରେସନ୍ ଡ. ଦୀପକ କୁମାର। ଏହି ଘଟଣା ପରେ ବଡ଼ଗାଁ ଅନ୍ତର୍ଗତ ଇତମାସ୍ଥିତ ବାରୁଦ ଗୋଦାମକୁ ବୁଧବାର ସନ୍ଧ୍ୟାରେ ପୁଲିସ୍ ସିଲ୍ କରିଦେଇଛି। ବିସ୍ଫୋରକ ଲୁଟିଥିବା ମାଓବାଦୀମାନେ ବଡ଼ଧରଣର ଅଘଟଣ ଘଟାଇବାର ଆଶଙ୍କା ଥିବାରୁ ସଂପୃକ୍ତ ଅଞ୍ଚଳରେ ଆତଙ୍କର ବାତାବରଣ ସୃଷ୍ଟି ହୋଇଛି। ତେବେ ଏହି ମାଓବାଦୀଙ୍କୁ ଧରିବା ଲାଗି କମ୍ବିଂ ଅପରେସନ ଆରମ୍ଭ ହେବ ବୋଲି ଜଣାପଡ଼ିଛି।

ଛତିଶଗଡ଼ରେ ପୁଲିସ୍‌ର ମାଓଦମନ ଅଭିଯାନ ଯୋଗୁଁ ମାଓବାଦୀମାନେ ଓଡ଼ିଶାମୁହାଁ ହୋଇଛନ୍ତି। ପ୍ରତିହିଂସା ପରାୟଣ ହୋଇ ସେମାନେ ରାଉରକେଲାର କେ. ବଲାଙ୍ଗ ଥାନା ସାରଣ୍ଡା ଜଙ୍ଗଲରେ ମଙ୍ଗଳବାର ବାରୁଦ ବୋଝେଇ ଟ୍ରକ୍ ଲୁଟ୍ କରିଛନ୍ତି। ଡିଜିପି ଶ୍ରୀ ଖୁରାନିଆ ଓ ଆଇଜି ଅପରେସନ୍ ଦୀପକ ବୁଧବାର ଏକ ସ୍ୱତନ୍ତ୍ର ବିମାନ ଯୋଗେ ରାଉରକେଲାରେ ପହଞ୍ଚିଥିଲେ। ସେମାନେ କେ. ବଲାଙ୍ଗ ଥାନାକୁ ଯାଇ ବିସ୍ଫୋରକ ଭର୍ତ୍ତି ଟ୍ରକ୍‌ର ଚାଳକ ଓ ବଡ଼ଗାଁ ବିସ୍ଫୋରକ ଗୋଦାମର ମାଲିକଙ୍କୁ ପଚରାଉଚରା କରିଛନ୍ତି। ସେପଟେ ସୁନ୍ଦରଗଡ଼ ଜିଲ୍ଲା ବଡଗାଁସ୍ଥିତ ଇତମାଠାରେ ଥିବା ବାରୁଦ ଗୋଦାମକୁ ସିଲ କରି ଗୋଦାମରେ ଗଚ୍ଛିତ ଥିବା ବିସ୍ଫୋରକ ସାମଗ୍ରୀର ବୈଧତା, ଗୋଦାମର ଲାଇସେନ୍ସ ଥିଲା କି ନାହିଁ; ତାହା ପୁଲିସ ଯାଞ୍ଚ କରୁଛି।

ଗତକାଲି ଦିନ ୧୦ଟାରେ ସୁନ୍ଦରଗଡ଼ ବଡଗାଁ ନିକଟରେ ଥିବା ଏକ ବିସ୍ଫୋରକ ଗୋଦାମରୁ ୨୦୦ ପେଟି ବିସ୍ଫୋରକ ଧରି ଚାଳକ



ଦେଓନାଥ ଟପ୍ପୋ ଏକ ମିନି ଟ୍ରକ୍ (ଓଡି ୧୪ଡି ୧୯୮୭)ରେ କେ. ବଲାଙ୍ଗ ଥାନା ଝାଡ଼ଖଣ୍ଡ-ଓଡ଼ିଶା ସୀମା ନିକଟବର୍ତ୍ତୀ ବାଙ୍କୋ ପଥର ଖାଦାନକୁ ଯାଉଥିଲେ। ବାଙ୍କୋ କ୍ୱାରୀ ନିକଟରେ ହଠାତ୍ ପ୍ରାୟ ୩୦ରୁ ୪୦ଜଣ ସଶସ୍ତ୍ର ଅଜ୍ଞାତ ବ୍ୟକ୍ତି ବନ୍ଧୁକ ମୁନରେ ଟ୍ରକ୍ ଚାଳକ ଦେଓନାଥଙ୍କୁ ଟ୍ରକ୍‌କୁ ଜଙ୍ଗଲର ଅନ୍ୟ ଦିଗକୁ ନେବାକୁ କହିଥିଲେ। ଦେଓନାଥ ଜଙ୍ଗଲ ଭିତରେ କିଛି ବାଟ ଗଲା ପରେ ଚାଳକ ଓ ଗାଡ଼ିକୁ ଛାଡ଼ି ସେମାନେ ଅନ୍ୟ ଏକ ଗାଡ଼ିରେ ବିସ୍ଫୋରକ ସାମଗ୍ରୀକୁ ନେଇଯାଇଥିଲେ। ସେମାନଙ୍କ କବଳରୁ ମୁକୁଳିବା ପରେ ଦେଓନାଥ ପଥର ଖଣି ମାଲିକ ନିରଜ ପାଣ୍ଡେଙ୍କୁ ଏ ସଂପର୍କରେ ସୂଚନା ଦେଇଥିଲେ। ନିରଜଙ୍କଠାରୁ ଖବର ପାଇ କେ.ବଲାଙ୍ଗ ପୁଲିସ୍‌ର ଏକ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଛାନ୍‌ଭିନ୍ କରିଥିଲା। କିନ୍ତୁ, ସେଠାରେ ଖାଲି ଗାଡ଼ି ଓ ଚାଳକ ଛଡ଼ା ଆଉ କିଛି ପାଇ ନଥିଲେ।

ପୁଲିସ୍ ଘଟଣାର ଛାନ୍‌ଭିନ୍ ଜାରି ରଖିଥିବା ବେଳେ ବୁଧବାର କେ. ବଲାଙ୍ଗ ଥାନାରେ ବଣାଇ ଏସ୍‌ଡିପିଓ ରାମଚନ୍ଦ୍ର ବିଶ୍ୱାଳ ପହଞ୍ଚି ମାଲିକ ଓ ଚାଳକଙ୍କୁ ପଚରାଉଚରା ଜାରି ରଖିଛନ୍ତି। ଅପରାହ୍ଣରେ ଡିଜିପି ପହଞ୍ଚି ଘଟଣାର ସମୀକ୍ଷା କରିଥିଲେ।। ଡିଆଇଜି ବ୍ରିଜେଶ କୁମାର ରାୟ, ଗୁଇନ୍ଦା ସଂସ୍ଥା ଡିଏସ୍‌ପି ପ୍ରଦୀପ ବାର୍ଲାଙ୍କ ସମେତ ଡିଭିଏଫ୍ (ଡିଷ୍ଟ୍ରିକ୍ଟ ଭଲ୍ୟୁଣ୍ଟାରୀ ଫୋର୍ସ), ଆଇଆରବି (ଇଣ୍ଡିଆନ ରିଜର୍ଭ ବାଟାଲିୟନ)ର ୨୦୦ରୁ ଊର୍ଦ୍ଧ୍ୱ ଯବାନ ବାଇକ୍ ଯୋଗେ

**■ ଛତିଶଗଡ଼ ଛାଡ଼ି ଓଡ଼ିଶା ମୁହାଁ ହେଉଛନ୍ତି**
**■ ଖୋଳତାଡ଼ କରିବାକୁ ଆସିଲେ ଡିଜି, ଆଇଜି**

ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି। ୫ ଟନ୍‌ରୁ ଊର୍ଦ୍ଧ୍ୱ ବିସ୍ଫୋରକ (ଜିଲେଟିନ) ଲୁଟ୍ ହୋଇଥିବାରୁ ସୁନ୍ଦରଗଡ଼ ଜିଲ୍ଲା ସମେତ ଓଡ଼ିଶା-ଝାଡ଼ଖଣ୍ଡ ସୀମାନ୍ତବର୍ତ୍ତୀ ଇଲାକାରେ ଭୟର ବାତାବରଣ ସୃଷ୍ଟି ହୋଇଛି। ଏହା ପୁଲିସ୍ ପାଇଁ ଚାଲେଞ୍ଜ ସୃଷ୍ଟି କରିଛି। ବୁଧବାର ରାତ୍ର କିମ୍ବା ଗୁରୁବାରଠାରୁ କେ.ବଲାଙ୍ଗ ଥାନା ଅନ୍ତର୍ଗତ ଖରବେଡ଼ା, ଲଙ୍ଗଳକଟା, ଝିରପାଣି ଆଦି ମାଓ ଉପଦ୍ରୁତ ସରଣ୍ଡା ଜଙ୍ଗଲରେ କମ୍ବିଂ ଅପରେସନ ଆରମ୍ଭ ହେବାର ସମ୍ଭାବନା ରହିଛି।

ନିଜେ ଡିଜିପି ଶ୍ରୀ ଖୁରାନିଆ ଓ ଆଇଜି ଅପରେସନ୍ ଦୀପକ କୁମାର ରାଉରକେଲାରେ କ୍ୟାମ୍ପ କରି ଘଟଣାର ତଦାରଖ କରୁଛନ୍ତି। ପଶ୍ଚିମାଞ୍ଚଳ ପୁଲିସ୍ ଡିଆଇଜି ବ୍ରିଜେଶ କୁମାର ରାୟ କହିଛନ୍ତି, ଏହା ମାଓବାଦୀଙ୍କ କାର୍ଯ୍ୟ ବୋଲି ଏପର୍ଯ୍ୟନ୍ତ ନିଶ୍ଚିତ ହୋଇନି, ତଦନ୍ତ ପରେ ହିଁ ଘଟଣାର ପର୍ଦ୍ଦାଫାସ ହେବ। ତେବେ ଏହା ମାଓବାଦୀଙ୍କ ଦ୍ୱାରା ଲୁଟ ହୋଇଥିବା ସନ୍ଦେହକୁ ମଧ୍ୟ ଏଡ଼ାଇ ଦିଆଯାଇପାରୁନାହିଁ ବୋଲି ସେ ଆଶଙ୍କା କରିଛନ୍ତି।

## ଦୁର୍ଘଟଣାରେ ବୃଦ୍ଧଙ୍କ ମୃତ୍ୟୁକୁ ନେଇ ଖଣ୍ଡଗିରିରେ ଖଣ୍ଡଯୁଦ୍ଧ

# 'ଆମ ବସ୍': ଯୋଉଠି ଦେଖିଲେ, ଭାଙ୍ଗିଲେ

ଭୁବନେଶ୍ୱର,୨୮।୫(ସମିସ): ବୁଧବାର ସନ୍ଧ୍ୟାରେ କୋଳଥିଆ ଛକରେ 'ଆମ ବସ୍' ଧକ୍କାରେ ଜଣେ ବୃଦ୍ଧଙ୍କ ମୃତ୍ୟୁକୁ ନେଇ ତୁମୂଳକାଣ୍ଡ ଘଟିଛି। ଉତ୍ତ୍ୟକ୍ତ ଲୋକେ ଆଜି ୧୦ରୁ ଊର୍ଦ୍ଧ୍ୱ 'ଆମ ବସ୍'କୁ ଗୋଡ଼େଇ ଗୋଡ଼େଇ ଭାଙ୍ଗିଛନ୍ତି। ଯେଉଁ 'ଆମ ବସ୍' ହାବୁଡ଼େ ପଡ଼ିଲା, ସେଥିରୁ ଲୋକ ଓହ୍ଲାଇଦେବା ପରେ ବାଡ଼େଇ ଚୂନା କରିଦେଇଛନ୍ତି। ଖଣ୍ଡଗିରି ଛକଠାରୁ ଆରମ୍ଭ କରି ଜାଗମରା ନୂଆରୋଡ୍ ପର୍ଯ୍ୟନ୍ତ ଆଜି ଏମିତି ହିଂସାକାଣ୍ଡ ଦେଖିବାକୁ ମିଳିଛି। ଏପରିକି, ଅଟକାଇବାକୁ ଆସି ପୁଲିସ୍ ମଧ୍ୟ ଲୋକଙ୍କ ଆକ୍ରୋଶର ଶିକାର ହୋଇଛି। ପୁଲିସ୍-ଜନତା ଧସ୍ତାଧସ୍ତି ଭଳି ପରିସ୍ଥିତି ଉପୁଜିଛି। ପ୍ରାୟ ଏକ ଘଣ୍ଟା ଧରି ଉତ୍ତେଜନା ଲାଗି ରହିବା ପରେ ଭୁବନେଶ୍ୱର ଡିସିପି ଜଗମୋହନ ମୀନା ମଧ୍ୟ ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିଥିଲେ। ଦୁର୍ଘଟଣା ଘଟାଇଥିବା 'ଆମ ବସ୍' ଚାଳକଙ୍କୁ ଗିରଫ କରିବାର ପ୍ରତିଶ୍ରୁତି ମିଳିବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା।



ମିଳିଥିବା ସୂଚନାନୁସାରେ, ଭୀମଟାଙ୍ଗି ଅଞ୍ଚଳର ଜଣେ ବରିଷ୍ଠ ନାଗରିକ ତ୍ରିନାଥ ବାରିକ ଆଇଗିଣିଆ ଅଞ୍ଚଳରେ ଥିବା ଏକ ବାଇକ୍ ସୋ' ରୁମ୍‌ରେ ସୁରକ୍ଷା କର୍ମୀ ଭାବେ କାମ କରୁଥିଲେ। ଡ୍ୟୁଟି ସରିବା ପରେ ସବୁଦିନ ଭଳି ଆଜି ସନ୍ଧ୍ୟାରେ ସାଇକେଲ ଯୋଗେ ଘରକୁ ଫେରୁଥିଲେ। ସେ କୋଳଥିଆ ଛକରେ ହୋଇଥିବା ବେଳେ ଖୋର୍ଦ୍ଧାରୁ ଭୁବନେଶ୍ୱର ଅଭିମୁଖେ ଯାଉଥିବା ଏକ 'ଆମ ବସ୍' ତାଙ୍କୁ ଧକ୍କା ଦେଇ ୭ ମାଇଲ୍ସ ବାର୍ ପର୍ଯ୍ୟନ୍ତ ଘୋଷାଡ଼ି ନେଇଥିଲା। ଫଳରେ ଘଟଣାସ୍ଥଳରେ ହିଁ ତ୍ରିନାଥଙ୍କର ମୃତ୍ୟୁ ଘଟିଥିଲା। ଲୋକମାନେ ଏକାଠି ହୋଇଯିବାରୁ ଦୁର୍ଘଟଣା ଘଟାଇଥିବା 'ଆମ ବସ୍' ଘଟଣାସ୍ଥଳରୁ ଫେରାର୍ ହୋଇଯାଇଥିଲା। ଦୁର୍ଘଟଣା ଏତେ ଭୟଙ୍କର ଥିଲା ଯେ ୭ ମାଇଲ୍ସ ବାର୍ ନିକଟରେ ତ୍ରିନାଥ ମୃତଦେହ ପଡ଼ିଥିବା ବେଳେ ଖଣ୍ଡଗିରି ଛକରୁ ତାଙ୍କ ପାଦ ମିଳିଥିଲା। ଦୁର୍ଘଟଣା ପରେ ଖଣ୍ଡଗିରି ଛକରେ ଉତ୍ତେଜନା ପ୍ରକାଶ ପାଇଥିଲା। ପରିବାରଲୋକେ ମଧ୍ୟ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ରଖି ଖଣ୍ଡଗିରି-ବରମୁଣ୍ଡା ସର୍ଭିସ୍ ରୋଡ୍ ଅବରୋଧ କରିଥିଲେ। ଖବର ପାଇ ଖଣ୍ଡଗିରି ଥାନା ଅଧିକାରୀ ଓ ଜୋନ୍- ୩ ଏସିପି



ଘଟଣାସ୍ଥଳରେ ପହଞ୍ଚିଥିଲେ। ସେହି ରାସ୍ତା ଦେଇ ଯାଉଥିବା ଲୋକମାନେ ଏକାଠି ହୋଇ 'ଆମ ବସ୍' ଭଙ୍ଗାରୁଜା କରିଥିଲେ।

ଖୋର୍ଦ୍ଧାରୁ ଭୁବନେଶ୍ୱର ଯାଉଥିବା 'ଆମ ବସ୍'ଗୁଡ଼ିକୁ ବାଡ଼େଇ ଭାଙ୍ଗିଥିଲେ। କେବଳ ସେହି ରୁଟ୍ ନୁହଁ, ଜାଗମରା ନୂଆରୋଡ୍ ପଟରେ ମଧ୍ୟ ଆମ ବସ୍ ଭଙ୍ଗାରୁଜା ହୋଇଥିଲା। ପରିସ୍ଥିତି ଏମିତି ହୋଇଥିଲା ଯେ ଡ୍ରାଇଭର୍ ସମେତ ଯାତ୍ରୀମାନେ ମଧ୍ୟ ବସ୍‌ରୁ ଓହ୍ଲାଇ ଦୌଡ଼ିଥିଲେ। ଉତ୍ତେଜନା ମଧ୍ୟରେ ପୁଲିସ ଓ ଲୋକଙ୍କ ମଧ୍ୟରେ ଧସ୍ତାଧସ୍ତି ହୋଇଥିଲା। ପ୍ରାୟ ଏକ ଘଣ୍ଟା ଧରି ଉତ୍ତେଜନା ଲାଗି ରହିବା ପରେ ଭୁବନେଶ୍ୱର ଡିସିପି ଜଗମୋହନ ମୀନା ମଧ୍ୟ ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିଥିଲେ। ଆମ ବସ୍ ଡ୍ରାଇଭରକୁ ଗିରଫ କରିବାର ପ୍ରତିଶ୍ରୁତି ମିଳିବା ପରେ ରାସ୍ତାରୋକ ହଟିଥିଲା। ପୁଲିସ୍ ତ୍ରିନାଥଙ୍କ ମୃତଦେହ ଉଦ୍ଧାର କରି କ୍ୟାପିଟାଲ ହସ୍ପିଟାଲକୁ ପଠାଇଥିଲା।

## ଚଢ଼ିଗଲା ଆମ ବସ୍; ୩ ବାଇକ୍ ଚୂରମାର୍

ପୁରୀ, ୨୯।୫ (ସମିସ): ସାକ୍ଷୀଗୋପାଳ ରେଳଫାଟକ ନିକଟରେ ଆଜି ଏକ 'ଆମ ବସ୍' ବଡ଼ଧରଣର ଦୁର୍ଘଟଣା ଘଟାଇଛି। ଏକାବେଳକେ ତିନି ତିନିଟି ବାଇକ୍ ଉପରେ ମାଡ଼ି ଯାଇଛି। ଏଥିରେ ୩ଜଣ ଗୁରୁତର ହୋଇଥିବା ବେଳେ ୩ଟି ବାଇକ୍ ଭାଙ୍ଗିରୁଜି ଚୂରମାର୍ ହୋଇଯାଇଛି। ସୌଭାଗ୍ୟକୁ ୧୧ବର୍ଷର ଜଣେ ନାବାଳକ ନିଶ୍ଚିତ ମୃତ୍ୟୁମୁଖରୁ ଅଳ୍ପକେ ବର୍ତ୍ତି ଯାଇଛି। ଆହତଙ୍କ ମଧ୍ୟରେ ଜଣେ ଦମ୍ପତି ମଧ୍ୟ ରହିଛନ୍ତି। ଆଜି ସନ୍ଧ୍ୟାରେ ଏହି ଅଘଟଣ ଘଟିଛି। ସତ୍ୟବାଦୀ ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି ଆମ ବସ୍ ଚାଳକକୁ ଅଟକ ରଖିବା ସହ ବସ୍‌କୁ ଜବତ କରିଛି।

## ଟ୍ରକ ଧକ୍କାରେ ଟ୍ରାକ୍ଟର୍ ୩ ଖଣ୍ଡ, ୨ ମୃତ

ବୈଶିଙ୍ଗା, ୨୮।୫(ସମିସ): ମୟୂରଭଞ୍ଜ ଜିଲ୍ଲା ବୈଶିଙ୍ଗା ଥାନା ଅନ୍ତର୍ଗତ ୧୮ ନଂ. ଜାତୀୟ ରାଜପଥର ଛୁରୁଣୀ ଛକ-ଆଗ୍ରିଆ ବଡ଼ପୋଲ ନିକଟରେ ଆଜି ଭୋର୍‌ରେ ଏକ ମର୍ମନ୍ତୁଦ ଦୁର୍ଘଟଣା ୨ଜଣଙ୍କ ଜୀବନ ନେଇଛି। ମୃତକଦ୍ୱୟ ହେଲେ, ଉତ୍ତରପ୍ରଦେଶ ମେରଟ ଅଞ୍ଚଳର ବିଜେନ୍ଦ୍ର ଭାରତୀଙ୍କ ପୁଅ ଅତୁଲ ଏବଂ ହରିୟାଣା କର୍ଣ୍ଣାଲ ଜିଲ୍ଲା ଅଧୀନ ପଡ଼ାଗାଁ ଅଞ୍ଚଳର ଜଗଦେବ ଦୋଡ୍‌ଙ୍କ ପୁଅ ସୁନ୍ଦର। ଟ୍ରାକ୍ଟର୍‌କୁ ଏକ ଟ୍ରକ୍ ଧକ୍କା ଦେବାରୁ ଏହି ଅଘଟଣ ଘଟିଛି। ଏହାଦସହ ଅନ୍ୟ ୩ଜଣ ମଧ୍ୟ ଗୁରୁତର ଆହତ ହୋଇଛନ୍ତି। ସେମାନେ ହେଲେ, ହରିୟାଣା କର୍ଣ୍ଣାଲ ଜିଲ୍ଲା ଅଧୀନ ରାମଜୋର କଟାବାଗ ସେକ୍ଟର ୩୨ ଥାନା ଅଞ୍ଚଳର ପ୍ରଦୀପ ରଞ୍ଜନ, ହେରିଟେଜ୍ ଅଞ୍ଚଳର ବିକାଶ କଲ୍ୟାଣ ଓ ଇନ୍ଦିରା କଲୋନୀ ଜୁନ୍ଦାଲା ଗେଟ ସଦର ଥାନା ଅଞ୍ଚଳର କରନ ଭଟନାଗର। ସେମାନଙ୍କୁ ବେତନଟୀ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ସୂଚନାନୁସାରେ, ମୃତାହତମାନେ ଏଠାକାର ଜଣେ ଠିକାଦାରଙ୍କ ଅଧୀନରେ କାମ କରୁଥିବା ବେଳେ ବାଲେଶ୍ୱରରେ ରହୁଥିଲେ। ସେମାନେ ଆଜି ଭୋର୍‌ରେ ଏକ ଟ୍ରାକ୍ଟର୍‌ରେ ବାରିପଦାରୁ ଫେରୁଥିବା ବେଳେ ଛୁରୁଣୀ ଛକ-ଆଗ୍ରିଆ ବଡ଼ପୋଲ ନିକଟରେ ଏକ ଦ୍ରୁତଗାମୀ ଟ୍ରକ୍ ସେମାନଙ୍କୁ ପଛରୁ ଧକ୍କା ଦେଇ ମାଡ଼ି ଯାଇଥିଲା। ଦୁର୍ଘଟଣା ଏତେ ଭୟଙ୍କର ଥିଲା ଯେ ଟ୍ରାକ୍ଟରଟି ତିନି ଖଣ୍ଡ ହୋଇଯାଇଥିଲା ଏବଂ ଘଟଣାସ୍ଥଳରେ ହିଁ ଅତୁଲ ଓ ସୁନ୍ଦରଙ୍କ ମୃତ୍ୟୁ ହୋଇଯାଇଥିଲା।

## ବହୁଚର୍ଚ୍ଚିତ ପାଟଣାଗଡ଼ ପାର୍ସଲ ବୋମା ବିସ୍ଫୋରଣ ମାମଲା

# ପୁଞ୍ଜିଲାଲ୍‌ଙ୍କୁ ଆଜୀବନ ଜେଲ୍‌ଦଣ୍ଡ

ପାଟଣାଗଡ଼, ୨୮।୫(ସମିସ): ଦୀର୍ଘ ସାତ ବର୍ଷ ଅପେକ୍ଷାର ଅନ୍ତ ଘଟିଛି। ବହୁଚର୍ଚ୍ଚିତ ବଲାଙ୍ଗିର ଜିଲ୍ଲା ପାଟଣାଗଡ଼ ପାର୍ସଲ ବୋମା ବିସ୍ଫୋରଣ ମାମଲାର ଚୂଡ଼ାନ୍ତ ରାୟ ଆଜି ପ୍ରକାଶ ପାଇଛି। ଅତିରିକ୍ତ ଜିଲ୍ଲା ଦୌରାଜଜ୍ ସୋନାଲି ପଟ୍ଟନାୟକ ଅଭିଯୁକ୍ତ ପୁଞ୍ଜିଲାଲ ମେହେରକୁ ଦୋଷୀ ସାବ୍ୟସ୍ତ କରି ଆଜୀବନ କାରାଦଣ୍ଡାଦେଶ ଦେଇଛନ୍ତି। ସେ ମୃତ୍ୟୁ ପର୍ଯ୍ୟନ୍ତ ଜେଲ୍‌ରେ ରହିବ। ଏହାସହିତ ୫୦ ହଜାର ଟଙ୍କା ଦଣ୍ଡରେ ଦଣ୍ଡିତ କରିଛନ୍ତି।

ଆଇପିସିର ଧାରା ୩୦୨, ୩୦୭, ୨୦୧ ଓ ଉପଧାରା ୩ ଓ ୪ ଅନୁଯାୟୀ କୋର୍ଟ ପୁଞ୍ଜିଲାଲକୁ ଦୋଷୀ ସାବ୍ୟସ୍ତ କରିବା ସହିତ ମୃତ୍ୟୁ ପର୍ଯ୍ୟନ୍ତ ଜେଲ ଦଣ୍ଡାଦେଶ ଶୁଣାଇଛନ୍ତି। ମାମଲାର ତଦନ୍ତ ପରେ ୨ ହଜାର ପୃଷ୍ଠାର ଚାର୍ଜସିଟ୍ ଦାଖଲ କରାଯାଇଥିଲା ଏବଂ ୬୦ରୁ ଅଧିକ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା। କ୍ରାଇମବ୍ରାଞ୍ଚ ପକ୍ଷରୁ ୧୦୦ଟି ଦସ୍ତାବିଜ ଓ ପୁଞ୍ଜିଲାଲଠାରୁ ଜବତ କରାଯାଇଥିବା ଲାପ୍‌ଟପ୍, ପେନ୍‌ଡ୍ରାଇଭ୍, ଡାଏରୀ, ମେମୋରୀ କାର୍ଡ ସହ ଅନ୍ୟାନ୍ୟ ଉପକରଣ କୋର୍ଟରେ ଦାଖଲ କରାଯାଇଥିଲା।

ଆଜି ସକାଳ ପ୍ରାୟ ୮ ସମୟରେ ପୁଞ୍ଜିଲାଲ ମେହେରକୁ କଡ଼ା ସୁରକ୍ଷା ମଧ୍ୟରେ ବଲାଙ୍ଗିର ଜେଲରୁ ପାଟଣାଗଡ଼ କୋର୍ଟକୁ ଅଣାଯାଇଥିଲା। ରାୟ ସମୟରେ ପୁଞ୍ଜିଲାଲ ଆଖିରୁ ଲୁହ ବାହାରିଥିଲା। କୋର୍ଟ ପରିସରରୁ ବାହାରିବା ସମୟରେ ପୁଞ୍ଜିଲାଲ ଗଣମାଧ୍ୟମକୁ କହିଥିଲା, ମୋତେ ଫସାଇ ଦିଆଯାଇଛି। ମୁଁ ସମ୍ପୂର୍ଣ୍ଣ ନିର୍ଦ୍ଦୋଷ। ଗଣମାଧ୍ୟମ ଉପରେ ଦୋଷ ଦେଇ ନାଲି ଆଖି ଦେଖାଇଥିଲା। ଏହି ମାମଲାର ଚୂଡ଼ାନ୍ତ ରାୟ ଆଜି ପ୍ରକାଶ ପାଇବା ଜାଣି କୋର୍ଟ ପରିସର ଲୋକାରଣ୍ୟ ହୋଇପଡ଼ିଥିଲା।। ପୁଲିସ ପକ୍ଷରୁ ଫୋର୍ସ ମୁତୟନ କରାଯାଇଥିଲା। ମୃତ ସୌମ୍ୟଶେଖରଙ୍କ ଘରେ ମଧ୍ୟ ସୁରକ୍ଷା କଡ଼ାକଡ଼ି କରାଯାଇଥିଲା।



ଦଣ୍ଡାଦେଶ ପରେ ପୁଞ୍ଜିଲାଲ୍‌ଙ୍କୁ ବଲାଙ୍ଗିର ଜେଲ୍‌କୁ ନିଆଯାଉଛି

ସୂଚନାଯୋଗ୍ୟ ଯେ ୨୦୧୮ ଫେବୃଆରୀ ୧୮ ତାରିଖରେ ପାଟଣାଗଡ଼ରେ ୨୬ ବର୍ଷୀୟ ଇଞ୍ଜିନିୟର ସୌମ୍ୟଶେଖର ସାହୁ ଓ ରିମାଙ୍କର ବିବାହ ହୋଇଥିଲା। ୨୩ ତାରିଖରେ ରିସେପସନ୍ ହୋଇଥିଲା। ରିସେପସନରେ ମିଳିଥିବା ଉପହାରକୁ ଖୋଲୁଥିବା ବେଳେ ଗୋଟିଏ ପାର୍ସଲରେ ଶକ୍ତିଶାଳୀ ବିସ୍ଫୋରଣ ହୋଇଥିଲା। ଏଥିରେ ସୌମ୍ୟଶେଖରଙ୍କର ମୃତ୍ୟୁ ଘଟିଥିବା ବେଳେ ରିମା ଗୁରୁତର ଆହତ ହୋଇଥିଲେ। ସେତେବେଳେ ଏହି ଘଟଣା ସାରା ରାଜ୍ୟକୁ ସ୍ତବ୍ଧ କରିଦେଇଥିଲା। ଏହି ବିସ୍ଫୋରଣ ପଛରେ ଭଇଁଷା କଲେଜର ଅଧାପକ ପୁଞ୍ଜିଲାଲର ହାତ ରହିଥିଲା। କଲେଜ ଅଧକ୍ଷା ତଥା ସୌମ୍ୟଶେଖରଙ୍କ ମା' ସଂଯୁକ୍ତା ସାହୁଙ୍କ ସହିତ ବୃତ୍ତିଗତ ଶତ୍ରୁତାକୁ କେନ୍ଦ୍ର କରି ପୁଞ୍ଜିଲାଲ ଏଭଳି ବିସ୍ଫୋରଣ କରାଇଥିଲା। ସେ ବୋମା ନିଜେ ତିଆରି କରି ଏକ ଉପହାର ପ୍ୟାକେଟ କରିଥିଲା। ପରେ ଏହାକୁ ପାର୍ସଲ କରି ସଂଯୁକ୍ତାଙ୍କ ଘରକୁ ପଠାଇଥିଲା। ପାର୍ସଲ ଖୋଲିବା ମାତ୍ରେ ବିସ୍ଫୋରଣ ଏତେ ଭୟଙ୍କର ଥିଲା ଯେ ଏଥିରେ ସୌମ୍ୟ ଏବଂ ତାଙ୍କ ଆଇମା'ଙ୍କ ଜୀବନ ଚାଲିଯାଇଥିଲା। ଘଟଣାର ତଦନ୍ତ କରି କ୍ରାଇମବ୍ରାଞ୍ଚ ପୁଞ୍ଜିଲାଲକୁ ଗିରଫ କରିଥିଲା। ଏହା ଦେଶରେ ପ୍ରଥମ ପାର୍ସଲ ବୋମା ବିସ୍ଫୋରଣ ଥିଲା ବୋଲି କୁହାଯାଉଛି। ବିସ୍ଫୋରଣ କରି ସମଗ୍ର ପରିବାରକୁ ମୂଳପୋଛ କରିବାକୁ ଷଡ଼ଯନ୍ତ୍ର କରିଥିଲା ପୁଞ୍ଜିଲାଲ। ବୋମା କିପରି ତିଆରି ହୁଏ ତାହା ସେ ଅନଲାଇନରେ ଶିଖିଥିଲା।

ଆଜିର ରାୟରେ ପ୍ରତିକ୍ରିୟା ପ୍ରକାଶ କରି ମୃତ ସୌମ୍ୟଶେଖରଙ୍କ ବାପା ରବୀନ୍ଦ୍ର ସାହୁ କହିଲେ, ଆମକୁ ନ୍ୟାୟ ମିଳିଛି। ତଥାପି ମୋ ପୁଅକୁ ଆଉ କେହି ଫେରାଇ ଆଣି ପାରିବେନାହିଁ। ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଧନ୍ୟବାଦ ଜଣାଉଛି। ତଥାପି ଏଭଳି ଅପରାଧ ପାଇଁ ଯେତେ ଦଣ୍ଡ ଦେଲେ ମଧ୍ୟ କମ ହେବ। ମୁଁ ବାପା ହିସାବରେ ତାକୁ ଫାଶୀ ମିଳୁ ବୋଲି ଚାହୁଁଥିଲି। କିନ୍ତୁ ଆଇନକୁ ସମ୍ମାନ ଜଣାଇ ଅଦାଲତ ଯେଉଁ ରାୟ ଶୁଣାଇଛନ୍ତି ମୁଁ ସନ୍ତୁଷ୍ଟ। ପୁଞ୍ଜିଲାଲ ମୃତ୍ୟୁ ପର୍ଯ୍ୟନ୍ତ ଜେଲରେ ଥାଇ ନିଜ କର୍ମଫଳ ଭୋଗିବ ବୋଲି କହିଛନ୍ତି।

## ଏଏସ୍ଆଇର ଅବହେଳା

# ଲିଭିଯାଉଛି ଶ୍ରୀମନ୍ଦିରର ସୂକ୍ଷ୍ମ କାରୁକାର୍ଯ୍ୟ

ପୁରୀ,୨୮।୫(ସମିସ): ଭାରତୀୟ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥା(ଏଏସ୍ଆଇ)ର ଅବହେଳା ଯୋଗୁଁ ଲିଭିଯାଉଛି ଶ୍ରୀମନ୍ଦିରର ସୂକ୍ଷ୍ମ କାରୁକାର୍ଯ୍ୟ। ମୁଖ୍ୟ ମନ୍ଦିର ବ୍ୟତୀତ ବଡ଼ଦେଉଳ ବେଢ଼ା ପରିସରରେ ଅନେକ ଦେବଦେବୀଙ୍କ ମନ୍ଦିର ରହିଛି। ବହୁ ପାର୍ଶ୍ୱ ଦେବଦେବୀ ବି ରହିଛନ୍ତି। ସୂକ୍ଷ୍ମ କାରୁକାର୍ଯ୍ୟପୂର୍ଣ୍ଣ ଏହି ମୂର୍ତ୍ତି ମଧ୍ୟରୁ ଯଦି କୌଣସି ମୂର୍ତ୍ତି ଭାଙ୍ଗିପଡୁଛି କିମ୍ବା ଅନ୍ୟ କୌଣସି କାରଣ ପାଇଁ ନଷ୍ଟ ହୋଇଯାଇଛି ତାହାର ପୁନଃସ୍ଥାପନ ପ୍ରତି ବିଶେଷ ଗୁରୁତ୍ୱ ଦିଆଯାଉ ନାହିଁ। ଯଦି ବି ପୁନଃସ୍ଥାପନ କରାଯାଉଛି, ପୂର୍ବପରି ସେହି ସୂକ୍ଷ୍ମ କାରୁକାର୍ଯ୍ୟ ରହୁନାହିଁ। ଏଏସ୍ଆଇ ଏଭଳି ଅବହେଳାକୁ ନେଇ ଅନେକ ସମୟରେ ଅସନ୍ତୋଷ ପ୍ରକାଶ ପାଉଛି। କିନ୍ତୁ ଏ ଦିଗରେ ସଚେତନ ହେଉନି ଏଏସ୍ଆଇ। କୌଣସି ପାର୍ଶ୍ୱ ମୂର୍ତ୍ତି ଭାଙ୍ଗିଗଲେ ବି ବର୍ଷ ବର୍ଷ ଧରି ତା'ର ମରାମତି କରାଯାଉନାହିଁ।



ଶ୍ରୀମନ୍ଦିରର ପ୍ରତିଟି ଜାଗାରେ ସୂକ୍ଷ୍ମ କାରୁକାର୍ଯ୍ୟପୂର୍ଣ୍ଣ କୀର୍ତ୍ତିରାଜି ରହିଛି। ଗୁମୁଟ ହେଉ କି ମେଘନାଦ ପାଚେରି ଏ ସବୁର କଳା, ସ୍ଥାପତ୍ୟ ଦର୍ଶନାର୍ଥୀଙ୍କୁ ବେଶ୍ ଆକର୍ଷିତ କରିଥାଏ। ହେଲେ ଧୀରେଧୀରେ କୀର୍ତ୍ତିରାଜିଗୁଡ଼ିକ ନଷ୍ଟ ହେଉଥିଲେ ମଧ୍ୟ ଏହାର ଉପଯୁକ୍ତ ସଂରକ୍ଷଣ କରାଯାଉନାହିଁ। ଠିକଣା ସମୟରେ ମରାମତି କିମ୍ବା ପୁନଃସ୍ଥାପନ ହେଲେ କାରୁକାର୍ଯ୍ୟପୂର୍ଣ୍ଣ କୀର୍ତ୍ତିରାଜିର ସୁରକ୍ଷା ଏବଂ ସଂରକ୍ଷଣ ହୋଇପାରନ୍ତା। ମାତ୍ର ଦାୟିତ୍ୱରେ ଥିବା ଏଏସ୍ଆଇ ଏଥିପ୍ରତି ଗୁରୁତ୍ୱ ଦେଉ ନ ଥିବା ଅଭିଯୋଗ ହେଉଛି।

୧୯୭୪ ମସିହାରୁ ଏଏସ୍ଆଇ ବଡ଼ଦେଉଳର ସଂରକ୍ଷଣ ଦାୟିତ୍ୱ ନେଇଛି। ଦ୍ୱାଦଶ ଶତାବ୍ଦୀର ଶ୍ରୀମନ୍ଦିରର କୌଣସି ମରାମତି କିମ୍ବା ପୁନଃସ୍ଥାପନ ଆବଶ୍ୟକ ପଡ଼େ, ତେବେ ଏ ସଂକ୍ରାନ୍ତରେ ମନ୍ଦିର ପ୍ରଶାସନ ସହ ଆଲୋଚନା କରି ଏଏସ୍ଆଇ ଏହା କରିବା କଥା। କିନ୍ତୁ ଅନେକ ସମୟରେ ଏଏସ୍ଆଇ ତା' କାମରେ ଅବହେଳା କରୁଥିବା ଅଭିଯୋଗ ହେଉଛି। ତୁରନ୍ତ ମରାମତି ଆବଶ୍ୟକ ଥିବା କେତେକ କାମକୁ ଗୁରୁତ୍ୱ ଦିଆଯାଉନାହିଁ। ଫଳରେ ଏକାଧିକ ସୂକ୍ଷ୍ମ କାରୁକାର୍ଯ୍ୟ ନଷ୍ଟ ହେଉଛି ନଚେତ୍ ସମ୍ପୂର୍ଣ୍ଣ ଭାବେ ଲିଭିଯାଉଛି। ଏଥିମଧ୍ୟରୁ ସିଂହଦ୍ୱାର ଦଶାବତାର ମୂର୍ତ୍ତି ଅନ୍ୟତମ। ସଂରକ୍ଷଣ ଆଳରେ ୨୦୧୨ରେ ଦଶାବତାର ମୂର୍ତ୍ତି ସିଂହଦ୍ୱାର ଗୁମୁଟରୁ ହଟାଇ ଦେଇଥିଲା ଏଏସ୍ଆଇ। ଯାହା ଶ୍ରୀମନ୍ଦିର ଶ୍ରୀକୁ ନଷ୍ଟ କରିବା ସହ ଭକ୍ତଙ୍କ ଭାବାବେଗକୁ ଆଘାତ ପହଞ୍ଚାଇଥିଲା। ସେ ସମୟରେ ଦଶାବତାର ମୂର୍ତ୍ତି ହଟାଯିବାକୁ ନେଇ ତୀବ୍ର ବିବାଦ, ଆନ୍ଦୋଳନ ମୁଣ୍ଡ ଟେକିଥିଲା। ପୁନର୍ବାର ପୂର୍ବ ସ୍ଥାନରେ ଦଶାବତାର ମୂର୍ତ୍ତି ଲଗାଇବା ପାଇଁ ଭକ୍ତ ଓ ବିଭିନ୍ନ ସଂଗଠନ ଦାବି କରିଥିଲେ। ଶେଷରେ ଶ୍ରୀମନ୍ଦିର ପ୍ରଶାସନ ଏଠାରେ ଦଶାବତାର ମୂର୍ତ୍ତି ଲଗାଇବାକୁ ନିଷ୍ପତ୍ତି ନେଇଥିଲା। କିନ୍ତୁ ପରବର୍ତ୍ତୀ ସମୟରେ ନବମ ଅବତାରରେ କିଏ ରହିବେ, ତାହାକୁ ନେଇ ବାଦବିବାଦ ଛିଡ଼ା ହେବାରୁ ଏ ପର୍ଯ୍ୟନ୍ତ ସିଂହଦ୍ୱାର ଗୁମୁଟରେ ଦଶାବତାର ମୂର୍ତ୍ତି ଲାଗିପାରି ନାହିଁ। ସେହି ସ୍ଥାନରେ ସାଦାପଥର ଖଞ୍ଜି ଦିଆଯାଇଛି।

ସେହିପରି ଏଏସ୍ଆଇ ପକ୍ଷରୁ ମରାମତି ବେଳେ ସୂକ୍ଷ୍ମ କାରୁକାର୍ଯ୍ୟ ପ୍ରତି ଯେଉଁଭଳି ଭାବେ ଗୁରୁତ୍ୱ ଦିଆଯିବା କଥା, ତାହା ଦିଆଯାଉନଥିବା ଅନେକ ଶିଳ୍ପୀଙ୍କୁ ବ୍ୟଥିତ କରୁଛି। ଫଳରେ ପୁରୁଣା କଳା କାରିଗରୀ ନଷ୍ଟ ହେଉଛି। କିଛି ବର୍ଷ ପୂର୍ବେ ଶ୍ରୀମନ୍ଦିରରେ ଚୂନ ଛଡ଼ା ଯାଇଥିଲା। ଏଥିପାଇଁ ବିଭିନ୍ନ ଧାତବ ଉପକରଣର ରୁକ୍ଷ ବ୍ୟବହାର କାରଣରୁ ଅନେକ ସ୍ଥାନରେ ସୂକ୍ଷ୍ମ କାରୁକାର୍ଯ୍ୟ କିଛିକାଂଶରେ ନଷ୍ଟ ହେଇଛି। ଅନେକ ସ୍ଥାନରେ ରହିଥିବା ରୂପ ଓ ବିଗ୍ରହର କେତେକ ଅଙ୍ଗ ଅପହୃତ। ଏଣୁ ଏହି ମନ୍ଦିର ଗାତ୍ରରେ ଅନେକ ବିକଳାଙ୍ଗ ମୂର୍ତ୍ତି ଦେଖିବାକୁ ମିଳେ। ଏବେ ବି ସେହି ଧାରା ଚାଲିଛି। କୌଣସି ଦେବଦେବୀଙ୍କ ମୂର୍ତ୍ତି ହେଉ ଅବା ମନ୍ଦିରର କୌଣସି ଅଂଶ କିମ୍ବା ମେଘନାଦ ପାଚେରି ଯଦି କିଛି ବି କାମ ହେଉଛି ସେଠାରେ ସାଦାପଥର ଖଞ୍ଜି ଦିଆଯାଉଛି। ପୂର୍ବପରି ସୂକ୍ଷ୍ମ କାରୁକାର୍ଯ୍ୟ କରାଯାଉନାହିଁ।



# ଭୁବନେଶ୍ୱର ସିଟି

## ଆତ୍ମହତ୍ୟା ପରେ ପରିବାର ଲୋକଙ୍କ ଅଭିଯୋଗ

# ପୁଲିସ ପାଇଁ ପୁଅ ମରିଗଲା

ଭୁବନେଶ୍ୱର, ୨୮।୫ (ସମିସ)

କିଛିଦିନ ପରେ ପୁଣି ବିବାଦକୁ ଆସିଛି ଭରତପୁର ଥାନା। ପୁଲିସ କାର୍ଯ୍ୟାନୁଷ୍ଠାନ ନ ନେବାରୁ ଯୁବକ ଆତ୍ମହତ୍ୟା କରିଥିବା ଭଳି ସଙ୍ଗୀନ ଅଭିଯୋଗ ଆଣିଛନ୍ତି ପରିବାର ଲୋକେ। ମୃତ ଯୁବକଙ୍କ ମାଆ ସିଧାସଳଖ ଏଭଳି ଆତ୍ମହତ୍ୟା ପାଇଁ ପୁଲିସର ନିଷ୍କ୍ରିୟତାକୁ ଦାୟୀ କରିଛନ୍ତି। କହିଛନ୍ତି ଯେ, ପୁଲିସ କାର୍ଯ୍ୟାନୁଷ୍ଠାନ ନେବାରେ କୋହଳ ମନୋଭାବ ଯୋଗୁଁ ତାଙ୍କ ପୁଅ ଆତ୍ମହତ୍ୟା କରିଛନ୍ତି। ଅପରପକ୍ଷେ ଭରତପୁର ବସ୍ତିରେ ଉମାକାନ୍ତ ସେଠୀ ଆତ୍ମହତ୍ୟା ଘଟଣାର ପ୍ରତିବାଦରେ ନ୍ୟାୟ ଦାବିକରି ସ୍ଥାନୀୟ ଲୋକେ ରାସ୍ତାରୋକ କରିଛନ୍ତି।

- ପ୍ରତିବାଦରେ ଷ୍ଟୁଡିଓ ଛକ-ଚନ୍ଦକା ରାସ୍ତାରୋକ
- ୩ ଦିନ ପୂର୍ବେ ବାଡ଼େଇଥିଲେ ସ୍ତ୍ରୀ, ଶଳା ଓ ଶାଳୀ
- ଆତ୍ମହତ୍ୟା ପାଇଁ ପ୍ରବର୍ତ୍ତାଇ ବନ୍ଧାହେଲେ ପତ୍ନୀ



ମିଳିଥିବା ସୂଚନା ଅନୁସାରେ, ଭରତପୁରରେ ରହୁଥିବା ଉମାକାନ୍ତ ପ୍ରାୟ ୧୬ ବର୍ଷ ପୂର୍ବେ ଭାରତୀଙ୍କୁ ବିବାହ କରିଥିବା ବେଳେ ସେମାନଙ୍କର ପୁଅ ଓ ଝିଅ ଅଛନ୍ତି। ଭାରତୀ ଗତ ୬ ତାରିଖ ଦିନ ପୁଅଝିଅଙ୍କୁ ନେଇ ପଡ଼ିଶା ଘରେ ରହୁଥିବା ବିଜୟ ଚୈହାନଙ୍କ ସହିତ ଉତ୍ତରପ୍ରଦେଶ ପଳାଇଥିଲେ। ଗତ ୨୩ ତାରିଖ ଦିନ ଉମାକାନ୍ତ ସ୍ଥାନୀୟ ଅଞ୍ଚଳର ଏକ ଭୋଜିକୁ ଯାଇଥିବା ବେଳେ ଆରତୀ ଓ ବିଜୟ ସେଠାକୁ ଆସିଥିଲେ। ଉମାକାନ୍ତ ସେମାନଙ୍କ ପାଖକୁ ଯାଇଥିବା ବେଳେ ଶଳା ଲୋକନାଥ, ଶାଳୀ ଆରତୂଓ ପତ୍ନୀ ମିଶି ତାଙ୍କୁ ମାଡ଼ ମାରିଥିଲେ। ଲୋକନାଥ ଏକ ଠେଙ୍ଗାରେ ଉମାକାନ୍ତଙ୍କ ଗୋଡ଼, ମୁଣ୍ଡ ଓ ବେକକୁ ଆକ୍ରମଣ କରିଥିଲେ। ଉମାକାନ୍ତ ତଳେ ପଡ଼ି ଯିବାପରେ ସେମାନେ ସ୍କୁଟି, ଟଙ୍କା ଓ ପରିଚୟପତ୍ର ନେଇ ଫେରାର ହୋଇ ଯାଇଥିଲେ। ଏନେଇ ଉମାକାନ୍ତ ଭରତପୁର ଥାନାରେ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରିଥିଲେ ମଧ୍ୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନଥିଲା।

ସବୁଦିନ ଭଳି ମଙ୍ଗଳବାର ରାତିରେ ମଧ୍ୟ ଉମାକାନ୍ତ ଖାଇପିଇ ଘରେ ଶୋଇଥିଲେ। ବୁଧବାର ସକାଳୁ ଘର ଭିତରୁ ଝୁଲନ୍ତା ମୃତଦେହ ଦେଖିବାକୁ ପାଇଥିଲେ। ଉମାକାନ୍ତ ବେକରେ ଗାମୁଛା ଲଗାଇ ଫ୍ୟାନରେ ଝୁଲି ପଡ଼ିଥିଲେ।

ତେବେ ଉମାକାନ୍ତଙ୍କ ଅଭିଯୋଗ ଉପରେ ପୁଲିସ କୌଣସି କାର୍ଯ୍ୟାନୁଷ୍ଠାନ ନେଇନଥିବାରୁ ସେ ଆତ୍ମହତ୍ୟା କରିଥିବା ପରିବାର ଲୋକେ ଅଭିଯୋଗ କରିଥିଲେ। ଏହାର ପ୍ରତିବାଦରେ ଲୋକମାନେ ଷ୍ଟୁଡିଓ ଛକ-ଚନ୍ଦକା ରାସ୍ତା ଅବରୋଧ କରିଥିଲେ। ପୁଲିସ ଉମାକାନ୍ତଙ୍କୁ ବାରମ୍ବାର ଥାନାକୁ ଡକାଇଥିଲେ ମଧ୍ୟ ଅଭିଯୁକ୍ତଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ନେଇନଥିଲା। ସେଥିଲାଗି ସେ ଆତ୍ମହତ୍ୟା କରିଥିବା ପରିବାର ଲୋକେ ଅଭିଯୋଗ ଆଣିଥିଲେ। ପତ୍ନୀ ଭାରତୀ ମଧ୍ୟ ଉମାକାନ୍ତଙ୍କ ଆତ୍ମହତ୍ୟା ପାଇଁ ଦାୟୀ ବୋଲି କହିଥିଲେ। ଖବରପାଇ ଭରତପୁର ଥାନା ପୁଲିସ ଓ ଜୋନ୍ ୩ ଏସିପି ଘଟଣାସ୍ଥଳରେ ପହଞ୍ଚି ଉତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିଥିଲେ। ଘଟଣା ଆରମ୍ଭ ପୁଣି ଥରେ ତଦନ୍ତ ହେବ ବୋଲି ପୁଲିସ କହିଥିଲା। ଏଥିସହିତ ଯେଉଁମାନେ ବି ଦୋଷୀ ହୋଇଥିବେ, ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲା। ପୁଲିସର ହସ୍ତକ୍ଷେପ ପରେ ଯାଇ ପ୍ରାୟ ୩ ଘଣ୍ଟା ଧରି ଚାଲିଥିବା ରାସ୍ତା ରୋକ୍ ହଟିଥିଲା। ପରିବାର ଲୋକଙ୍କ ଅଭିଯୋଗ ଆଧାରରେ ଭରତପୁର ଥାନା ପୁଲିସ ଏକ ମାମଲା ରୁଜୁ କରିବା ସହି ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ କରିଥିଲା। ଆତ୍ମହତ୍ୟା ପାଇଁ ପ୍ରବର୍ତ୍ତାଇଥିବା ଅଭିଯୋଗରେ ପତ୍ନୀ ଭାରତୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

■ ଲୋକପ୍ରତିନିଧିଙ୍କୁ ଅଣଦେଖା

## ବିଏମ୍‌ସି କମିଶନରଙ୍କୁ ଭେଟିଲେ ବିଜେଡି ବିଧାୟକ



ଭୁବନେଶ୍ୱର, ୨୮।୫ (ସମିସ): ଉଦ୍‌ଘାଟନର ନିୟମ ମାନୁନି ବିଏମ୍‌ସି। ଉନ୍ନୟନମୂଳକ କାର୍ଯ୍ୟରେ ଲୋକ ପ୍ରତିନିଧିଙ୍କୁ ଡକାଯାଉନି କିନ୍ତୁ ଉଦ୍‌ଘାଟନ ହୋଇଯାଇଛି। କର୍ପୋରେସନ ଆକ୍ଟ ବା କର୍ପୋରେସନ ମାନୁଆଲ ଅନୁସାରେ ଡକାଯିବା କଥା। ହେଲେ ଉଦ୍ଦେଶ୍ୟମୂଳକ ଭାବେ ଉପେକ୍ଷା କରାଯାଉଛି ବୋଲି ବିଜେଡି ବିଧାୟକମାନେ ଅଭିଯୋଗ କରିଛନ୍ତି। ଏହାକୁ ବିରୋଧ କରି ଭୁବନେଶ୍ୱର ବିଜେଡି ବିଧାୟକମାନେ ବିଏମସି କମିଶନରଙ୍କୁ ଭେଟିଲେ। ଭୁବନେଶ୍ୱର ଜିଲ୍ଲା ବିଜେଡି ସଭାପତି ଅଶୋକ ପଣ୍ଡାଙ୍କ ନେତୃତ୍ୱରେ ଦୁଇ ବିଧାୟକ ଭେଟି ଉନ୍ନୟନ କାର୍ଯ୍ୟକ୍ରମରେ ଉଦେଶ୍ୟମୂଳକ ଭାବରେ ଡକା ନ ଯାଉଥିବା ଅଭିଯୋଗ କରିଛନ୍ତି। ନିୟମ ଅନୁସାରେ କୌଣସି ଉନ୍ନୟନମୂଳକ କାର୍ଯ୍ୟକ୍ରମର ଉଦଘାଟନ ସମୟରେ ସ୍ଥାନୀୟ ନିର୍ବାଚିତ ପ୍ରତିନିଧିଙ୍କୁ ଡାକିବା କଥା। ଲୋକଙ୍କ ପାଖରେ ଉତ୍ତରଦାୟୀ ପ୍ରତିନିଧିଙ୍କୁ ଅବହେଳା କଲେ ଜନସାଧାରଣଙ୍କ ନିକଟରେ କ'ଣ ଉତ୍ତର ରଖିବେ ବୋଲି ପ୍ରଶ୍ନ କରିଛନ୍ତି ନିର୍ବାଚିତ ପ୍ରତିନିଧି। ଏହାକୁ ନେଇ ଏସଓପି ଖୁବଶୀଘ୍ର ଅଣାଯାଉ ବୋଲି ଦାବି କରିଛନ୍ତି। ସେପଟେ ଅଭିଯୋଗକୁ ଗରୁତର ସହ ନେଇଛନ୍ତି କମିଶନର। ଆଗାମୀ ସାଧାରଣ ପରିଷଦ ବୈଠକରେ ଆଲୋଚନା କରାଯାଇ ଏ ସମ୍ପର୍କରେ ପ୍ରଶାସନିକ ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

## ବିଓଭି ଗାଡ଼ିରେ ବସିବାକୁ ନେଇ ମାର୍‌ପିଟ୍

# ନନ୍ଦନକାନନରେ ଦିଲ୍ଲୀ-ରାଜସ୍ଥାନ ରକ୍ତାକ୍ତ ଲଢ଼େଇ

ନନ୍ଦନକାନନ, ୨୮।୫(ସମିସ): ବିଓଭି ଗାଡ଼ିରେ ବସିବାକୁ କେନ୍ଦ୍ରକରି ନନ୍ଦନକାନନରେ ଦୁଇ ପର୍ଯ୍ୟଟକ ଦଳ ମଧ୍ୟରେ ଗଣ୍ଡଗୋଳ ଯୋଗୁଁ ରକ୍ତାକ୍ତ ପରିସ୍ଥିତି ସୃଷ୍ଟି ହୋଇଛି। ଗଣ୍ଡଗୋଳ ଏତେ ଉଗ୍ର ହୋଇଥିଲା ଯେ ଦୁଇ ପର୍ଯ୍ୟଟକ ଦଳର ମହିଳା ପୁରୁଷ ମଧ୍ୟରେ ଚୁଟି, ସାର୍ଟ, ଓଢ଼ଣି ସାଲୱାର ଧରି ଭିଡାଭିଡି ହୋଇ ଚିରାଚିରି ଯାଇଥିଲା। ମରାମରି ପର୍ଯ୍ୟଟକଙ୍କମୁଣ୍ଡ ଫାଟି ରକ୍ତ ବୋହିଥିଲା। ସୁରକ୍ଷା କର୍ମୀ ଓ ବିଓଭି ଗାଡି ଚାଳକ ମାନେ ସେଠାରେ ଥାଇ ମଧ୍ୟ ପର୍ଯ୍ୟଟକ ମାନଙ୍କ ଗଣ୍ଡଗୋଳ ଉଗ୍ର ରୂପ ଧାରଣ କରିଥିଲା। ପୁଲିସ ପିସିଆର ଗାଡି ଆସିବା ଶୁଣି ଗଣ୍ଡଗୋଳ ମାରପିଟ ଥମିଥିଲା। ନନ୍ଦନକାନନ ଜଣେ ଅଧିକାରୀଙ୍କ କହିବାନୁଯାୟୀ ବିଓଭି ଗାଡ଼ିରେ ବସିବାକୁ ନେଇ ଉଭୟ ଦୁଇ ପର୍ଯ୍ୟଟକ ଦଳ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ଏହି ଦୁଇଗୋଷ୍ଠୀ ଦିଲ୍ଲୀ ଓ ରାଜସ୍ଥାନରୁ ଆସିଥିଲେ। ବିଭିନ୍ନ ସମୟରେ ବଓଭି ଗାଡିର ଉତ୍ତମ ପରିଚାଳନା ଅଭାବରୁ ଏହିଭଳି ଗଣ୍ଡଗୋଳ ବହୁବାର ନନ୍ଦନକାନନରେ ହେଉଥିବା ନେଇ ଆଗରୁ ନଜର ଅଛି। ପର୍ଯ୍ୟଟକ ଓ ନନ୍ଦନକାନନ ସୁରକ୍ଷା ପାଇଁ ସ୍ୱତନ୍ତ୍ରଭାବେ ଓଡ଼ିଶା ଇଣ୍ଡଷ୍ଟ୍ରିଆଲ ସିକୁରିଟି ଫୋର୍ସ (ଓଆଇଏସଏଫ) ନିଯୁକ୍ତ ହୋଇଥିଲା ବେଳେ ଏଭଳି ଘଟଣା ପର୍ଯ୍ୟଟକଙ୍କ ସୁରକ୍ଷା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିବା ସହ ପୁଲିସ ଏଭଳି ଘଟଣାକୁ ଗୁରୁତ୍ୱ ନଦେବା ନେଇ ମଧ୍ୟ ବୁଦ୍ଧିଜୀବୀ ମହଲରେ ପ୍ରଶ୍ନ ଉଠିଛି। ମିଳିଥିବା ସୂଚନା ଅନୁସାରେ ଗତକାଲି ମଙ୍ଗଳବାର ଅପରାହ୍ନରେ ରାଜସ୍ତାନ ଓ ଦିଲ୍ଲୀରୁ ଦଳ ହୋଇ ପର୍ଯ୍ୟଟକ ଆସିଥିଲେ। ଅପରାହ୍ଣରେ ସରୀସୃପ ଉଦ୍ୟାନ ନିକଟରେ ଥିବା ବିଓଭି ଗାଡିରେ ବସିବା ଅପେକ୍ଷା ସ୍ଥଳରେ ଗାଡ଼ିରେ ବସିବା ପାଇଁ ଅପେକ୍ଷା କରିଥିଲେ।





- ପର୍ଯ୍ୟଟକଙ୍କ ମୁଣ୍ଡ ଫାଟି ବୋହିଲା ଧାର ଧାର ରକ୍ତ
- ପର୍ଯ୍ୟଟକଙ୍କ ସୁରକ୍ଷାକୁ ଗୁରୁତ୍ୱ ଦିଆଯାଉ ନ ଥିବା ଅଭିଯୋଗ

ବିଓଭି ଗାଡି ଆସିବା କ୍ଷଣି ଉଭୟ ପର୍ଯ୍ୟଟକ ଦଳ ଗାଡ଼ିରେ ବସିବାକୁ କାଉଲୁ ବାଉଲୁ ହୋଇ ଚଢ଼ିଥିଲେ। ଏହି ଭିତରେ ବସିବାକୁ ଜାଗା ପାଇବା ପାଇଁ ପ୍ରତିଯୋଗିତା ହେଲା ଭଳି ପରିସ୍ଥିତି ହୋଇଯାଇଥିଲା। ଉଭୟ ଦଳଙ୍କ ବୟସ୍କ ପର୍ଯ୍ୟଟକମାନେ ଯେ ଯୋଉଠି ପାଇଲେ ବସିଯାଇଥିଲେ। ପିଲାମାନେ ପଛରେ ବସିଥିଲେ। ଏତିକି ବେଳେ ପିଲାମାନଙ୍କୁ ନିଜ ନିଜ ପାଖରେ ବସାଇବାକୁ ନେଇ ଗଣ୍ଡଗୋଳ ହୋଇଥିଲା। ସାମନ୍ୟ ବଚସାରୁ ଉଭୟଦଳର ମହିଳା ଓ ପୁରୁଷ ପର୍ଯ୍ୟଟକଙ୍କ ମଧ୍ୟରେ ମାରପିଟ ଆରମ୍ଭ ହୋଇଯାଇଥିଲା। ବିଧା ଗୋଇଠା ଲଗେଇ ମରାମରି ହେବା ସହ ମହିଳା ଓ ପୁରୁଷମାନଙ୍କ ମଧ୍ୟରେ ପିନ୍ଧିଥିବା ବସ୍ତ୍ର, ଚୁଟି ଧରାଧରି ହୋଇ ଝିଙ୍କାଝିଙ୍କି ହୋଇଥିଲେ। ଏଥିରେ ଜଣେ ପୁରୁଷ ପର୍ଯ୍ୟଟକ ଙ୍କ ମୁଣ୍ଡ ଫାଟି ଧାର ଧାର ରକ୍ତ ବୋହିଥିଲା। ସେଠାରେ ଥିବା ସୁରକ୍ଷା କର୍ମୀ ଓ ଅନ୍ୟମାନେ ନୀରବ ଦ୍ରଷ୍ଟା ସାଜିଥିବା ବେଳେ ପୁଲିସ ପିସିଆରକୁ ଖବର ଦେଇଥିଲେ। ପୁଲିସ ପିସିଆର ଭ୍ୟାନ ପହଞ୍ଚିଲା ବେଳକୁ ଉଭୟ ଦଳ ଭିତରେ ଗଣ୍ଡଗୋଳ ଥମି ଯାଇଥିଲା। ପୁଲିସ ପିସିଆର ପହଞ୍ଚି ଉଭୟ ଦଳ ମଧ୍ୟରେ ଶାନ୍ତି ଶୃଙ୍ଖଳା ରକ୍ଷା କରିବାକୁ ବୁଝାଇ ଆପୋଷ ସମାଧାନ କରି ଛାଡିଥିଲା। ତେବେ ବୁଦ୍ଧିଜୀବୀ ମହଲରେ ଏନେଇ ଚିନ୍ତା ପ୍ରକାଶ ପାଇଛି। ଏଭଳି ଘଟଣା ବହୁବାର ଘଟୁଥିବା ବେଳେ, ପର୍ଯ୍ୟଟକ ଙ୍କ ସୁରକ୍ଷା କୁ ନନ୍ଦନକୋନନ କତୃପକ୍ଷ, ପୁଲିସ, ସୁରକ୍ଷା କର୍ମୀ ଏବଂ ବେଟେରି ଗାଡ଼ି ପରିଚାଳନା ଦାୟିତ୍ୱରେ ଥିବା ସଂସ୍ଥା କିପରି ଏଥିପ୍ରତି ଗୁରୁତ୍ୱ ଦେଉନାହାନ୍ତି ସେନେଇ ପ୍ରଶ୍ନ ଉଠାଇଛନ୍ତି।

# ମୁଣ୍ଡ ନେଉଛି 'ଆମ ବସ୍': ୮ ମାସରେ ୧୮ ମୃତ

ଭୁବନେଶ୍ୱର, ୨୮।୫(ସମିସ): ରାସ୍ତାରେ ତାଣ୍ଡବ ରଚୁଛି ଆମ ବସ୍। ଆମ ବସ୍‌କୁ ଦେଖି ଲୋକେ ଏବେ ଡରିବା ଆରମ୍ଭ କଲେଣି। ନିୟମିତ ବ୍ୟବଧାନରେ ଏହି ବସ୍ କାହାରି ନା କାହାରି ଜୀବନ ନେଇ ଚାଲିଛି। ଗତ ୮ ମାସ ମଧ୍ୟରେ ୫୦ରୁ ଅଧିକ ଛୋଟବଡ଼ ଦୁର୍ଘଟଣା ଘଟାଇଲାଣି 'ଆମ ବସ୍'। ଏହି ଦୁର୍ଘଟଣାରେ ରାଜ୍ୟରେ ୧୮ ଜଣଙ୍କ ମୃତ୍ୟୁ ହେଲାଣି। କେବେ କାହାଠାରୁ ବାପା ଠାରୁ ପୁଅକୁ ଛଡ଼ାଇ ନେଉଛି ତ ପୁଣି କେବେ ମାଆଠାରୁ ଝିଅକୁ ଛଡାଇ ନେଉଛି। ଆମ ବସ୍‌ର ଏଭଳି ତାଣ୍ଡବରେ ଲୋକେ ଆତଙ୍କିତ ହୋଇଯାଉଛନ୍ତି।




ସୂଚନାଯୋଗ୍ୟ, ଗତ ଫେବୃଆରୀରେ ଭୁବନେଶ୍ୱରର କିଟ୍ ଛକରୁ ନନ୍ଦନକାନନ ଛକ ରାସ୍ତାର ରଘୁନାଥପୁର ପାଖରେ 'ଆମ ବସ୍' ଧକ୍କାରେ ଜଣେ ନାବାଳିକାର ମୃତ୍ୟୁ ହୋଇଥିଲା। ସେହିମାସରେ ପାତ୍ରପଡ଼ା ନିକଟରେ ୨ ଜଣଙ୍କ ମୃତ୍ୟୁ ଘଟିଥିଲା। ଅନ୍ୟପକ୍ଷରେ ମେ ୧୪ ତାରିଖରେ ବାଲିପାଟଣା ଥାନା ଅଞ୍ଚଳରେ ଆମ ବସ୍ ଏକ ବାଇକ୍‌କୁ ଧକ୍କା ଦେବାରୁ ଜଣଙ୍କର ମୃତ୍ୟୁ ଘଟିଥିଲା। ସମ୍ବଲପୁର ବରପାଲି ଥାନା ପଡେଇପାଲିର ରାମଚନ୍ଦ୍ରଙ୍କ ଝିଅ ମୁନି (୧୨)ଙ୍କ ଉପରେ ମୋ ବସ୍ ଚଢିଯାଇଥିଲା।

ବାରମ୍ବାର ଦୁର୍ଘଟଣାକୁ ବିଶେଷଜ୍ଞମାନେ ପରିଚାଳନାଗତ ତ୍ରୁଟି ବୋଲି କହୁଛନ୍ତି। ଏଥିରେ ଡ୍ରାଇଭର ଚୟନ ପ୍ରକ୍ରିୟାରେ ତ୍ରୁଟି ପରିଲିକ୍ଷିତ ହେଉଥିବା ଅଭିଯୋଗ ହେଉଛି। ଡ୍ରାଇଭରମାନଙ୍କ ସମ୍ପର୍କରେ ନ ଜାଣି ସେମାନଙ୍କୁ କାମରେ ରଖାଯାଉଛି। ଯାହାଦ୍ୱାରା ଅନେକ ସମୟରେ ସେମାନେ ନିଶା ସେବନ କରି ଗାଡି ଚାଳନା କରୁଛନ୍ତି। ଗୋଟିଏ ବଡ଼ ଦୁର୍ଘଟଣା ପରେ ଲୋକ ଦେଖାଣିଆ ଚେକିଂ ହେଉଛି। ଏହାପରେ ପୁଣି ଯାହାକୁ ସେଇଆ। ସେହିପରି ଡ୍ରାଇଭରମାନଙ୍କୁ ଓଭର ଟାଇମ୍ କରାଯାଉଛି ବୋଲି ଅଭିଯୋଗ ହେଉଛି। ଫଳରେ ସେମାନେ ଶୋଇବାକୁ ସମୟ ପାଉନାହାନ୍ତି। ଏହା ଦୁର୍ଘଟଣାର ସବୁଠାରୁ ବଡ଼ କାରଣ ବୋଲି କୁହାଯାଇଛି।

# ପଟିଆ ଷ୍ଟେସନ ରାସ୍ତାରେ ବିପଦ ଡାକୁଛି ଆ'

ନନ୍ଦନକାନନ, ୨୮।୫(ସମିସ): ଭୁବନେଶ୍ୱର ମୁନିସିପାଲିଟି ଅନ୍ତର୍ଗତ ପଟିଆ ଷ୍ଟେସନ ରାସ୍ତା ଅବସ୍ଥା ଶୋଚନୀୟ। ଯେଉଁଥିରେ ବଡ଼ ବଡ଼ ଖାଲ ହୋଇ ବିପଦ ଆଁ କରି ଅନେଇ ରହିଛି। ଏହି ରାସ୍ତାଟି ବିଡିଏ ଦ୍ୱାରା ନିର୍ମିତ ହୋଇଥିବା ବେଳେ ଏହାର ନିର୍ମାଣ କାର୍ଯ୍ୟ ଅତ୍ୟନ୍ତ ନିମ୍ନମାନର ହୋଇଥିବା ନେଇ ଲୋକମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ନନ୍ଦନକାନନ ରୋଡ ଠାରୁ ପଟିଆ ରେଳ ଷ୍ଟେସନ ପର୍ଯ୍ୟନ୍ତ ଏହି ରାସ୍ତାଟିରେ ବହୁ ସ୍ଥାନ ଦବି ଯାଇ ଫାଟ ସୃଷ୍ଟି ହେବା ସହ ନଳା ହେଲା ଭଳି ଅବସ୍ଥା ହୋଇଛି। ରାସ୍ତାର ଦୁଇ ପାର୍ଶ୍ୱରେ ପଡ଼ିଥିବା ପେଭର ବ୍ଲକ ଦବି ପୋତି ହୋଇଗଲାଣି। ଅନେକ ସ୍ଥାନରେ ମଧ୍ୟ ପେଭର ବ୍ଲକ ଉଭାନ ହୋଇଗଲାଣି। ଯେଉଁଥିପାଇଁ ଯାତ୍ରୀମାନେ ଅହରହ ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି। ରାସ୍ତାର ଦୁଇ ପଟେ ଚଲାପଥ ପାଇଁ ପଡ଼ିଥିବା ଟେକର୍ଷ ସବୁ ଭାଙ୍ଗି ରୁଜି ଗଲାଣି। ଯେଉଁଥିରେ ବୟସ୍କଙ୍କ ଠାରୁ ପିଲା ପର୍ଯ୍ୟନ୍ତ ଅନେକ ସମୟରେ ଝୁଣ୍ଟି ପଡ଼ିଯିବାର ଦେଖାଯାଉଛି। ରାସ୍ତା ମଝିରେ ରାସ୍ତା ଦବି ଯିବା ଫଳରେ ବହୁଜାଗାରେ ଖାଲ ଖମା ସୃଷ୍ଟି ହୋଇଛି। ଲୋକେ ଗାଡିମଟରରେ ଗଲାବେଳେ ଅଚାନକ ଭାବେ ସେହି ଖାଲ ରେ ପଡ଼ି ଯାଇ ଦୁର୍ଘଟଣା ର ଶିକାର ହେଉଛନ୍ତି। ବହୁ ସମୟରେ ଆଗ ରେ ଯାଉଥିବା ଗାଡି ଖାଲ ପଡ଼ିବାରୁ ହଠାତ୍ ବ୍ରେକ ମାରିବାରୁ ପଛରେ ଯାଉଥିବା ଗାଡି ପଛକୁ ପଛ ପିଟିହୋଇ ଦୁର୍ଘଟଣା ଘଟୁଛି। ଏନେଇ ଗଣ୍ଡଗୋଳ ହେବା ଦେଖାଯାଉଛି। ଦୁଇ ପାର୍ଶ୍ୱରେ ଯିଏ ପଇଲା ଯେତେବେଳେ ଆସି ବଡ ବଡ ଗାତ ଖୋଳି ଦେଇ ଯାଉଛନ୍ତି। ଏଠିଯୋଗୁଁ ରାସ୍ତା ସଂକୁଚିତ ହୋଇଯାଇଛି। ଚଲାପଥକୁ ମାଡିବସି ଦୋକାନ ବଜାର କରିବା କାରଣରୁ ଚାଲିକି ଯାଉଥିବା ପଥଚାରୀ ଅସୁବିଧାରେ ପଡୁଛନ୍ତି।



## ଇଞ୍ଜିନିୟରିଂ ଛାତ୍ରଙ୍କୁ ହାଣିବା ଘଟଣା; ଆଉ ଦୁଇ ଗିରଫ



ଭୁବନେଶ୍ୱର, ୨୮।୫ (ସମିସ): ପୂର୍ବଶତ୍ରୁତାରୁ ଇଞ୍ଜିନିୟରିଂ ଛାତ୍ରଙ୍କୁ ଆକ୍ରମଣ ଘଟଣାରେ ଆଉ ଦୁଇ ଜଣଙ୍କୁ ଗିରଫ କରିଛି ମଞ୍ଚେଶ୍ୱର ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛନ୍ତି ଭାଗବତ ବସ୍ତିର ହାପି ଓରଫ୍ ନିବାସ ପ୍ରଧାନ (୨୦) ଓ ରାହୁଲ ଗୁରୁ (୨୦)।

ପୁଲିସ ସୂଚନା ଅନୁସାରେ, ଚାନ୍ଦବାଲି ଥାନା ପଳାସପୁରର ସିଲୁ ଭୋଟପଡ଼ା ସ୍ଥିତ ରାଜଧାନୀ ଇଞ୍ଜିନିୟର କଲେଜରେ ବି-ଟେକ୍ ଦ୍ୱିତୀୟ ବର୍ଷର ଛାତ୍ର ଅଟନ୍ତି। କିଛିଦିନ ପୂର୍ବେ ଅଭିଯୁକ୍ତମାନଙ୍କ ସହିତ ସିଲୁଙ୍କର ଜଣେ ସାଙ୍ଗକୁ ମାଡ଼ ମାରିଥିଲେ। ପରବର୍ତ୍ତୀ ସମୟରେ ଏହି ବିବାଦକୁ ସମାଧାନ କରିବା ପାଇଁ ଉଭୟପକ୍ଷଙ୍କ ମଧ୍ୟରେ ଆଲୋଚନା ହୋଇଥିଲା। ସେଠାରେ ସିଲୁ ଓ ବିଶୁ ମଧ୍ୟରେ କଥା କଟାକଟି ହୋଇଥିଲା। ବିଶୁ ସେବେଠାରୁ ସିଲୁଙ୍କୁ ପାନେ ଦେବ ବୋଲି ଯୋଜନା କରିଥିଲା।

ଗତ ୨୦ ତାରିଖ ରାତି ପ୍ରାୟ ସାଢେ ୮ ଟା ସମୟରେ ସିଲୁ ଓ ତାଙ୍କର ଦୁଇ ବନ୍ଧୁ ମଞ୍ଚେଶ୍ୱର ଶିଳ୍ପାଞ୍ଚଳ ଭିତରେ ଥିବା ପଡ଼ିଆରେ ବସିଥିଲେ। ସେହି ସମୟରେ ବିଶୁ, ସୂର୍ଯ୍ୟକାନ୍ତ, ପିଣ୍ଟୁ, ହାପି, ରାହୁଲ ଓ ତାଙ୍କ ସହଯୋଗୀମାନେ ମିଶି ହଠାତ୍ ସିଲୁଙ୍କୁ ଖଣ୍ଡାରେ ଆକ୍ରମଣ କରିଥିଲେ। ଆକ୍ରମଣ ଫଳରେ ସିଲୁଙ୍କ ଛାତି, ହାତ ଓ ଦୁଇ ଗୋଡ଼ରେ ଗଭୀର ଆଘାତ ଲାଗିଥିଲା। ତାଙ୍କୁ ପ୍ରଥମେ କ୍ୟାପିଟାଲ ହସପିଟାଲ ଓ ପରେ ଏମ୍‌ସ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ସିଲୁଙ୍କ ବାପା କୁମୁଦ ଚନ୍ଦ୍ର ପାତ୍ରଙ୍କ ଅଭିଯୋଗ ଆଧାରରେ ମଞ୍ଚେଶ୍ୱର ଥାନା ପୁଲିସ ଏକ ମାମଲା ରୁଜୁ କରିଥିଲା। ଆଜି ହାପି ଓ ରାହୁଲକୁ ଅଭିଯୁକ୍ତଙ୍କୁ ଗିରଫ କରିବା ସହିତ ଦୁଇଟି ଖଣ୍ଡା ଜବତ କରିଛି। ପୂର୍ବରୁ ବିଶୁ, ସୂର୍ଯ୍ୟକାନ୍ତ ଓ ପିଣ୍ଟୁ ଗିରଫ ହୋଇଥିଲେ।

# ଜଙ୍ଗଲରେ ଚାଲିଛି ଦେଶୀ ମଦ ଫ୍ୟାକ୍ଟ୍ରି

ଭୁବନେଶ୍ୱର, ୨୮।୫(ସମିସ)

ଗତବର୍ଷ ବ୍ରହ୍ମପୁର ଚିକିଟିରେ ମଦମୃତ୍ୟୁ ଘଟଣାକୁ ନେଇ ପୁଲିସ ଏବଂ ଅବକାରୀ ବିଭାଗ ଏପର୍ଯ୍ୟନ୍ତ ଅଡୁଆରେ ପଡ଼ିଥିବା ବେଳେ ଖୋଦ ରାଜଧାନୀ ଉପକଣ୍ଠରେ ଚାଲିଛି ଦେଶୀ ମଦପ୍ରସ୍ତୁତି। ବିଶେଷକରି ରାଜଧାନୀ ଉପକଣ୍ଠବର୍ତ୍ତୀ ଅଞ୍ଚଳରେ ଥିବା ଜଙ୍ଗଲିଆ ଅଞ୍ଚଳରେ ନକଲି ଦେଶୀ ମଦ ପ୍ରସ୍ତୁତ କରାଯାଇ ବିକ୍ରି କରାଯାଉଛି। ଜଙ୍ଗଲ ଦେଇ ରାଜ୍ୟର ପ୍ରମୁଖ ୫ ଜିଲ୍ଲାକୁ ଏହି ମଦ ସହଜରେ ପଠାଯାଇପାରୁ ଥିବାରୁ ଚନ୍ଦକା ଜଙ୍ଗଲ ଅଞ୍ଚଳକୁ ମଦ ତିଆରି କାରଖାନା ଭାବେ ଧରିନେଇଛନ୍ତି ମାଫିଆ।

- ଘଞ୍ଚ ଜଙ୍ଗଲ ଦେଇ ସହଜ ହେଉଛି କାରବାର
- ପାଞ୍ଚ ଜିଲ୍ଲାରେ ଚାଲିଛି ମାଫିଆଙ୍କ ନେଟ୍‌ୱର୍କ

ସେହିଭଳି ରାଜଧାନୀର ସାଲିଆସାହି ଭଳି ବିଭିନ୍ନ ବସ୍ତିରୁ ଏହିଜଙ୍ଗଲ ରାସ୍ତା ଦେଇ ମଧ୍ୟ ରାଜ୍ୟର ଅନ୍ୟ ଜିଲ୍ଲାକୁ ଅତି ସହଜ ଉପାୟରେ ମଦ ଯୋଗାଇ ଦିଆଯାଉଛି। ଗତ ମାସରେ ଭୁବନେଶ୍ୱର ଚନ୍ଦକା ଥାନା ଅନ୍ତର୍ଗତ ଦାରୁଠେଙ୍ଗ ଅଞ୍ଚଳରୁ ଏଭଳି ଏକ ଦେଶୀ ମଦ କାରଖାନା ଠାବ କରାଯାଇଥିଲା। ଯେଉଁଠାରେ ଚୋରା ମଦ ମାଫିଆମାନେ ଏକ ପାଣି ଫ୍ୟାକ୍ଟ୍ରିରେ ମଦ ପ୍ରସ୍ତୁତ କରି ବିକ୍ରି କରୁଥିଲେ। ଚନ୍ଦକା ଜଙ୍ଗଲ ଦେଇ କଟକର ବିଭିନ୍ନ ଗ୍ରାମାଞ୍ଚଳ, ଖୋର୍ଦ୍ଧା, ନୟାଗଡ଼ ଓ ଢେଙ୍କାନାଳ ଅଞ୍ଚଳକୁ ଯାତାୟତର ଜଙ୍ଗଲି ରାସ୍ତା ଥିବାରୁ ସେହିବାଟ ଦେଇ ମଦ ପଠାଯାଉଥିଲା। ଭୁବନେଶ୍ୱରରେ ଏକ ପ୍ୟାକିଂ ପାଣି ବୋତଲରେ ଦେଶୀ ମଦ ବିକ୍ରି ହେଉଥିବା ସୂଚନା ପାଇଁ ଅବକାରୀ ବିଭାଗ ପକ୍ଷରୁ ଚନ୍ଦକା ପୁଲିସ ସହାୟତାରେ ଚଢ଼ଉ କରାଯାଇ ୧୫ ଲକ୍ଷ ଟଙ୍କାର ମଦ ଜବତ କରାଯାଇଥିଲା। ଏହା କେବଳ ଗୋଟିଏ ନୁହେଁ ବିଭିନ୍ନ ସମୟରେ ଚନ୍ଦକା ଜଙ୍ଗଲ ଭିତରେ ଥିବା ମଦ ଫ୍ୟାକ୍ଟ୍ରିକୁ ମଧ୍ୟ ଅବକାରୀ ବିଭାଗ ଠାବ କରିଛି। କିନ୍ତୁ ଅଧିକାଂଶ କ୍ଷେତ୍ରରେ ମଦ ମାଫିଆ ଏବଂ ମଦ ପ୍ରସ୍ତୁତ କରୁଥିବା ଲୋକେ ଜଙ୍ଗଲ ରାସ୍ତା ଦେଇ ସହଜରେ ଚମ୍ପଟ ମାରୁଛନ୍ତି।

ଅବକାରୀ ବିଭାଗର କହିବାନୁଯାୟୀ ମଦ ମାଫିଆମାନେ ଏହି ଜଙ୍ଗଲ ଭିତର ଦେଇ ଡଗର ରାସ୍ତା କରିଛନ୍ତି। ଯେଉଁ ରାସ୍ତା ଦେଇ କେବଳ ଭୁବନେଶ୍ୱର, ଖୋର୍ଦ୍ଧା ନୁହେଁ, ନୟାଗଡ଼, କଟକ, ଢେଙ୍କାନାଳ, ଅନୁଗୁଳ ଜିଲ୍ଲାକୁ ଅତି ସହଜ ଉପାୟରେ ପଠାଯାଇପାରୁଛି। ମାଫିଆମାନେ ମଦ ପ୍ରସ୍ତୁତ ପରେ ସେଗୁଡ଼ିକ ଟ୍ୟୁବ୍ ଏବଂ ବ୍ଲାଡର ଯୋଗେ ସାଇକଲ୍‌ରେ ଝୁଲାଇ ନେଇ ବିଭିନ୍ନ ହବ୍‌ଗୁଡ଼ିକରେ ପକାଇ ଦେଇ ଆସନ୍ତି। ସେମାନଙ୍କ ନେଟୱର୍କ ମୁତାବକ ଆଉ କିଛି କର୍ମଚାରୀ ସେହି ଅବ୍‌ଠାରୁ ମଦ ବ୍ଲାଡର୍ ନେଇ ବିଭିନ୍ନ ଜିଲ୍ଲାକୁ ଯାଇଥାନ୍ତି। ଏସବୁ ଭିତରେ କେହି କାହାରିକୁ ଦେଖି ପାରନ୍ତି ନାହିଁ। ଜିଲ୍ଲାୱାରି ଥିବା ଏଜେଣ୍ଟମାନେ ଦେଶୀ ମଦକୁ ଛୋଟଛୋଟ କୋଟିଆ ବେପାରୀଙ୍କୁ ମଦ ଯୋଗାଇ ଥାନ୍ତି। ଏଥିରେ ଆବଶ୍ୟକ ପରିମାଣର ପାଣି ମିଶାଇ ବିକ୍ରି କରିଥାନ୍ତି।



ଅପରପକ୍ଷେ ଜିଲ୍ଲା ବିଭିନ୍ନ ଅବକାରୀ ବିଭାଗ ନକଲି ମଦ ପ୍ରସ୍ତୁତକାରୀଙ୍କୁ ବାରମ୍ବାର ଗିରଫ କରିବା ପରେ ମଧ୍ୟ ମଦ ମାଫିଆମାନେ ଜେଲ୍‌ରୁ ଜାମିନ୍‌ରେ ଆସି ପୁଣି ବେପାର ଆରମ୍ଭ କରି ଦେଉଛନ୍ତି। ବିଶେଷକରି ଦିନମଜୁରିଆ ଶ୍ରେଣୀର ଲୋକଙ୍କୁ ମଜୁରି ଦେଇ ନିଶା ମାଫିଆ ମଦ ପ୍ରସ୍ତୁତ କରୁଛନ୍ତି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ସେହି ମଦଗୁଡ଼ିକରେ ନିମ୍ନମାନର ୟୁରିଆ ତଥା ଅନ୍ୟାନ୍ୟ ନିଶା ସାମଗ୍ରୀ ମିଶା ଯାଉଥିବାରୁ ଏହାକୁ ପାନ କରୁଥିବା ଲୋକେ ୧୫ ଦିନ ମଧ୍ୟରେ କିଡ୍‌ନୀ ରୋଗରେ ଆକ୍ରାନ୍ତ ହେଉଛନ୍ତି। ରାଜଧାନୀର ସାଲିଆସାହି, ଧରୁକୁଟୀ ବସ୍ତି, ଗାଡ଼କଣ, ଭରତପୁର, ପଳାଶୁଣି, ଲକ୍ଷ୍ମୀସାଗର, ହଳଦୀ ପଡ଼ିଆ ଆଦି ଅନେକ ବସ୍ତିରେ ଏହି ନକଲି ମଦ ପ୍ରସ୍ତୁତ କରାଯାଇ ଏହି ଉପାୟରେ ବିଭିନ୍ନ ବସ୍ତିରେ ବିକ୍ରି କରାଯାଉଛି ଏବଂ ଅନ୍ୟ ଜିଲ୍ଲାକୁ ମଦ ପଠାଯାଉଛି।

ମଦ ପ୍ରସ୍ତୁତିରେ ଗ୍ରାମାଞ୍ଚଳର ତଥା ଜଙ୍ଗଲ ଭିତରେ ରହୁଥିବା ଆର୍ଥିକ ଦୁର୍ବଳ ଶ୍ରେଣୀର ଆଦିବାସୀଙ୍କୁ ନିୟୋଜିତ କରାଯାଇଥିବା ବେଳେ ମଦ ଯୋଗାଣରେ ବହୁ ଶିକ୍ଷିତ ଯୁବଗୋଷ୍ଠୀ ନିୟୋଜିତ ହୋଇଥିବା ଜଣାପଡ଼ିଛି। ଯେଉଁମାନେ କି ପାର୍ଟଟାଇମ୍ କାରବାର କରି ଭଲ ଅର୍ଥ ରୋଜଗାର କରୁଛନ୍ତି।

## ନିର୍ଯାତନା ସହି ନ ପାରି ରକ୍ତମୁଖା ସ୍ତ୍ରୀ

# ଟାଙ୍ଗିଆରେ ହାଣି, ଇଟାରେ ଛେଚି ସ୍ୱାମୀଙ୍କୁ ହତ୍ୟା

**କୋଦଳା,୨୮ ।୫(ସମିସ):** ନିର୍ଯାତନା ଅହସ୍ୟ ହେବାରୁ ସ୍ୱାମୀଙ୍କୁ ଟାଙ୍ଗିଆରେ ହାଣିବା ପରେ ଇଟାରେ ଛେଚି ହତ୍ୟା କଲା ସ୍ତ୍ରୀ। ଗଂଜାମ ଜିଲ୍ଲା ବେଗୁନିଆପଡ଼ା ଥାନା ଅନ୍ତର୍ଗତ ଗୋପାଳପୁର ସାହିରେ ବୁଧବାର ଏହି ଆପରାଧିକ ଘଟଣା ଘଟିଛି। ମୃତକ ହେଲେ, ନାରାୟଣ ଭୂୟାଁ (୪୦)। ପୁଲିସ୍ ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏନେଇ ଏକ ହତ୍ୟା ମାମଲା ରୁଜୁ କରି ଅଭିଯୁକ୍ତ ସ୍ତ୍ରୀ ରୀନା ଭୂୟାଁଙ୍କୁ ଗିରଫ କରିଛି।

ନାରାୟଣଙ୍କ ନିଜ ଘର ବେଗୁନିଆପଡ଼ା ଥାନା ଅନ୍ତର୍ଗତ ବିରିବାଟିଆ ଗ୍ରାମରେ। ସେ ଗୋପାଳପୁର ଗ୍ରାମର ରୀନା ଭୂୟାଁଙ୍କୁ ବିବାହ କରିବା ପରେ ଗୋପାଳପୁରରେ ରହୁଥିଲେ। ତାଙ୍କର ଗୋଟିଏ ଝିଅ (୧୬) ଓ ଆଉ ଗୋଟିଏ ପୁଅ (୧୨)ର ଅଛନ୍ତି। ନାରାୟଣ ସୁରତରେ କାମ କରୁଥିବା ବେଳେ ରୀନାଙ୍କ ଚରିତ୍ର ଉପରେ ସନ୍ଦେହ କରି ଆସୁଥିଲେ। ଏହାକୁ ନେଇ ସେମାନଙ୍କ ଦାମ୍ପତ୍ୟ ଜୀବନରେ ଝଡ଼ ଉଠିଥିଲା। ଏପରିକି, ଏହି କଥାକୁ କେନ୍ଦ୍ର କରି ନାରାୟଣ ପ୍ରାୟ ସମୟରେ ରୀନାଙ୍କୁ ନିର୍ଯାତନା ଦେଉଥିଲେ। ମଙ୍ଗଳବାର ବିଳମ୍ବିତ ରାତିରେ ଦୁହିଁଙ୍କ ମଧ୍ୟରେ ପୁଣିଥରେ ପାଟିତୁଣ୍ଡ ସହ ଧସ୍ତାଧସ୍ତି ହୋଇଥିଲା। ନାରାୟଣ ଏକ ପଥର ଉପରେ ପଡ଼ିଯିବା ପରେ ରୀନା ଏକ ଇଟାରେ ତାଙ୍କ ମୁଣ୍ଡକୁ ଛେଚି ଦେଇଥିଲେ। ପରେ ରୀନା ତାଙ୍କୁ ଘରକୁ ଘୋଷାଡ଼ି ଆଣିଥିଲେ। କିନ୍ତୁ ନାରାୟଣ ଘରେ ଥିବା ଏକ କୁରାଢ଼ୀରେ ରୀନାଙ୍କୁ ଆକ୍ରମଣ କରିବାକୁ ଚେଷ୍ଟା କରିବାରୁ ରୀନା ତାଙ୍କଠାରୁ ସେହି କୁରାଢ଼ୀ ଛଡ଼ାଇ ଚୋଟ ପରେ ଚୋଟ ପକାଇ ନାରାୟଣଙ୍କୁ ହତ୍ୟା କରିଦେଇଥିଲେ। ରୀନା ଏତେ କ୍ଷୁବ୍ଧ ଥିଲେ ଯେ ମୃତ୍ୟୁ ପରେ ମଧ୍ୟ କାଳେ ବଞ୍ଚିଥିବ ଭାବି ପୁଣି ତାଙ୍କ ମୁଣ୍ଡକୁ ଇଟାରେ ଛେଚି ପକାଇଥିଲେ।

ଖବର ପାଇ ବେଗୁନିଆପଡ଼ା ଥାନା ଅଧିକାରୀ ଭଗବାନ ପୂଜାରୀ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ। ସାଇଣ୍ଟିଫିକ ଟିମ୍ ଓ ପୁରୁଷୋତ୍ତମପୁର ଏସ୍‌ଡିପିଓ ଦୀପକ କୁମାର ମିଶ୍ର ମଧ୍ୟ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିବା ଜଣାଯାଇଛି। ଅନ୍ୟପଟେ ଏହି ଘଟଣାରେ ଅନ୍ୟ କେହି ସମ୍ପୃକ୍ତ ଅଛି ନା ନାହିଁ, ତାକୁ ନେଇ ମଧ୍ୟ ପୁଲିସ୍ ତନାଘନା କରୁଛି। ସେପଟେ ନାରାୟଣଙ୍କ ମା' ନିଶା ଭୂୟାଁ ବେଗୁନିଆପଡ଼ା ଥାନାରେ ଲିଖିତ ଏତଲା ଦେଇଛନ୍ତି। ପୁଲିସ୍ ରୀନାଙ୍କୁ ଗିରଫ କରିବା ସହ ଆଉ ଜଣଙ୍କୁ ମଧ୍ୟ ଅଟକ ରଖି ଜେରା କରୁଛି। ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ପୁଲିସ ପଠାଇଛି।

## ସାଇବର୍ ଠକଙ୍କ କରାମତି

# କ୍ରିକେଟ୍ ବେଟିଂ ଆଳରେ କୋଟିଏ ଟଙ୍କାର ଚୂନ

**କଟକ,୨୮ ।୫ (ସମିସ):** ଅନଲାଇନ୍ କ୍ରିକେଟ୍ ବେଟିଂ ମାଧ୍ୟମରେ ଜଣେ ବ୍ୟକ୍ତିଙ୍କୁ କୋଟିଏ ଟଙ୍କା ଚୂନ ଲଗାଇଥିବା ଦୁଇ ସାଇବର୍ ଠକଙ୍କୁ ଗିରଫ କରିଛି କ୍ରାଇମବ୍ରାଞ୍ଚ। ଗିରଫ ଅଭିଯୁକ୍ତଦ୍ୱୟ ହେଲେ, ପଶ୍ଚିମବଙ୍ଗ ବାସିନ୍ଦା ଏସ୍.କେ. ୱାସିଉଲ୍ ଇସଲାମ୍ ଓରଫ ରୋହନ୍ (୨୯) ଏବଂ ଭୁବନେଶ୍ୱର ଖାରବେଳନଗର ପ୍ରେସ୍ କଲୋନୀ ଅଞ୍ଚଳର ଜ୍ୟୋତିପ୍ରକାଶ ପଲାଇ (୩୬)। ସେମାନଙ୍କଠାରୁ ପାସବୁକ୍, ଚେକ୍, ମୋବାଇଲ୍ ଫୋନ୍, ସିମ୍ କାର୍ଡ, ଜିଏସ୍‌ଟି ସାର୍ଟିଫିକେଟ୍, ଆଧାର ଏବଂ ପାନ୍ କାର୍ଡ ଆଦି ବହୁ ଗୁରୁତ୍ୱପୂର୍ଣ୍ଣ ଦସ୍ତାବିଜ ଜବତ କରିଛି କ୍ରାଇମବ୍ରାଞ୍ଚ। ଏହାସହ ଅଭିଯୁକ୍ତଦ୍ୱୟଙ୍କ ଏକାଧିକ ବ୍ୟାଙ୍କ ଆକାଉଣ୍ଟକୁ ଅଚଳ କରାଯାଇଛି। ଡିଏସ୍‌ପି ଅନିଲା ଆନନ୍ଦଙ୍କ ନେତୃତ୍ୱରେ କ୍ରାଇମବ୍ରାଞ୍ଚ ଟିମ୍ ତଦନ୍ତ କରି ଏହି ଠକେଇର ପର୍ଦ୍ଦାଫାସ୍ କରିଛି। ଅଭିଯୁକ୍ତମାନେ ନକଲି ୱେବସାଇଟ୍ ଓ ଗେମିଂ ଆପ୍ ମାଧ୍ୟମରେ ଲୋକଙ୍କୁ ଚୂନ ମାରୁଥିଲେ ବୋଲି ତଦନ୍ତକାରୀ ଟିମ୍ ଜାଣିବାକୁ ପାଇଛି। ତେବେ ଏହି ଅଭିଯୁକ୍ତଦ୍ୱୟ ଆଉ କେଉଁ କେଉଁ ଠକେଇର ସଂପୃକ୍ତ ଅଛନ୍ତି, ସେନେଇ କ୍ରାଇମ୍‌ବ୍ରାଞ୍ଚ ଖୋଳତାଡ଼ କରୁଛି। ଆବଶ୍ୟକ ପଡ଼ିଲେ ଦୁହିଁଙ୍କୁ ରିମାଣ୍ଡରେ ଅଣାଯାଇପାରେ ବୋଲି କୁହାଯାଉଛି।

ଯାଜପୁର ଜିଲ୍ଲା କଳିଙ୍ଗନଗର ଅଞ୍ଚଳର ଜଣେ ବ୍ୟକ୍ତି ଅନ୍‌ଲାଇନ୍ ଗେମିଂ ଆପ୍‌ରେ କ୍ରିକେଟ୍ ବେଟିଂ ମାଧ୍ୟମରେ ୧ କୋଟି ୮ ଲକ୍ଷ ଟଙ୍କା ଠକାମିର ଶିକାର ହୋଇଥିବା ସଂକ୍ରାନ୍ତରେ ସାଇବର ଥାନାରେ ଅଭିଯୋଗ କରିଥିଲେ। ପର୍ଯ୍ୟାୟକ୍ରମେ ଉପରୋକ୍ତ ଟଙ୍କା ଜମା କରି ଆଉ ଫେରିପାଇ ନଥିଲେ। ତେବେ ଠକେଇର ଶିକାର ହେବାର ଦୀର୍ଘ ଅଢ଼େଇ ବର୍ଷ ପରେ ସେ ସାଇବର ଥାନାରେ ଏତଲା ଦେଇଥିଲେ।

ପ୍ରାରମ୍ଭରେ ସାଇବର୍ ଅପରାଧୀମାନେ ତାଙ୍କୁ ଅନଲାଇନ କ୍ରିକେଟ୍ ବେଟିଂର ଦୁଇଟି ୱେବସାଇଟ୍ ଲିଙ୍କ୍ www.dream666.com ଓ www.dream444.com ପଠାଇଥିଲେ। ଉପରୋକ୍ତ ଆଇଡି ବ୍ୟବହାର କରି କ୍ରିକେଟ୍ ବେଟିଂ ମାଧ୍ୟମରେ ବିପୁଳ




**୨ ଗିରଫ; ପାସବୁକ୍, ଚେକ୍, ମୋବାଇଲ୍ ଜବତ**

ଟଙ୍କା ରୋଜଗାର କରିବାକୁ ଉପରୋକ୍ତ ଦୁଇ ସାଇବର ଅପରାଧୀ ଲୋଭ ଦେଖାଇଥିଲେ। ସେହି ଅନୁଯାୟୀ ବ୍ୟକ୍ତିଜଣଙ୍କ ପ୍ରଥମେ ଅଳ୍ପ କିଛି ଟଙ୍କା ବିନିଯୋଗ କରିଥିଲେ। ଅନ୍ୟପକ୍ଷରେ, ଅପରାଧୀମାନେ ମଧ୍ୟ ତାଙ୍କୁ କିଛି କିଛି ଟଙ୍କା ଫେରସ୍ତ କରିଥିଲେ। ଫଳରେ ଟଙ୍କା ଫେରସ୍ତ ପାଇବାକୁ ତାଙ୍କର ବିଶ୍ୱାସ ସୃଷ୍ଟି ହୋଇଥିଲା। ଅଭିଯୋଗକାରୀଜଣଙ୍କ ତାଙ୍କ ପତ୍ନୀ, ବନ୍ଧୁ ଏବଂ କର୍ମଚାରୀଙ୍କ ଆକାଉଣ୍ଟ ମାଧ୍ୟମରେ ବିଭିନ୍ନ ପର୍ଯ୍ୟାୟରେ ୧.୦୮ କୋଟି ଟଙ୍କା ଟ୍ରାନ୍ସଫର କରିଥିଲେ। ଅନ୍ୟପକ୍ଷରେ ସାଇବର୍ ଅପରାଧୀମାନେ ତାଙ୍କୁ ଟଙ୍କା ଫେରସ୍ତ କରିବା ପରିବର୍ତ୍ତେ ଦିନ ପରେ ଦିନ ଗଡ଼ାଇ ଚାଲିଥିଲେ। ଅଗଷ୍ଟ ୨୦୨୨ରୁ ଜାନୁଆରୀ ୨୦୨୫ ପର୍ଯ୍ୟନ୍ତ ୱେବସାଇଟ୍ ମାଧ୍ୟମରେ ସେ ଉପରୋକ୍ତ ପରିମାଣର ଟଙ୍କା ଜମା କରିଥିଲେ। ତେବେ ଦିନ ଗଡ଼ିବା ସତ୍ତ୍ୱେ ଟଙ୍କା ଫେରସ୍ତ ନ ପାଇବାରୁ ବ୍ୟକ୍ତିଜଣଙ୍କ ଥାନାର ଦ୍ୱାରସ୍ଥ ହୋଇଥିଲେ। କ୍ରାଇମବ୍ରାଞ୍ଚ ପକ୍ଷରୁ ଏକ ସ୍ୱତନ୍ତ୍ର ଟିମ ଗଠନ କରାଯାଇ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି।

# କେନ୍ଦ୍ରୀୟ ଡେପୁଟେସନ୍‌ରେ ଗଲେ ଆର୍ ଭିନିଲ୍ କ୍ରିଷ୍ଣା

**ଭୁବନେଶ୍ୱର,୨୮।୫(ସମିସ):** କେନ୍ଦ୍ରୀୟ ଡେପୁଟେସନ୍‌ରେ ଗଲେ ଆର୍ ଭିନିଲ୍ କ୍ରିଷ୍ଣା। ୨୦୦୫ ବ୍ୟାଚ୍‌ର ଓଡ଼ିଶା କ୍ୟାଡର ଆଇଏଏସ୍ ଭିନିଲ୍ କ୍ରିଷ୍ଣା କେନ୍ଦ୍ର କ୍ରୀଡ଼ା ମନ୍ତ୍ରଣାଳୟରେ ଯୁଗ୍ମ ସଚିବ ଭାବେ ନିଯୁକ୍ତି ପାଇଛନ୍ତି। ଏନେଇ ବୁଧବାର କେନ୍ଦ୍ର କାର୍ମିକ ମନ୍ତ୍ରଣାଳୟ ପକ୍ଷରୁ ବିଜ୍ଞପ୍ତି ଜାରି ହୋଇଛି। ଜାରି ବିଜ୍ଞପ୍ତିରେ ବିଭିନ୍ନ ରାଜ୍ୟରୁ ୪୧ଜଣ ଅଧିକାରୀଙ୍କ ନିଯୁକ୍ତି ନେଇ ସୂଚନା ଦିଆଯାଇଛି। ଓଡ଼ିଶା କ୍ୟାଡର୍ ଅଧିକାରୀ ଭିନିଲ୍ କ୍ରିଷ୍ଣା ବର୍ତ୍ତମାନ ଓଡ଼ିଶା ଲ୍ୟାଣ୍ଡ ରେକର୍ଡ ଓ ସେଟଲେମେଣ୍ଟ କମିସନର୍ ଭାବେ କାର୍ଯ୍ୟ କରୁଛନ୍ତି।

# ଦୁଇ ଦିନରେ ୩ କରୋନା ଆକ୍ରାନ୍ତ ଚିହ୍ନଟ

**ଭୁବନେଶ୍ୱର,୨୮।୫(ସମିସ):** ଦେଶରେ କରୋନା ସଂକ୍ରମଣ ହୁ' ହୁ' ହୋଇ ବଢ଼ୁଛି। ରାଜ୍ୟରେ ମଧ୍ୟ ସପ୍ତାହେ ଭିତରେ ସଂକ୍ରମିତଙ୍କ ସଂଖ୍ୟା ବୃଦ୍ଧି ପାଇ ୪ ଛୁଇଁଛି। ସଂକ୍ରମିତଙ୍କ ମଧ୍ୟରେ ୩ଜଣ ଭୁବନେଶ୍ୱରରୁ ହୋଇଥିବାବେଳେ ଜଣେ ଜଟଣୀ ଅଞ୍ଚଳର ବୋଲି ଜଣାପଡ଼ିଛି। ମେ' ୨୨ ତାରିଖରେ ଜଣେ ଦିଲ୍ଲୀ ଫେରନ୍ତା କରୋନା ସଂକ୍ରମିତ ଚିହ୍ନଟ ହୋଇଥିବାବେଳେ ଗତ ଦୁଇ ଦିନ ଭିତରେ ୩ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଚିହ୍ନଟ ହୋଇଥିବା ସମସ୍ତ ବ୍ୟକ୍ତି ବାହାର ରାଜ୍ୟ ବୁଲି ଆସିଛନ୍ତି। ସଂକ୍ରମିତମାନଙ୍କୁ ସଂଗରୋଧରେ ରଖାଯାଇଥିବା ବେଳେ ସେମାନେ ଆଉ କେଉଁମାନଙ୍କ ସଂସ୍ପର୍ଶରେ ଆସିଛନ୍ତି, ତା'ର ଯାଞ୍ଚ କରାଯାଉଛି। ତେବେ ସମସ୍ତ ଆକ୍ରାନ୍ତଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଥିବା ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡାକ୍ତର ନୀଳକଣ୍ଠ ମିଶ୍ର ସୂଚନା ଦେଇଛନ୍ତି।

**ଭୟଭୀତ ନ ହେବାକୁ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକଙ୍କ ପରାମର୍ଶ**

ରାଜ୍ୟରେ କରୋନାସ୍ଥିତି ସମ୍ପୂର୍ଣ୍ଣ ନିୟନ୍ତ୍ରଣରେ ଅଛି। ଭୟଭୀତ ହେବାର କୌଣସି କାରଣ ନାହିଁ। ଯଦିଓ ସଂକ୍ରମିତଙ୍କ ସଂଖ୍ୟା କମ୍; ତଥାପି ସରକାର ବେଶ୍ ଗୁରୁତ୍ୱର ସହ ସ୍ଥିତିକୁ ସମୀକ୍ଷା କରୁଛନ୍ତି ବୋଲି ଡା. ମିଶ୍ର କହିଛନ୍ତି।

# ରାତିଅଧରେ ଉଡ଼ିଲା ମାଳମାଳ ଡ୍ରୋନ୍

**ତ୍ରିଶୂଳିଆ,୨୮ ।୫(ସମିସ):** ବାରଙ୍ଗର ବିଭିନ୍ନ ଅଞ୍ଚଳରେ ଗତ ୨୭ ତାରିଖ ରାତିରେ ମାଳମାଳ ଡ୍ରୋନ୍ ଉଡ଼ିବା ଘଟଣାରେ ବୁଧବାର ପୁଲିସ ପକ୍ଷରୁ ତଦନ୍ତ ଆରମ୍ଭ ହୋଇଛି। ବିଭିନ୍ନ ସ୍ଥାନକୁ ଯାଇ ପୁଲିସ୍ ଏ ସମ୍ପର୍କରେ ଖୋଳତାଡ଼ କରିଥିଲେ ମଧ୍ୟ କୌଣସି ତଥ୍ୟ ହସ୍ତଗତ ହୋଇନାହିଁ। ତେବେ କିଏ ଓ କାହିଁକି ଏତେ ସଂଖ୍ୟକ ଡ୍ରୋନ୍ ଉଡାଉଥିଲା, ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

**ତଦନ୍ତ ଆରମ୍ଭ, ଖିଅ ପାଉନି ପୁଲିସ**

ସୂଚନାଯୋଗ୍ୟ, ମଙ୍ଗଳବାର ସଂଧ୍ୟାରୁ ବିଳମ୍ବିତ ରାତି ପର୍ଯ୍ୟନ୍ତ ବାରଙ୍ଗ ଅଞ୍ଚଳର ବିଭିନ୍ନ ଗ୍ରାମ ନିକଟରେ ଡ୍ରୋନ୍ ଉଡୁଥିଲା। ଏହି ଘଟଣା ସାଧାରଣଲୋକଙ୍କ ନଜରକୁ ଆସିବା ପରେ ଲୋକମାନେ ଭୟଭୀତ ହୋଇପଡ଼ିଥିଲେ। ସ୍ଥାନୀୟ ଲୋକଙ୍କଠାରୁ ଖବର ପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚିଥିଲା। ପୁଲିସ୍ ତଦନ୍ତ ଆରମ୍ଭ କରି ବାରଙ୍ଗରେ ଥିବା ସିଆଇଏସଏଫ୍, ଏନଡିଆରଏଫ୍ ପ୍ରଶିକ୍ଷଣ ଶିବିର, ମେଟ୍ରୋ ରେଳପ୍ରକଳ୍ପର ଚାଲିଥିବା ୱାର୍କସପ କାମ ଦାୟିତ୍ୱରେ ଥିବା ଅଧିକାରୀ, କିଛି ସରକାରୀ କାର୍ଯ୍ୟାଳୟର ଅଧିକାରୀଙ୍କ ସହ କଥା ହୋଇଥିଲେ। କିନ୍ତୁ ଡ୍ରୋନ୍ ଉଡାଉଥିବା ସଂସ୍ଥା ଓ ବ୍ୟକ୍ତିବିଶେଷ ବିଷୟରେ କୌଣସି ସୂଚନା ପୁଲିସକୁ ମିଳିନଥିଲା। ଏହି ଡ୍ରୋନ୍ ପ୍ରଥମେ ରତାଗଡ଼ଗାଁ ମୁଣ୍ଡରେ ଦେଖିବାକୁ ମିଳିଥିଲା।

ପୁଲିସ ଆସି ରତାଗଡ଼ରେ ପହଞ୍ଚିବା ପରେ ଗୋଡ଼ିସାହି, ଷଣ୍ଢପୁର, ତ୍ରିଶୂଳିଆ, ନରଣପୁର, କୃଷ୍ଣଚନ୍ଦ୍ରପୁର ଓ ଏହାର ଆଖପାଖ ଅଞ୍ଚଳରେ ଏକାଧିକ ଡ୍ରୋନ୍ ଉଡୁଥିବା ଦେଖିବାକୁ ପାଇଥିଲା। ଡ୍ରୋନରେ ଲାଇଟ୍ ଲାଗିଥିବା ବେଳେ ପାଖିପାଖି ବୁଲିଥିଲା ଏକାଧିକ ଡ୍ରୋନ୍। ଏକକାଳୀନ ୧୦ରୁ ଅଧିକ ଡ୍ରୋନ ଉଡ଼ିବାକୁ ନେଇ ଲୋକେ ଛାନିଆ ହୋଇଯାଇଥିଲେ। ବୁଧବାର ସକାଳୁ ଜୋନ-୪ ଏସିପି ଅମିତାଭ ମହାପାତ୍ର, ବାରଙ୍ଗ ଥାନା ଅଧିକାରୀ ଦେବେନ୍ଦ୍ର ବିଶ୍ୱାଳ, ଗୋଡିସାହି ଫାଣ୍ଡି ଅଧିକାରୀ ବିଚିତ୍ରାନନ୍ଦ ପ୍ରଧାନ ଏକ ପ୍ଲାଟୁନ ପୁଲିସ୍ ଫୋର୍ସ ନେଇ ଡ୍ରୋନ୍ ଉଡ଼ିଥିବା ନିକଟସ୍ଥ ରେଳଧାରଣା, ଜଙ୍ଗଲ ଓ ନଦୀପଠାରେ ସଦଳବଳେ ଖୋଜାଖୋଜି କରି ଫେରିଛନ୍ତି। ଏହାସହ ବିଭିନ୍ନ ଗ୍ରାମକୁ ଯାଇ ସ୍ଥାନୀୟ ଲୋକମାନଙ୍କୁ ପଚରାଉଚରା ଆରମ୍ଭ କରିଥିବା ଜଣାପଡ଼ିଛି।

## ସିବିଏସ୍‌ଇ ପରୀକ୍ଷାରେ ସିସିଟିଭି ହେରଫେର

# ଓଏଭିର ୨ ଅଧ୍ୟକ୍ଷଙ୍କ ସମେତ ୫ ନିଲମ୍ବିତ

**ଭୁବନେଶ୍ୱର,୨୮ ।୫(ସମିସ):** ବରଗଡ଼ ଜିଲ୍ଲା ପଦ୍ମପୁର ଉପଖଣ୍ଡର ୬ଟି ବିଦ୍ୟାଳୟର ପରୀକ୍ଷାଫଳ ନ ବାହାରିବା ଘଟଣା ସାରା ରାଜ୍ୟରେ ଆଲୋଡ଼ନ ସୃଷ୍ଟି କରିବା ପରେ କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ପରିଷଦ(ସିବିଏସ୍‌ଇ) ପକ୍ଷରୁ ଏହାର ତଦନ୍ତ କରାଯାଇ ସିସିଟିଭି ଫୁଟେଜ୍‌ରେ ହେରଫେର୍ କରାଯାଇଥିବା ଜଣାପଡ଼ିଥିଲା। ତଦନ୍ତ ରିପୋର୍ଟ ଆଧାରରେ ଗତକାଲି ପରୀକ୍ଷାଫଳ ପ୍ରକାଶ ପାଇଥିବା ବେଳେ ଆଜି ଅନିୟମିତତାରେ ସମ୍ପୃକ୍ତ ଥିବା ଶିକ୍ଷକଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ହୋଇଛି। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଓଡ଼ିଶା ଆଦର୍ଶ ବିଦ୍ୟାଳୟ (ଓଏଭି)ର ଦୁଇଜଣ ଅଧ୍ୟକ୍ଷଙ୍କ ସମେତ ମୋଟ୍ ୫ଜଣ ଶିକ୍ଷକଙ୍କୁ ନିଲମ୍ବନ କରାଯାଇଥିବା ବେଳେ ୩୩ଜଣଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରାଯାଇଛି।

ବରଗଡ଼ ଜିଲ୍ଲାର ବାଦୁପାଲିସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଓ ପଦ୍ମପୁର ପବ୍ଲିକ ସ୍କୁଲରେ ହୋଇଥିବା ପରୀକ୍ଷାକେନ୍ଦ୍ରରେ ସମସ୍ତ ୬ଟି ବିଦ୍ୟାଳୟର ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିଲେ। ତନ୍ମଧ୍ୟରେ ୪ଟି ଓଡ଼ିଶା ଆଦର୍ଶ ବିଦ୍ୟାଳୟ ମଧ୍ୟ ରହିଥିଲା। ପରୀକ୍ଷା ସମୟର ପୂର୍ଣ୍ଣାଙ୍ଗ ସିସିଟିଭି ଭିଡିଓ ସିବିଏସ୍‌ଇ ନିକଟରେ ଦାଖଲ କରିବାର ନିୟମ ଥିଲେ ମଧ୍ୟ ଏହି ଦୁଇ ପରୀକ୍ଷାକେନ୍ଦ୍ର ଏହାକୁ ଅଣଦେଖା କରିଥିଲେ। ଏପରିକି, ବାଦୁପାଲି ଓଡ଼ିଶା ଆଦର୍ଶ ବିଦ୍ୟାଳୟ ସିସିଟିଭି ଭିଡିଓ ଆଦୌ ଦାଖଲ କରି ନଥିବା ବେଳେ ପଦ୍ମପୁର ପବ୍ଲିକ ସ୍କୁଲ ପକ୍ଷରୁ ଅସମ୍ପୂର୍ଣ୍ଣ ସିସିଟିଭି ଭିଡିଓ ଦାଖଲ କରାଯାଇଥିଲା। ସବୁ ପରୀକ୍ଷା ହଲ୍‌ରେ ସିସିଟିଭି ଲଗାଯାଇନଥିବା ମଧ୍ୟ ତଦନ୍ତ ବେଳେ ଭୁବନେଶ୍ୱରସ୍ଥିତ ସିବିଏସ୍‌ଇ ଆଞ୍ଚଳିକ କାର୍ଯ୍ୟାଳୟ ଜାଣିବାକୁ ପାଇଥିଲା। ସମସ୍ତ କାଗଜପତ୍ର ଓ ସିସିଟିଭି ଭିଡିଓ ଯାଞ୍ଚ କରିବା ପରେ ସମୁଦାୟ ୧୧୮୫ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ମାତ୍ର ୩ଶହ ଅର୍ଥାତ୍ ୨୫% ପିଲାଙ୍କୁ ଦୋଷମୁକ୍ତ କରି ସେମାନଙ୍କ ପରୀକ୍ଷାଫଳ ବାହାର କରିଥିଲା। ଅବଶିଷ୍ଟ ୮୮୫ଜଣ ଛାତ୍ରଛାତ୍ରୀଙ୍କୁ ଫେଲ୍ କରିବା ସହ ଜୁଲାଇ ୧୫ରେ ହେବାକୁ ଥିବା ସପ୍ଲିମେଣ୍ଟାରୀ ପରୀକ୍ଷା ଦେଇପାରିବେ କିମ୍ବା ୨୦୨୬ରେ ପୁନଃବାର୍ଷିକ ପରୀକ୍ଷା ଦେଇପାରିବେ ବୋଲି ସ୍ପଷ୍ଟ ନିର୍ଦ୍ଦେଶ ଦେଇଛି। ସିବିଏସ୍‌ଇର କଡ଼ା ପଦକ୍ଷେପ ଓ

**୩୩ଜଣଙ୍କୁ କାରଣ ଦର୍ଶାଅ ନୋଟିସ୍**

**ସିସିଟିଭି ଦେଇ ନ ଥିଲେ; ଅନିୟମିତତା ଧରିଲା ସିବିଏସ୍‌ଇ**

ଗଣଶିକ୍ଷା ବିଭାଗର କାର୍ଯ୍ୟାନୁଷ୍ଠାନ ସତ୍ତ୍ୱେ ଅଭିଭାବକ ଓ ଶିକ୍ଷାବିତ୍‌ଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ସେମାନଙ୍କ କହିବା କଥା, ସିସିଟିଭି ଦାଖଲ ନ କରିବା କିମ୍ବା ଅସମ୍ପୂର୍ଣ୍ଣ ସିସିଟିଭି ଫୁଟେଜ୍ ଦେବା ପାଇଁ ପରୀକ୍ଷା କେନ୍ଦ୍ରର ସୁପରିଟେଣ୍ଡେଣ୍ଟଙ୍କ ସମେତ କର୍ତ୍ତୃପକ୍ଷ ଦାୟୀ। ହେଲେ ପିଲାମାନଙ୍କୁ ଫେଲ୍ କରିବା ସେମାନଙ୍କ କ୍ୟାରିଅର୍‌କୁ ପ୍ରଭାବିତ କରିଛି। କିଛି ପିଲା ପରୀକ୍ଷାରେ ଭଲ କରିଥିଲେ ମଧ୍ୟ ଫେଲ୍ ହୋଇଥିବାରୁ ବିଷାଦଗ୍ରସ୍ତ ରହିଛନ୍ତି। ତେଣୁ, ଏହାର ପୁନଃବିଚାର କରିବାକୁ ସେମାନେ ଦାବି କରିଛନ୍ତି। ଅପରପକ୍ଷରେ, ସିସିଟିଭି ଯାଞ୍ଚ ପରେ କେଉଁ ଆଧାରରେ ଛାତ୍ରଛାତ୍ରୀଙ୍କୁ ଦୋଷମୁକ୍ତ ଓ ଦୋଷଯୁକ୍ତ କରାଯାଇଛି ସେନେଇ ଶିକ୍ଷାବିତ୍‌ମାନେ ପ୍ରଶ୍ନ ଉଠାଇଛନ୍ତି।

# ଆର୍‌ଟିଇ ନାମଲେଖା ପାଇଁ ଚୟନ ହେଲେ ୪୦୮୩ ଛାତ୍ରଛାତ୍ରୀ

**ଭୁବନେଶ୍ୱର, ୨୮ ।୫(ସମିସ):** ଶିକ୍ଷା ଅଧିକାର ଆଇନ(ଆର୍‌ଟିଇ) ରେ ନାମଲେଖା ପାଇଁ ଦ୍ୱିତୀୟ ପର୍ଯ୍ୟାୟରେ ୪୦୮୩ଜଣ ଛାତ୍ରଛାତ୍ରୀ ଚୟନ ହୋଇଛନ୍ତି। ସମୁଦାୟ ୬୧୪୬ ପିଲା ଆବେଦନ କରିଥିବା ବେଳେ ୪୯୪୩ଜଣଙ୍କ ଆବେଦନକୁ ଯୋଗ୍ୟ ବିବେଚିତ କରାଯାଇଛି। କେନ୍ଦ୍ରୀୟ ଲଟେରି ମାଧ୍ୟମରେ ୪୦୮୩ ପିଲାଙ୍କୁ ନାମଲେଖା ପାଇଁ ସିଟ୍ ମିଳିଥିବା ବେଳେ ୮୬୦ ଜଣଙ୍କୁ ସିଟ୍ ଆଲର୍ଟ କରାଯାଇନାହିଁ। ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ଚୟନ ହୋଇଥିବା ଛାତ୍ରଛାତ୍ରୀଙ୍କ ତାଲିକା ସମ୍ପୃକ୍ତ ଘରୋଇ ବିଦ୍ୟାଳୟକୁ ବ୍ଲକ୍ ଶିକ୍ଷା ଅଧିକାରୀ (ବିଇଓ) ମାନେ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଘରୋଇ ଶିକ୍ଷାନୁଷ୍ଠାନରେ ବୁଧବାରଠାରୁ ଜୁନ୍ ୧୦ ତାରିଖ ମଧ୍ୟରେ ଛାତ୍ରଛାତ୍ରୀମାନେ ନାମ ଲେଖାଇପାରିବେ। ନାମଲେଖା ପ୍ରକ୍ରିୟା ସମ୍ପୂର୍ଣ୍ଣ ନିଃଶୁଳ୍କ। କୌଣସି ଘରୋଇ ବିଦ୍ୟାଳୟ ଅଭିଭାବକଙ୍କଠାରୁ ଅର୍ଥ ଦାବି କରିପାରିବେ ନାହିଁ। କୌଣସି ଅଭିଯୋଗ ଥିଲେ, ଟୋଲ୍-ଫ୍ରି ନମ୍ବର ୧୮୦୦୩୪୫୬୭୨୨ରେ ଅଭିଯୋଗ କଲେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପ୍ରଥମିକ ଶିକ୍ଷା ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ସଂଗ୍ରାମ କେଶରୀ ମହାପାତ୍ର ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ, ଆର୍‌ଟିଇରେ ନାମଲେଖା ପାଇଁ ଚଳିତବର୍ଷ ସମୁଦାୟ ୫୦,୩୯୫ଟି ସିଟ୍ ରହିଛି। ପ୍ରଥମ ପର୍ଯ୍ୟାୟରେ ୨୧,୮୪୩ଜଣ ଛାତ୍ରଛାତ୍ରୀ ନାମଲେଖା ପାଇଁ ଚୟନ ହୋଇଥିଲେ। ଉଭୟ ପର୍ଯ୍ୟାୟରେ ମୋଟ୍ ୨୫,୯୨୬ ପିଲାଙ୍କୁ ନାମଲେଖା ପାଇଁ ସିଟ୍ ଆଲର୍ଟ କରାଯାଇଥିବା ବେଳେ ଆଉ ୨୪,୪୬୯ଟି ଆର୍‌ଟିଇ କୋଟା ସିଟ୍ ବଳକା ରହିବ।

# ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନରେ ବିଏଡ୍ ପାଇଁ ଆଜିଠୁ ଆବେଦନ

**ଭୁବନେଶ୍ୱର,୨୮ ।୫(ସମିସ):** ରାଷ୍ଟ୍ରୀୟ ଶୈକ୍ଷିକ ଗବେଷଣା ଓ ପ୍ରଶିକ୍ଷଣ ପରିଷଦ (ଏନ୍‌ସିଇଆର୍‌ଟି) ପକ୍ଷରୁ ବିଭିନ୍ନ ଶିକ୍ଷକ ଶିକ୍ଷା କାର୍ଯ୍ୟକ୍ରମ ବା ବିଏଡ୍ ପାଠ୍ୟକ୍ରମରେ ନାମଲେଖା ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଛି। ଆସନ୍ତାକାଲି ଅର୍ଥାତ୍ ଗୁରୁବାରଠାରୁ ଆବେଦନ ଆରମ୍ଭ ହେବ। ଆଗ୍ରହୀ ଛାତ୍ରଛାତ୍ରୀମାନେ ଜୁନ୍ ୧୭ ତାରିଖ ମଧ୍ୟରେ ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନ (ଆର୍‌ଆଇଇ)ର ୱେବସାଇଟ୍‌କୁ ଯାଇ ଆବେଦନ କରିପାରିବେ। ଜୁନ୍ ୨୯ ତାରିଖରେ ଏହାର ପ୍ରବେଶିକା ପରୀକ୍ଷା କମ୍ପ୍ୟୁଟର ବେସଡ୍ ଟେଷ୍ଟ (ସିବିଟି) ମାଧ୍ୟମରେ ଅନୁଷ୍ଠିତ ହେବ। ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନରେ ଚାରି ବର୍ଷିଆ ବିଏ-ବିଇଡି ଓ ବିଏସ୍‌ସି-ବିଇଡି, ଛଅ ବର୍ଷିଆ ଏମ୍‌ଏସ୍‌ସିଇଡି, ଦୁଇ ବର୍ଷିଆ ବିଇଡି, ତିନିବର୍ଷିଆ ବିଇଡି-ଏମ୍‌ଇଡି, ଦୁଇବର୍ଷିଆ ଏମ୍‌ଏ ଓ ଏଏମ୍‌ଇଡି ପାଠ୍ୟକ୍ରମ ପାଇଁ ଛାତ୍ରଛାତ୍ରୀମାନେ ନାମ ଲେଖାଇପାରିବେ।

# ଆଜି ଲକ୍ଷପତି ଦିଦି ସମ୍ମିଳନୀ

**ଭୁବନେଶ୍ୱର, ୨୮ ।୫(ସମିସ):** ଦେଶର ମହିଳା ସ୍ୱୟଂସହାୟକ ଗୋଷ୍ଠୀମାନଙ୍କର ସଫଳତାକୁ ସମର୍ଥନ ଦେବା ସହ ଗ୍ରାମୀଣ ମହିଳା ଉଦ୍ୟୋଗୀମାନଙ୍କୁ ପ୍ରୋତ୍ସାହନ ଦେବା ଉଦ୍ଦେଶ୍ୟରେ ମିଶନ ଶକ୍ତି ବିଭାଗ ପକ୍ଷରୁ ଆସନ୍ତାକାଲି ଅର୍ଥାତ୍ ବୁଧବାର "ଲକ୍ଷପତି ଦିଦି ସମ୍ମିଳନୀ-୨୦୨୫' ଆୟୋଜିତ ହେବ। ଲୋକସେବା ଭବନ ସମ୍ମିଳନୀ କକ୍ଷରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସ୍ୱୟଂ ସହାୟକ ଗୋଷ୍ଠୀ ଆଧାରିତ ଆର୍ଥିକ କାର୍ଯ୍ୟକଳାପ ଜରିଆରେ ବାର୍ଷିକ ଏକ ଲକ୍ଷ ଟଙ୍କା ବା ତଦୂର୍ଦ୍ଧ୍ୱ ଆୟ କରିଥିବା ଲକ୍ଷପତି ଦିଦିମାନଙ୍କୁ ପ୍ରୋତ୍ସାହନ ଦେବା ସହ ସମ୍ମାନିତ କରିବେ। ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ନେତୃତ୍ୱରେ ୩କୋଟି ଲକ୍ଷପତି ଦିଦିଙ୍କୁ ସଶକ୍ତ କରିବା

**ଏକାଠି ହେବେ ୨୫ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳର ଲକ୍ଷପତି ଦିଦି**

ଏବଂ ମହିଳା ନେତୃତ୍ୱାଧୀନ ବିକାଶକୁ ପ୍ରୋତ୍ସହନ ଦେବାରେ ରାଜ୍ୟ ସରକାରଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ଏହି ସମ୍ମିଳନୀ ସଶକ୍ତ କରିବ। ସେହିପରି, ଅନ୍ୟ ମହିଳାଙ୍କୁ ପ୍ରେରଣା ଦେବା ପାଇଁ ଏହି କାର୍ଯ୍ୟକ୍ରମରେ ସାରା ଭାରତରୁ ଲକ୍ଷପତି ଦିଦିମାନେ ଗୋଟିଏ ଛାତ ତଳେ ଏକାଠି ହୋଇ ସେମାନଙ୍କର ସଫଳତା ଏବଂ ନିରନ୍ତର ଯାତ୍ରାର କାହାଣୀ ବର୍ଣ୍ଣନା କରିବେ। ଜାତୀୟ ସଂହତି ଏବଂ ଜ୍ଞାନ ଆଦାନପ୍ରଦାନର ଏହି ଗୁରୁତ୍ୱପୂର୍ଣ୍ଣ ଅବସରରେ ୨୫ଟି ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳର ଲକ୍ଷପତି ଦିଦିଙ୍କ ସମେତ ସରକାରୀ ଅଧିକାରୀ, ଜାତିସଂଘ ପ୍ରତିଷ୍ଠାନ, ଜାତୀୟ ଗ୍ରାମୀଣ ଜୀବିକା ମିଶନ ଏବଂ ବିଭିନ୍ନ ରାଜ୍ୟ ଜୀବିକା ମିଶନର ଅଧିକାରୀମାନେ ମଧ୍ୟ ଅଂଶଗ୍ରହଣ କରିବେ।

# ଆଇସିଏମ୍‌ଏଆଇ ପକ୍ଷରୁ ସୋଆ ପ୍ରତିଷ୍ଠାତା ସଭାପତି ସମ୍ବର୍ଦ୍ଧିତ


**ଭୁବନେଶ୍ୱର, ୨୮ ।୫ (ସମିସ):** ଦେଶରେ ଶିକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ନିମନ୍ତେ ଶିକ୍ଷା ଓ ଅନୁସନ୍ଧାନ (ସୋଆ)ର ପ୍ରତିଷ୍ଠାତା ସଭାପତି ପ୍ରଫେସର୍ ଡ. ମନୋଜ ରଞ୍ଜନ ନାୟକଙ୍କୁ ଇନଷ୍ଟିଚ୍ୟୁଟ୍ ଅଫ୍ କଷ୍ଟ ଆଣ୍ଡ ମ୍ୟାନେଜେମେଣ୍ଟ ଆକାଉଣ୍ଟାଣ୍ଟସ୍ ଅଫ୍ ଇଣ୍ଡିଆ (ଆଇସିଏମ୍‌ଏଆଇ) ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ଆଇସିଏମ୍‌ଏଆଇ ଭୁବନେଶ୍ୱର ପକ୍ଷରୁ ଏହାର ବରିଷ୍ଠ ଅଧିକାରୀ ହେମନ୍ତ କୁମାର ବିଶ୍ୱାଳ ସୋଆ ବିଶ୍ୱବିଦ୍ୟାଳୟ କାର୍ଯ୍ୟାଳୟରେ ପ୍ରଫେସର୍ ନାୟକଙ୍କୁ ସାକ୍ଷାତ



କରିବା ସହ ସମ୍ବର୍ଦ୍ଧିତ କରିଥିଲେ। ଶିକ୍ଷା କ୍ଷେତ୍ରରେ ଅଭୂତପୂର୍ବ ଅବଦାନ ନିମନ୍ତେ ସୋଆ ଜାତୀୟ ଓ ଅନ୍ତର୍ଜାତୀୟସ୍ତରରେ ସୁନାମ ଅର୍ଜନ କରିଛି। ସେହିଭଳି ଶ୍ରୀ ନାୟକଙ୍କ ଔଦ୍ୟୋଗିକତା ଯାତ୍ରା ଏବଂ ସମାଜ ପ୍ରତି କିଛି କରିବାର ପ୍ରତିବଦ୍ଧତା ଅନ୍ୟମାନଙ୍କ ପାଇଁ ଉଦାହରଣ ସୃଷ୍ଟି କରିଛି ବୋଲି ଆଇସିଏମ୍‌ଏଆଇ ପକ୍ଷରୁ ପ୍ରଶଂସା କରାଯାଇଛି।

# ଏ.ଆଇ ଚିହ୍ନିବ ଥାଇରଏଡ୍ ରୋଗ

**ଭୁବନେଶ୍ୱର, ୨୮।୫ (ସମିସ):** ଦିନକୁ ଦିନ ବୃଦ୍ଧି ପାଉଛି ଥାଇରଏଡ୍ ରୋଗୀଙ୍କ ସଂଖ୍ୟା। ଶୀଘ୍ର ଏହି ରୋଗର ଚିହ୍ନଟ ନହେଲେ, ଏହା ବିପଜ୍ଜନକ ସାବ୍ୟସ୍ତ ହୋଇଥାଏ। ତେବେ ଏହି ରୋଗର ପ୍ରାରମ୍ଭିକ ନିର୍ଣ୍ଣୟରେ କୃତ୍ରିମ ବୁଦ୍ଧିମତ୍ତା (ଏଆଇ) ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି କହିଛନ୍ତି ଏମ୍ସ ଭୁବନେଶ୍ୱର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡ. ଆଶୁତୋଷ ବିଶ୍ୱାସ।




ଭୁବନେଶ୍ୱର ଏମ୍ସରେ ବିଶ୍ୱ ଥାଇରଏଡ୍ ଦିବସ ଭାବେ ପାଳନ ଅବସରରେ ଡ. ବିଶ୍ୱାସ ଆହୁରି କହିଛନ୍ତି ଯେ ଥାଇରଏଡ୍ ରୋଗର ପ୍ରାରମ୍ଭିକ ନିର୍ଣ୍ଣୟ ଏବଂ ପରିଚାଳନାକୁ ପରିବର୍ତ୍ତନ କରିବାକୁ କୃତ୍ରିମ ବୁଦ୍ଧିମତ୍ତା (ଏଆଇ)ର ଉପଯୋଗ ନିମନ୍ତେ ବ୍ୟବସ୍ଥା ହେଉଛି। ଏ.ଆଇ ମାଧ୍ୟମରେ ଏହି ରୋଗର ଚିହ୍ନଟ ସହ ବ୍ୟକ୍ତିକୈନ୍ଦ୍ରିକ ଔଷଧ ଏବଂ ଚିକିତ୍ସା ପ୍ରଦାନ କରାଯାଇପାରିବ। ବିଶେଷକରି, ଦେଶର ପ୍ରାୟ ୧୦ଜଣ ବୟସ୍କଙ୍କ ମଧ୍ୟରୁ ଜଣଙ୍କୁ ପ୍ରଭାବିତ କରୁଥିବା ହାଇପୋଥାଇରଏଡିଜମ୍‌ର ନିରାକରଣ କ୍ଷେତ୍ରରେ ଏହା ସହାୟକ ହେବ ବୋଲି ବିଶିଷ୍ଟ ସଂକ୍ରମଣ ରୋଗ ବିଶେଷଜ୍ଞ ସେ ପ୍ରକାଶ କରିଛନ୍ତି। ଏଆଇ ଥାଇରଏଡ୍‌ର ପ୍ରାରମ୍ଭିକ ନିର୍ଣ୍ଣୟରେ ସାହାଯ୍ୟ କରିବ, ରୋଗର ଅଗ୍ରଗତିକୁ ଅନୁସରଣ କରିବ ଓ ଫଳାଫଳ-ଆଧାରିତ ଔଷଧ ସମ୍ପର୍କରେ ସୂଚନା ଦେବ। ବିଶେଷକରି ଗ୍ରାମାଞ୍ଚଳ ଏବଂ ଅନୁନ୍ନତ ଅଞ୍ଚଳର ରୋଗୀଙ୍କୁ ଲାଭ ଦେବା ନେଇ ଡ. ବିଶ୍ୱାସ ସୂଚନା ପ୍ରଦାନ କରିଛନ୍ତି।

ମେଡିକାଲ୍ ସୁପରିଣ୍ଟେଣ୍ଡେଣ୍ଟ ଡ. ଦିଲ୍ଲୀପ କୁମାର ପରିଡ଼ା, ଡ. କହ୍ନେୟାଲାଲ ଅଗ୍ରୱାଲ ଓ ଅନ୍ୟ ବକ୍ତାମାନେ ପ୍ରାରମ୍ଭିକ ଥାଇରଏଡ୍ ରୋଗ ଚିହ୍ନଟର ଗୁରୁତ୍ୱ ଏବଂ ଏଆଇର ଭୂମିକା ବିଷୟରେ ଜନସାଧାରଣଙ୍କୁ ସଚେତନ କରିଥିଲେ। ଏହି ରୋଗରେ ପୀଡ଼ିତ ହେଲେ, ପ୍ରଜନନ ବୟସ ଗୋଷ୍ଠୀର ରୋଗୀମାନେ ବନ୍ଧ୍ୟାତ୍ୱ, ଋତୁସ୍ରାବ ଅନିୟମିତତା, ଆଳସ୍ୟ, ଦ୍ୱନ୍ଦ୍ୱ, ଉଚ୍ଚ ରକ୍ତଚାପ ଏବଂ ଓଜନ ବୃଦ୍ଧି ଭଳି ବିଭିନ୍ନ ସମସ୍ୟାର ସମ୍ମୁଖୀନ ହୋଇଥାଆନ୍ତି। ବୟସ୍କ ରୋଗୀମାନେ ଶୁଷ୍କ ଚର୍ମ, ଥକ୍କାପଣ, କୋଷ୍ଠକାଠିନ୍ୟ, ହୃଦଘାତ, ଏବଂ ଉଚ୍ଚ ରକ୍ତଚାପ ଭଳି ସମସ୍ୟା ସହିତ ଯୁଝିଥାଆନ୍ତି। ପ୍ରାରମ୍ଭିକ ରୋଗ ନିର୍ଣ୍ଣୟ ଏବଂ ଚିକିତ୍ସା ମାଇକ୍ସେଡେମା କୋମା, ପେରିକାର୍ଡିଆଲ୍ ଇଫ୍ୟୁଜନ, ହୃଦଘାତ ଏବଂ ମୃତ୍ୟୁ ଭଳି ଗମ୍ଭୀର ଜଟିଳତାକୁ ରୋକିପାରିବ।

# ଆଇନଜୀବୀ ଗୌତମ ଲେଙ୍କାଙ୍କୁ କାରଣ ଦର୍ଶାଅ ନୋଟିସ୍

**କଟକ, ୨୮ ।୫ (ସମିସ):** ଦେଶଦ୍ରୋହ ଅପରାଧରେ ଚାଉଳିଆଗଞ୍ଜ ପୁଲିସ୍ ଦ୍ୱାରା ଗିରଫ ହୋଇଥିବା ଅଭିଯୁକ୍ତ ଆଇନଜୀବୀ ଗୌତମ ଲେଙ୍କାଙ୍କୁ ରାଜ୍ୟ ଆଇନଜୀବୀ ପରିଷଦ କାରଣ ଦର୍ଶାଅ ନୋଟିସ୍ ଜାରି କରିଛି। ଗତ ୧୫ ତାରିଖରେ ଶ୍ରୀ ଲେଙ୍କା ଓ ଅନ୍ୟ ଜଣେ 'ପାକିସ୍ତାନ ଜିନ୍ଦାବାଦ' ନାରା ଦେବା ସହ ଏକ ଭିଡିଓ କ୍ଲିପ୍ ପ୍ରସ୍ତୁତ କରିଥିଲେ ଏବଂ ପରେ ତାହା ସାମାଜିକ ଗଣମାଧ୍ୟମରେ ଭାଇରାଲ ହୋଇଥିଲା। ଉକ୍ତ ଘଟଣାରେ ଚାଉଳିଆଗଞ୍ଜ ଥାନା ଅଧିକାରୀଙ୍କ ଏତଲାକ୍ରମେ ଦୁଇ ଅଭିଯୁକ୍ତଙ୍କ ବିରୁଦ୍ଧରେ ଚାଉଳିଆଗଞ୍ଜ ଥାନାରେ ଦେଶଦ୍ରୋହ ଅପରାଧରେ ଏକ ମାମଲା ରୁଜୁ କରାଯିବା ସହ ଉଭୟଙ୍କୁ ଗିରଫ କରାଯାଇଥିଲା। ଏହି ଘଟଣାକୁ ଗମ୍ଭୀରତାର ସହ ବିଚାରକୁ ନେଇ ଓଡ଼ିଶା ରାଜ୍ୟ ଆଇନଜୀବୀ ପରିଷଦ ତ୍ୱରିତ କାର୍ଯ୍ୟାନୁଷ୍ଠାନପୂର୍ବକ ଆଇନଜୀବୀ ଶ୍ରୀ ଲେଙ୍କାଙ୍କୁ ନୋଟିସ୍ ଜାରି କରିଛି। ଆଇନଜୀବୀ ଅଧିନିୟମର ଧାରା ୩୫ ଅନୁଯାୟୀ ତାଙ୍କ ବିରୁଦ୍ଧରେ କାହିଁକି ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଯିବ, ସେଥିପାଇଁ ନୋଟିସ୍ ଜାରି କରାଯାଇଛି। ୨୧ଦିନ ମଧ୍ୟରେ ସନ୍ତୋଷଜନକ ଉତ୍ତର ନ ମିଳିଲେ, ନିୟମ ଅନୁସାରେ ତାଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ପାଇଁ ଏହି ନୋଟିସ୍‌ରେ ଉଲ୍ଲେଖ କରାଯାଇଛି।

- **ପାକିସ୍ତାନ ଜିନ୍ଦାବାଦ ନାରା ଦେଇ ଗିରଫ ହୋଇଥିଲେ**
- **ଦେଶଦ୍ରୋହ ଅପରାଧରେ ଅନ୍ୟତମ ଅଭିଯୁକ୍ତ**


# ମେଡିକାଲରୁ ପିଲା ଚୋରି ଉଦ୍ୟମ

**ବାଲେଶ୍ୱର,୨୮ ।୫(ସମିସ):** ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ନବଜାତ ଶିଶୁ ଚୋରି ଘଟଣା ବଢ଼ି ଚାଲିଛି। ମଙ୍ଗଳବାର ବିଳମ୍ବିତ ରାତି ପ୍ରାୟ ୨ଟାରେ ସ୍ତ୍ରୀ ଓ ପ୍ରସୂତି ବିଭାଗରେ ଜଣେ ମହିଳାଙ୍କଠାରୁ ତାଙ୍କ ନବଜାତ ଶିଶୁକୁ ଦୁଇ ଜଣ ମହିଳା ଚୋରି କରିବାକୁ ଉଦ୍ୟମ କରିଥିଲେ। ପୁଲିସ ପହଞ୍ଚି ସମ୍ପୃକ୍ତ ଦୁଇ ମହିଳାଙ୍କୁ

**ଦୁଇ ମହିଳା ଅଟକ**

ଅଟକ ରଖି ପଚରାଉଚରା ଚଳାଇଛି। ଭୋଗରାଇ ଆରୁହାବୃତ୍ତି ଅଞ୍ଚଳର ସତ୍ୟବ୍ରତ ଦାସଙ୍କ ପତ୍ନୀ ସାଗରିକା ପ୍ରସବ ପାଇଁ ଗତ ୧୮ ତାରିଖରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଥିଲେ। ୧୯ ତାରିଖରେ ତାଙ୍କର ଏକ କନ୍ୟା ସନ୍ତାନ ଜନ୍ମ ହୋଇଥିଲା। ତେବେ ନବଜାତ ଶିଶୁକନ୍ୟାକୁ ଜଣ୍ଡିସ୍ ହୋଇଥିବାରୁ ତାକୁ ପ୍ରଥମେ ଏନ୍‌ଆଇସିୟୁରେ ରଖାଯାଇଥିଲା। ଗତକାଲି ବିଳମ୍ବିତ ରାତିରେ ଉକ୍ତ ଶିଶୁକନ୍ୟାକୁ ମେଡିକାଲ ମଧ୍ୟରୁ ଦୁଇଜଣ ମହିଳା ଚୋରି କରିବାକୁ ଉଦ୍ୟମ କରୁଥିବା ବେଳେ ସାଗରିକାଙ୍କର ନିଦ ଭାଙ୍ଗିଯାଇଥିଲା। ସେ ଚିତ୍କାର କରିବାରୁ ପିଲାଟିକୁ ଚୋରି ଉଦ୍ୟମ କରୁଥିବା ମହିଳା ଓ ସିସିଟିଭିକୁ ଅବରୋଧ କରି ଏକ ବ୍ୟାଗ୍ ଧରି ଠିଆ ହୋଇଥିବା ଅନ୍ୟ ଜଣେ ମହିଳା ଦୌଡ଼ିବାକୁ ଲାଗିଥିଲେ। ହେଲେ ସେଠାରେ ଥିବା ଲୋକେ ଦୁଇମହିଳାଙ୍କୁ କାବୁ କରି ପୁଲିସ୍ ଜିମା ଦେଇଥିଲେ। ଅଟକ ମହିଳାଦ୍ୱୟ ଖଡ଼ଗପୁରର ହେଲେ ବିଜୟା ବେହେରା ଓ ବେବି ନଗାଲ। ଘଟଣାର ତଦନ୍ତ ଚାଲିଥିବା ଟାଉନଥାନା ଅଧିକାରୀ ବିଜୟ କୁମାର ଦାସ କହିଛନ୍ତି। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ପୂର୍ବରୁ ଦୁଇ ଥର ମଧ୍ୟ ପିଲା ଚୋରି ଘଟଣା ଘଟିଛି।

# ସମ୍ପାଦକୀୟ



ମାତାଧିକ ଉତ୍ସାହ ଓ ଅନ୍ଧବିଶ୍ୱାସ ଜନିତ ବିଷର ପ୍ରଭାବକୁ ବିଜ୍ଞାନ ହିଁ ପ୍ରତିହତ କରିପାରିବ।
-ଆଦାମ ସ୍ମିଥ୍

ସକାଳ
THE SAKALA

## ଶତ୍ରୁ ମରିନି, ଯୁଦ୍ଧ ସରିନି

ଭାରତ ଓ ପାକିସ୍ତାନ ମଧ୍ୟରେ ୭୮ ଘଣ୍ଟାର ଯୁଦ୍ଧ ଓ ବିରାମକୁ ନେଇ ଏବେ ଚର୍ଚ୍ଚା ଆରମ୍ଭ ହୋଇଯାଇଛି। ଗୁଜରାଟରେ ସଭା ଓ ସମାବେଶ ମାଧ୍ୟମରେ ପ୍ରଧାନମନ୍ତ୍ରୀ ଦେଶର ଜନସମୁଦାୟଙ୍କୁ ବିଜୟର ବାର୍ତ୍ତା ଦେବାକୁ ଚାହିଁଛନ୍ତି। ଅନ୍ୟପକ୍ଷରେ ପାକିସ୍ତାନକୁ ମଧ୍ୟ ଧମକ ଓ ଚମକ ଦେବାକୁ ସେ ପଛେଇ ନାହାନ୍ତି। ଏହି ସୀମିତ ଯୁଦ୍ଧରେ କାହାର ଜିତ୍ ଓ ହାର ହେଲା, ତାହା ମଧ୍ୟ ସ୍ପଷ୍ଟ ହୋଇନାହିଁ। ଉଭୟ ଦେଶ ବିଜୟୋତ୍ସବ ପାଳନ କରୁଛନ୍ତି। ପାକିସ୍ତାନ ମଧ୍ୟ ତାର ସେନାଧକ୍ଷ ଜେନେରାଲ ମୁନୀରଙ୍କୁ ଫିଲ୍ଡମାର୍ଶାଲ ପଦବୀକୁ ପଦୋନ୍ନତି ଦେଇ ବିଜୟ ସନ୍ଦେଶ ଦେଇଛି କହିଲେ ଭୁଲ ହେବ ନାହିଁ। ଆମେ ବିଳମ୍ବରେ ହେଲେ ମଧ୍ୟ ଭାରତରେ ତ୍ରିରଙ୍ଗା ଯାତ୍ରା କରିଛୁ। ତାହାହେଲେ କ'ଣ କହିବା ଯୁଦ୍ଧ ଅମୀମାଂସିତ ରହିଛି? ଏପର୍ଯ୍ୟନ୍ତ ଭାରତ ସରକାରଙ୍କ ପକ୍ଷରୁ ଯେଉଁ ତଥ୍ୟ ପ୍ରଦାନ କରାଯାଉଛି ସେଥିରୁ ସ୍ପଷ୍ଟ ଯେ ପାକିସ୍ତାନର ୯ଟି ଆତଙ୍କୀ ଆଡ୍ଡା ଧ୍ୱଂସ ହୋଇଛି। ସେ ଦେଶର ବାୟୁସେନା ଭିତ୍ତିଭୂମିର ୨ ପ୍ରତିଶତ ଆମ କ୍ଷେପଣାସ୍ତ୍ର ମାଡ଼ରେ କ୍ଷତିଗ୍ରସ୍ତ ହୋଇଛି। ଆମ କ୍ଷୟକ୍ଷତି ସମ୍ପର୍କରେ ଏତିକି କୁହାଯାଇପାରେ ଯେ ପୁଞ୍ଚ ଓ ରଜୌରି ନିକଟରେ ନିୟନ୍ତ୍ରଣ ରେଖା ସଂଲଗ୍ନ ଗ୍ରାମ ଉପରେ ହୋଇଥିବା ଗୁଳିଗୋଳା ବର୍ଷଣରେ ବେଶ କିଛି ଘରଦ୍ୱାର ଭାଙ୍ଗିଛି ଏବଂ ୨୦ରୁ ଊର୍ଦ୍ଧ୍ୱ ପ୍ରାଣହାନି ଘଟିଛି। ଯୁଦ୍ଧ ବିରତି ଏଥିମଧ୍ୟରେ ୧୫ ଦିନ ଅତିକ୍ରମ କରିଥିଲେ ମଧ୍ୟ ଏ ଯାବତ ସଂପୂର୍ଣ୍ଣ ତଥ୍ୟ ହସ୍ତଗତ ହୋଇନାହିଁ।

ଏକଥା ସତ ଯେ ବ୍ୟୟବହୁଳ ଯୁଦ୍ଧ ଦେଶର ଅର୍ଥନୀତି ଉପରେ ପ୍ରତିକୂଳ ପ୍ରଭାବ ପକାଇଥାଏ। ତଥାପି ଦେଶର ସମ୍ମାନ ଓ ମର୍ଯ୍ୟାଦା ରକ୍ଷା ପାଇଁ ଯୁଦ୍ଧର ବାଧ୍ୟବାଧକତା ରହିଛି। ଦୀର୍ଘ ୩୫ ବର୍ଷ ଧରି ପାକିସ୍ତାନ ଆତଙ୍କବାଦୀଙ୍କ ମାଧ୍ୟମରେ ଭାରତ ବିରୋଧରେ ଯେଉଁ ଛାୟା ଯୁଦ୍ଧ ଚଳାଇଆସିଛି ତାହାର ଉଚିତ୍ ଜବାବ ଦେବାର ଥିଲା। ଉରି ଓ ପୁଲୱାମା ଘଟଣାର ଯଥାର୍ଥ ଉତ୍ତର ଦିଆଯାଇଥିଲେ ମଧ୍ୟ ପହଲଗାମ୍ ଭଳି ନୃଶଂସ ଘଟଣାର ପୁନରାବୃତ୍ତି ଘଟିଲା। ତେଣୁ 'ଅପରେସନ ସିନ୍ଦୂର' ପରେ ପାକିସ୍ତାନ ଯେ ଆତଙ୍କବାଦୀ କାର୍ଯ୍ୟକଳାପରୁ ନିବୃତ୍ତ ରହିବ ଏକଥା ନୁହେଁ। ଆମକୁ ଏଠାରେ କହିବାକୁ ପଡୁଛି ଯେ ଯେଉଁ ଆତଙ୍କକେନ୍ଦ୍ରକୁ ଧ୍ୱଂସ କରାଯାଇଛି ବୋଲି ଆମେ ଦାବି କରୁଛୁ, ସେଠାରେ ପୁନଃନିର୍ମାଣ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଗଲାଣି। ବାୟୁ ସେନା କେନ୍ଦ୍ରର କ୍ଷତି ନେଇ ପାକିସ୍ତାନ ଯେ ବ୍ୟସ୍ତ ବିବ୍ରତ ନୁହେଁ ତାହା ସେମାନଙ୍କ ପରିବର୍ତ୍ତିତ ଅଭିମୁଖ୍ୟରୁ ସ୍ପଷ୍ଟ। ପାକିସ୍ତାନର ଭାରତ ବିରୋଧୀ ରଣନୀତିର ଆତଙ୍କବାଦୀ ଅଂଶବିଶେଷ ହୋଇଥିବାରୁ ତାହାର ପୁନରାବୃତ୍ତି ଘଟିବା ପ୍ରାୟ ନିଶ୍ଚିତ। ଏ କ୍ଷେତ୍ରରେ ଭାରତର ଉତ୍ତରକୁ ଠିକଣା ଜବାବ ଦେବା ସକାଶେ ମଧ୍ୟ ପାକିସ୍ତାନ ସାମରିକ ପ୍ରସ୍ତୁତି ଆରମ୍ଭ କରିଛି। ସମୟ କହିବ ଆଗକୁ କ'ଣ ଘଟିବ। କିନ୍ତୁ ପାକିସ୍ତାନର ଆର୍ଥିକ ସ୍ଥିତି ଯାହା, ସେଥିରେ ଏଭଳି ଏକ ପ୍ରତିଯୋଗିତାପୂର୍ଣ୍ଣ ସାମରିକ ପ୍ରସ୍ତୁତି ପାଇଁ ସେ ଦେଶବାସୀଙ୍କୁ ବେଶ ମୂଲ୍ୟ ଦେବାକୁ ପଡ଼ିବ।

ବିଶ୍ୱର କୂଟନୀତି ଓ ଯୁଦ୍ଧନୀତିର ପ୍ରମୁଖ ଅଂଶ ହେଲା ଅସ୍ତ୍ରଶସ୍ତ୍ର ବେପାର। ଭାରତ ଓ ପାକିସ୍ତାନର ସୀମିତ ଯୁଦ୍ଧରେ ଚୀନର ଅତ୍ୟାଧୁନିକ ଯୁଦ୍ଧ ବିମାନ ଓ ଅସ୍ତ୍ରଶସ୍ତ୍ର ପରୀକ୍ଷଣର ଯେଉଁ ସୁଯୋଗ ମିଳିଲା ତାହା କେବଳ ଦକ୍ଷିଣ-ଏସିଆ ନୁହେଁ, ପାଶ୍ଚାତ୍ୟ ରାଷ୍ଟ୍ରରେ ମଧ୍ୟ ଆଲୋଚନାର ବିଷୟବସ୍ତୁ ହୋଇପଡ଼ିଛି। 'ଜେଏଫ-୧୭ ଥଣ୍ଡର' ଯୁଦ୍ଧ ବିମାନର ବଜାର ସୃଷ୍ଟି କରିପାରିଛି ଏହି ଯୁଦ୍ଧ। ନିଜସ୍ୱ ଜ୍ଞାନକୌଶଳରେ ନିର୍ମିତ ଭାରତର ହାଲୁକା ଯୁଦ୍ଧ ବିମାନ 'ତେଜସ୍' ଏହାର ପ୍ରତିଦ୍ୱନ୍ଦ୍ୱୀ। ସେହିଭଳି 'ବ୍ରହ୍ମୋସ୍' ଓ 'ଆକାଶ' କ୍ଷେପଣାସ୍ତ୍ର ପ୍ରୟୋଗର ସଫଳତା ମଧ୍ୟ ବାହାରେ ବଜାର ଚାହିଦା ବଢ଼ାଇଛି। ପର୍ଯ୍ୟବେକ୍ଷକଙ୍କ ମତରେ ଭାରତ ଓ ପାକିସ୍ତାନ ଅପେକ୍ଷା ଯୁଦ୍ଧରେ ସବୁଠାରୁ ଅଧିକ ଲାଭବାନ ହୋଇଛି ଚୀନ। 'ଅପରେସନ ସିନ୍ଦୂର'ର ସଫଳତା ଯାହା ହେଉନା କାହିଁକି ଆମକୁ 'ତେଜସ୍ ଏମ୍‌କେ-୨' ଓ 'ପିନାକ' କ୍ଷେପଣାସ୍ତ୍ର ପ୍ରସ୍ତୁତି ପ୍ରତି ଅଧିକ ଧ୍ୟାନ ଦେବାକୁ ପଡ଼ିବ। ଏଥିମଧ୍ୟରେ ପଞ୍ଚମ ପିଢ଼ି ଯୁଦ୍ଧ ବିମାନ ପ୍ରସ୍ତୁତି ସକାଶେ ଫ୍ରାନ୍ସ ଓ ରୁଷ ସହ ଯୋଗାଯୋଗରେ ଅଛି ଭାରତ। ଏକଥା ଉଲ୍ଲେଖ କରିବାର କଥା ହେଲା ପ୍ରତିରକ୍ଷା ବାବଦରେ ଆମକୁ ଅଧିକରୁ ଅଧିକ ସାମରିକ ଖର୍ଚ୍ଚ କରିବାର ବାଧ୍ୟବାଧକତା ସୃଷ୍ଟି ହୋଇଛି। ତେଣୁ ଦେଶର ଅର୍ଥନୈତିକ ଅଭିବୃଦ୍ଧି ଓ ବିକାଶ ଧାରାରେ ଶିଥିଳତା ପରିଲକ୍ଷିତ ହେବା ଏକପ୍ରକାର ନିଶ୍ଚିତ।

ଏ ପର୍ଯ୍ୟନ୍ତ ସରକାର ମୁହଁ ଖୋଲିନଥିଲେ ମଧ୍ୟ ଚଳିତ ଯୁଦ୍ଧରେ ରାଫାଲ୍ ଯୁଦ୍ଧ ବିମାନ ଯେ ଆଶାନୁରୂପ ସଫଳତା ଦେଇପାରିନାହିଁ ଏକଥା ସତ। ବଜାର ଦର ଠାରୁ ଅଧିକ ମୂଲ୍ୟ ଦେଇ ଅତିରିକ୍ତ ସରଞ୍ଜାମରେ ସୁସଜ୍ଜିତ ରାଫଲ୍ କ୍ରୟବେଳେ ତାହାର ସିକ୍ରେଟ୍ କୋଡ୍ ହାସଲ ନ କରି ଭାରତ ସରକାର ଫସିଯାଇଛନ୍ତି। 'ବ୍ରହ୍ମୋସ୍' ସମେତ ଅନ୍ୟାନ୍ୟ କ୍ଷେପଣାସ୍ତ୍ର ଖଞ୍ଜି. ସେହି ଯୁଦ୍ଧ ବିମାନରୁ ଶତ୍ରୁପକ୍ଷ ଉପରେ ଆକ୍ରମଣ କରିବାର ସୁଯୋଗରୁ ବଞ୍ଚିତ ହୋଇଛି ଭାରତ। ଏହି ଯୁଦ୍ଧ ବିମାନ କ୍ରୟକୁ କେନ୍ଦ୍ର କରି ସରକାର ଯେଉଁ ବିବାଦୀୟ ପରିସ୍ଥିତିର ସମ୍ମୁଖୀନ ହୋଇଥିଲେ ତାହା ଏବେ ବି ଦେଶବାସୀଙ୍କ ମନରୁ ଲିଭିନାହିଁ। ନୌବାହିନୀ ସକାଶେ ଡାସଲ୍ଟ ଆଭିଏସନ୍ କମ୍ପାନୀ ସହ କରିଥିବା ଦ୍ୱିତୀୟ ଚୁକ୍ତିକୁ ଶେଷରେ ଭାରତ ସରକାର ରଦ୍ଦ କରିବା ଭଳି ପରିସ୍ଥିତି ଉପୁଜିଛି। ଏକଥା ସତ ଯେ ବିଫଳତାରୁ ହିଁ ଶିକ୍ଷା ଲାଭ କରିହୁଏ। ଏ ପର୍ଯ୍ୟନ୍ତ ଯୁଦ୍ଧବିମାନ କ୍ରୟ ନେଇ ରୁଷ୍ ଉପରେ ନିର୍ଭର କରିଆସୁଥିବା ଭାରତ ସରକାର ମିଗ୍-୩୦ କ୍ରୟ ନ କରି ହଠାତ୍ ରାଫାଲ୍ ପ୍ରତି ଆକର୍ଷିତ ହେବା ପଛରେ ଅନିଲ୍ ଅମ୍ବାନୀଙ୍କ ଭୂମିକା ମଧ୍ୟ ସନ୍ଦେହରୁ ଊର୍ଦ୍ଧ୍ୱରେ ନୁହେଁ। ତତ୍‌କାଳୀନ ପ୍ରତିରକ୍ଷା ମନ୍ତ୍ରୀ ମନୋହର ପାରିକରଙ୍କ ଆପତ୍ତିକୁ ସେତେବେଳେ ଗୁରୁତ୍ୱ ଦିଆଯାଇନଥିଲା। ସେ ଯାହାହେଉ ଏବେ ଅବସ୍ଥାକୁ ଦେଖି ବ୍ୟବସ୍ଥା କରିବାକୁ ହେବ।

ଏହା ପାକିସ୍ତାନ ସହ ଯୁଦ୍ଧବିରାମ ନେଇ କ'ଣ ପ୍ରାକ୍ ସର୍ତ୍ତ ଥିଲା ତାହା ଏବେ ମଧ୍ୟ ଅସ୍ପଷ୍ଟ। କିନ୍ତୁ ଏହା ସତ ଯେ ଆତଙ୍କବାଦ କାର୍ଯ୍ୟକଳାପ ପୂର୍ବଭଳି ଅପରିବର୍ତ୍ତିତ ରହିବ। କାରଣ ସେମାନେ ହେଉଛନ୍ତି ପାକିସ୍ତାନ ଶାସନ ବ୍ୟବସ୍ଥାର ଅଂଶବିଶେଷ। ସୁଖର କଥା ଯେ ମୋଦୀ ସରକାର କ୍ରମାଗତ ତୃତୀୟ ଥର ସକାଶେ ଆତଙ୍କବାଦ ବିରୋଧରେ ସାମରିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। ଆଗକୁ ଏହି ସାମରିକ କାର୍ଯ୍ୟାନୁଷ୍ଠାନ ଆହୁରି ଭୟାବହ ହେବ। ଉଭୟ ପକ୍ଷର ପ୍ରସ୍ତୁତିରୁ ଏହା ସ୍ପଷ୍ଟ ହେଉଛି।

# ସହରୀ ଗଛର ବେସାହାରା ଜୀବନ

ଡ. ବିଜୟକେତନ ପଟ୍ଟନାୟକ

ଭାରତ ସମେତ ସାରା ବିଶ୍ୱରେ ସହରୀକରଣ ଦ୍ରୁତ ଗତିରେ ବଢ଼ି ଚାଲିଛି। ପୃଥିବୀର ମୋଟ ଲୋକସଂଖ୍ୟାର ୫୦ ପ୍ରତିଶତ ଏବେ ସହରାଞ୍ଚଳରେ ବସବାସ କରୁଛନ୍ତି। ଆକଳନ ମୁତାବକ, ୨୦୫୦ ବେଳକୁ ସହରୀ ଲୋକଙ୍କ ସଂଖ୍ୟା ୭୦ ପ୍ରତିଶତକୁ ବୃଦ୍ଧି ପାଇପାରେ। ୨୦୧୧ ଜନଗଣନା ଅନୁସାରେ, ଆମ ଦେଶରେ ସହର ସଂଖ୍ୟା ଥିଲା ୭,୯୪୫। ୧୯୦୧ ଗଣନା ଅନୁସାରେ, ଦେଶର ସହରାଞ୍ଚଳରେ ବସବାସ କରୁଥିବା ଲୋକଙ୍କ ସଂଖ୍ୟା ମୋଟ ଜନସଂଖ୍ୟାର ୧୦.୮୪ ଥିବା ବେଳେ ସର୍ବଶେଷ ୨୦୧୧ ଜନଗଣନା ଅନୁଯାୟୀ ଏହି ସଂଖ୍ୟା ୩୨.୨ ପ୍ରତିଶତକୁ ବୃଦ୍ଧି ପାଇଛି। ସହରବାସୀଙ୍କ ସଂଖ୍ୟା ସେବେ ଥିଲା ୩୭.୭ କୋଟି। ଏବେ ଏହି ସଂଖ୍ୟା ୫୦ କୋଟି ପାର କରି ସାରିବଣି। ସହର ସଂଖ୍ୟା ମଧ୍ୟ ୪୦୦୦ରୁ ଅଧିକ ହେଲାଣି। ଆପାତତଃ ଦେଶରେ ସହରୀକରଣର ହାର ୨୦୦୧ରେ ୨୭.୭ ପ୍ରତିଶତ ଥିଲାବେଳେ, ୨୦୧୧ ବେଳକୁ ୩୧.୧ ପ୍ରତିଶତକୁ ବୃଦ୍ଧି ପାଇଛି।

ବିଗତ ଦୁଇବର୍ଷ ହେଲା 'ସହରୀ ଦ୍ୱୀପ ଉତ୍ତପ୍ତୀକରଣ ପ୍ରଭାବ (ହିଟ୍ ଆଇଲ୍ୟାଣ୍ଡ ସିଣ୍ଡ୍ରୋମ) ଅନେକ ପ୍ରମୁଖ ସହରାଞ୍ଚଳରେ ଦେଖିବାକୁ ମିଳୁଛି। ସହରର ତାପମାତ୍ରା ଗ୍ରୀଷ୍ମ ଋତୁରେ ୪୦ ଡିଗ୍ରୀ ସେଣ୍ଟିଗ୍ରେଡରୁ ଅଧିକ ରହୁଛି। ହିଟ୍ ଆଇଲ୍ୟାଣ୍ଡ ଉପସର୍ଗ ହେଉଛି, ସହରାଞ୍ଚଳ ଏକ ଛୋଟ ଜଙ୍ଗଲ ବା ଗ୍ରାମାଞ୍ଚଳ। ଗ୍ରୀଷ୍ମ ଋତୁରେ ବାହାରର ତାପମାତ୍ରା ତୁଳନାରେ ସହରର ତାପମାତ୍ରା ୩ ରୁ ୪ ଡିଗ୍ରୀ ସେଣ୍ଟିଗ୍ରେଡ ଅଧିକ ଅନୁଭୂତ ହୋଇଥାଏ। ଆମ ରାଜ୍ୟରେ ମଧ୍ୟ ଗତ ଗ୍ରୀଷ୍ମଋତୁରେ ଏହି ପ୍ରଭାବ ଝାରସୁଗୁଡ଼ା, ଟିଟିଲାଗଡ଼, ବଲାଙ୍ଗୀର, ଅନୁଗୁଳ-ତାଳଚେର ଓ ଭୁବନେଶ୍ୱରରେ ଦେଖିବାକୁ ମିଳିଛି, ଯେଉଁଠି ତାପମାତ୍ରା ବେଳେବେଳେ ୪୫ ଡିଗ୍ରୀକୁ ଟପିଯାଏ।

ଏହି ପରିପ୍ରେକ୍ଷୀରେ ମିଳିତ ଜାତିସଂଘର ହାବିଟାଟ ପ୍ରେସକ୍ରିପସନ୍ ହେଉଛି ୩-୩୦.-୩୦୦, ଯାହା ଅତ୍ୟନ୍ତ ଉପଯୋଗୀ। ଏହାର ଅର୍ଥ ହେଲା, ପ୍ରତ୍ୟେକ ବାସଗୃହ, କାର୍ଯ୍ୟସ୍ଥଳୀ, ସ୍କୁଲ ହତା ନିକଟରେ ଅତିକମରେ ତିନୋଟି ପ୍ରାପ୍ତ ବୟସ୍କ ଗଛ ଦେଖିବାକୁ ମିଳୁଥିବ, ଚତୁଃପାର୍ଶ୍ୱରେ ୩୦ଟି ବଡ଼ ଗଛ ଶୋଭା ପାଉଥିବ। ସେହିପରି ପ୍ରତ୍ୟେକ ୱାର୍ଡରେ ୩୦୦ ମିଟର ଚାଲିକରି ବା ସାଇକେଲ୍‌ରେ ଗଲେ ଅଧ ହେକ୍ଟରରୁ ଏକ ଏକର ଆୟତନର ପାର୍କ ବା ସବୁଜ ପ୍ରାନ୍ତରଟିଏ ଥିବ। ମିଳିତ ଜାତିସଂଘ ତରଫରୁ ଘୋଷଣା ହୋଇଥିବା ଏହି ୩-୩୦-୩୦୦ ନୀତି କିପରି ପାଳନ ହେବ ତାହା ବିଚାର୍ଯ୍ୟ। କିଛିବର୍ଷ ପୂର୍ବରୁ ସହରାଞ୍ଚଳରେ ବାସଗୃହଟିଏ ନିର୍ମାଣ କଲେ ଭୁବନେଶ୍ୱରର ଉନ୍ନୟନ କର୍ତ୍ତୃପକ୍ଷ ପ୍ଲାନ୍ ଅନୁମୋଦନ କରୁଥିଲେ। ଅନୁମୋଦନ ପତ୍ରରେ ନିର୍ଦ୍ଦିଷ୍ଟ ଥିଲା, ଗୃହ ନିର୍ମାଣ କଲାବେଳେ ଆଗରେ ଦଶଫୁଟ ଏବଂ ପଛପଟେ ଓ ଅନ୍ୟ ଦୁଇପଟେ ପାଞ୍ଚ ଫୁଟ ଲେଖାଏଁ ଯାଗା ଛାଡ଼ିବା ଉଚିତ। ଏବେ ସେ ନିୟମ ବଦଳି ଗଲାଣି। ଆଗରେ ପୂର୍ବଭଳି ଦଶଫୁଟ ଛାଡ଼ିବାର ବ୍ୟବସ୍ଥା ଥିଲାବେଳେ ଅନ୍ୟ ତିନିପଟେ ପାଞ୍ଚଫୁଟ ଛାଡ଼ିବା ନିୟମଟା କମିଯାଇ ତିନିଫୁଟ କରାଯାଇଛି। ସେଥିରୁ ଫୁଟେ ପାଚେରୀ ଚାଲିଗଲେ ଆଉ ରହିବ ମାତ୍ର ଦୁଇଫୁଟ। କହିଲେ ଦୁଇଫୁଟରେ କେଉଁ ବଡ଼ ଗଛ ଲଗାଯାଇପାରିବ, ଯାହା ଭବିଷ୍ୟତରେ ପାଖ ପାଚେରିରୁ ଫଟାଇବ ନାହିଁ?

ନିକଟ ଅତୀତରେ ଆଇ.ଆଇ.ଟି ଭୁବନେଶ୍ୱର, 'ସହରୀ ଦ୍ୱୀପ ଉତ୍ତପ୍ତୀକରଣ' ସନ୍ଦର୍ଭରେ ଭୁବନେଶ୍ୱର ଉପରେ ଏକ ଅଧ୍ୟୟନ କରିଥିଲେ। ସେମାନଙ୍କ ଅନୁଶୀଳନର ନିଷ୍କର୍ଷ ଥିଲା - ନିକଟସ୍ଥ ଗ୍ରାମାଞ୍ଚଳ ତୁଳନାରେ ଭୁବନେଶ୍ୱର ସହର ଅଧିକ ଉତ୍ତପ୍ତ ହେବାର କାରଣଗୁଡ଼ିକ ହେଲା, ଦ୍ରୁତ ସହରୀକରଣ ଫଳରେ ଗୃହନିର୍ମାଣ ସ୍ଥାନର ବ୍ୟାପକ ବୃଦ୍ଧି, ସହରର ସବୁଜିମା ବା ସବୁଜ ବଳୟ ହ୍ରାସ, ଖୋଲାସ୍ଥାନ କମିଯିବା ଏବଂ ଆର୍ଦ୍ରଭୂମି, ନଦୀ, ନାଳର ପରିସୀମା ସଂକୁଚିତ ହେବା ଇତ୍ୟାଦି। ସହରର ମୁଖ୍ୟ ରାସ୍ତାରୁ ବାହାରିଥିବା ଗଳି ରାସ୍ତାଗୁଡ଼ିକ ସିମେଣ୍ଟ କଂକ୍ରିଟ ବା ପିଚୁ କରିଦେବା ଫଳରେ ଏହା ସୂର୍ଯ୍ୟାଲୋକରୁ ଉତ୍ତାପ ଆହରଣ କରୁଛି। କିନ୍ତୁ ବିକିରିତ ଉତ୍ତାପ ସହରର କୋଠାବାଡ଼ି ଓ ବହୁତଳ ପ୍ରାସାଦ ଭିତରେ ବନ୍ଦୀ ହୋଇ ରହିଯାଉଛି। ବାଷ୍ପୀକରଣ ପ୍ରକ୍ରିୟାରେ ଏହା ବାହାରକୁ ଯାଇପାରୁନାହିଁ। ଗତ ୧୫ ବର୍ଷ ଭିତରେ ଭୁବନେଶ୍ୱରର ସହରୀକରଣ ୮୩ ପ୍ରତିଶତ ବୃଦ୍ଧି ପାଇଛି। ସେହି ପରିମାଣରେ ଅର୍ଥାତ୍ ୮୦ ପ୍ରତିଶତ ସବୁଜିମା ହ୍ରାସ ପାଇଛି। ଆର୍ଦ୍ରଭୂମି ୨ ପ୍ରତିଶତ ଏବଂ ସହର ଚତୁଃପାର୍ଶ୍ୱରେ ଥିବା ଚାଷଜମିର ଆୟତନ ମଧ୍ୟ ୮୩ ପ୍ରତିଶତ ହ୍ରାସ ପାଇଛି।

କେତୋଟି ଉଦାହରଣ ଏଠି ଦିଆଯାଇପାରେ। ଭୁବନେଶ୍ୱର ଦକ୍ଷିଣ ପଟକୁ ଖୋର୍ଦ୍ଧା ପର୍ଯ୍ୟନ୍ତ ଯାଇଥିବା ରାଜରାସ୍ତାର ଉଭୟ ପାର୍ଶ୍ୱରେ ଥିବା ଚାଷ ଜମିରେ ଘର, ଦୋକାନ, ବଜାର ଆଦି ଗଢ଼ି ଉଠିଲାଣି। ପଶ୍ଚିମ ପଟେ ଚନ୍ଦକା ପର୍ଯ୍ୟନ୍ତ ଥିବା ଜଙ୍ଗଲ କଟାଯାଇ ବସତି ସ୍ଥାପିତ ହୋଇଛି। ସହର ଭିତରେ ଯାଇଥିବା ରାସ୍ତା ପ୍ରଶସ୍ତକରଣ ନିମନ୍ତେ ପଥପାର୍ଶ୍ୱ ବନୀକରଣରେ ଲାଗିଥିବା ଗଛଗୁଡ଼ିକୁ ବାରମ୍ବାର କଟାଯାଉଛି। ପୂର୍ବେ ଭୁବନେଶ୍ୱରରୁ ବର୍ଷାଜଳ ଓ ଆବର୍ଜନା ନିଷ୍କାସନ ନିମନ୍ତେ ସାତ/ଆଠଟି ପ୍ରାକୃତିକ ଜଳ ନିଷ୍କାସନ ପ୍ରଣାଳୀ ଥିଲା। ସେଗୁଡ଼ିକ ଏବେ ପୋତି ହୋଇ ତା' ଉପରେ କୋଠାବାଡ଼ି ନିର୍ମାଣ ହେଲାଣି, ଯାହା ସହରରୁ ଜଳ ନିଷ୍କାସନ ହେବାରେ ଅବରୋଧ ସୃଷ୍ଟି କରୁଛି।

ପ୍ରତିବର୍ଷ ସହରର ମୁଖ୍ୟ ରାସ୍ତାରେ ଥିବା ମଧ୍ୟବର୍ତ୍ତୀ ଅଞ୍ଚଳରେ ଏବଂ ଗଳି ରାସ୍ତାର ଦୁଇପାର୍ଶ୍ୱରେ ନିମ୍ବ, କରଞ୍ଜ, ଶାଗୁଆନ, ବଉଳ, ଚମ୍ପା ଆଦି ଚିରସବୁଜ ବୃକ୍ଷରୋପଣ କରାଯାଉଛି। କିଛିବର୍ଷ ଖାଲିଥିବା ପ୍ଲଟ୍‌ରେ କେହି ଘର ନିର୍ମାଣ କାର୍ଯ୍ୟ ଆରମ୍ଭ କଲେ, ସାମ୍ନାରେ ଥିବା ଗଛଗୁଡ଼ିକୁ କାଟି ଦିଅନ୍ତି। କଥାରେ ଅଛି, 'ଅରକ୍ଷିତକୁ ଦଇବ ସାହା'। କିନ୍ତୁ ଏଠି ରାସ୍ତାକଡ଼ରେ ଲଗାଯାଇଥିବା ଗଛର ସାହା, ଭରସା କେହି ନାହାନ୍ତି। ସେଗୁଡ଼ିକ ସଂପୂର୍ଣ୍ଣ ରୂପେ ବେସାହାର। କେହି ସଚେତନ ନାଗରିକ ଚାହିଁଲେ ବି କିଛି ଫଳ ମିଳେନା। ଧରନ୍ତୁ ଗଛଟିଏ କିଏ କାଟିଦେଲା ଏବଂ ଆପଣ ପୁଲିସକୁ ଫୋନ କରି ଏକଥା ଜଣାଇଲେ। ସେମାନଙ୍କଠାରୁ ଉତ୍ତର ଆସିବ, ଆପଣ ବନବିଭାଗକୁ ଜଣାନ୍ତୁ। ନିକଟସ୍ଥ ବନଖଣ୍ଡ ଅଧିକାରୀଙ୍କୁ ଫୋନ କଲେ, ସେ ମହାଶୟ ସବୁକଥା ଶୁଣିସାରିଲା ପରେ କହିବେ, ବନ ଉନ୍ନୟନ ନିଗମକୁ ରାସ୍ତା କଡ଼ରେ ଗଛ ଲଗାଇବାର ଦାୟିତ୍ୱ ଦିଆଯାଇଥିଲା। ସେମାନଙ୍କୁ ଅବଗତ କରାନ୍ତୁ। ବନ ନିଗମର ଡିଭିଜନାଲ ମ୍ୟାନେଜରଙ୍କୁ ଜଣାଇଲେ ସେ କହିବେ, ଆମେ ଗଛ ଲଗାଇବାର ତିନିବର୍ଷ ପରେ ସେଗୁଡ଼ିକୁ ମହାନଗର ନିଗମକୁ ହସ୍ତାନ୍ତର କରିଦେଉ। ତେଣୁ ଏବେ ସେମାନେ ହିଁ ଗଛର ମାଲିକ। ମହାନଗର ନିଗମର କ୍ଷେତ୍ର ଅଧିକାରୀଙ୍କୁ ଜଣାଇଲେ ସେ କୁହନ୍ତି, ଗଛ ପାଇଁ ଏଫ.ଆଇ.ଆର୍ ଦାଖଲ ହୋଇ ପାରିବ କି ନାହିଁ ମୋତେ ଜଣାନାହିଁ। ଆପଣ ସମସ୍ତ ବିଷୟ ଲେଖି ଦରଖାସ୍ତଟିଏ ଦିଅନ୍ତୁ। ଆମେ ବିଚାର କରି ନିଷ୍ପତ୍ତି ନେବୁ। କଥା ସେଇଠି ରହିଯାଏ।

ରାସ୍ତା କଡ଼ରେ ଲଗାଯାଇଥିବା ଗଛର ରକ୍ଷଣାବେକ୍ଷଣା ପାଇଁ, ଏପରି ସମସ୍ୟା ସୃଷ୍ଟି ହେବାର ମୂଳ କାରଣ ହେଲା, ଭୁବନେଶ୍ୱର ବା ଅନ୍ୟ ସହର ପାଇଁ ଓଡ଼ିଶାରେ 'ଟ୍ରି-ଆକ୍ଟ' ଟିଏ ନାହିଁ। ଅଥଚ ଦିଲ୍ଲୀ, ଚେନ୍ନାଇ, ମୁମ୍ବାଇ ଓ ବେଙ୍ଗାଲୁରୁ ସହରରେ 'ଟ୍ରି ପ୍ରୋଟେକସନ ବା ପ୍ରିଜରଭେସନ ଆକ୍ଟ' ରହିଛି। ସେ ସବୁ ସହରରେ ରାସ୍ତାକଡ଼ରୁ ଗଛକୁ ଅନିୟମିତ ଭାବେ କାଟିବା ବା କ୍ଷତି ପହଞ୍ଚାଇବା ଦଣ୍ଡନୀୟ।

ଆମେ ସମସ୍ତେ ଜାଣିଛେ, ସହରାଞ୍ଚଳରେ ପ୍ରଚୁର ପରିମାଣରେ ବୃକ୍ଷରୋପଣ କେତେ ଜରୁରୀ। ହିଟ୍ ଆଇଲ୍ୟାଣ୍ଡ ପ୍ରଭାବକୁ ରୋକିବା ସହିତ ଏହା ପରିବେଶକୁ ବିଶୁଦ୍ଧ ରଖେ। ଛାୟା ପ୍ରଦାନ କରି ବାତାବରଣକୁ ସୁଶୀତଳ ରଖେ। ବାୟୁରୁ ଧୂଳିକଣା, ସୂକ୍ଷ୍ମ କଣିକାମାନ ଛାଣିନେଇ ପ୍ରଦୂଷଣ ମୁକ୍ତ କରେ। ବୃଷ୍ଟିଜଳକୁ ସଂରକ୍ଷଣ କରି ଭୂତଳ ଜଳସ୍ତର ବୃଦ୍ଧି କରିବାରେ ସହାୟକ ହୁଏ। ଯାନବାହନ ଚଳାଚଳ କରୁଥିବା ସହରର ରାଜରାସ୍ତାର ଦୁଇପଟେ ୧୦ ମିଟର ଓସାରରେ ଗଛ ଲାଗିଥିଲେ ଶବ୍ଦ ପ୍ରଦୂଷଣ ପାଞ୍ଚ ଡେସିମେଲ୍ ପର୍ଯ୍ୟନ୍ତ କମିଯାଏ। ସହର ଭିତର ଉତ୍ତାପ ଅପେକ୍ଷାକୃତ କମ୍ ରହିବା କାରଣରୁ ଏୟାରକଣ୍ଡିସନ ବ୍ୟବହାର କମିଯାଏ ଏବଂ ବାୟୁମଣ୍ଡଳକୁ ସବୁଜ ଗୃହ ବାଷ୍ପ ନିର୍ଗମନ ହ୍ରାସ ପାଏ। ଶକ୍ତି ସଂଚୟ ହୁଏ। ଏହା ଏକ ଚକ୍ରୀୟ ପ୍ରକ୍ରିୟା। ତେଣୁ ଆମ ସହରରେ 'ବେସାହାରା' ଭାବେ ବଢୁଥିବା ଗଛଗୁଡ଼ିକୁ ଆଇନଗତ ସହାୟତା ପ୍ରଦାନ କରିବା ପାଇଁ 'ଟ୍ରି-ପ୍ରିଜରଭେସନ ଆକ୍ଟ' ପ୍ରଣୟନ ଏକାନ୍ତ ଜରୁରୀ।

(ପ୍ରାକ୍ତନ ପ୍ରଧାନ ମୁଖ୍ୟ ବନ୍ୟପ୍ରାଣୀ ସଂରକ୍ଷକ)
ଭୁବନେଶ୍ୱର, ମୋ: ୯୪୩୭୦୦୦୯୦୪

# ଗଣନାର ଯୁଗଯନ୍ତ୍ରଣା

ଧ୍ରୁବ ଚରଣ ଘିବେଲା



ଆମ ଦେଶରେ ଜନଗଣନା ପ୍ରତି ଦଶବର୍ଷରେ ଥରେ ହୁଏ। ଏଥିରେ ଗାଁରୁ ଆରମ୍ଭ କରି ବ୍ଲକ, ସବ୍‌ଡିଭିଜନ, ଜିଲ୍ଲା, ରାଜ୍ୟ, ସର୍ବୋପରି ରାଷ୍ଟ୍ରର ଜନସଂଖ୍ୟା ସାମ୍ନାକୁ ଆସିଥାଏ। ନିର୍ବାଚନ ପାଇଁ ଭୋଟର ଗଣନା ବି ହୁଏ; ୧୮ ଓ ତଦୂର୍ଦ୍ଧ୍ୱ ବୟସର ସାବାଳକଙ୍କୁ ଚିହ୍ନଟ କରାଯାଏ ଭୋଟଦାନର ଅଧିକାର ପ୍ରଦାନ କରାଯିବା ପାଇଁ। ଏହାବାଦ୍ ହାତୀ, ବାଘ, ମଗର ଓ ପକ୍ଷୀ ଗଣନା ବି ହୁଏ। ଥରେ ଦିଲ୍ଲୀରେ କେତେ କାଉ ଅଛନ୍ତି ତା'ର ସବିଶେଷ ତଥ୍ୟ ଜଣାଇବାକୁ ସମ୍ରାଟ ଆକବର ବୀରବଲଙ୍କୁ ଆଦେଶ ଦେଲେ। କେଉଁଠୁ କେମିତି ଗଣନା ଆରମ୍ଭ କରିବେ, ତାହା ଭାବି ଚିନ୍ତାରେ ପଡ଼ିଲେ ବୀରବଲ। କିନ୍ତୁ ତାଙ୍କ ବିଦୂଷୀ ପତ୍ନୀ କହିଲେ ଦିଲ୍ଲୀରେ ସମୁଦାୟ କାଉ ସଂଖ୍ୟା ସାତ ଲକ୍ଷ ଅଶୀ ହଜାର ଅଠେଇଶ। ବୀରବଲ ପଚାରିଲେ, 'ତୁମେ କେମିତି ଜାଣିଲ?' ପତ୍ନୀ କହିଲେ, 'ସେମିତି ଗୋଟେ ସଂଖ୍ୟା ମନରୁ କହିଦେଇଛି। ଏ ଉତ୍ତର ରଖିଲା ପରେ ଆକବର କ'ଣ ଆଉ କାହାକୁ କାଉ ଗଣିବାକୁ କହି ଏ ଉତ୍ତରର ସତ୍ୟତା ପରଖିବେ?' ବୀରବଲ ପୁଣି ପଚାରିଲେ, 'ଯଦି ଗଣନ୍ତି, ଆଉ କାଉ ସଂଖ୍ୟା କମ ବେଶି ହୁଏ?' ବିଦୂଷୀ ପତ୍ନୀ କହିଲେ, ଯଦି ଗଣତି କରନ୍ତି ଏବଂ କିଛି କମ୍ ବେଶୀ ହୁଏ ତେବେ କମ ହେଲେ କହିବ କାଉ କୁଣିଆ ଯାଇଛନ୍ତି, ବେଶି ହେଲେ କହିବ କୁଣିଆ ଆସିଛନ୍ତି।' ବୀରବଲ ପତ୍ନୀଙ୍କ କହିବା ଅନୁସାରେ ରାଜଦରବାରେ ଉତ୍ତର ରଖି ପ୍ରଶଂସାଭାଜନ ହେଲେ।

ବେଳେବେଳେ ଏଭଳି ଅବାନ୍ତର ଗଣନା ପାଇଁ ବଡ଼ବଡ଼ିଆଙ୍କ ମୁଣ୍ଡକୁ ଅଜବ ନିଶା ଘାରେ। ଏବେ ଏଭଳି କେତେ ଯେ ଗଣନା କରାଗଲାଣି, ତା'ର ଇୟତ୍ତା ନାହିଁ। କାହାର ଛୁଆ କେତେ, ଛୁଆ ଭିତରେ ପୁଅ ଓ ଝିଅ ପିଲା ସଂଖ୍ୟା କେତେ ହିସାବ ରଖାଯାଉଛି। ଗାଁଆଁ ସହର ସାହି ଘର ଘର ବୁଲି ଘରଗଣନା ବି ହେଲାଣି। ଏପରି କି ପରିବାର ସର୍ବେକ୍ଷଣ କରାଗଲାଣି ଏବଂ ପରିବାରରେ କିଏ ଗର୍ଭବତୀ ଅଛନ୍ତି, ତା'ର ତଥ୍ୟ ବି ନିଆଯାଉଛି। ଆଉ କିଛିଦିନ ପରେ ହୁଏତ ଗଛଲତା, ରୋଗୀ ଓ ନିରୋଗୀ ସଂଖ୍ୟା, ସକାରାତ୍ମକ ମଣିଷ, ଭଲ ମଣିଷ, ନିନ୍ଦା ମଣିଷ, ଅମାନିଆ ମଣିଷ, ଫମ୍ପା ମଣିଷଙ୍କ ସଂଖ୍ୟା ମଧ୍ୟ ଗଣନା ହେବ।

ଏହି ପରିପ୍ରେକ୍ଷୀରେ ଏବେ ସମାଜରେ କବି-ଲେଖକଙ୍କ ସଂଖ୍ୟା ବଢୁଛି(ହେଲେ ପାଠକଙ୍କ ସଂଖ୍ୟା କମୁଛି)। ଏସବୁ ଯୁଗ ଯନ୍ତ୍ରଣା ସୂଚକ। ଏବେ ଗାଁ-ସହର ସବୁଠି କବି। ସାହିରେ ସାହିରେ କବି। ଘରେ ଘରେ ବି ବାହାରିଲେଣି କବି। ଉଭା ଯେତେ, ପୋତା ସେତେ। ପ୍ରକାଶିତ ଅର୍ଥରେ ଉଭାକୁ ବୁଝନ୍ତୁ ଏବଂ ଅପ୍ରକାଶିତ ଅର୍ଥରେ ପୋତାକୁ ବୁଝନ୍ତୁ। ଆହୁରି ସ୍ପଷ୍ଟ ଶବ୍ଦରେ କହିଲେ ଲେଖାଲେଖି କରି ଯିଏ ଏଠି ସେଠି ଖବରକାଗଜରେ ଅବା ପତ୍ରପତ୍ରିକାରେ ଲେଖା ପ୍ରକାଶିତ କରନ୍ତି ସିଏ ଉଭା ବା ପ୍ରକାଶିତ କବି। ଯିଏ ଲେଖା କେଉଁଠି ପ୍ରକାଶ କରାନ୍ତିନି ସିଏ ପୋତା ବା ପ୍ରକାଶ ଆଢୁଆଳରେ ରହୁଥିବା କବି। କବିସୂର୍ଯ୍ୟଙ୍କ ଭାଷାରେ 'ରବି ହେଲେ ଜ୍ୟୋତିରିଙ୍ଗଣ ପୋକ, କବି ହୋଇଗଲେ ସମସ୍ତ ଲୋକ' ଉକ୍ତିର ଯଥାର୍ଥତା ତଥା ପ୍ରାସଙ୍ଗିକତା ଆଜିର ଦିନରେ ବେଶ ଅନୁଭବ ହୁଏ ଏବଂ ଅନୁଭବ କରାଯାଏ। ପୁଣି କେଉଁଠି ଦେଖାଯାଏ କବିତା ପାଠ ହେଲେ ଶ୍ରୋତାଙ୍କ ସଂଖ୍ୟାଠୁ କବି ଥା'ନ୍ତି ଅଧିକ। ମଞ୍ଚତଳର ଶ୍ରୋତା ମଣିଷଠୁ ମଞ୍ଚ ଉପରେ ଥା'ନ୍ତି ଅଧିକ ମଞ୍ଚମଣିଷ।

କବି ସଂଖ୍ୟା ଦିନକୁ ଦିନ ବଢୁଛି, ଏ କଥା ଖାଲି ଅନୁମାନ କରି କୁହାଯାଉନାହିଁ। ଏହା କୁହାଯାଉଛି, ପ୍ରତ୍ୟକ୍ଷରେ ଦେଖି ଯେ ସାହିତ୍ୟସଭାରେ ଅର୍ଦ୍ଧଶତକ, ଶତକ, ଦ୍ୱିଶତକ କବିଙ୍କୁ ପୁଣି ଗୋଟେ ଦିନରେ ଗୋଟେ ମଞ୍ଚରେ ସମ୍ବର୍ଦ୍ଧିତ କରାଯାଉଛି। ଯେଉଁଠି ଶହଶହ କବିଙ୍କୁ ପୁରସ୍କାର ଦିଆଯାଏ, ସେଠି ଜଣ ଜଣକର ମାନପତ୍ର ପଠନ କରିବା ଆଉ ସମ୍ଭବ ହୋଇ ନଥାଏ। ଖାଲି ଗୋଟେ ନୀତି ଧରାଯାଏ - ନାଁ ଡକାଗଲେ ମଞ୍ଚକୁ ଆସ, ଆଉ ମାନପତ୍ରଟି ହାତେଇ ନେଇ ଯାଅ। ପୁଣି ଯେଉଁଠି ସାହିତ୍ୟ ସଭା କରାଯାଉଛି, ସେଠି ବି ରହୁଛି କବିତା ପାଠ କାର୍ଯ୍ୟକ୍ରମ। କବିଙ୍କୁ କବିତା ପଢ଼ିବା ସହିତ କବିଙ୍କ ହାତରେ ଧରେଇ ଦିଆଯାଏ ଗୋଟେ ଗୋଟେ ପ୍ରମାଣପତ୍ର।

ଏହା ଗୋଟେ ଧାରା ପାଲଟିଛି କବିଙ୍କୁ ଟାଣିବା ପାଇଁ। କେଉଁଠି କେଉଁଠି ପ୍ରମାଣପତ୍ର ସହିତ ଦିଆଯାଏ ଖଣ୍ଡେ ଖଣ୍ଡେ ଗାମୁଛା। ତାହା ହୋଇଯାଏ କବି ହେବାର ଠୋସ ସ୍ୱୀକୃତିପତ୍ର। ଯେଉଁଠି କବି ଅସଲ ପୁରସ୍କୃତ ବା ସମ୍ବର୍ଦ୍ଧିତ ହୁଅନ୍ତି ସେଠି ପାଆନ୍ତି ମାନପତ୍ର, ସ୍ମୃତିଫଳକ, ସୁନ୍ଦର ଉତ୍ତରୀୟ। ସାଧାରଣତଃ ପ୍ରମାଣପତ୍ରଠୁ ମାନପତ୍ରର ମାନସମ୍ମାନ ବିବେଚିତ ହୁଏ ଅଧିକ। ଆଜିକାଲି ସବୁଠି କବି ଏତେ ସଂଖ୍ୟାରେ ପୁରସ୍କୃତ ହେଉଛନ୍ତି ଯେ ଏଥିରୁ ସହଜେ ମନେକରାଯାଇପାରେ କବିଙ୍କ ସଂଖ୍ୟା ଆମ ଏଠି ବଢୁଛି ନିଶ୍ଚୟ। ତେଣୁ କବିଙ୍କ ସଂଖ୍ୟା ଗାଁ, ସହରରେ ପ୍ରକୃତରେ କେତେ ରହିଛି, ସେ କଥା ଜାଣିବା ପାଇଁ କବି ଲେଖକ ଗଣନା ହେବା ନିହାତି ଆବଶ୍ୟକ ମନେ ହୁଏ। ସରକାରୀ ହେଉ କି ବେସରକାରୀ ଗଣନା କରାଯାଉ। ସେଥିରୁ ନୂଆ ତଥ୍ୟ ସାମ୍ନାକୁ ଆସିପାରେ। ସେମାନଙ୍କ ଭିତରେ ବି ରହିଥାଇପାରନ୍ତି ଦୁଃସ୍ଥ କବି, ସୁସ୍ଥ କବି, ଅସୁସ୍ଥ କବି, ସବଳ କବି, ଦୁର୍ବଳ କବି, ଚତୁର କବି, ଆଶୁ କବି, ଚାନ୍ଦାଜୀବୀ କବି, ଯୋଗାଡ଼ିଆ କବି, ଯାଦୁଆ କବି, ଗୋଠଛଡ଼ା କବି ଏମିତି କେତେ କଣ! ଏହା ହିଁ ଗଣନାର ବାସ୍ତବ ନିର୍ଯ୍ୟାସ ଆଉ ଆଧୁନିକ ଯୁଗର ଯନ୍ତ୍ରଣା।

ବୌଦ୍ଧ, ମୋ: ୯୪୩୭୪୭୮୪୬୬

# ସୃଜନ-ଦୀପ୍ତ ସମ୍ପାଦକ ପଣ୍ଡିତ ନୀଳମଣି ବିଦ୍ୟାରତ୍ନ

ପ୍ରଫେସର ମଣୀନ୍ଦ୍ର କୁମାର ମେହେର

ସାହିତ୍ୟ ସରିତ୍

ଆଜି ପର୍ଯ୍ୟନ୍ତ ସାହିତ୍ୟିକ ଓ ପାଠକ ମହଲରେ ଏକ ଭ୍ରାନ୍ତ ଧାରଣା ରହି ଆସିଛି ଯେ, ପତ୍ରପତ୍ରିକା ସମ୍ପାଦନା ଏବଂ ସଂଗଠନିକ କାର୍ଯ୍ୟ ହେଉଛି ସୃଜନଶୀଳତାର ବିକାଶ ପଥରେ ଏକ ପ୍ରତିବନ୍ଧକ। ତେଣୁ ଅନେକ କବି, ଲେଖକ ଏହି ମହତ କାର୍ଯ୍ୟ ସମ୍ପନ୍ନ କରିବା ସକାଶେ ଆନ୍ତରିକ ସ୍ୱୀକୃତି ଦେଇପାରନ୍ତି ନାହିଁ। ଯଦି କେହି ଏକ ଉଚ୍ଚାଭିଳାଷ ନେଇ ଏଭଳି କାର୍ଯ୍ୟ ପ୍ରତି ଆକୃଷ୍ଟ ଓ ସଂଶ୍ଳିଷ୍ଟ ହୁଅନ୍ତି, ତେବେ ଅପ୍ରିୟ ହେବା ଆଶଙ୍କାରେ, ଜୀବନ ଅଶାନ୍ତିମୟ ହେବାର ତାଡ଼ନାରେ, ସାହିତ୍ୟ ସାଧନା ବ୍ୟାହତ ହେବାର ଯନ୍ତ୍ରଣା ଭୋଗ କରି ସେଥିରୁ ମୁକ୍ତିର ମାର୍ଗ ଅନ୍ୱେଷଣ କରନ୍ତି। ଅପରପକ୍ଷରେ ସ୍ୱକୀୟ ମୌଳିକ ପ୍ରତିଭା ସତ୍ତ୍ୱେ ଦେଶ, ଜାତି ଓ ସମାଜର ପ୍ରଗତି ସକାଶେ ସମ୍ପାଦନା ଓ ସଂଗଠନ ସହିତ ଅନ୍ତର ସଂଲଗ୍ନ କରି ଆପଣାକୁ ସମ୍ପୂର୍ଣ୍ଣ ଉତ୍ସର୍ଗ କରିଦିଅନ୍ତି ଅନେକ ଅସାଧାରଣ ବ୍ୟକ୍ତିତ୍ୱ। ପଣ୍ଡିତ ନୀଳମଣି ବିଦ୍ୟାରତ୍ନ ଏହି ସମୁଚ୍ଚ ସୋପାନର ସମର୍ପିତ ଏକ ବିରଳ ଆତ୍ମା।

ବଡ଼ମ୍ବାରେ ଶିକ୍ଷକ ଭାବରେ କି ଶାନ୍ତିମୟ ଜୀବନ ଅତିବାହିତ ହୋଇଥା'ନ୍ତା ତାଙ୍କର! ଏହାବ୍ୟତୀତ ତାଙ୍କ ପାଣ୍ଡିତ୍ୟକୁ ସାହିତ୍ୟ ସର୍ଜନାରେ ବିନିଯୋଗ କରିପାରିଥା'ନ୍ତେ। ବୁଧ ହଂସ କେଳିସର ବାମଣ୍ଡାର ମହାରାଜା ସାର ବାସୁଦେବ ସୁଢ଼ଳ ଦେବ କି ପ୍ରଖର କିରଣ ତାଙ୍କ ବ୍ୟକ୍ତିତ୍ୱକୁ ଆଭାମୟ କରିଥିବାର ଦୃଶ୍ୟ ଦେଖିଲେ, ତାହା ସିଏ ହିଁ ଅନୁଭବ କରିଥିବେ ସିନା! ଦେବଗଡ଼ରୁ ପଣ୍ଡିତ ବିଦ୍ୟାରତ୍ନଙ୍କ ବଳିଷ୍ଠ ସମ୍ପାଦନାର ସ୍ୱାକ୍ଷର ନେଇ ଉଦ୍ଭାସିତ ହୋଇଉଠିଲା 'ସମ୍ବଲପୁର ହିତୈଷିଣୀ' ୧୮୮୯ ମଇମାସରେ। ଛିନ୍ନ-ବିଚ୍ଛିନ୍ନ ଓଡ଼ିଆ ଜାତିକୁ ଗୋଟିଏ ସୂତ୍ରରେ ଆବେଗାବଦ୍ଧ କରିବା ପାଇଁ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତିର ସ୍ୱତନ୍ତ୍ର ମର୍ଯ୍ୟାଦା ରକ୍ଷା ନିମିତ୍ତ ଦୁଇଟି ମାତ୍ର ଶବ୍ଦରେ ପ୍ରକାଶ କରିବାକୁ ଗଲେ 'ଓଡ଼ିଆ ଅସ୍ମିତା'ର ଜାଗରଣ ସ୍ୱପ୍ନରେ ବିଦ୍ୟାରତ୍ନ ମହୋଦୟ ଗ୍ରହଣ କରିଥିଲେ ସୁଦୃଢ଼ ନେତୃତ୍ୱ।

ଜଣେ ଜଣେ ମଣିଷ ଏକ ଏକ ବିଶେଷଲକ୍ଷ୍ୟ ନେଇ ଏ ଧରାପୃଷ୍ଠରେ ଅବତରଣ କରିଥା'ନ୍ତି। ବିଦ୍ୟାରତ୍ନଙ୍କ ଆବିର୍ଭାବ ତଦନୁଯାୟୀ କେତେ ଅର୍ଥପୂର୍ଣ୍ଣ ତାହା ନିବିଷ୍ଟ ଚିତ୍ତରେ ଚିନ୍ତା କଲେ ଯେକେହି ଉପଲବ୍ଧି କରିପାରିବେ। ସମଗ୍ର ଓଡ଼ିଶାର ରାଜା, ମହାରାଜା, କବି, ଲେଖକ, ସମାଜସେବୀ - ସମସ୍ତଙ୍କୁ ପରସ୍ପର ସହିତ ସମ୍ବନ୍ଧିତ କରିଦେବାରେ ସେ ଗ୍ରହଣ କରିଥିଲେ ଅଭିନବ ଆନ୍ତରିକତା ବିଚ୍ଛୁରଣ-କ୍ଷମ ସାରସ୍ୱତ ଭୂମିକା। ବିଦ୍ୟାରତ୍ନଙ୍କୁ କିଏ ଅବା ଭାବ-ସମ୍ପ୍ରସାରଣର ମାଧ୍ୟମ ଭାବରେ ନିର୍ଭର କରିନାହାନ୍ତି! ସେ ହିଁ ସ୍ୱଭାବକବି ଗଙ୍ଗାଧର ମେହେରଙ୍କୁ ପ୍ରଥମେ ଲୋକଲୋଚନକୁ ଆଣିପାରିଥିଲେ। 'ସମ୍ବଲପୁର ହିତୈଷିଣୀ'ରେ ତାଙ୍କ ଜୀବନୀ ପ୍ରକାଶ କରିବା ସହିତ ବହୁ କବିତା ସ୍ଥାନିତ କରି ସେ ଓଡ଼ିଶାର କୋଣ ଅନୁକୋଣରେ ତାଙ୍କ ପ୍ରତିଭା ପ୍ରତି ସଜ୍ଜନମଣ୍ଡଳୀଙ୍କ ଶ୍ରଦ୍ଧାନ୍ୱିତ ଦୃଷ୍ଟି ଆକର୍ଷଣ କରିଥିଲେ। ସମ୍ବଲପୁର କଚେରୀରେ ଓଡ଼ିଆ ଭାଷା ପରିବର୍ତ୍ତେ ହିନ୍ଦୀ ଭାଷା ପ୍ରଚଳିତ ହେବାରୁ ଏହାର ଦୃଢ଼ ପ୍ରତିବାଦ କରି କବିତା ଲେଖିବାର ଶକ୍ତିଭେଦୀ ପ୍ରେରଣା ଦେଇଥିଲେ ଗଙ୍ଗାଧରଙ୍କୁ। ବାଲ୍ୟବିବାହକୁ ସମାଜରେ ନିଷିଦ୍ଧ କରିବା, ବିଧବା ବିବାହକୁ ପ୍ରୋତ୍ସାହିତ କରିବା ଠାରୁ ଆରମ୍ଭ କରି ସମାଜ ସଂସ୍କାରମୂଳକ ବାର୍ତ୍ତାର ଗଭୀର ପ୍ରଭାବ ସୃଷ୍ଟି କରିବାରେ ବିଦ୍ୟାରତ୍ନ ମହୋଦୟ ଯେଉଁ ପ୍ରଶଂସନୀୟ ଭୂମିକାରେ ହେଲେ ଅବତୀର୍ଣ୍ଣ ତାହା ଅନେକ ଲୋକଙ୍କ ଅନ୍ତର୍ଦୃଷ୍ଟି ଉନ୍ମୋଚନ କରିଦେଇ ପାରିଛି। 'ପରବର୍ତ୍ତୀ ସମୟରେ ସେ 'ଉତ୍କଳ ଦୀପିକା', 'ପ୍ରଜାବନ୍ଧୁ', 'ଉତ୍କଳ ମଧୁପ', 'ଗୁଣ ଦର୍ପଣ' ଆଦିର ସମ୍ପାଦନା କରି ସେ ସୁଖ୍ୟାତି ଅର୍ଜନ କରିବା ସହିତ ଗଞ୍ଜାମ ସମ୍ମିଳନୀ ପାଇଁ ଯେଉଁ ପ୍ରଚେଷ୍ଟା କରିଥିଲେ ତାହା ହିଁ ଉତ୍କଳ ସମ୍ମିଳନୀର ଭିତ୍ତି ବୋଲି ଅନୁଭୂତ ହୋଇଛି। 'ସମ୍ବଲପୁର ହିତୈଷିଣୀ'ର ସମ୍ପାଦକ ଭାବରେ ସେ ଯେଉଁ ଅମରତ୍ୱ ଲାଭ କରିଛନ୍ତି ତାହା ବାସ୍ତବିକ ସର୍ବାଦୃତ। ଗଙ୍ଗାଧରଙ୍କ ଆତ୍ମିକ ସମ୍ବର୍ଦ୍ଧନା ଉଚ୍ଛ୍ୱସିତ ଭାବରେ ପ୍ରତିଫଳିତ ହୋଇ ଉଠିଛି 'ବିଦ୍ୟାରତ୍ନଙ୍କ ହିତୈଷିଣୀ'ନାମକ କବିତାରେ। ପଣ୍ଡିତ ନୀଳମଣି ବିଦ୍ୟାରତ୍ନ 'ସମ୍ବଲପୁର ହିତୈଷିଣୀ' ମଧ୍ୟରେ ପ୍ରାଣସଂଚାର କରିଛନ୍ତି ଆଉ ହିତୈଷିଣୀ ବିଦ୍ୟାରତ୍ନଙ୍କ ଜୀବନକୁ କରି ଦେଇଛି ଗୌରବ ବିମଣ୍ଡିତ।

ଗଙ୍ଗାଧର ସ୍ୱରଚିତ କବିତାରେ ଭାବମୁଗ୍ଧ ହୋଇ ଗାନ କରିଛନ୍ତି - 'ଧନ୍ୟ ଧନ୍ୟ ବାସୁଦେବ ମହୀପାଳମଣି, ଧନ୍ୟ ଧନ୍ୟ କ୍ଷଣଜନ୍ମା ବୁଧ ନୀଳମଣି / ଉତ୍କଳରେ କରି ଶୁଭ ଯଜ୍ଞର ଆରମ୍ଭ, ସ୍ଥାପିଦେଲ କାଳଦର୍ପ ଧ୍ୱଂସୀ ଯୂପସ୍ତମ୍ଭ।' ସୃଜନଶୀଳତାର ଅର୍ଥ କେତେ ବ୍ୟାପକ ତାହା ନୂତନ ଭାବରେ ଉପଲବ୍ଧି କରିବାର ସମୟ ସମୁପସ୍ଥିତ।

ଭୁବନେଶ୍ୱର, ମୋ: ୭୦୭୭୫୫୩୭୦୭

ସକାଳ
THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୂର୍ଣ୍ଣ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ଭିଜିଲାନ୍ସ ଜାଲରେ ଆର୍‌ଆଇ ଓ ପିଅନ

**ଢେଙ୍କାନାଳ,୨୮ ।୫(ସମିସ):** ୪ଟି ମ୍ୟୁଟେସନ କେସ୍ ପାଇଁ ୬୦ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ତହସିଲ ଗଣ୍ଡାନାଳୀ ରାଜସ୍ୱ ନିରୀକ୍ଷକ (ଆର୍‌ଆଇ) ଶଶିଭୂଷଣ ବେହେରା ଓ ତାଙ୍କ କାର୍ଯ୍ୟାଳୟର ପିଅନ ବିଷ୍ଣୁବଲ୍ଲଭ ଖଟୁଆଙ୍କୁ ଭିଜିଲାନ୍ସ ବିଭାଗ ଗିରଫ କରିଛି। ଏହି ମାମଲାରେ ଭିଜିଲାନ୍ସ ପକ୍ଷରୁ ଏକକାଳୀନ ଗଣ୍ଡାନାଳୀ ଆରଆଇ ଅଫିସ, ହିନ୍ଦୋଳ ତହସିଲ ଅଫିସ, ଶଶିଭୂଷଣଙ୍କ ପୈତୃକ ଘର ଗଁଦିଆ ଥାନା ଖଙ୍କର ଗ୍ରାମ ଓ ଢେଙ୍କାନାଳ ସହର ଦକ୍ଷିଣକାଳୀ ନିକଟ ସତସଙ୍ଗବିହାରସ୍ଥିତ ଭଡ଼ାଘରେ ଚଢ଼ଉ ଜାରି ରହିଛି।



ସୂଚନାନୁସାରେ, ନୂଆବଗ ଗ୍ରାମର ଅଷ୍ଟମୀ ସାହୁଙ୍କୁ ୪ଟି ଜମିର ମ୍ୟୁଟେସନ୍ କରିବା ପାଇଁ ୧୫ହଜାର ଲେଖାଏଁ ମୋଟ ୬୦ ହଜାର ଟଙ୍କା ଲାଞ୍ଚ ମାଗିଥିଲେ ଆର୍.ଆଇ ଶ୍ରୀ ବେହେରା। ଅଷ୍ଟମୀ କାର୍ଯ୍ୟାଳୟକୁ ବାରମ୍ବାର ଦୌଡ଼ିଥିଲେ ହେଁ ଲାଞ୍ଚ ନ ମିଳିଲେ କାମ ହେବ ନାହିଁ ବୋଲି ଶ୍ରୀ ବେହେରା ରୋକଠୋକ୍ ମନା କରିଦେଇଥିଲେ। ତେଣୁ ଏ ସଂପର୍କରେ ଅଷ୍ଟମୀ ଢେଙ୍କାନାଳ ଭିଜିଲାନ୍ସ ବିଭାଗର ଦ୍ୱାରସ୍ଥ ହେବାରୁ ତାଙ୍କୁ ଧରିବାକୁ ଜାଲି ବିଛାଯାଇଥିଲା। ଯୋଜନାନୁସାରେ, ବୁଧବାର ଅଷ୍ଟମୀ ଶଶିଭୂଷଣଙ୍କୁ ତାଙ୍କ ବ୍ୟକ୍ତିଗତ ସହାୟକ ଜରିଆରେ ରାସାୟନିକ ପ୍ରଲେପବୋଳା ୬୦ ହଜାର ଟଙ୍କା ଦେଉଥିବା ବେଳେ ଭିଜିଲାନ୍ସ ବିଭାଗ କର୍ମଚାରୀମାନେ ତାଙ୍କୁ ମାଡ଼ି ବସିଥିଲେ। ତାଙ୍କଠାରୁ ଲାଞ୍ଚ ଟଙ୍କା ଉଦ୍ଧାର କରାଯାଇଛି। ଏନେଇ କଟକ ଭିଜିଲାନ୍ସ ଥାନାରେ ଏକ ମାମଲା ରୁଜୁ କରାଯାଇଛି। ଅଧିକ ତଦନ୍ତ ଜାରି ରହିଛି। ଢେଙ୍କାନାଳ ଭିଜିଲାନ୍ସ ଡିଏସ୍‌ପି ଅନସୂୟା ସେନାପତିଙ୍କ ନେତୃତ୍ୱରେ ଇନ୍ସପେକ୍ଟର୍ ଭାଗ୍ୟଲତା ପ୍ରଧାନ, ଜ୍ୟୋତିଶଙ୍କର ସାହୁ, ମୁକେଶ କୁମାର ବେହେରାଙ୍କ ସହ ଅନ୍ୟ କର୍ମଚାରୀ ଏହି ଚଢ଼ଉରେ ସାମିଲ ହୋଇଥିଲେ। ସୂଚନାଯୋଗ୍ୟ, ଶଶିଭୂଷଣ ବିଭିନ୍ନ ସରକାରୀ କାମରେ ଲାଞ୍ଚ ନେଉଥିବା ପୂର୍ବରୁ ମଧ୍ୟ ଭିଜିଲାନ୍ସରେ ଅନେକ ଅଭିଯୋଗ ହୋଇଥିଲା।

■ ଲାଞ୍ଚ ଟଙ୍କା ନେଇ କାର୍‌ରେ ଯାଉଥିଲେ ଅଧୀକ୍ଷଣ ଯନ୍ତ୍ରୀ

# ବାଟ ମଝିରେ ଧରିଲା ଭିଜିଲାନ୍ସ

**ରାୟଗଡ଼ା, ୨୮।୫ (ସମିସ):** ରାୟଗଡ଼ା ଜନସ୍ୱାସ୍ଥ୍ୟ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ସହଦେବ କିଶାନ ଆଜି ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି। ବୁଧବାର ସନ୍ଧ୍ୟା ପ୍ରାୟ ସାଢ଼େ ୭ଟାରେ ଜଣେ ଠିକାଦାରଙ୍କଠାରୁ ସେ ଦେଢ଼ଲକ୍ଷ ଟଙ୍କା ଲାଞ୍ଚ ନେଇ ଏକ ସ୍କର୍ପିଓରେ ନିଜ ସରକାରୀ କ୍ୱାର୍ଟର୍ସକୁ ଫେରୁଥିବା ବେଳେ ବାଟରେ ଭିଜିଲାନ୍ସର ଏକ ସ୍ୱତନ୍ତ୍ର ଟିମ୍ ତାଙ୍କୁ ଧରିଛି। ସେ ଉକ୍ତ ଟଙ୍କାର ହିସାବ ଦେଇ ନ ପାରିବାରୁ ଭିଜିଲାନ୍ସ ଅଧିକାରୀମାନେ ତାଙ୍କୁ ଅଟକ ରଖିଛନ୍ତି। ଏହାସହ ଆୟ ବହିର୍ଭୂତ ସଂପତ୍ତି ଠୁଳ ସନ୍ଦେହରେ ଭିଜିଲାନ୍ସ ପକ୍ଷରୁ ଶ୍ରୀ କିଶାନଙ୍କ ଦୁଇଟି ସ୍ଥାନରେ ଚଢ଼ଉ କରାଯାଇଛି। ସୂଚନାଯୋଗ୍ୟ, ଏକ ବିଲ୍ ପାସ୍ କରିବା ପାଇଁ ସେ ଜଣେ ଠିକାଦାରଙ୍କୁ ଲାଞ୍ଚ ମାଗିଥିଲେ। ଏନେଇ ଠିକାଦାରଜଣଙ୍କ ଭିଜିଲାନ୍ସରେ ଅଭିଯୋଗ କରିବା ପରେ କୋରାପୁଟ ଭିଜିଲାନ୍ସ ଏସ୍‌ପି ରବୀନ୍ଦ୍ର ପଣ୍ଡାଙ୍କ ନିର୍ଦ୍ଦେଶକ୍ରମେ ଡିଏସ୍‌ପି ସଦାନନ୍ଦ ପାଣି, ଅଭୟ ପ୍ରଧାନ ଏବଂ ଇନ୍ସପେକ୍ଟର୍ ସଞ୍ଜୟ ପ୍ରଧାନଙ୍କ ନେତୃତ୍ୱରେ ତିନିଜଣିଆ ଟିମ୍ ବାଟ ଅଧରେ ଚଢ଼ଉ କରି ଟଙ୍କା ସହ ଶ୍ରୀ କିଶାନଙ୍କୁ ଧରିଥିଲେ। ପରେ ସେଠାରୁ ଶିରିଗୁଡ଼ାସ୍ଥିତ ଅଧୀକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟକୁ ଯାଇ ସିସିଟିଭି ଫୁଟେଜ୍ ଯାଞ୍ଚ କରିବା ସହିତ ବିଭିନ୍ନ ନଥିପତ୍ର ଜବତ କରିଛି ଭିଜିଲାନ୍ସ। ବ୍ରାହ୍ମଣସାହି ନିକଟସ୍ଥ ଜନସ୍ୱାସ୍ଥ୍ୟ ବିଭାଗ କାର୍ଯ୍ୟାଳୟ ସମେତ ତାଙ୍କ ସରକାରୀ ବାସଭବନ ଓ ଅନ୍ୟ କିଛି ସ୍ଥାନରେ ଏହି ଚଢ଼ଉ ଚାଲିଥିବା ଜଣାପଡ଼ିଛି।



**ANTARES SYSTEMS LIMITED**
Ph.: 080-40482100/033-46046611
Email: esale@etenderwizard.com
e-Auction for disposal of Burnt Oil, Old, Used & Unserviceable **Items of Mahanadi Coalfields Limited, Sambalpur. Website: www.tenderwizard.com/ESALE.**
**Auction No's**
1) **ASL/MCL/DISPOSAL/25-26/04**
Auction Date: 02-06-2025
For further information, contact Helpdesk at the above address.
**Refer Sale notice for further details.**

**NOTICE**
By virtue of an affidavit sworn before Executive Magistrate, Bhubaneswar vide Serial No. 81 dt.13.05.2025 I, PRUTHWIRAJ JENA resident of At/ PO-Raghunathpur, P.S.-Nandankanan, Dist. Khordha, Odisha declare that I have changed my name from PRUTHWI RAJA JENA to PRUTHWIRAJ JENA. Henceforth I shall be known as PRUTHWIRAJ JENA for all purposes.
(PRUTHWIRAJ JENA)

**AFFIDAVIT**
I, **Anushka Agrawal,** D/o.: Prakash Kumar Agarwal, Resident of Prafulla Mishra Apartment, PO.: Hulurisingha, P.S./Dist.: Angul, Odisha, PIN-759132, declare by this affidavit No.: 11532 dtd 27.05.2025 that now onwards I shall be known as **ANUSHKA AGARWAL** for all future purposes.

**AFFIDAVIT**
I, **Prakash Agrawal,** S/o.: Late Sanwar Mal Agrawalla, Resident of Prafulla Mishra Appartment, PO.: Hulurisingha, P.S./Dist.: Angul, Odisha, PIN-759132, declare by this affidavit No.: 11536 dtd 27.05.2025 that now onwards I shall be known as **PRAKASH KUMAR AGARWAL** for all future purposes.

## ଅବଶିଷ୍ଟାଂଶ

### ଓଡ଼ିଶାକୁ ୫୦୦ କୋଟି...

ନିର୍ବାଚିତ ହୋଇଥିଲେ ହେଁ କେନ୍ଦ୍ର ନିକଟରେ ଓଡ଼ିଶାର ନାର୍ଯ୍ୟ ଦାବି ବ୍ୟବସ୍ଥିତ ଢଙ୍ଗରେ ଉପସ୍ଥାପିତ ହୋଇପାରୁନଥିବା ହେତୁ କେନ୍ଦ୍ରୀୟ ଅନୁଦାନ ହ୍ରାସ ପାଇଛି। ଏହା ସତ୍ତ୍ୱେ ଓଡ଼ିଶା ସାଂସଦଙ୍କ ତୁଣ୍ଡ ଖୋଲୁ ନାହିଁ।

କେନ୍ଦ୍ରୀୟ ଯୋଜନାର ଅର୍ଥ ହ୍ରାସକୁ ନେଇ ରାଜନୈତିକ ମହଲରେ ରାଜ୍ୟ ସରକାର ସମାଲୋଚନାର ଶିକାର ହୋଇଛନ୍ତି। ସାଧାରଣତଃ ପ୍ରଧାନମନ୍ତ୍ରୀ ଗ୍ରାମସଡ଼କ ଯୋଜନାରେ କିସ୍ତି ଆକାରରେ ରାଜ୍ୟଗୁଡ଼ିକୁ ଅର୍ଥ ପ୍ରଦାନ କରାଯାଏ। ଯେଉଁ ରାଜ୍ୟଗୁଡ଼ିକ ସେମାନଙ୍କ କାମ ଶେଷ କରି 'ୟୁସି' ଦାଖଲ କରନ୍ତି, ସେମାନଙ୍କୁ ପରବର୍ତ୍ତୀ କିସ୍ତିରେ ଅର୍ଥ ମିଳିଥାଏ। ଫଳରେ ସମ୍ପୃକ୍ତ ରାଜ୍ୟଗୁଡ଼ିକ କେନ୍ଦ୍ରରୁ ଅଧିକ ଅର୍ଥ ପାଇବାକୁ ସମର୍ଥ ହୋଇଥାଆନ୍ତି। ମାତ୍ର ସରକାର ପରିବର୍ତ୍ତନ ପରେ ପ୍ରଶାସନିକ ସ୍ଥାଣୁତା ଓ ବିକାଶ କାର୍ଯ୍ୟରେ ପ୍ରତିବନ୍ଧକ ରାଜ୍ୟକୁ କେନ୍ଦ୍ରୀୟ ଅନୁଦାନ କ୍ଷେତ୍ରରେ ବାଧକ ହୋଇଛି। ବିରୋଧୀମାନେ ଏ ସଂକ୍ରାନ୍ତରେ କରୁଥିବା ଅଭିଯୋଗ ସତ୍ୟ ସାବ୍ୟସ୍ତ ହୋଇଛି ଓ ଏହା ପ୍ରଧାନମନ୍ତ୍ରୀ ଗ୍ରାମସଡ଼କ ଯୋଜନା କ୍ଷେତ୍ରରେ ଦୃଶ୍ୟମାନ ହୋଇଛି। ପୁନଶ୍ଚ ୨୦୧୧ ଜନଗଣନା ଆଧାରରେ ୨୦୧୭-୧୮ ମସିହାରେ ପ୍ରସ୍ତୁତ ସୂଚୀରେ ରାଜ୍ୟରେ ୫୯,୯୭୧ଟି ରାଜସ୍ୱ ଗ୍ରାମ ରହିଥିଲା। ସେଥିମଧ୍ୟରୁ ୫୧,୬୭୧ଟି ଗ୍ରାମକୁ ପ୍ରଧାନମନ୍ତ୍ରୀ ଗ୍ରାମ ସଡକ ଯୋଜନା ଓ ରାଜ୍ୟ ସରକାରଙ୍କ ଅନ୍ୟାନ୍ୟ ଯୋଜନାରରେ ପର୍ଯ୍ୟାୟକ୍ରମେ ସଡ଼କ ସଂଯୋଗୀକରଣ ହୋଇପାରିଛି। ଏବେ ବି ରାଜ୍ୟର ୮୩୦୦ ଗ୍ରାମକୁ ସଡ଼କ ସଂଯୋଗ ହୋଇନାହିଁ। ଏହାମଧ୍ୟରେ କୋରାପୁଟ ଜିଲ୍ଲାର ସର୍ବାଧିକ ୧୩୭୪ଟି ଗ୍ରାମ ଥିବାବେଳେ ରାୟଗଡାର ୧୦୯୯, ନବରଙ୍ଗପୁରର ୬୪୧, କଳାହାଣ୍ଡିର ୫୭୪ ଗ୍ରାମ ରହିଛି। ତାଲିକାରେ ଝାରସୁଗୁଡା ଜିଲ୍ଲାର ୩୪ ଗ୍ରାମ ରହିଥିବା ଜଣାପଡ଼ିଛି।

### ନିଯୁକ୍ତି ବୟସ ସୀମା...

ବୋଲି ରାଜ୍ୟ ସରକାର ଆଶା ରଖିଛନ୍ତି। ଉପରୋକ୍ତ ୨ ପ୍ରସ୍ତାବ ସମେତ ମୋଟ ୫ଟି ପ୍ରସ୍ତାବକୁ ଅନୁମୋଦନ ମିଳିଥିବା ନେଇ ମୁଖ୍ୟ ଶାସନ ସଚିବ ମନୋଜ କୁମାର ଆହୁଜା ସୂଚନା ଦେଇଛନ୍ତି।

କ୍ୟାବିନେଟ ବୈଠକ ସମାପ୍ତ ହେବା ପରେ ବୈଠକର ନିଷ୍ପତ୍ତି ସମ୍ପର୍କରେ ମୁଖ୍ୟ ଶାସନ ସଚିବ ଗଣମାଧ୍ୟମକୁ ସବିଶେଷ ସୂଚନା ଦେଇଛନ୍ତି। ସୂଚନା ଅନୁଯାୟୀ ବିଭିନ୍ନ ନିଯୁକ୍ତି ପ୍ରକ୍ରିୟାରେ ଅଂଶଗ୍ରହଣ କରିବା ପାଇଁ ସର୍ବୋଚ୍ଚ ବୟସ ସୀମାକୁ ବୃଦ୍ଧି କରିବା ପାଇଁ ବିଭିନ୍ନ ମହଲରୁ ବହୁ ନିବେଦନ ଆସିଥିଲା। ଏହାକୁ ବିଚାରକୁ ନେଇ ରାଜ୍ୟ ସରକାର କେତେକ ସେବା ଓ ପଦବୀ ଯେଉଁଠାରେ ସର୍ବୋଚ୍ଚ ବୟସସୀମା ଅଧିକ ଉଲ୍ଲେଖ ରହିଛି, ସେଗୁଡ଼ିକୁ ଛାଡ଼ି ସର୍ବୋଚ୍ଚ ବୟସସୀମାକୁ ୪୨କୁ ବୃଦ୍ଧି କରିଛନ୍ତି। ଏହାସହ ୟୁନିଫର୍ମ ସେବା ଯଥା ପୁଲିସ, ଜଙ୍ଗଲ, ଅବକାରୀ, ଅଗ୍ନିଶମ ସେବା, ଆଦିରେ ଶାରିରୀକ ଦକ୍ଷତା ପରୀକ୍ଷା ରହିଥିବାରୁ ଏହାକୁ ସର୍ବୋଚ୍ଚ ବୟସସୀମାକୁ ବାଦ୍ ଦିଆଯାଇଛି। ଉପରୋକ୍ତ ସର୍ବୋଚ୍ଚ ବୟସସୀମା ଏସସି, ଏସଟି, ଏସଇବିସି, ଅବସରପ୍ରାପ୍ତ ସୈନିକ ଏବଂ ଭିନ୍ନକ୍ଷମ ବ୍ୟକ୍ତିବିଶେଷଙ୍କ ଦ୍ୱାରା ବିଭିନ୍ନ ସମୟରେ ଜାରି ହେଉଥିବା ନିୟମାବଳୀ ଅନୁସାରେ କୋହଳ ହେବ ବୋଲଲି ସରକାର କହିଛନ୍ତି। ସେହିପରି ସ୍ୱନ୍ତ୍ର ଏଆଇ ନୀତିକୁ ଅନୁମୋଦନ ଦେଇ ସରକାର କହିଛନ୍ତି ଯେ ଏହାଦ୍ୱାରା ଏକ ସ୍ୱତନ୍ତ୍ର ଏଆଇ ମିଶନର ସୃଷ୍ଟି କରାଯିବ। ଯାହା ସରକାରୀ ବିଭାଗମାନଙ୍କ ମଧ୍ୟରେ ଏଆଇ ପ୍ରୟୋଗର ପ୍ରୟାସଗୁଡ଼ିକୁ କାର୍ଯ୍ୟାନ୍ୱିତ କରିବା ପାଇଁ ସର୍ବୋଚ୍ଚ ପ୍ରତିଷ୍ଠାନ ଭାବେ କାର୍ଯ୍ୟ କରିବ। ଓଡ଼ିଶା ଏଆଇ ମିଶନରେ ଦୁଇ-ସ୍ତରୀୟ ପରିଚାଳନା ବ୍ୟବସ୍ଥା କରାଯାଇଛି। ଗୋଟିଏ ଏଆଇ ଟାସ୍କ ଫୋର୍ସ ହୋଇଥିବା ବେଳେ ଅନ୍ୟଟି ଏଆଇ ସେଲ ରହିଛି। ଏହା ବ୍ୟତୀତ ରାଜ୍ୟ ସରକାର ମେଇଟି ଏବଂ ନାସକମ ସହ ସହଭାଗିତାରେ ଏକ ଏଆଇ ସେଣ୍ଟର ଅଫ୍ ଏକ୍ସିଲେନ୍ସ ପ୍ରତିଷ୍ଠା ପାଇଁ ଲକ୍ଷ୍ୟ ରଖିଛନ୍ତି। ଯାହା ଓଡ଼ିଶାର ବୈଷୟିକ ଗବେଷଣା, ଆବିଷ୍କାର ଓ ବିକାଶ ଏବଂ କ୍ଷମତା ବିକାଶ ପାଇଁ ସ୍ୱତନ୍ତ୍ର ବାବେ କାମ କରିବ ବୋଲି କୁହାଯାଇଛି। ସେହିପରି ଅନ୍ୟଏକ ପ୍ରସ୍ତାବ କ୍ରମେ ରାଜ୍ୟ ସରକାର ଢେଙ୍କାନାଳ ଜିଲ୍ଲାର ଯୋରନ୍ଦାସ୍ଥିତ ମହିମା ଗାଦିରେ ଉନ୍ନତିମୂଳକ କାର୍ଯ୍ୟ ଓ ଭବ୍ୟ ଶୂନ୍ୟ ମଣ୍ଡପର ନିର୍ମାଣ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏଥିପାଇଁ କ୍ୟାବିନେଟ ୧୭୧ କୋଟି ୧୧ ଲକ୍ଷ ଟଙ୍କାର ସର୍ବନିମ୍ନ ଟେଣ୍ଡରକୁ ଏମ/ଏସ ଆଇରନ୍ ଟ୍ରାଏଙ୍ଗଲ ଲିମିଟେଡ ସପକ୍ଷରେ ଅନୁମୋଦନ କରିଛନ୍ତି।

୩୬ ମାସ ମଧ୍ୟରେ ଏହି କାର୍ଯ୍ୟ ସମାପନ ଲକ୍ଷ୍ୟ ରଖାଯାଇଥିବା ବେଳେ ଏହା ସ୍ଥାନୀୟ ବିକାଶ ସହ ପର୍ଯ୍ୟଟନମାନଙ୍କୁ ପ୍ରୋତ୍ସାହିତ କରିବ ବୋଲି ସରକାର କହିଛନ୍ତି। କ୍ୟାବିନେଟରେ ଓଡ଼ିଶା ଚକ୍ଷୁ ଚିକିତ୍ସା ସେବା(ନିଯୁକ୍ତି ପ୍ରମାଳୀ ଓ ସେବା ସର୍ତ୍ତ) ନିୟମାବଳୀ, ୨୦୨୫କୁ ସରକାର ଅନୁମୋଦନ ଦେଇଛନ୍ତି। ରାଜ୍ୟରେ ବର୍ତ୍ତମାନ ୧୯୭ ଜଣ ଚକ୍ଷୁଚିକିତ୍ସା ସହାୟକ କାର୍ଯ୍ୟରତ ଅଛନ୍ତି। ଏହାସହ ରାଜ୍ୟ ସରକାର ଗତବର୍ଷ ଚକ୍ଷୁଚିକିତ୍ସା ସେବା ସମ୍ବର୍ଗ ଅଧିନରେ ମୂଳ ପଦବୀରେ ମୋଟ ୫୩୮ଟି ପଦବୀ ସୃଷ୍ଟି କରିଥିଲେ। ବର୍ତ୍ତମାନ ମୂଳ ପଦବୀରେ ୧୪୧ଟି ନୂଆ ପଦବୀ ସୃଷ୍ଟି ହେବାକୁ ଯାଉଛି। ଏହାସହ ପଦୋନ୍ନତି ଭିତ୍ତିରେ ପଦାନୁକ୍ରମେ ବିଭିନ୍ନ ପଦବୀ ପୂରଣ ପାଇଁ ମୋଟ ୨୦୦ଟି ପଦବୀ ସୃଷ୍ଟି କରାଯାଇଛି। ଏହି ସେବା ସମ୍ବର୍ଗ ସୃଷ୍ଟି ହୋଇଥିବାରୁ ନିୟମିତ ଭାବେ କାର୍ଯ୍ୟ କରୁଥିବା ଯୋଗ୍ୟ ଚକ୍ଷୁ ଚିକିତ୍ସା ସହାୟକମାନଙ୍କର ବୃତ୍ତିଗତ ଜୀବନରେ ଉନ୍ନତି ଆସିବ ବୋଲି ସରକାର ଆଶା ରଖିଛନ୍ତି।

ଅପରପକ୍ଷେ ଜଗତସିଂହପୁର ଜିଲ୍ଲାର ଜଟାଧାର ମୁହାଣଠାରେ ଏକ ନିଜସ୍ୱ ଜେଟି ନିର୍ମାଣ ପାଇଁ ରାଜ୍ୟ ସରକାର ଏବଂ ଜେଏସଡବ୍ଲ୍ୟୁ ଉତ୍କଳ ଷ୍ଟିଲ ମଧ୍ୟରେ ରିଆତି ଚୁକ୍ତିନାମା ସ୍ୱାକ୍ଷରକୁ ଅନୁମୋଦନ ଦେଇଛନ୍ତି। ଏହି ଜେଟି ଦ୍ୱାରା ରାଜ୍ୟ ସରକାର ରାଜସ୍ୱ ସୃଷ୍ଟି ପାଇଁ ଲକ୍ଷ୍ୟ ରଖିଥିବା ବେଳେ ଓଡ଼ିଶା ବନ୍ଦର ନୀତି, ୨୦୨୨ ଅନୁଯାୟୀ ବନ୍ଦର ସମ୍ପର୍କିତ ଶିଳ୍ପର ବିକାଶ ସହ ବନ୍ଦରକୁ ସଂଯୋଗ କରୁଥିବା ଭିତ୍ତିଭୂମିର ବିକାଶକୁ ଏହି ଜେଟି ପ୍ରୋତ୍ସାହିତ କରିବ। ଏହି ପ୍ରକଳ୍ପ ମାଧ୍ୟମରେ ୩୪୫୦ ଲୋକଙ୍କୁ ପ୍ରତ୍ୟେକ୍ଷ ଏବଂ ପରୋକ୍ଷ ନିଯୁକ୍ତି ମିଳିବା ନେଇ ଲକ୍ଷ୍ୟ ରଖାଯାଇଛି।

### ଓଡ଼ିଶାରେ ମୌସୁମୀ ...

ଅନୁକୁଳ ପାଗ ଓ ସକ୍ରିୟ ଲଘୁଚାପ କାରଣରୁ ମୌସୁମୀ କ୍ଷିପ୍ର ଗତିରେ ପ୍ରବେଶ କରିଥିବା କୁହାଯାଉଛି। ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ, ପ୍ରଥମ ଦିନରେ ଦକ୍ଷିଣ ଓଡ଼ିଶାର କୋରାପୁଟ, ମାଲକାନଗିରିକୁ ମୌସୁମୀ ସମ୍ପୂର୍ଣ୍ଣ ଆଚ୍ଛାଦିତ କରିଥିବା ବେଳେ ମାଲକାନଗିରି, ରାୟଗଡ଼ା ଓ ଗଜପତି ଜିଲ୍ଲାକୁ ମୌସୁମୀ ଆଂଶିକ ଛୁଇଁଛି। ଏହା ପ୍ରଭାବରେ ଦକ୍ଷିଣ ଓଡ଼ିଶାର ଏହିସବୁ ସ୍ଥାନରେ ଦୁଇ ଦିନ ହେବ ଭାରି ବର୍ଷା ରେକର୍ଡ କରାଯାଇଛି। ମୌସୁମୀ ଆଗକୁ ବଢ଼ିବା ପାଇଁ ପାଗ ସମ୍ପୂର୍ଣ୍ଣ ଅନୁକୂଳ ରହିଥିବାରୁ ଦିନେ ଦୁଇ ଦିନ ମଧ୍ୟରେ ରାଜ୍ୟର ଅନ୍ୟ କେତେକ ଜିଲ୍ଲାକୁ ମଧ୍ୟ ମୌସୁମୀ ଅଗ୍ରସର ହେବାର ସମ୍ଭାବନା ରହିଛି। ଅନ୍ୟପଟେ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ସଦୃଶ୍ୟ ଲଘୁଚାପରେ ପରିଣତ ହୋଇଥିବା ବେଳେ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଏହା ଅବପାତର ରୂପ ନେବାର ସମ୍ଭାବନା ରହିଛି। ଫଳରେ ଆସନ୍ତା ଦୁଇ ଦିନରେ ମୌସୁମୀ ଆହୁରି ସକ୍ରିୟ ହୋଇ ଆଗକୁ ବଢ଼ାଇବାରେ ଏହା ସହାୟକ ହେବ ବୋଲି କୁହାଯାଇଛି। ଉଭୟ ମୌସୁମୀ ଓ ସକ୍ରିୟ ଲଘୁଚାପ ପ୍ରଭାବରେ ଆସନ୍ତା ୨ ଦିନ ପର୍ଯ୍ୟନ୍ତ ରାଜ୍ୟରେ ଅଧିକାଂଶ ଜିଲ୍ଲାରେ ବର୍ଷା ନେଇ ପୂର୍ବାନୁମାନ କରାଯାଇଛି। ଗତ ୩୬ ଘଣ୍ଟା ମଧ୍ୟରେ ଚାନ୍ଦବାଲିରେ ସର୍ବାଧିକ ୯୦ ମିମି ବର୍ଷା ରେକର୍ଡ ହୋଇଥିବା ବେଳେ ପାରାଦୀପରେ ୫୨, ପୁରୀ ୬୨, ଅନୁଗୁଳ ୭୪, ଭବାନୀପାଟଣା ୫୬, ଦାରିଙ୍ଗବାଡ଼ି ୮୨, ନବରଙ୍ଗପୁର ୫୩, କେନ୍ଦ୍ରାପଡ଼ା ୫୮ ଓ ଢେଙ୍କାନାଳରେ ୪୬ ମିମି ବର୍ଷା ରେକର୍ଡ କରାଯାଇଛି।

ଗୁରୁବାର ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ ଓ କେନ୍ଦ୍ରାପଡ଼ା ଜିଲ୍ଲାର ବିଭିନ୍ନ ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାକୁ ଥିବା ବେଳେ ଏହି ଜିଲ୍ଲାଗୁଡ଼ିକ ପାଇଁ ଅରେଞ୍ଜ ଆଲର୍ଟ ଜାରି ହୋଇଛି। ସେହିପରି ବାକି ସବୁ ଅଞ୍ଚଳ ପାଇଁ ୟେଲୋ ଆଲର୍ଟ ଜାରି ହୋଇଛି। ବର୍ଷା ସାଙ୍ଗକୁ ସମୁଦ୍ର ମଧ୍ୟରେ ପବନର ବେଗ ୪୫-୫୫ ଓ ଝଟକା ୬୫ କମି ରହିବାକୁ ଥିବାରୁ ଉତ୍ତର ବଙ୍ଗୋପସାଗର ସଂଲଗ୍ନ କେନ୍ଦ୍ରୀୟ ବଙ୍ଗପୋସାଗର ଅଶାନ୍ତ ରହିବ। ତେଣୁ ୩୦ ତାରିଖ ପର୍ଯ୍ୟନ୍ତ ମତ୍ସ୍ୟଜୀବୀଙ୍କୁ ସମୁଦ୍ର ମଧ୍ୟକୁ ନ ଯିବା ପାଇଁ ପରାମର୍ଶ ଦିଆଯାଇଛି। ବର୍ଷାକୁ ଦୃଷ୍ଟିରେ ରଖି ରାଜ୍ୟର ସମସ୍ତ ଜିଲ୍ଲାର ଜିଲ୍ଲାପାଳଙ୍କୁ ସତର୍କ ରହିବା ପାଇଁ ଏସ୍‌ଆର୍‌ସି ନିର୍ଦ୍ଦେଶ ଦେଇଛନ୍ତି। ଚଳିତ ବର୍ଷ ମୌସୁମୀ ଆଗୁଆ ଛୁଇଁବା ନେଇ ପୂର୍ବାନୁମାନ କରାଯାଇଥିଲା; ମାତ୍ର ଚଳିତ ବର୍ଷ ମୌସୁମୀ ପ୍ରବେଶ ୧୬ ବର୍ଷ ମଧ୍ୟରେ ସବୁଠୁ ସଅଳ ରହିଛି। ତଥ୍ୟ ଅନୁଯାୟୀ, ୧୯୬୦ ମସିହାରୁ ଆଜି ପର୍ଯ୍ୟନ୍ତ କେବଳ ୨ ଥର ମେ' ମାସରେ ମୌସୁମୀ ଓଡ଼ିଶା ଛୁଇଁବାର ନଜିର ରହିଛି। ୨୦୦୯ ମସିହାରେ ଶେଷଥର ପାଇଁ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ମେ ୨୫ ତାରିଖରେ ଓଡ଼ିଶା ଛୁଇଁଥିଲା। ଏହାପୂର୍ବରୁ ୧୯୯ ମସିହାରେ ମଧ୍ୟ ୨୮ ମେ'ରେ ମୌସୁମୀ ଓଡ଼ିଶା ଛୁଇଁଥିଲା। ଏବେ ପୁଣି ଥରେ ମୌସୁମୀ ମେ' ମାସରେ ଓଡ଼ିଶା ଛୁଇଁ ପୁରୁଣା ରେକର୍ଡ ଦୋହରାଇଛି।

■ ଆଜିଠୁ ମୁଖ୍ୟମନ୍ତ୍ରୀ ରିସର୍ଚ୍ଚ ଫେଲୋସିପ୍ ପାଇଁ ଆବେଦନ

# ପ୍ରବେଶିକା ପରୀକ୍ଷା ନେଇ ସ୍ୱଷ୍ଟତା ନାହିଁ

**ଭୁବନେଶ୍ୱର,୨୮ ।୫(ସମିସ):** ମୁଖ୍ୟମନ୍ତ୍ରୀ ରିସର୍ଚ୍ଚ ଫେଲୋସିପ୍ ପାଇଁ ଆସନ୍ତାକାଲି ଅର୍ଥାତ୍ ଗୁରୁବାରଠାରୁ ଆବେଦନ ଆରମ୍ଭ ହେବ। ଆଶାୟୀମାନେ ଜୁନ୍ ୨୪ ତାରିଖ ପର୍ଯ୍ୟନ୍ତ ଆବେଦନ କରିପାରିବେ। ଆବେଦନରେ କୌଣସି ତ୍ରୁଟି ଥିଲେ, ୨୫ ତାରିଖରେ ସଂଶୋଧନ କରିବାକୁ ସୁଯୋଗ ମିଳିବ। ଜୁଲାଇ ୩ରେ ଓକାକ୍ ପକ୍ଷରୁ ଆବେଦନକାରୀଙ୍କ ତଥ୍ୟ ଓଡ଼ିଶା ରାଜ୍ୟ ଉଚ୍ଚଶିକ୍ଷା ପରିଷଦ (ଓଏସଏଚ୍‌ଇସି) ନିକଟରେ ଦାଖଲ କରାଯିବ। ପ୍ରମାଣପତ୍ର ଯାଞ୍ଚ ତାରିଖ ପରବର୍ତ୍ତୀ ସମୟରେ ପ୍ରକାଶ ପାଇବ ବୋଲି ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ କୁହାଯାଇଛି। ଚଳିତଥର କେବଳ ପିଏଚ୍‌ଡି ତାଲିକାଭୁକ୍ତ ହୋଇଥିବା ଛାତ୍ରଛାତ୍ରୀମାନେ ଆବେଦନ କରିପାରିବେ। ସବୁଠାରୁ ଆଶ୍ଚର୍ଯ୍ୟଜନକ କଥା ହେଲା, ବିଜ୍ଞପ୍ତିରେ ପ୍ରବେଶିକା ପରୀକ୍ଷା ହେବ ନା ନାହିଁ, ସେନେଇ କୌଣସି ସୂଚନା ଦିଆଯାଇ ନାହିଁ। ୨୦୨୩-୨୪ରେ ପ୍ରଥମଥର ପାଇଁ ମେଧା ଚୟନ ପାଇଁ ପ୍ରବେଶିକା ପରୀକ୍ଷା ହୋଇଥିଲା। ଏହା ପୂର୍ବରୁ ପ୍ରବେଶିକା ପରୀକ୍ଷା ହେଉ ନ ଥିବାରୁ ଆଶାୟୀଙ୍କ ମଧ୍ୟରେ ଦ୍ୱନ୍ଦ୍ୱ ବଢ଼ିଛି। ଉଚ୍ଚଶିକ୍ଷା ପରିଷଦ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, କେବଳ ୩ଶହ ଜଣଙ୍କୁ ଏହି ବୃତ୍ତିରାଶି ପ୍ରଦାନ କରାଯାଉଥିବାରୁ ଆବେଦନକାରୀଙ୍କ ସଂଖ୍ୟାକୁ ଦେଖି ପରବର୍ତ୍ତୀ ସମୟରେ ପରୀକ୍ଷା କରାଯିବ ନା ନାହିଁ ନିଷ୍ପତ୍ତି ନିଆଯିବ ବୋଲି ଜଣାପଡ଼ିଛି।

## ବିଜେଡି ଛାଡ଼ିଲେ ପ୍ରୟାସକାନ୍ତି ସାମଲ

**ଭଦ୍ରକ, ୨୮ ।୫ (ସମିସ):** ଭଦ୍ରକର ପ୍ରାକ୍ତନ ପୌରାଧ୍ୟକ୍ଷ ତଥା ବିଜେଡିର ପ୍ରାକ୍ତନ ସମ୍ପାଦକ ପ୍ରୟାସକାନ୍ତି ସାମଲ ଆଜି ବିଜେଡିର ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା ଦେଇଛନ୍ତି। ଭଦ୍ରକ ନୂଆବଜାରସ୍ଥିତ ତାଙ୍କ ବାସଭବନରେ ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ସେ ଏହି ସୂଚନା ଦେଇଛନ୍ତି। ରାଜ୍ୟ ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କୁ ସେ ତାଙ୍କ ଇସ୍ତଫାପତ୍ର ପଠାଇ ଦେଇଥିବା ସୂଚନା ଦେଇଛନ୍ତି। ତେବେ ବ୍ୟକ୍ତିଗତ କାରଣ ପାଇଁ ସେ ବିଜେଡି ଛାଡ଼ିଥିବା କହିଛନ୍ତି। ବିଜେଡି ଛାଡ଼ିବା ପରେ ପ୍ରୟାସକାନ୍ତି କହିଛନ୍ତି, କୌଣସି ଦଳରେ ନ ରହି ଲୋକଙ୍କ ସେବା ଜାରି ରହିବ।

## ବଜ୍ରପାତରେ ଜଣେ ମୃତ

**କଟକ, ୨୮।୫ (ସମିସ):** କଟକ ଜିଲ୍ଲା ବାଙ୍କୀ ବ୍ଲକ୍‌ରେ ଆଜି ବଜ୍ରପାତ ଘଟି ଜଣେ ଯୁବକଙ୍କ ମୃତ୍ୟୁ ଘଟିଥିବା ବେଳେ ୩ ଜଣ ଗୁରୁତର ହୋଇଛନ୍ତି। ସୂଚନା ଅନୁଯାୟୀ, ଆଜି ଅପରାହ୍ଣରେ ବାଙ୍କୀ ବ୍ଲକ୍ ଅନ୍ତର୍ଗତ କାଳୀପୋଇ ଗ୍ରାମ ପଞ୍ଚାୟତର କରଡ଼ାପଲି ଗ୍ରାମର ୩ ଜଣ ସାଙ୍ଗ ଏକ ବାଇକ୍‌ରେ କଳାପଥର ଯାଉଥିଲେ। ମାତ୍ର ବର୍ଷା ଜୋର୍‌ରେ ହେବାରୁ ୩ଜଣ ଯୁବକ ବାଇକ୍ ରଖି ଗୋଟିଏ ଆମ୍ବ ଗଛ ମୂଳରେ ଛିଡ଼ା ହୋଇଥିଲେ। ସେହି ସମୟରେ ବଜ୍ରପାତ ହେବାରୁ ଘଟଣାସ୍ଥଳରେ ୩ଜଣ ଯୁବକ ତଳେ ପଡ଼ିଯାଇଥିଲେ। ସମସ୍ତଙ୍କୁ ସ୍ଥାନୀୟ ଲୋକ ଉଦ୍ଧାର କରି କଳାପଥର ଡାକ୍ତରଖାନାକୁ ଆଣିବା ବେଳକୁ ଆକାଶ ନାୟକ ନାମକ ଜଣେ ଯୁବକଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ।

**AFFIDAVIT**
BY VIRTUE OF an affidavit sworn before the Notary Public, Sunabeda dated 19/05/2025 I Sri *Guru Kanteri* S/o- Mangu Kanteri, Village - KhataGoudaput, Post - MaliBelgaon, PS -Nandapur, Dist - KORAPUT declare that I have changed my daughters name from ***Dhanasari Kanteri** to **Dhaneswari Kanteri***. Henceforth, my daughter shall be known as ***Dhaneswari Kanteri*** for all purpose.
Sd/- *Guru Kanteri*

**AFFIDAVIT**
I, **Sital Agrawal,** W/o.: Prakash Kumar Agarwal, Resident of Prafulla Mishra Appartment, PO.: Hulurisingha, P.S./Dist.: Angul, Odisha, PIN-759132, declare by this affidavit No.: 11533 dtd 27.05.2025 that now onwards I shall be known as **SHEETAL AGARWAL** for all future purposes.

**AFFIDAVIT**
I, Digambar Muduli, S/o- Sunakar Muduli, resident of Kesarpur, Danapur, Kendrapara, Pin-754210, Odisha declare by this affidavit No- 462, dated-26/05/2025 that now onwards I shall be known as **DIGAMBARA MUDULI** for all future purposes.

**AFFIDAVIT**
By virtue of an affidavit sworn before Notary Public, Koraput, dtd. 27.05.2025, I, Danu Majhi resident of Kendumaliguda, Sunabeda, Dist.- Koraput - 763001 declare that I have changed my name from Ddnamati Majhi to danu Majhi. Henceforth I shall be known as Danu Majhi for all purposes.
**Sd/- Danu Majhi**

**AFFIDAVIT**
I, Deepak Chandra Ota, aged about 48 years, S/o- Gobinda Ota, resident of Flat No- 302, Paradise Home, K3b, Kalingaganar, Bhubaneswar, Pin-751003, Odisha declared by this affidavit No. 1088, dtd- 27/05/2025 that now onwards I shall be known as **DEEPAK KUMAR HOTA** for all future purposes.

**NOTICE**
By virtue of an affidavit No. 2537, dated 27/05/2025 sworn before The Notary Public, Sunabeda, I, Smt. Jimu Muduli, W/o- Damodara Muduli Vill:- Taintar, PO- Bheja PS- Padwa, Dist.: Koraput declare that I have changed my name from Jimbu Muduli to Jimu Muduli. Henceforth, I shall be known as Jimu Muduli for all purposes.
**Jimu Muduli**

**AFFIDAVIT**
I, Hata Kishore Misra, S/o- Late Dinabandhu Mishra, Plot No.: M-29, Madhusudan Nagar, Unit-4, Bhubaneswar-751001, Dist.: Khordha, Odisha declare by this affidavit No. 85, dtd.- 27/05/2025 that now onwards I shall be known as **HATA KISHORE MISHRA** for all future purposes.

**AFFIDAVIT**
I, **Jayadeep Achariya,** S/o- Nilambar Achariya, resident of At- Ground Floor, Plot No-261, Forest Park, Ps- Capital, Bhubaneswar, Pin-751009, Odisha declare that changed my minor daughter's name from **Ayushi Acharya To Ayushi Achariya** by this affidavit No- 891, dated- 19/04/2025 that now onwards she shall be known as **Ayushi Achariya** for all future purposes.

**AFFIDAVIT**
BY VIRTUE OF an affidavit sworn before the Notary Public, Sunabeda dated 19/05/2025 I Sri DHANIA GEMAL S/o- *GURU GEMAL*, Village - JANTAPUT, Post - BADEL, PS- PADUA, Dist.- KORAPUT declare that I have changed my daughters name from ***Jagani Gemal** to **JOGINI GEMEL***. Henceforth, my daughter shall be known as ***JOGINI GEMEL*** for all purpose.
Sd/- Dhania Gemal

**AFFIDAVIT**
By virtue of an affidavit sworn before Notary Public Titilagarh, dated 27.05.2025 I, Kasturi Devi, Address At- Brahmanipali Jungle, Po- Gajabandh, Ps- S. Rampur, Dist- Subarnapur, Odisha, Pin-767019 declare that I have changed my name from Kasturi Bag to Kasturi Devi. Henceforth, I shall be known as **Kasturi Devi** for all purposes.
**Kasturi Devi**

**AFFIDAVIT**
BY VIRTUE OF an affidavit sworn before the Notary Public, Sunabeda dated 19/05/2025 I *Kumari Kausalya Padal* D/o- Ghanashyam Padal, Village - Padalput, Post - Balda, PS - Padua, Dist - KORAPUT declare that I have changed my name from ***Kaushalya Padal** to **Kumari Kausalya Padal*** . Henceforth, I shall be known as ***Kumari Kausalya Padal*** for all purpose.
Sd/- *Kumari Kausalya Padal*

**AFFIDAVIT**
BY VIRTUE OF an affidavit sworn before the Notary Public, Sunabeda dated 19/05/2025 I Sri *KAMAL LOCHAN KURUKURIA* S/o- DHANA KURUKURIA, Village - MALIBHIMDOL, Post - BALDA, PS- PADUA, Dist - KORAPUT declare that I have changed my name from ***KAMAL LACHHAN KURUKURIYA** to **KAMAL LOCHAN KURUKURIA***. Henceforth, I shall be known as *KAMAL LOCHAN KURUKURIA* for all purpose.
Sd/-
*KAMAL LOCHAN KURUKURIA*

**AFFIDAVIT**
By virtue of an affidavit no. 3854, dtd. 13.05.2025 in the court of the Executive Magistrate, Umerkote, Dist.- Nabarangpur, I, Lachaman Lahra have changed my name from Lachman Kamar to Lachman Lahra. Henceforth I shall be known as Lachaman Lahra for all purposes.
**Sd/- Lachaman Lahra**

**AFFIDAVIT**
I, Sanjukta Misra, W/o- Hata Kishore Misra, Plot No.: M-29, Madhusudan Nagar, Unit-4, Bhubaneswar-751001, Dist.: Khordha, Odisha declare by this affidavit No. 86, dtd.- 27/05/2025 that now onwards I shall be known as **SANJUKTA MISHRA** for all future purposes.

**SALE**
Booking Open 2/3 BHK Flats
BHPL KRISHNA BHARATPUR,
BHPL RUDRA in front of CET College, Ghatikia, BHPL SB HOMES, Ghatikia, BHPL PNM, Satya Vihar, BHPL GRAND-4, Jagamara, GADHWAL HEIGHTS, Gautam Nagar, Bhubaneswar.
**Contact**
**GADHWAL GROUP**
**M.: 9437015112**

**AFFIDAVIT**
By virtue of an affidavit sworn before Notary Public Titilagarh, dated 24.05.2025 I, Rasmi Tandi, Adress At- Satighat, Turla, Po- Bhatipara, Ps- Titilagarh, Dist- Balangir, Odisha, Pin- 767042 declare that I have changed my daughter's name from Shradha Tandi to Shradhanjali Tandi. Henceforth, she shall be known as **Shradhanjali Tandi** for all purposes.
**Rasmi Tandi**

**NOTICE**
It is for information of all concern that the Partnership Firm namely M/S SAI FOOD PRODUCTS bearing Regn No.- 2420202301436 of Dist.- Nayagarh has been Re-constituted w.e.f. 01-04-2025 as follows:-

| | | |
|---|---|---|
| i) | **Rupesh Kumar Agrawalla** | Existing Partner-cum-Managing Partner |
| ii) | **Rakesh Kumar Behera** | Existing Partner |
| iii) | **Manoj Kumar Subudhi** | Existing Partner |
| iv) | **Ashok Kumar Sahoo** | Retiring Partner |
| v) | **Sunil Kumar Agrawalla** | Retiring Partner |

**Sd/-**
**Sri Rupesh Kumar Agrawalla**
**Managing Partner**

**AFFIDAVIT**
I, Krishna Chandra Rath, aged about 63 years, S/o- Raghunath Rath, resident of Damadarapur, Gop, Siso, Dist- Puri, Pin-752110, Odisha declared by this affidavit No. 1087, dtd- 27/05/2025 that now onwards I shall be known as **KRUSHNA CHANDRA RATH** for all future purposes.

## ଆଜିର ରାଶିଫଳ

**ମେଷ:** ବ୍ୟବସାୟରେ ଆଶାଜନକ ପରିଣାମ ମିଳିବ ନାହିଁ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ଆର୍ଥିକ ସ୍ଥିତି ଭଲ ରହିବ। ବନ୍ଧୁଙ୍କ ସହାୟତା ମିଳିବ। ନକାରାତ୍ମକ ଚିନ୍ତା ଦୂର ହେବ।

**ବୃଷ:** ଯାତ୍ରା ଯୋଗ ଅଛି। ଯାନବାହନ କିଣିବେ। ନିବେଶରୁ ଦୂରେଇ ରୁହନ୍ତୁ। ଛାତ୍ରଛାତ୍ରୀ ମନପସନ୍ଦ କାର୍ଯ୍ୟରେ ସମୟ ଅତିବାହିତ କରିବେ। ବନ୍ଧୁଙ୍କ ସହ ମନୋମାଳିନ୍ୟ ଦେଖା ଦେବ।

**ମିଥୁନ:** ଧାର୍ମିକ ପୁସ୍ତକ ପ୍ରତି ଆଗ୍ରହ ବଢ଼ିବ। ମନ ପ୍ରସନ୍ନ ରହିବ। ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ଭଲ। ପରୋପକାର କାର୍ଯ୍ୟରେ ନିଜକୁ ନିୟୋଜିତ କରିବେ। ଘରେ ମାଙ୍ଗଳିକ କାର୍ଯ୍ୟ ଅନୁଷ୍ଠିତ ହେବ।

**କର୍କଟ:** ଅଫିସ୍‌ରେ କାର୍ଯ୍ୟଭାର ବଢ଼ିବ। କୌଣସି କାର୍ଯ୍ୟରେ ସମସ୍ୟା ଦେଖା ଦେବ। ବିବାହରେ ସମସ୍ୟା ଆସିବ। ପ୍ରତିଯୋଗିତାମୂଳକ ପରୀକ୍ଷାରେ ବିଦ୍ୟାର୍ଥୀ କୃତକାର୍ଯ୍ୟ ହେବେ।

**ସିଂହ:** ଚାକିରିରେ ସଫଳତା ମିଳିବ। ଜୀବନସାଥୀଙ୍କ ସହଯୋଗ ମିଳିବ। ବାପାଙ୍କ ସ୍ୱାସ୍ଥ୍ୟ ସମସ୍ୟାକୁ ନେଇ ଚିନ୍ତାରେ ରହିବେ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**କନ୍ୟା:** ଚାକିରିକୁ ନେଇ କୌଣସି ସମସ୍ୟା ଦେଖା ଦେବ। ପାରିବାରିକ ଜୀବନ ସୁଖମୟ ହେବ। ଘରେ ପୂଜାପାଠ ଆୟୋଜନ କରିବେ। ଅଟକିଥିବା କାର୍ଯ୍ୟ ପୂରା ହେବ। ଆୟର ନୂଆ ଅବସର ପ୍ରାପ୍ତ ହେବ।

**ତୁଳା:** ଆର୍ଥିକ ସ୍ଥିତି ମଜଭୁତ୍ ହେବ। ବିବାହ ପ୍ରସ୍ତାବ ଆସିବ। ରାଜନୀତିରେ ସଫଳତା ମିଳିବ। ଛାତ୍ରଛାତ୍ରୀ କ୍ୟାରିୟର ପାଇଁ ନୂଆ ଯୋଜନା କରିବେ।

**ବିଛା:** ଆଇଟି ଓ ବ୍ୟାଙ୍କ କ୍ଷେତ୍ରରେ ସଫଳତା ମିଳିବ। ଅଫିସ୍‌ରେ ବରିଷ୍ଠ ଅଧିକାରୀଙ୍କ ସହଯୋଗ ମିଳିବ। ବୈବାହିକ ଜୀବନ ସୁଖଶାନ୍ତିରେ କଟିବ। ବିଦ୍ୟାର୍ଥୀ ପଢ଼ାରେ ମନୋନିବେଶ କରିବେ।

**ଧନୁ:** ପରିବାର ଲୋକଙ୍କ ସହଯୋଗ ମିଳିବ। ସ୍ୱାସ୍ଥ୍ୟରେ ସୁଧାର ଆସିବ। ଆୟ ତୁଳନାରେ ବ୍ୟୟ ଅଧିକ ହେବ। କଥାରେ ମଧୁରତା ରକ୍ଷା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖା ଦେବ।

**ମକର:** ଦିନଟିରେ କର୍ମଚଞ୍ଚଳ ରହିବେ। ବ୍ୟବସାୟରେ ଲାଭ ମିଳିବ। ଛାତ୍ରଛାତ୍ରୀ କଠିନ ପରିଶ୍ରମ କରିବେ। ପଡ଼ୋଶୀଙ୍କ ସହ ମତାନ୍ତର ହେବ। ପୈତୃକ ସମ୍ପତ୍ତିକୁ ଲାଭ ମିଳିବ। ପ୍ରେମ ସମ୍ବନ୍ଧ ସୁଖମୟ ହେବ।

**କୁମ୍ଭ:** ବ୍ୟବସାୟକୁ ନେଇ ଦୂରସ୍ଥାନକୁ ଯାତ୍ରା କରିବେ। ନିବେଶରୁ ଦୂରେଇ ରୁହନ୍ତୁ। ଘରେ ପୂଜାପାଠ ଆୟୋଜନ ହେବ। ବିବାହ ସମସ୍ୟା ସମାଧାନ ହେବ। ଯାନବାହନ କ୍ରୟର ଯୋଗ ଅଛି।

**ମୀନ:** ବନ୍ଧୁଙ୍କ ସାହାଯ୍ୟ ମିଳିବ। ଆର୍ଥିକ ମାମଲାରେ ସୁଧାର ଆସିବ। ମାଆଙ୍କ ସ୍ୱାସ୍ଥ୍ୟାବସ୍ଥା ପାଇଁ ଚିନ୍ତାରେ ରହିବେ। ଅଫିସ୍ କାମ ପାଇଁ ଦୂରଯାତ୍ରା କରିପାରନ୍ତି। ମହିଳାମାନେ ଘରକାମରେ ବ୍ୟସ୍ତ ରହିବେ।



# ଭୁବନେଶ୍ୱର ସିଟି

### ଏକାମ୍ର ହାଟକୁ ନେଇ ହଇହଟ୍ଟା ଗ୍ରାହକ

# ଅବ୍ୟବସ୍ଥିତ ପାର୍କିଂ, ବିପର୍ଯ୍ୟସ୍ତ ପରିମଳ

ଭୁବନେଶ୍ୱର, ୨୮।୫(ସମିସ)

ରାଜଧାନୀର ପ୍ରମୁଖ ହାଟ ଭାବେ ରାଜଧାନୀ ହାଟ (୧ ନମ୍ବର ହାଟ) ପରିଚିତ। ସମସ୍ତ ପ୍ରକାର ଜିନିଷ ଉପଲବ୍ଧ ହେବା ସହ ହୋଲ୍‌ସେଲ୍‌ଫ ଦରରେ ମିଳୁଥିବାରୁ ଏଠାରେ ପ୍ରତ୍ୟହ ହଜାର ହଜାର ଗ୍ରାହକଙ୍କର ସମାଗମ ହୋଇଥାଏ। ସହର ସହ ଉପକଣ୍ଠ ଓ ଆଖପାଖ ଜିଲ୍ଲାର ଗ୍ରାହକମାନେ ମଧ୍ୟ ଏଠାରେ ଭିଡ଼ ଜମାଇଥାନ୍ତି। ହେଲେ

## ଖୁବ୍‌ଶୀଘ୍ର ସବୁ ସମସ୍ୟାର ସମାଧାନ ହେବ: ବ୍ୟବସାୟୀ ସଂଘ

ସମୟ ସହ ଏଠାରେ ଦୋକାନ ମଧ୍ୟ ବଢ଼ିଲା। ବର୍ତ୍ତମାନ ଏଠାକୁ ଆସୁଥିବା ଗ୍ରାହକଙ୍କ ପାଇଁ ପାର୍କିଂ ଏକ ବଡ଼ ସମସ୍ୟା ଭାବେ ଦେଖାଦେଇଛି। ଏହା ସହିତ ହାଟ ଭିତରର ପରିମଳ ବ୍ୟବସ୍ଥାକୁ ନେଇ ମଧ୍ୟ ପ୍ରଶ୍ନ ଉଠୁଛି। କେଉଁଠି ଅଳିଆ କୁଢ଼ ତ କେଉଁଠି ପଚାସଢ଼ା ପରିବା ପଡ଼ି ଦୁର୍ଗନ୍ଧ ଆସୁଛି। ସେହିପରି ବର୍ଷା ଦିନରେ ହାଟ ଭିତରେ କାଦୁଅ ପଚପଚ ରାସ୍ତାରେ ପଶିବା କାଠିକର ପାଠ ହୋଇପଡୁଛି। କେବଳ ସେତିକି ନୁହେଁ ଶୌଚାଳୟ ପରିଶେ ଏତେ ଦୁର୍ଗନ୍ଧମୟ ହେଉଛି ଯେ, ସେହି ବାଟ ଦେଇ ଯିବାକୁ ଗ୍ରାହକ ନାକ ଟେକୁଛନ୍ତି।

କଥାଟି ହେଲା ପ୍ରତିଦିନ ହାଟକୁ ହଜାର ହଜାର ଲୋକ ଆସୁଥିବାରୁ ପାର୍କିଂରେ ଗାଡ଼ି ରଖିବାକୁ ଜାଗା ନାହିଁ। ସେତିକି ସ୍ଥାନରେ ଗାଡ଼ି ରହିବା ପରେ ଗ୍ରାହକମାନେ ପଛକୁ ପଛ ଗାଡ଼ି ରଖି ହାଟକୁ ଚାଲି ଯାଉଛନ୍ତି। ଫଳରେ ଗାଡ଼ି ରଖିବା ଓ ବାହାର କରିବାରେ ଲୋକଙ୍କୁ ସମସ୍ୟା ସହ ଟ୍ରାଫିକ ଜାମ ମଧ୍ୟ ହେଉଛି। ରାସ୍ତାକୁ ଲାଗି ରହିଥିବା ନାଳ ପରେ ପରେ ଏଠାରେ ଏକ ବଡ଼ ପାର୍କିଂ ଜାଗା ଥିଲେ ହେଁ ସେତିକି ଯଥେଷ୍ଟ ହେଉ



ନାହିଁ। ସେହି ସ୍ଥାନକୁ ମଧ୍ୟ ପାର୍କିଂ ପାଇଁ ମଝିରେ ବନ୍ଦ ରହିଥିଲା। ଟ୍ରାଫିକ ସମସ୍ୟା ଯୋଗୁଁ ଗାଡି ରଖିବାକୁ ଅନୁମତି ଦିଆଯାଉ ନଥିଲା। ନିୟମ ନମାନି ଲୋକ ଗାଡି ରଖିଲେ ଟ୍ରାଫିକ୍ ପୁଲିସ ଗାଡି ଉଠାଇ ନେଉଥିଲେ। ପାର୍କିଂ ପାଇଁ ରାସ୍ତାର ଅପରପାର୍ଶ୍ୱରେ ମାର୍କେଟ୍ ବିଲ୍ଡିଂକୁ ଲାଗି ବହୁତଳ ଗାଡି ପାର୍କିଂ ନିର୍ମାଣ ହୋଇଥିଲେ ହେଁ ଗ୍ରାହକଙ୍କୁ ଅନ୍ୟପଟେ ଗାଡି ରଖି ହାଟକୁ ଯିବାରେ ସମସ୍ୟା ଯୋଗୁଁ କେହି କେହି ନୋ ପାର୍କିଂରେ ମଧ୍ୟ ଗାଡି ରଖି ଯିବାକୁ ବାଧ ହେଉଥିଲେ। ୫ ଶହ ଗାଡି ପାର୍କିଂ ପାଇଁ ଥିବାବେଳେ ମାର୍କେଟରେ ୧୪ ଶହ ବ୍ୟବସାୟୀ ଅଛନ୍ତି। ପ୍ରତିଦିନ ଏତେ ଗ୍ରାହକ ଆସୁଥିବାରୁ ସେତକ ଜାଗା ଯଥେଷ୍ଟ ନୁହଁ। ହେଲେ ଗତ କିଛି ମାସ ହେବ ବ୍ୟବସାୟୀ ସଂଘ ତରଫରୁ ପାର୍କିଂ ପାଇଁ ଅନୁମତି ଅଣାଯାଇ ସଠିକ୍ ଭାବେ ପାର୍କିଂ କରିବାକୁ ଲୋକ





ମଧ୍ୟ ନିୟୋଜିତ ହୋଇଥିବା ଦେଖିବାକୁ ମିଳୁଛି।

ଏନେଇ ବ୍ୟବସାୟୀ ମହାସଂଘ ସଭାପତି କବିରାଜ ସ୍ୱାଇଁ କହିଛନ୍ତି, ଖୁବଶୀଘ୍ର ହାଟର ସମସ୍ତ ସମସ୍ୟାକୁ ସମାଧାନ କରାଯିବାର ବ୍ୟବସ୍ଥା ହେଉଛି। ବର୍ତ୍ତମାନ ସୁଦ୍ଧା ପାର୍କିଂ ଅସ୍ଥାୟୀ ଭାବେ ବ୍ୟବସ୍ଥା କରାଯାଇଛି। ଷ୍ଟେଟ ବ୍ୟାଙ୍କ ନିକଟରେ, ଏୟାର ଇଣ୍ଡିଆ ଗଳି ଆଦି ସ୍ଥାନରେ ଗ୍ରାହକଙ୍କ ପାଇଁ ମଧ୍ୟ ବର୍ତ୍ତମାନ ପାଇଁ ପାର୍କିଂ ବ୍ୟବସ୍ଥା କରାଯାଇଛି। ଖୁବଶୀଘ୍ର ସ୍ଥାୟୀ ସମାଧାନ ହେବାର ଯୋଜନା ଚାଲିଛି। ଏହା ସହିତ ଶୌଚାଳୟ ଏବଂ ହାଟର ସ୍ୱଚ୍ଛତା କାର୍ଯ୍ୟ ହେଉଛି ସମୟ ଲାଗିବ। ହାଟର ନବୀକରଣ କାର୍ଯ୍ୟ ସହ କିପରି ମାର୍କେଟ ଭଲ ଭାବେ ଚାଲିବ ସେ ପାଇଁ ଯୋଜନା ହେଉଛି। ବର୍ତ୍ତମାନ ସଂଘ ତରଫରୁ ରାସ୍ତା ପଟ ଦ୍ୱାରରେ ନୂଆ ଗେଟ ଲଗାଯାଇଥିବାବେଳେ ହାଟକୁ ଯିବାକୁ ଥିବା ରାସ୍ତେରେ ଆଉ ୯ଟି ଗେଟ ଲଗାଯିବାର ଅଛି ବୋଲି ସେ କହିଛନ୍ତି।

## ଆଇଏମ୍‌ଏସ୍ ଆଣ୍ଡ ସମ୍ ହସ୍ପିଟାଲରେ ବିଶ୍ୱ ସିଜୋଫ୍ରେନିଆ ଦିବସ




ଭୁବନେଶ୍ୱର, ୨୮।୫(ସମିସ): ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍‌ସେସ୍ ଆଣ୍ଡ ସମ୍ ହସ୍ପିଟାଲର ମାନସିକ ରୋଗ ବିଭାଗ ପକ୍ଷରୁ ବିଶ୍ୱ ସିଜୋଫ୍ରେନିଆ ଦିବସ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଆଇଏମ୍‌ଏସ୍ ଆଣ୍ଡ ସମ୍ ହସ୍ପିଟାଲର ଡିନ୍ ପ୍ରଫେସର ଡ. ସଂଘମିତ୍ରା ମିଶ୍ର, ଆଇଏମ୍‌ଏସ୍ ଆଣ୍ଡ ସମ୍ ହସ୍ପିଟାଲର ମେଡିକାଲ ସୁପରିନ୍‌ଟେଣ୍ଡେଣ୍ଟ ପ୍ରଫେସର ଡ. ପୁଷ୍ପରାଜ ସାମନ୍ତସିଂହାର, କ୍ଲିନିକାଲ୍ ସାଇକୋଲୋଜିଷ୍ଟ ସୁଶ୍ରୀ ମନିଷା ପଟ୍ଟନାୟକ ଯୋଗ ଦେଇଥିବା ବେଳେ ମାନସିକ ରୋଗ ବିଭାଗର ବିଭାଗୀୟ ମୁଖ୍ୟ ପ୍ରଫେସର ଡ. ସୁରଜିତ ସାହୁ ଅଧ୍ୟକ୍ଷତା କରିଥିଲେ। ହାସ୍ୟ କଳାକାର ଦୀପକ ତ୍ରିପାଠୀ (ଟୁକୁନା ଷ୍ଟାଇଲିଷ୍ଟ) ଯୋଗଦେଇ ନିଜର ମଜାଦାର ତଥା ନିଆରା ଢଙ୍ଗରେ ସିଜୋଫ୍ରେନିଆ ଭଳି ରୋଗର ସାଧାରଣ ଜନତାଙ୍କ ମନରେ ଥିବା ଭୁଲ ଧାରଣା ଗୁଡିକୁ ବର୍ଣ୍ଣନା କରିଥିଲେ। ଏହି ଅବସରରେ ପିଜି ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସଚେତନତା ନାଟକ ପରିବେଷିତ ହୋଇଥିଲା। ଶେଷରେ ବିଭାଗୀୟ ପ୍ରଫେସର ଡ. ଶୁଭେନ୍ଦୁ ନାରାୟଣ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ୯ ଶିଳ୍ପୀଙ୍କ ସମସାମୟିକ କାଠ ଖୋଦେଇ ଭାସ୍କର୍ଯ୍ୟ ପ୍ରଦର୍ଶିତ



ଭୁବନେଶ୍ୱର, ୨୮।୫(ସମିସ): ଶାନ୍ତିସ୍ତୂପ ଧଉଳି ଠାରେ ଧଉଳି ଚାରୁକଳା ମହାବିଦ୍ୟାଳୟର ଶିଳ୍ପୀ ଛାତ୍ରଛାତ୍ରୀଙ୍କ ଦ୍ୱାରା ଚାଲିଥିବା ୮ ଦିନିଆ ସମସାମୟିକ କାଠ ଖୋଦେଇ ଭାସ୍କର୍ଯ୍ୟ କଳା ଶିବିର ଉଦଯାପିତ ହୋଇଯାଇଛି। ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ମହାବିଦ୍ୟାଳୟର ସମ୍ପାଦକ ରବିଶଙ୍କର ଦାସ ଏହାର ପ୍ରଦର୍ଶନୀକୁ ଉଦ୍ଘାଟନ କରିବା ସହିତ ଭାସ୍କର୍ଯ୍ୟଗୁଡ଼ିକୁ ବୁଲି ଦେଖିଥିଲେ। ମହାବିଦ୍ୟାଳୟର ଶିଳ୍ପୀ ଛାତ୍ରଛାତ୍ରୀମାନେ ଆଗାମୀ ଦିନରେ ନିଜର ନିରବଚ୍ଛିନ୍ନ କଳା ଯାତ୍ରା ଜାରି ରଖିବାକୁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ରୂପେ ଧଉଳି ଚାରୁକଳା ମହାବିଦ୍ୟାଳୟର ଅଧ୍ୟକ୍ଷ, ଚିତ୍ରଶିଳ୍ପୀ ଡ଼. ପଞ୍ଚାନନ ସାମଲ ଯୋଗଦେଇ କାଠ ଖୋଦେଇ ଭାସ୍କର୍ଯ୍ୟକୁ ଆଗାମୀ ଦିନରେ ଆହୁରି ବଳିଷ୍ଠ କରିବାପାଇଁ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ। ପ୍ରଦର୍ଶନୀରେ ସୁବ୍ରତ ମୁଦୁଲି, ଆର୍ଯ୍ୟାନ୍ ସାମଲ, ଲିପ୍ସା ପ୍ରଧାନ, ସୋନାଲି ନାୟକ, ବୃନ୍ଦାବନ ପଣ୍ଡା, ସୁମିତ୍ ଦାସ, ଦେବରାଜ ମହାରଣା, ପ୍ରତିଭା ବେହେରା ଓ ରିତେଶ ସାହୁ ପ୍ରମୁଖ ନିଜନିଜ ବିଷୟବସ୍ତୁର ଅଲଗା ଅଲଗା ଶୈଳୀରେ ଆଧୁନିକ ଭାସ୍କର୍ଯ୍ୟ ପ୍ରଦର୍ଶନ କରିଥିଲେ। ପ୍ରାରମ୍ଭରେ ଅଧ୍ୟାପକ ଚନ୍ଦନ କୁମାର ସାମଲ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ।

## ସାରସ୍ୱତ ସମାଜର ସାହିତ୍ୟ ଆସର

ଭୁବନେଶ୍ୱର, ୨୮।୫(ସମିସ): ଗୋଦାବରୀଶ ସାହିତ୍ୟ ସଂସଦ ଠାରେ ସାହିତ୍ୟ ଓ ସାମାଜିକ ଅନୁଷ୍ଠାନ ସାରସ୍ୱତ ସମାଜ ମାସିକ କବିତା ଆସର ସହ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ପ୍ରାକ୍ତନ ପ୍ରଶାସନିକ ଅଧିକାରୀ ରାଜକିଶୋର ପତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଜଗନ୍ନାଥ ସଂସ୍କୃତି ଗବେଷକ ଡ. ଅମ୍ବରିଶ ଶତପଥୀ, ଅନୁଷ୍ଠାନର ସମ୍ପାଦକ ସରୋଜ ରଞ୍ଜନ ପଟ୍ଟନାୟକ, ଅଧ୍ୟାପିକା ଡ. ସରୋଜିନୀ ପାଣି ପ୍ରମୁଖ ଯୋଗ ଦେଇଥିଲେ। ଏହି ବୈଠକରେ ୬୦ରୁ ଊର୍ଦ୍ଧ୍ୱ କବି, ସାହିତ୍ୟିକ ଓ ଲେଖକ ଉପସ୍ଥିତ ଥିଲେ। ଏହି ଉପଲକ୍ଷେ କବିତା ଆସର ଅନୁଷ୍ଠିତ ହୋଇଥିଲା।

## ଆଧ୍ୟାତ୍ମିକ ପ୍ରବଚନ ଓ ଜ୍ଞାନଯଜ୍ଞ ଉଦ୍‌ଯାପିତ

ଭୁବନେଶ୍ୱର, ୨୮।୫(ସମିସ): ଆଧ୍ୟାତ୍ମିକ ସତ୍‌ସଙ୍ଗ ଚେତନା ସମିତି ଓ ଜୟ ଜଗନ୍ନାଥ ପରିବାର ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ନବମ ବାର୍ଷିକ ଉତ୍ସବ ଉପଲକ୍ଷେ ଚନ୍ଦ୍ରଶେଖରପୁର ହାଉସିଂବୋର୍ଡ କଲୋନୀ ସ୍ଥିତ ଦୁର୍ଗା ପଡ଼ିଆ ଠାରେ ୯ ଦିନ ଧରି ଚାଲିଥିବା ଆଧ୍ୟାତ୍ମିକ ପ୍ରବଚନ ଓ ଜ୍ଞାନଯଜ୍ଞ ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ସନ୍ଧ୍ୟାରେ ଅତିଥି ଭାବେ ବାବାଜୀ ରାଧାରମଣ ଦାଶ, ଡ. ନାରାୟଣ ମହାପାତ୍ର, ରବୀନ୍ଦ୍ର ପାତ୍ର, ତ୍ରିଲୋଚନ ନାୟକ, ଡ. ରୁଦ୍ର ଦାଶ ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ୩ ଜଣ ପ୍ରବଚକ ହରିହର ଜେନା, ଗୁରୁପ୍ରସାଦ ମହାପାତ୍ର ଓ ସନ୍ତୋଷ ସାହୁ ପ୍ରବଚନ ଦେଇଥିଲେ।

## 'ଓଡ଼ିଶୀ ଶୌର୍ଯ୍ୟ ସମ୍ମାନ' ପ୍ରଦାନ ଉତ୍ସବ




ଭୁବନେଶ୍ୱର, ୨୮।୫(ସମିସ): ଓଡ଼ିଶୀ ଫାଉଣ୍ଡେସନ ଦ୍ୱାରା 'ଓଡ଼ିଶୀ ଶୌର୍ଯ୍ୟ ସମ୍ମାନ-୨୦୨୫' ଜନତା ମଇଦାନରେ ହେଉଥିବା ଅନ୍ତର୍ଜାତୀୟ ଟ୍ରେଡ୍ ଫେୟାର ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅବହେଳିତ ପିଲା ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ, ଓଡ଼ିଶୀ ନୃତ୍ୟ, ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ଅତିଥି ଭାବେ ଏକାମ୍ର ମାନ୍ୟବର ବିଧାୟକ ବାବୁ ସିଂ, ପ୍ରିୟଦର୍ଶୀ ମିଶ୍ର, ପରିଚୟ ଫାଉଣ୍ଡେସନ୍‌ର ପ୍ରତିଷ୍ଠାତ୍ରି ଡ. ରୋଜାଲିନ ମିଶ୍ର ପାଟଶାଣୀ, ନିବେଦିତା ଶତପଥୀ ପ୍ରମୁଖ ଯୋଗଦେଇ। ଫଉଣ୍ଡେସନର ପ୍ରତିଷ୍ଠାତ୍ରୀ ସୋନାଲିଶାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ବ୍ୟକ୍ତି ବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହାପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ଅକାର୍ଯ୍ୟକ୍ରମକୁ ବର୍ଷା ଓ ଶୁଭ୍ରଜିତ ସଂଯୋଜନା କରିଥିବାବେଳେ ସାଇକ୍ରିଷ୍ଣା ମହାନ୍ତି, ମୌସମୀ ମୋନାଲିସା ରଥ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

## 'ମୁଁ ତୋ ସାବିତ୍ରୀ' ମୁକ୍ତିଲାଭ

ଭୁବନେଶ୍ୱର, ୨୮।୫(ସମିସ): ପବିତ୍ର ସାବିତ୍ରୀରେ ମୁକ୍ତିଲାଭ କରିଛି 'ତୁ ମୋ ସାବିତ୍ରୀ' ମ୍ୟୁଜିକ୍ ଭିଡ଼ିଓ। ଓଲିଉଡ଼ର କମେଡି ଅଭିନେତା ଅମର ମହାପାତ୍ରଙ୍କ ତତ୍ତ୍ୱାବଧାନରେ ପ୍ରିୟା ମ୍ୟୁଜିକ୍ ବ୍ୟାନରରେ ପ୍ରସ୍ତୁତ ହୋଇଥିବା ଏହି ମ୍ୟୁଜିକ୍ ଭିଡିଓକୁ ପ୍ରଯୋଜନା କରିଛନ୍ତି ରିଙ୍କୁ ପ୍ରଧାନ ଓ ପ୍ରିୟା ପ୍ରଧାନ। ଏହାର ନିର୍ଦ୍ଦେଶନା ମଣ୍ଟୁ ଜେନା ଦେଇଥିବା ବେଳେ ରିଙ୍କୁ ପ୍ରଧାନ, ପ୍ରିୟା ପ୍ରଧାନ, ଅମର ମହାପାତ୍ର, ରାହୁଲ ରଙ୍ଗିଲା, ବୁଲ୍ଟି, ଶୁଭସ୍ମିତା ଏବଂ ସ୍ୱିଟି ପ୍ରମୁଖ ଅଭିନୟ କରିଛନ୍ତି। ଏହାର ଗୀତ ରଚନା ପି. ଶାରଦା କରିଥିବା ବେଳେ ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି ପିଣ୍ଟୁ ଦାସ ଏବଂ କଣ୍ଠଦାନ କରିଛନ୍ତି ହ୍ୟୁମାନ ସାଗର, ଅନ୍ତରା ଚକ୍ରବର୍ତ୍ତୀ। କାର୍ଯ୍ୟକ୍ରମରେ ଅତିଥି ଭାବେ ବରିଷ୍ଠ ଅଭିନେତା ତଥା ପ୍ରଯୋଜକ ପ୍ରଦ୍ୟୁମ୍ନ ଲେଙ୍କା, ପୃଥ୍ୱୀରାଜ ନାୟକ, ପ୍ରଯୋଜକ ସଚ୍ଚିକାନ୍ତ ଜେନା, ସଙ୍ଗୀତ ନିର୍ଦ୍ଦେଶକ ବୈଦ୍ୟନାଥ ଦାଶ, ମ୍ୟୁଜିକ୍ ଭିଡିଓ ନିର୍ଦ୍ଦେଶକ ମଣ୍ଟୁ ଜେନା, କଣ୍ଠଶିଳ୍ପୀ ଅନ୍ତରା ଚକ୍ରବର୍ତ୍ତୀ, ଲାଇନ୍ ପ୍ରଡ୍ୟୁସର ଅମର ମହାପାତ୍ର, ପ୍ରଯୋଜକ ରିଙ୍କୁ ପ୍ରଧାନ, ପ୍ରିୟା ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

## ତିନି ପ୍ରତିଭାଙ୍କୁ ସୌମ୍ୟାଞ୍ଜଳି ସମ୍ମାନ




ଭୁବନେଶ୍ୱର, ୨୮।୫(ସମିସ): ଓଡ଼ିଶୀ ନୃତ୍ୟ ଅନୁଷ୍ଠାନ ସୌମ୍ୟାଞ୍ଜଳି ନୃତ୍ୟକଳାର ଦ୍ୱିତୀୟ ବାର୍ଷିକ ଉତ୍ସବ ବୁଧବାର ଭଞ୍ଜକଳା ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ବିଧାୟକ ଅନନ୍ତ ନାରାୟଣ ଜେନା ଯୋଗ ଦେଇ ଡ. ମାନସୀ ମିଶ୍ରଙ୍କ ନିଷ୍ଠା, ଅଧ୍ୟବସାୟ ଏବଂ ଓଡିଶୀ ନୃତ୍ୟ ପ୍ରତି ଅବଦାନକୁ ଭୂୟସୀ ପ୍ରଶଂସା କରିଥିଲେ। ଏହି ଅବସରରେ ପଦ୍ମଶ୍ରୀ ଗୁରୁ ଦୁର୍ଗାଚରଣ ରଣବୀର, ଗୁରୁ ନିମାକାନ୍ତ ରାଉତରାୟ ଏବଂ ବାଦ୍ୟଗୁରୁ ଧନେଶ୍ୱର ସ୍ୱାଇଁଙ୍କୁ ସୌମ୍ୟାଞ୍ଜଳି ସମ୍ମାନରେ ସମ୍ମାନିତ କରାଯାଇଥିଲା। ସୌମ୍ୟାଞ୍ଜଳି ନୃତ୍ୟକଳାର ନୃତ୍ୟାଙ୍ଗନାମାନେ ଗୁରୁବନ୍ଦନା ନୃତ୍ୟ ପରିବେଷଣ କରିଥିଲେ। ଡ. ମାନସୀ ମିଶ୍ର କାର୍ଯ୍ୟ ପରିଚାଳନା କରିଥିବା ବେଳେ ମୃତ୍ୟୁଞ୍ଜୟ ରଥ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ।

## ଆପେକ୍ସ ବିଶ୍ୱବିଦ୍ୟାଳୟ ପକ୍ଷରୁ ଅଚ୍ୟୁତଙ୍କୁ ଡକ୍ଟରେଟ୍



ଭୁବନେଶ୍ୱର, ୨୮।୫(ସମିସ): କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କୁ ରାଜସ୍ଥାନ ଜୟପୁରସ୍ଥିତ ଆପେକ୍ସ ବିଶ୍ୱବିଦ୍ୟାଳୟ ପକ୍ଷରୁ ସମ୍ମାନସୂଚକ ଡକ୍ଟରେଟ୍ ଡିଗ୍ରୀ ପ୍ରଦାନ କରାଯାଇଛି। ରାଜସ୍ଥାନ ରାଜ୍ୟପାଳ ହରିଭାଉ କିଶନରାଓ ବାଗଡ଼େ ଶ୍ରୀ ସାମନ୍ତଙ୍କୁ ଏହି ସମ୍ମାନ ଆନୁଷ୍ଠାନିକ ଭାବରେ ପ୍ରଦାନ କରିଥିଲେ। ଏହା ହେଉଛି ଅଚ୍ୟୁତ ସାମନ୍ତଙ୍କ ୬୬ତମ ସମ୍ମାନଜନକ ଡକ୍ଟରେଟ୍।

### ସହରୀକରଣକୁ ନେଇ ସଂକଟରେ ପରିବେଶ

# ବିରଳ ହେଲେଣି କୀଟପତଙ୍ଗ, ସାଧବବୋହୂ ସ୍ୱପ୍ନ

ଭୁବନେଶ୍ୱର, ୨୮।୫(ସମିସ)

ଦିନଥିଲା ବର୍ଷା ଟିକେ ହୋଇଗଲେ ମାଟି ନରମ ହୋଇଯିବା ପରେ ଘାସ ଗାଲିଚା ଉପରେ ଲାଲ ଟୁକ୍‌ଟୁକ୍ ସାଧବ ବୋହୂଙ୍କୁ ଦେଖିବାକୁ ମିଳୁଥିଲା ବେଳେ କିଛିବର୍ଷ ହେଲା ଆଉ ଦେଖିବାକୁ ମିଳୁନାହାନ୍ତି ସାଧବ ବୋହୂ। କେବଳ ଏହି ସାଧବ ବୋହୂ ନୁହନ୍ତି ଏହି କୀଟ ପରି

## ରାଜଧାନୀରେ ରାହା ଖୋଜୁଛନ୍ତି ବିରଳ ଜୀବ

ଅନେକ କୀଟ ପତଙ୍ଗ ମଧ୍ୟ ଏବେ ଲୋପ ପାଇବାକୁ ବସିଲେଣି। ବିଶେଷ କରି ଜୁଳୁଜୁଳିଆ ପୋକ, ଗୋବର ପୋକ, ସଞ୍ଜ ପୋକ ପରି ଅନେକ କୀଟ ଆଉ ଦେଖିବାକୁ ମିଳୁନାହିଁ। ସହରୀକରଣ ଏବଂ ପରିବେଶ ପ୍ରଦୂଷଣ କାରଣରୁ ଏହି କିଟ କ୍ରମେ ଲୋପ ପାଇବାକୁ ବସିଲାଣି।

ପରିବେଶବିତଙ୍କ କହିବାନୁଯାୟୀ ଏକଦା ରାଜଧାନୀ ସହରର କେନ୍ଦ୍ରସ୍ଥଳ ସମେତ ଉପକଣ୍ଠବର୍ତ୍ତୀ ଅଞ୍ଚଳରେ ବିଭିନ୍ନ ପ୍ରଜାତିର କିଟ ପତଙ୍ଗ ସମେତ ବର୍ଷା ଆସିଲେ ନାଲି ଟୁକ୍‌ଟୁକ୍ ସାଧବ ବୋହୂ ଦେଖିବାକୁ ମିଳିଥିଲା। ପିଲାମାନେ ଏହି ସାଧବବୋହୂଙ୍କ ସଂଗ୍ରହ କରୁଥିବା ବେଳେ ଏହା ପରିବେଶ ସନ୍ତୁଳନର ଅନ୍ୟତମ ଉପାଦାନ ସାଜିଥିଲେ। ସେହିଭଳି ଗୋବର ପୋକଭଳି ବିଭିନ୍ନ କୀଟ ଏବଂ ଅନ୍ୟାନ୍ୟ ପତଙ୍ଗ ଅନ୍ୟ ଜୀବମାନଙ୍କ ପାଇଁ ଆହାର ପାଲଟିଥିଲା। ହେଲେ ଗତ ୩ ରୁ ୪ ଦଶନ୍ଧୀ ଧରି ଏହି କୀଟ ପତଙ୍ଗ କ୍ରମେ ଲୋପ ପାଇବାରେ ଲାଗିଛନ୍ତି। ବିଶେଷକରି ଗତ କିଛି ଦଶନ୍ଧୀ ମଧ୍ୟରେ ଦ୍ରୁତ ସହରୀକରଣ ଯୋଗୁଁ ରାଜଧାନୀ ଛାତ୍ର ଉପରେ ବହୁତଳ ବିଶିଷ୍ଟ ଅଟାଳିକା କ୍ରମେ ବୃଦ୍ଧି ପାଇବାରେ ଲାଗିଛି। ଏଥିସହିତ ରାଜଧାନୀର କଳେବର ବୃଦ୍ଧି ସାଙ୍ଗକୁ ଉପକଣ୍ଠରେ ମଧ୍ୟ ବହୁତଳ ବିଶିଷ୍ଟ କୋଠା ନିର୍ମାଣ ହୋଇଛି। ଯାହା ଏକ ପ୍ରକାର ସହରୀକରଣକୁ ପ୍ରଦର୍ଶୀତ କରୁଥିବା ବେଳେ ଏହା ପ୍ରକୃତିକ ପାଇଁ ବିପଦ ପାଲଟିଛି।



ଏହିକ୍ରମରେ ରାଜଧାନୀ ଏବଂ ଏହାର ଉପକଣ୍ଠବର୍ତ୍ତୀ ଅଞ୍ଚଳରେ ସାଧବବୋହୂ ସଂଖ୍ୟା ମଧ୍ୟ ଏକ ପ୍ରକାର ବିଲୋପ ହୋଇଛି ବୋଲି କୁହାଯାଇପାରେ। ଅପରପକ୍ଷେ ପରିବେଶବିତଙ୍କ କହିବାନୁଯାୟୀ ସହରୀକରଣ ପ୍ରଭାବ ସାଙ୍ଗକୁ ରାସାୟନିକ ସାରର ବହୁଳ ପ୍ରୟୋଗ ଏବଂ ବ୍ୟାପକ ପଲିଥିନ ବ୍ୟବହାର ଯୋଗୁଁ ସେଭଳି ଜୀବମାନଙ୍କ ବଂଶ ଲୋପ ପାଇଛି। ଅନେକ କ୍ଷେତ୍ରରେ ସେଭଳି କୀଟଙ୍କ ବଂଶ ବିସ୍ତାର ହୋଇ ନ ପାରି ସେମାନେ ଲୋପ ପାଇବାରେ ଲାଗିଛି। ଅନେକଙ୍କ କହିବାନୁଯାୟୀ ୧୦ ବର୍ଷ ତଳେ ନନ୍ଦନକାନନ, ଶିଖରଚଣ୍ଡୀ, ଦାରୁଠେଙ୍ଗ, ପଥର ଗାଡ଼ିଆ, ରଘୁନାଥପୁର



ଉପକଣ୍ଠ ଅଞ୍ଚଳରେ ସାଧବ ବୋହୂ ଦେଖିବାକୁ ମିଳୁଥିଲା। ହେଲେ ସହରୀକରଣ ପାଇଁ ଏବେ ସେସବୁ ଅଞ୍ଚଳରେ ମଧ୍ୟ ଏଭଳି କୀଟ ଦେଖିବାକୁ ମିଳୁନାହାନ୍ତି।

ଅପରପକ୍ଷେ ପକ୍ଷୀ ବିଶେଷଜ୍ଞ ପ୍ରମୋଦ କୁମାର ଧଳଙ୍କ କହିବାନୁଯାୟୀ, ମାଟିରେ ଅଧିକ ରାସାୟନିକ ସାର ପ୍ରୟୋଗ ଏବଂ ମଶା ମାରିବା ପାଇଁ ଧୂଆଁ ପ୍ରୟୋଗ ଏବଂ ପରିବେଶ ପ୍ରଦୂଷଣ ଦ୍ୱାରା ଏହି କୀଟ ପତଙ୍ଗ ବଂଶ ଲୋପ ପାଇବାରେ ଲାଗିଛନ୍ତି। ଆଉ ଆଗକୁ ଏହି ସବୁ କୀଟ ପତଙ୍ଗ ଦେଖିବାକୁ ସ୍ୱପ୍ନ ହୋଇଯିବେ ବୋଲି ସେ କହିଛନ୍ତି।

ଅପରପକ୍ଷେ ପରିବେଶ ବିତ୍ ଜୟକୃଷ୍ଣ ପାଣିଗ୍ରାହୀଙ୍କ କହିବାନୁଯାୟୀ ସାଧବବୋହୂମାନଙ୍କ ଶରୀର ଉପରେ ଥିବା ଲାଲ ମାଇଟ୍ ବା ଭେଲଭେଟ୍ ହେଉଛି ଆରାକନିଡ୍ ଜାତୀୟ ପ୍ରାଣୀ। ଯାହା ସାଧାରଣତଃ ମାଟି ଓ ପତ୍ରର ଅଳିଆ ଆବର୍ଜନାରେ ଦେଖାଯାଏ। ଗ୍ରୀଷ୍ମର ପ୍ରଭାବରେ ମାଟିରେ ଲୁଚି ରହିଥିବା ଏହି ପ୍ରାଣୀ ବର୍ଷାଭିଜା ନରମ ମାଟିର ସ୍ପର୍ଶରେ ବାହାରକୁ ନିର୍ଗତ ହୋଇ ପ୍ରାକୃତିକ ଦୃଶ୍ୟକୁ ଅତ୍ୟନ୍ତ ଉପଭୋଗ୍ୟ କରିଥାନ୍ତି। ଚାଷୀକୂଳ ବିଶ୍ୱାସ କରନ୍ତି ଯେ ଏମାନେ ହେଉଛନ୍ତି ସୁଖ ଓ ସମୃଦ୍ଧିର ବାର୍ତ୍ତାବହ ଓ ଯଦିଓ ଏମାନଙ୍କର ସଂଖ୍ୟା ଅତୀବ ବିପଦପୂର୍ଣ୍ଣ ନୁହେଁ। କିନ୍ତୁ ବାସସ୍ଥଳୀର ଅବକ୍ଷୟ, ମୃତ୍ତିକା ପ୍ରଦୂଷଣ ଏବଂ କୀଟନାଶକ ପଦାର୍ଥର ଅତ୍ୟଧିକ ବ୍ୟବହାର ଦ୍ୱାରା ପ୍ରଭାବିତ ହୋଇ ସେମାନଙ୍କ ସଂଖ୍ୟା କ୍ରମେ ହ୍ରାସ ପାଇଁ ଚାଲିଛି। ମୃତ୍ତିକାର ଜୈବବିବିଧତା ପ୍ରତି ଲୋକମାନଙ୍କର ସଚେତନତା ବୃଦ୍ଧି ଏହାର ପରିବେଶଗତ ଗୁରୁତ୍ୱକୁ ଉଜାଗର କରିବାରେ ସହାୟକ ହେବ ଏବଂ ସଂରକ୍ଷଣ ପ୍ରୟାସକୁ ପ୍ରୋତ୍ସାହିତ କରିବ ବୋଲି ଶ୍ରୀ ପାଣିଗ୍ରାହୀ କହିଛନ୍ତି।



# ଅସରାଏ ବର୍ଷାରେ ଭାସୁଛି କୁବେରପୁରୀ

ଭୁବନେଶ୍ୱର, ୨୮।୫(ସମିସ)

ଅସରାଏ ବର୍ଷାରେ ପାଣି ଘେରରେ କୁବେରପୁରୀ ଆଳୁଗଦି। ଖୋଦ୍ ଆଳୁର ପେଣ୍ଠସ୍ଥଳରେ ଆଳୁ ବ୍ୟବସାୟୀ ଚିନ୍ତାରେ। ପ୍ରତିଦିନ ଖାଉଟିଙ୍କୁ ଖାଦ୍ୟରେ ଆଳୁ ଯୋଗାଉଥିବା ଏହି ବ୍ୟବସାୟୀମାନେ ନିୟମିତ ଦୁର୍ଦ୍ଦଶା ଭୋଗୁଥିଲେ ବି ସେମାନଙ୍କ ସମସ୍ୟା ଦୀର୍ଘଦିନ ହେଲା ସମାଧାନ ହୋଇପାରୁନାହିଁ। ଆଇଗିଣିଆ ସ୍ଥିତ କୁବେରପୁରୀ ଆଳୁଗଦି କୁହାଯାଉଥିବା ଏହି ପେଣ୍ଠସ୍ଥଳରେ ପ୍ରତିଦିନ ଶତାଧିକ ଟ୍ରକ୍ ଆଳୁ, ପିଆଜ ତଥା ଅନ୍ୟାନ୍ୟ ସବୁଜ ପରିପରିବା ବିକ୍ରି ହେଉଥିଲେ ବି ଦୁଃଖର କାରଣ ପାଲଟିଛି ବର୍ଷା ପାଣି। କାରଣ ଅସରାଏ ବର୍ଷାରେ ଏଠାରେ କୃତ୍ରିମ ପୋଖରୀ ସୃଷ୍ଟି ହେବା ସହ କାଦୁଅରେ ଗାଡ଼ି ଅଟକି ଯାଉଛି। ବ୍ୟବସାୟରେ କ୍ଷତି ହେବା ଯେତିକି କଷ୍ଟ ନୁହେଁ ଆଣ୍ଠୁଏ ଉଚ୍ଚର କାଦୁଅରେ ପଶି ଯିବାଆସିବା କରିବା କଷ୍ଟ ସର୍ବିଙ୍କୁ ବଳି ଯାଉଛି। ନୂତନ ଭାବେ ନିର୍ମାଣ ହୋଇଥିବା ପିଇବା ପାଣି ପ୍ରକଳ୍ପ ନିକଟରେ ଆଣ୍ଠୁଏ କାଦୁ ସାଙ୍ଗକୁ ଆବର୍ଜନା ଯୋଗୁଁ ଦୁର୍ଗନ୍ଧରେ ଫାଟି ପଡୁଛି।

■ ବ୍ୟବସାୟ କ୍ଷତିଠାରୁ ବଳିଯାଉଛି କାଦୁଅ ଯନ୍ତ୍ରଣା

■ ପିଇବା ପାଣି ପାଇଁ ବି ହନ୍ତସନ୍ତ ବ୍ୟବସାୟୀ ଓ ବାହାର ଗାଡ଼ି ଚାଳକ



୧୯୯୩ ମସିହାରେ ପ୍ରାୟ ୯ ଏକର ପରିମିତ ସ୍ଥାନରେ ଆଇଗିଣିଆରେ ରହିଛି ଏହି ଆଳୁ ଗୋଦାମ। ସାଧାରଣରେ ବ୍ୟବସାୟିକ ଭାଷାରେ ଏହା ଆଳୁ ଗଦି ଭାବେ ପରିଚିତ। ଏଠାରେ ପ୍ରାୟ ୫୦ଟି ଗୋଦାମ ଘର ବିଡିଏ ପକ୍ଷରୁ ନିର୍ମାଣ କରାଯାଇଥିବା ବେଳେ ପରବର୍ତ୍ତୀ ସମୟରେ ଏହା ବିଏମ୍‌ସି ଅଧିନକୁ ଆସିଛି। କେତେକ ବ୍ୟବସାୟୀ ଏଠାରେ ଗୋଦାମ ଘର କିଣିଥିବା ବେଳେ କେତେକ ଭଡ଼ାରେ ମଧ୍ୟ ବ୍ୟବସାୟ କରୁଛନ୍ତି। ଏଥିପାଇଁ ବ୍ୟବସାୟୀମାନେ ବିଏମ୍‌ସିକୁ ହୋଲଡିଙ୍ଗ୍ ଟ୍ୟାକ୍ସ ମଧ୍ୟ ଦେଉଥିବା କହିଛନ୍ତି। କିନ୍ତୁ ଏହି ସ୍ଥାନରେ ବ୍ୟବସାୟୀମାନେ ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛନ୍ତି। ପ୍ରତିଦିନ ରାଜ୍ୟ ବାହାରୁ ଏଠାକୁ ପ୍ରାୟ ୩ ଶହ ଟ୍ରକ୍‌ରେ ୩ ହଜାର ଟନ୍ ଆଳୁ ଆସିଥାଏ। ଯାହା ଭୁବନେଶ୍ୱର, ଖୋର୍ଦ୍ଧା, ନୟାଗଡ଼, ପୁରୀ ସମେତ ଉପକଣ୍ଠ ବଜାରରେ ଆଳୁର ଆବଶ୍ୟକତାକୁ ପୂରଣ କରିଥାଏ। ଆଳୁ ଆମଦାନୀ ଓ ରପ୍ତାନୀ ନିମନ୍ତେ ଏଠାରେ ରାତି ପାହିଲେ ଶହ ଶହ ସଂଖ୍ୟାରେ ବଡ଼ ବଡ଼ ଟ୍ରକ୍ ସାଙ୍ଗକୁ ମିନିଟ୍ରକ୍, ଅଟୋ ଆଦି ଗାଡ଼ିର ଭିଡ଼ ଜମେ। ହେଲେ ଏହି ସ୍ଥାନରେ ଅସରାଏ ବର୍ଷାରେ ଅବସ୍ଥା ଏଭଳି ହୋଇଥାଏ ଯେ, ରାଜ୍ୟ ବାହାରର ଗାଡ଼ି ଚାଳକମାନେ ଅସନ୍ତୋଷ ପ୍ରକାଶ କରୁଥିବା ବ୍ୟବସାୟୀମାନେ କହିଛନ୍ତି। କାରଣ କାଦୁଅ ସହ ବଡ଼ ବଡ଼ ଖାଲରେ ଗାଡ଼ିଚକା ଲାଖି ରହୁଥିବା ସହ ଚକାରେ କାଦୁଅ ପଶି ଜାମ୍ ହୋଇଯାଉଛି। ଫଳରେ ଗାଡ଼ି ଧୋଇବାରେ ସମୟ ଓ ଅର୍ଥ ନଷ୍ଟ ହେଉଛି। ଏଥିପାଇଁ ବ୍ୟବସାୟୀମାନଙ୍କୁ ଅର୍ଥ ଗଣିବାକୁ ପଡୁଛି। ଏହାସହ କାଦୁଅରେ ଗାଡ଼ି ଘଣ୍ଟା ଘଣ୍ଟା ଅଟକି ଯାଉଛି। ବର୍ଷା ଦିନରେ ପାଣି ନିଷ୍କାସନ ପାଇଁ କୌଣସି ବ୍ୟବସ୍ଥା ନଥିବାରୁ ବର୍ଷା ପାଣି ଜମି ରହିବା ସହ ଅଳିଆ ଆବର୍ଜନାର ଦୁର୍ଗନ୍ଧ ମଧ୍ୟ ଅସହ୍ୟ ହୋଇପଡ଼ିଛି। ଭାରିଯାନ ନିୟମିତ ଯିବା ଆସିବା କରୁଥିବାରୁ ବରମୁଣ୍ଡା ବସଷ୍ଟାଣ୍ଡ ଭଳି ଏଠାରେ ଚଟାଣ ଗୁଡ଼ିକ ଶକ୍ତ ଭାବେ କରାଯିବା ସହ ଡ୍ରେନେଜ୍ ବ୍ୟବସ୍ଥା, ନିହାତି ଆବଶ୍ୟକ ବୋଲି ବ୍ୟବସାୟୀମାନେ କହିଛନ୍ତି। ଏନେଇ ସର୍ବଭାରତୀୟ ରାଜ୍ୟ ବ୍ୟବସାୟୀ ସଂଘର ସଭାପତି ସୁଧାକର ପଣ୍ଡା କହିଛନ୍ତି ଯେ, ଏହି ସମସ୍ୟା ବର୍ଷ ବର୍ଷ ଧରି ଲାଗି ରହିଛି। ଏଥିପାଇଁ ସରକାରଙ୍କ ଠାରୁ ଆରମ୍ଭ କରି ବିଏମ୍‌ସି କମିଶନରଙ୍କ ନିକଟରେ ନିବେଦନ କରାଯାଇଛି। ଗତବର୍ଷ ମେୟର ସମସ୍ତ ସୁବିଧା କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ହେଲେ ଏପର୍ଯ୍ୟନ୍ତ ହୋଇ ନାହିଁ। ଯଦି ସରକାର ଏହାକୁ ଗୁରୁତ୍ୱ ଦେଇ ଯଥାଶିଘ୍ର ସମସ୍ୟାର ସମାଧାନ ଦିଗରେ ପଦକ୍ଷେପ ନେବେ କେବଳ ୫୦ ବ୍ୟବସାୟୀ ନୁହଁନ୍ତି ଗାଡ଼ି ଚାଳକମାନେ ମଧ୍ୟ ଉପକୃତ ହେବେ।

# ପ୍ରେମିକାର ଫଟୋ ଭାଇରାଲ୍; ପ୍ରେମିକ ଗିରଫ




ଭୁବନେଶ୍ୱର, ୨୮।୫ (ସମିସ): ପ୍ରେମିକାର ଫଟୋ ଭାଇରାଲ କରିଥିବା ଅଭିଯୋଗରେ ପ୍ରେମିକକୁ ଗିରଫ କରିଛି ନୂଆପଲ୍ଲୀ ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ବେହେରା ସାହିରେ ରହୁଥିବା କୃଷ୍ଣପ୍ରସାଦ ଥାନା ବ୍ରହ୍ମପୁରର ପ୍ରଦୀପ୍ତ ସୁନ୍ଦର ଜେନା (୨୫)।

ପୁଲିସ ସୂଚନା ଅନୁସାରେ, ଗଣପତି ବସ୍ତି ଅଞ୍ଚଳର ଜଣେ ଯୁବତୀ କିଛି ମାସ ପୂର୍ବରୁ ପ୍ରଦୀପ୍ତ ସଂସ୍ପର୍ଶରେ ଆସିଥିଲେ। ବନ୍ଧୁତାରୁ ଆରମ୍ଭ ହୋଇଥିବା ସମ୍ପର୍କ ପରବର୍ତ୍ତୀ ସମୟରେ ପ୍ରେମର ରୂପ ନେଇଥିଲା। ବିବାହ ପ୍ରତିଶ୍ରୁତି ଦେଇ ପ୍ରଦୀପ୍ତ ତାଙ୍କ ସହିତ ଶାରିରୀକ ସମ୍ପର୍କ ରଖିଥିଲା। ଯୁବତୀଙ୍କ ଅଜାଣତରେ ଅନ୍ତରଙ୍ଗ ମୁହୂର୍ତ୍ତର ଫଟୋ ଓ ଭିଡିଓ ସଂଗ୍ରହ କରି ନେଇଥିଲା। ତେବେ ପ୍ରେମ ସମ୍ପର୍କ ବିଷୟରେ ପରିବାର ଲୋକେ ଜାଣି ତାଗିଦ୍ କରିବା ପରେ ଯୁବତୀ ଜଣକ ପ୍ରଦୀପ୍ତ ସହିତ କଥାବାର୍ତ୍ତା ବନ୍ଦ କରି ଦେଇଥିଲେ। ଏଥିରେ ଉତକ୍ଷିପ୍ତ ହୋଇ ପ୍ରଦୀପ୍ତ ଅନ୍ତରଙ୍ଗ ମୁହୂର୍ତ୍ତର ଫଟୋ ଓ ଭିଡିଓ ଗୁଡ଼ିକୁ ସାମାଜିକ ଗଣମାଧ୍ୟମରେ ଭାଇରାଲ କରି ଦେଇଥିଲା।

ଏନେଇ ଯୁବତୀ ଜଣକ ନୂଆପଲ୍ଲୀ ଥାନାରେ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରିଥିଲା। ଆଜି ପ୍ରଦୀପ୍ତକୁ ଗିରଫ କରିବା ସହିତ ତା' ଠାରୁ ଏକ ମୋବାଇଲ ଫୋନ ଜବତ କରି କୋର୍ଟ ଚାଲାଣ କରିଛି।

# 'ନୃତ୍ୟବିଳାସ'ରେ ଓଡ଼ିଶୀ ସାଙ୍ଗକୁ ଲୋକନୃତ୍ୟ

ଭୁବନେଶ୍ୱର, ୨୮।୫(ସମିସ): ଶ୍ରୀ ଡ୍ୟାନ୍ସ ଏକାଡେମୀର ବାର୍ଷିକ ଉତ୍ସବ 'ନୃତ୍ୟବିଳାସ' ଭଞ୍ଜକଳା ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ସନ୍ଧ୍ୟାରେ ପ୍ରଥମେ ପ୍ରସ୍ତୁତିରେ ଅନୁଷ୍ଠାନର ଶିଳ୍ପୀମାନଙ୍କ ଦ୍ୱାରା ଓଡ଼ିଶୀ ନୃତ୍ୟ ମଙ୍ଗଳାଚରଣରେ ଶଙ୍କରାଭରଣ ପଲ୍ଲବୀ ପରିବେଷିତ ହୋଇଥିଲା। ଏହାପରେ ଦଳଗତ ନୃତ୍ୟାଭିନୟରେ ଓଡ଼ିଶାର ଲୋକଗଳ୍ପ ଉପରେ ଆଧାରିତ ଲୀଳାବତୀ ପ୍ରସଙ୍ଗ ପରିବେଷିତ ହୋଇଥିଲା। ନମିତା ରାୟଙ୍କ ଦ୍ୱାରା ନିର୍ଦ୍ଦେଶିତ ଓ ସଂରଚିତ ଏହି ନୃତ୍ୟାଭିନୟ ପରିବେଷଣ କରାଯାଇଥିଲା। ସେହିପରି ଶ୍ରୀ ଡ୍ୟାନ୍ସ ଏକାଡେମୀ ପୁରୀର ଶିଳ୍ପୀମାନେ ଓଡ଼ିଶୀ ଅଭିନୟରେ ମାନ ଉଦ୍ଧାରଣ ପ୍ରଦର୍ଶନ କରିବା ପରେ ସମ୍ବଲପୁରୀ, ଝୁମର ଓ ନବରଙ୍ଗପୁରର ଲୋକନୃତ୍ୟ ଆଦି ପରିବେଷଣ କରିଥିଲେ। ତେବେ ଅନୁଷ୍ଠାନର କନିଷ୍ଠରୁ ବରିଷ୍ଠ ପ୍ରାୟ ୭୦ ଜଣ ଶିଳ୍ପୀ ଏଥିରେ ଅଂଶଗ୍ରହଣ କରିଥିଲେ। ସନ୍ଧ୍ୟାରେ ଅତିଥି ଭାବେ ସଙ୍ଗୀତ ନାଟକ ଏକାଡେମୀ ସଚିବ ଡ. ଚନ୍ଦ୍ର ଶେଖର ହୋତା, ବିଶିଷ୍ଟ ଓଡ଼ିଶୀ ନୃତ୍ୟଶିଳ୍ପୀ ଗୁରୁ ହରିହର ମହାନ୍ତି, ନାଲ୍‌କୋର ପୂର୍ବତନ ନିର୍ଦ୍ଦେଶକ (ମାନବ ସମ୍ବଳ) ରାଧାଶ୍ୟାମ ମହାପାତ୍ର, ଶ୍ରୀ ଡ୍ୟାନ୍ସ ଏକାଡେମୀର ସଭାପତି ପ୍ରଫୁଲ୍ଲ କୁମାର ପଟ୍ଟନାୟକ, ସମ୍ପାଦିକା ନମିତା ରାୟ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ବିଶ୍ୱଜିତ ବଳିୟାରସିଂହ ସଂଯୋଜନା କରିଥିବା ବେଳେ ଶେଷରେ ଅନୁଷ୍ଠାନର କୋଷାଧକ୍ଷ ରାଜେନ୍ଦ୍ର ନାରାୟଣ ରାୟ ଧନ୍ୟବାଦ ଅର୍ପଣ କରିଥିଲେ।



# ଟିଟିସିଏମସ୍‌ର ଅଳିଆ ଡାଟି: ନିର୍ବାଚନ ପରେ ଜନତା ଲଢୁଛନ୍ତି; ନେତାଙ୍କ ଦେଖା ମିଳୁନି

ଭୁବନେଶ୍ୱର, ୨୮।୫(ସମିସ): ରାଜ୍ୟରେ ନିର୍ବାଚନ ପୂର୍ବରୁ ଭୁବନେଶ୍ୱର ଗଡ଼କଣସ୍ଥିତ ଟିଟିଏସ୍ ଗନ୍ଧାଉଥିଲା। ଏବେ ବି ଗନ୍ଧାଉଛି। ଅଞ୍ଚଳବାସୀଙ୍କ ସମସ୍ୟା ସେତେବେଳେ ଯାହାଥିଲା ଏବେ ବି ସେଇଆ ରହିଛି। କେଉଁଥିରେ କିଛି ପରିବର୍ତ୍ତନ ଆସିନାହିଁ। ପରିବର୍ତ୍ତନ ଆସିଛି ତ କେବଳ ନେତୃତ୍ୱରେ। ନିର୍ବାଚନ ଜିତିବାକୁ ରାଜ୍ୟ ବିଜେପିର ନେତାମାନେ ଟିଟିଏସ୍ ବିରୋଧୀ ଆନ୍ଦୋଳନର ନେତୃତ୍ୱ ନେଲେ। ଏହାକୁ ଏକ ଅସ୍ତ୍ର କରି ନିର୍ବାଚନ ଲଢ଼ିଲେ। ଜିତିଲା ପରେ ସରକାର ବି କଲେ। ହେଲେ ଜିତିବା ପରେ ଟିଟିଏସ୍ ପୁଣି ସେଭଳି ଗନ୍ଧାଉଛି। କିନ୍ତୁ ରାଜ୍ୟ ବିଜେପି ନେତାଙ୍କୁ ଆଉ ଆନ୍ଦୋଳନରେ ବସିଥିବାର ଦୃଶ୍ୟ ଦେଖିବାକୁ ମିଳୁନି। ଏଣୁ ସ୍ଥାନୀୟ ଲୋକେ ଏହି ଲଢ଼େଇକୁ ଆଗେଇ ନେଇ କେତେବେଳେ ସଚେତନତା କରୁଛନ୍ତି, ଆଉ କେତେବେଳେ ଅଞ୍ଚଳରେ ପଦଯାତ୍ରା କରୁଛନ୍ତି। ପୁଣି କେତେବେଳେ ଶୁଖିଲା ବର୍ଜ୍ୟ ପ୍ରକ୍ରିୟାକରଣ ପ୍ଲାଣ୍ଟ୍ ଉଦ୍‌ଘାଟନ କରୁଛନ୍ତି। ଏହି କ୍ରମରେ ବୁଧବାର ଲୋକେ ପ୍ରତିବାଦ କରିଛନ୍ତି।

୨୦୨୩ ମସିହାରେ ନିର୍ବାଚନ ବିଗୁଲ ବାଜିବା ପୂର୍ବରୁ ରାଜନୈତିକ ଦଳଗୁଡ଼ିକ ରାଜଧାନୀରେ ବିଭିନ୍ନ ସମସ୍ୟା ନେଇ ଧରଣା ଦେଲେ। ବିଜେପି ଏହାକୁ ରାଜଧାନୀରେ ନିର୍ବାଚନ ମୁଦ୍ଦା ବନାଇବ ବୋଲି ପ୍ରସ୍ତୁତି ହେଲା। ବର୍ତ୍ତମାନର ଏକାମ୍ର ବିଧାୟକ ବାବୁ ସିଂ ଏହାର ନେତୃତ୍ୱ ନେଇ ଧାରଣାରେ ବସିଲେ। କହିଲେ ସରକାରକୁ ଆସିବା ମାତ୍ରେ ଆମେ ଏହାକୁ ହଟାଇଦେବୁ। ହେଲେ ସରକାରଙ୍କୁ ଏକ ବର୍ଷ ପୂରିବାକୁ ବସିଲାଣି। କିନ୍ତୁ ଟିଟିଏସ୍ ହଟିବାର ନାଆ ଧରୁନି। ନିର୍ବାଚନ ଶେଷ ହେବା ପରେ ଟେଣ୍ଟ୍ ହଟିଗଲା। ନେତା ବି ଧରଣାରୁ ଉଭାନ ହୋଇଗଲେ। ଏହାପରେ ସ୍ଥାନୀୟ ଲୋକେ ଏକାଠି ହୋଇ ଏହା ବିରୋଧରେ ଲମ୍ବା ଲଢେଇ ଲଢ଼ିବାକୁ ପ୍ରାୟାସ କରିଛନ୍ତି।

■ ଅଳିଆଗଦା ସମ୍ମୁଖରେ ଗଣପ୍ରତିବାଦ




ବୁଧବାର ପ୍ରବଳବର୍ଷା ସତ୍ତ୍ୱେ ଗଡ଼କଣ ଅଳିଆଗଦା ଗେଟ ସମ୍ମୁଖରେ ଅଳିଆଗଦା ହଟାଅ ଓ ସୈନିକସ୍କୁଲ ବଞ୍ଚାଅ ଅଭିଯାନ ପକ୍ଷରୁ ଶତାଧିକ ସାଧାରଣ ଲୋକଙ୍କ ଦ୍ୱାରା ପ୍ଲାକାର୍ଡ ଧରି ପ୍ରଦର୍ଶନ କରାଯାଇଥିଲା। କଥା ଦେଇ କଥା ରଖିଲ ନାହିଁ ମୋହନ ଭାଇ। ଏଭଳି ସ୍ଲୋଗାନ ସହିତ ଜନ ପ୍ରତିବାଦ କରାଯାଇଥିଲା। ଆଗାମୀ ରବିବାର ଦିନ ଠାରୁ ପ୍ରତିବାଦ ସହିତ ଅଳିଆ ଗାଡ଼ି ସବୁ ଡାମପିଙ୍ଗ ୟାର୍ଡ଼ ଭିତରେ ପ୍ରବେଶ କରାଇ ଦିଆଯିବ ନାହିଁ ବୋଲି ମୁଖପାତ୍ର ପ୍ରସନ୍ନ ବିଷୋୟୀ ଘୋଷଣା କରିଛନ୍ତି। ଜନ ପ୍ରତିବାଦ ବାସୁଦେବ ଭଟ୍ଟଙ୍କ ନେତୃତ୍ୱରେ, ଆଶୁତୋଷ ମିଶ୍ର, ଅଶୋକ ପାଇକରାୟ, ପ୍ରସନ୍ନ ବିଷୋୟୀ, ସଞ୍ଜୟ ମଲ୍ଲିକ, ପ୍ରିତିଶ ବସା, ଭିଏସ୍‌ଏସ୍ ନଗର ଉନ୍ନୟନ ପରିଷଦ ସାଧାରଣ ସମ୍ପାଦକ ଦିଲ୍ଲୀପ ଦାଶଶର୍ମା, ସମୀର ସରକାର ଓ ପ୍ରଦୀପ୍ତ ପରିଡ଼ା ପ୍ରଭୃତି ନେତୃତ୍ୱ ନେଇ ଜନ ପ୍ରତିବାଦକୁ ସଫଳ କରିଥିଲେ।

# ରାଜ୍ୟର ପ୍ରଥମ ଦିବ୍ୟାଙ୍ଗ ର୍‍ୟାମ୍ପ୍ ଶୋ 'ଅଧ୍ୟାୟ'




ଭୁବନେଶ୍ୱର, ୨୮।୫(ସମିସ): ୟୁଏସଏଫଏସିଟି ଫାଉଣ୍ଡେସନ ପକ୍ଷରୁ ସମାବେଶୀ ସମାଜ ଗଠନ ପ୍ରୟାସରେ ଓଡ଼ିଶାର ପ୍ରଥମ ଦିବ୍ୟାଙ୍ଗ ର୍‍ୟାମ୍ପ ଶୋ 'ଅଧ୍ୟାୟ' ଗୁରୁ କେଳୁଚରଣ ଓଡ଼ିଶୀ ଗବେଷଣା କେନ୍ଦ୍ରଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ 'ଅଧ୍ୟାୟ' ଫାଉଣ୍ଡେସନର ପ୍ରତିଷ୍ଠାତା ଜେ.ଏସ ପଟ୍ଟନାୟକ ଅଧ୍ୟକ୍ଷତା କରିଥିବା ବେଳେ ମୁଖ୍ୟଅତିଥି ଭାବେ ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ଏମ୍ସର ପୂର୍ବତନ ନିର୍ଦ୍ଦେଶକ ପଦ୍ମଶ୍ରୀ ଡ. ଅଶୋକ କୁମାର ମହାପାତ୍ର, ସମ୍ମାନିତ ଅତିଥି ଭାବେ ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର, ଆଥଲେଟ ଦୂତୀ ଚାନ୍ଦ ଓ ଭିନ୍ନକ୍ଷମ ବିଭାଗର ଉପସଚିବ ସନ୍ୟାସୀ ବେହେରା, ସହକାରୀ ପୁଲିସ ଆୟୁକ୍ତ ଅଞ୍ଜନା ଟୁଡୁ, ପରିଚୟ ଫାଉଣ୍ଡେସନର ପ୍ରତିଷ୍ଠାତା ସଭାପତି ରୋଜାଲିନ ପାଟଶାଣୀ ମିଶ୍ର ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ପ୍ରତ୍ୟେକ ଲୋକଙ୍କୁ ବଞ୍ଚିବା ପାଇଁ ଯେପରି ଅଧିକାର ହାସଲ କରିବାକୁ ପଡୁଛି ଦିବ୍ୟାଙ୍ଗମାନଙ୍କୁ ମଧ୍ୟ ଏହି ଅଧିକାର ମିଳିବା ଆବଶ୍ୟକ ବୋଲି ଅତିଥିମାନେ ମତ ପ୍ରକାଶ କରିଥିଲେ। ଦିବ୍ୟାଙ୍ଗମାନେ କୌଣସି ଗୁଣରେ କମ ନୁହଁନ୍ତି। ଏହି ମନୋଭବ ସେମାନଙ୍କ ଭିତରେ ସୃଷ୍ଟି କରିବା ପାଇଁ ଓଡ଼ିଶାର ପ୍ରଥମ ର୍‍ୟାମ୍ପ ଶୋ ଅଧ୍ୟାୟ ୟୁଏସଏଫଏସିଟି ଫାଉଣ୍ଡେସନ ତରଫରୁ ସୃଷ୍ଟି କରାଯାଇଥିବା କର୍ମକର୍ତ୍ତାମାନେ ସୂଚନା ଦେଇଥିଲେ।

# ଡାକ୍ତରଙ୍କୁ ମାଡ଼: ଜେଲ୍‌ଗଲେ ୨ ଯୁବକ

ବାଲିଅନ୍ତା, ୨୮।୫(ସମିସ): ପୁରୁଣା ଫାଣ୍ଡି ଛକ ନିକଟରେ ଡାକ୍ତରଙ୍କୁ ମାଡ଼ ମାରିବା ଘଟଣାରେ ୨ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି ବାଳକାଟି ଫାଣ୍ଡି ପୁଲିସ। ଗିରଫ ଅଭିଯୁକ୍ତ ଯୁବକ ହେଲେ ବାଲିପାଟଣା ଥାନା ବୋଧଖଣ୍ଡି ମେଳକ ଗ୍ରାମର କୁନା ମଲ୍ଲିକ ଓରଫ କାଳିଆ(୨୯) ଓ ଚିତ୍ତରଞ୍ଜନ ମଲ୍ଲିକ(୧୯)। ପୁଲିସ ସୂଚନା ଅନୁସାରେ ବାଲିପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ କାର୍ଯ୍ୟରତ ଡାକ୍ତର ନିଶିଥ ରଞ୍ଜନ ଶତପଥୀ ମଙ୍ଗଳବାର ସନ୍ଧ୍ୟାରେ ଡ୍ୟୁଟି ସାରି ଭୁବନେଶ୍ୱର ଫେରୁଥିବା ବେଳେ ପୁରୁଣା ଫାଣ୍ଡି ଛକ ନିକଟରେ ବାଇକ ସାଇଡ ମରାକୁ କେନ୍ଦ୍ରକରି କୁନା, ଚିତ୍ତରଞ୍ଜନ ଏବଂ ଅନ୍ୟ ଜଣେ ଯୁବକଙ୍କ ସହ ତାଙ୍କର ପାଟିତୁଣ୍ଡ ହୋଇଥିଲା। ଏଥିରେ ଉତ୍ତ୍ୟକ୍ତ ହୋଇ ୩ ଜଣ ଯାକ ନିଶିଥରଞ୍ଜନଙ୍କୁ ମାଡ଼ମାରି ଲହୁଲୁହାଣ କରିଥିବା ନେଇ ଫାଣ୍ଡିରେ ଅଭିଯୋଗ ହୋଇଥିଲା। ସ୍ଥାନୀୟ ଲୋକେ ଆକ୍ରମଣକାରୀଙ୍କ କବଳରୁ ନିଶିଥରଞ୍ଜନଙ୍କୁ ଉଦ୍ଧାର କରି କୁନା ଓ ଚିତ୍ତରଞ୍ଜନଙ୍କୁ କାବୁ କରିବାରେ ସକ୍ଷମ ହୋଇଥିବା ବେଳେ ଅନ୍ୟ ଯୁବକ ଜଣକ ଖସି ପଳାଇଥିଲା। ଆଜି ପୁଲିସ ଅଟକ କୁନା ଓ ଚିତ୍ତରଞ୍ଜନଙ୍କୁ ଗିରଫ କରି ଜେଲ ପଠାଇଛି।

# ଋତୁସ୍ରାବ ସମୟରେ ପରିଷ୍କାର ଓ ପରିଚ୍ଛନ୍ନ ଜରୁରୀ

ଭୁବନେଶ୍ୱର, ୨୮।୫(ସମିସ): କୋଣଠେସା ହୋଇ ରହିଯାଉଥିବା ମହିଳା ଓ ଯୁବତୀଙ୍କୁ ଋତୁସ୍ରାବ ଉପରେ ଅଧିକ ଜାଣିବା ଜରୁରୀ ଓ ବ୍ୟକ୍ତିଗତ ପରିଷ୍କାର ଓ ପରିଚ୍ଛନ୍ନତା ପ୍ରତି ସଚେତନତା ଜରୁରୀ ବୋଲି ମତପ୍ରକାଶ ପାଇଛି। ବିଶ୍ୱ ଋତୁସ୍ରାବ ସ୍ୱଚ୍ଛତା ଦିବସ ଅବସରରେ ଆକ୍ସନ୍‌ଏଡ୍ ଆସୋସିଏସନ୍ ଓ ସିସିଡବ୍ଲୁଡିଙ୍କ ମିଳିତ ଆନୁକୂଲ୍ୟରେ ୱାର୍ଡ ନମ୍ବର-୯ ଅଧୀନସ୍ଥ ଅରବିନ୍ଦ ନଗର ଗୋଷ୍ଠୀ ଗୃହ ଠାରେ ଆୟୋଜିତ ସଚେତନତା କାର୍ଯ୍ୟକ୍ରମରେ ଆଶାକର୍ମୀ ନଳିନୀ ମହାରଣା, ସ୍ନିଗ୍ଧା ଦାସ ଓ କଲ୍ୟାଣୀ ରାଉତ ପ୍ରମୁଖ ଋତୁସ୍ରାବ ସମୟରେ କ'ଣ କରିବା ଉଚିତ୍ ଓ ଅନୁଚିତ୍ ସେ ଦିଗ ଉପରେ ସ୍ଥାନୀୟ ମହିଳା ଓ ଯୁବତୀଙ୍କୁ ବୁଝାଇଥିଲେ। ଏଥିରେ ଭୁବନେଶ୍ୱର ୟଙ୍ଗ ଅର୍ବାନ୍ ଓମେନ୍ ଫୋରମ୍ ଓ ମହିଳା ଆରୋଗ୍ୟ ସମିତିର ପ୍ରତିନିଧିମାନେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମ ଶେଷରେ ବିଷ୍ଣୁପ୍ରିୟା ସାମଲ ଧନ୍ୟବାଦ ଅର୍ପଣ କରିଥିଲେ।




# 'ରାଷ୍ଟ୍ର ନିର୍ମାଣରେ ଉଦ୍ୟୋଗୀଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ'

ଭୁବନେଶ୍ୱର, ୨୮।୫(ସମିସ): ରାଷ୍ଟ୍ର ନିର୍ମାଣରେ ଉଦ୍ୟୋଗୀଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ଉଦ୍ୟୋଗୀମାନେ ରାଷ୍ଟ୍ରର ବିକାଶକୁ ଆଗେଇ ନେଇଥାନ୍ତି ବୋଲି ମତ ଦେଇଛନ୍ତି ବିଶିଷ୍ଟ ବ୍ୟକ୍ତିବିଶେଷ। ୟୁନିଟ୍-୯ ସ୍ଥିତ ବୁଦ୍ଧମନ୍ଦିର ପରିସରରେ ଓଡ଼ିଶା ଉଦ୍ୟୋଗୀ ପରିବାରର ମାସିକ ବୈଠକ ସହ ଉଦ୍ୟୋଗୀଙ୍କ ବିଭିନ୍ନ ସମସ୍ୟା, ସମାଧାନ ଓ ନୂତନ ଉଦ୍ୟୋଗୀଙ୍କୁ ପ୍ରୋତ୍ସାହିତ କରିବା କାର୍ଯ୍ୟକ୍ରମ ସଭାପତି, ବିଶିଷ୍ଟ ଉଦ୍‌ଯୋଗୀ ଶିବ ନାରାୟଣ ମିଶ୍ରଙ୍କ ଅଧ୍ୟକ୍ଷତା ଓ ଶ୍ରୀକାନ୍ତ ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଯାଇଛି।

ଉକ୍ତ କାର୍ଯ୍ୟକ୍ରମରେ ଅନ୍ତର୍ଜାତୀୟ ଖ୍ୟାତି ସମ୍ପନ୍ନ ଶିଳ୍ପ ପରାମର୍ଶଦାତା ଅମୀୟ କୁମାର ଶତପଥୀ ଉଦ୍ୟୋଗୀକୁ ଆଧାର କରି କିପରି ଜଣେ ସଫଳ ବ୍ୟବସାୟ କରିପାରିବ, ନିଜ ନିର୍ମିତ ଦ୍ରବ୍ୟକୁ ବଜାରରେ ସଫଳ ଭାବେ ବିଜ୍ଞାପିତ କରିବା ସହ ଆଜିର ସମୟରେ ବୈଷୟିକ ଜ୍ଞାନକୌଶଳକୁ ବିନିଯୋଗ କରି ସଫଳତା ପାଇ ପାରିବ ତାହା ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ସଫଳ ଉଦ୍‌ଯୋଗୀ ଭାବେ ବି. ପି ସିଂଙ୍କ ସହିତ ଅନ୍ୟ କିଛି ଉଦ୍ୟୋଗୀଙ୍କୁ ସମ୍ମାନିତ କରାଯାଇଥିଲା।

# ଶିଳ୍ପୀଙ୍କ ନିଆରା ପ୍ରୟାସ: ବିରଳ ପ୍ରଜାତିର ଘାସରୁ ଆକର୍ଷଣୀୟ କଳାକୃତି

ଭୁବନେଶ୍ୱର, ୨୮।୫(ସମିସ)


ହଜିଯାଉଥିବା ବିଭିନ୍ନ ପ୍ରଜାତିକୁ ନେଇ ମୁଦ୍ରଣ କଳା ତାଙ୍କ ନିଶା ଓ ପେସା। ସେ ଜଣେ ଶିଳ୍ପୀ ସେ ବିଭିନ୍ନ ପ୍ରକାରର ବିରଳ ପ୍ରଜାତିର ଘାସକୁ ନେଇ ଗବେଷଣା କରୁଛନ୍ତି। କଥାଟି ନିଆରା ଲାଗୁଥିଲେ ମଧ୍ୟ ସତ୍ୟ। ବର୍ତ୍ତମାନ ସମୟରେ ହଜିଯାଉଥିବା ଘାସକୁ ନେଇ ସେ ସୁନ୍ଦର ଭାବେ ମୁଦ୍ରଣ କଳାକୃତି କରିଥାନ୍ତି। ଏ ହେଉଛନ୍ତି ଭୁବନେଶ୍ୱରରେ ରହୁଥିବା ୨୮ ବର୍ଷୀୟ ଶିଳ୍ପୀ ସରୋଜ କୁମାର ବାଡ଼ତ୍ୟା।

**ସଂଗ୍ରହ କଲେଣି ୧୦୦ରୁ ଅଧିକ ପ୍ରକାରର ଘାସ**



ଅନେକ ବର୍ଷ ଧରି ସେ ନିଜ ପ୍ରୟାସ ମାଧ୍ୟମରେ ଏପରି କଳାକୃତି କରୁଛନ୍ତି। କାରଣ ହୁଏତ କେହି ଏପରି ଘାସକୁ ନେଇ ନିଜ କଳା ପ୍ରଦର୍ଶନ କରୁଥିବା ଦେଖିବାକୁ ମିଳେନାହିଁ। ସରୋଜଙ୍କ ପ୍ରକୃତ ଘର ଗଞ୍ଜାମ। ମୁଦ୍ରଣ କଳାରେ ସେ ସିଦ୍ଧହସ୍ତ। ହେଲେ ପିଲାବେଳୁ ସେ ପ୍ରକୃତି ସହ ଅଧିକ ଜଡ଼ିତ। ପରିବେଶରୁ ହଜି ଯାଉଥିବା ଘାସକୁ ସେ ସବୁଠି ସଂଗ୍ରହ କରିଥାନ୍ତି। ଯାହାକୁ ନେଇ ସେ ଏକ ସ୍ୱତନ୍ତ୍ର ପୁସ୍ତକ ମଧ୍ୟ କରି ରଖିଛନ୍ତି। ଯେଉଁଥିରେ ବର୍ତ୍ତମାନ ସୁଦ୍ଧା ପାଖାପାଖି ଶହେରୁ ଅଧିକ ପ୍ରକାରର ଘାସ ସେ ସଂଗ୍ରହ କରି ସାରିଛନ୍ତି। କେବଳ ସେତିକି ନୁହଁ, ସେହି ପୁସ୍ତକରେ ଘାସ ସହିତ ତାର ଉପକାରିତା ଓ କାର୍ଯ୍ୟ ମଧ୍ୟ ଉଲ୍ଲେଖ କରି ରଖିଛନ୍ତି। ଏହି ପୁସ୍ତକର ସଂଖ୍ୟା ୪ ରେ ପହଁଚିଲାଣି। ଏହାବ୍ୟତୀତ ବିଭିନ୍ନ ଅଞ୍ଚଳର ରଙ୍ଗିନ୍ ମାଟି ଜୈବିକ ପଦାର୍ଥକୁ ବ୍ୟବହାର କରି ପ୍ରାକୃତିକ ରଙ୍ଗ କରିଥାନ୍ତି। ଯାହା ତାଙ୍କ ମୁଦ୍ରଣ କଳାରେ ଦେଖିବାକୁ ମିଳିଥାଏ। ଏହି କଳାକୃତି ତିଆରିରେ ତାଙ୍କୁ ମାସ ମାସ ସମୟ ଦେବାକୁ ପଡ଼ିଥାଏ। ଏନେଇ ସରୋଜ କୁହନ୍ତି, ଖଲ୍ଲିକୋଟ ଆର୍ଟ କଲେଜରେ ବ୍ୟାଚେଲର କରିବା ପରେ ହାଇଦରାବାଦ ୟୁନିଭର୍ସିଟିକୁ ପରବର୍ତ୍ତୀ କୋର୍ସ କରିବାକୁ ଯାଇଥିଲେ। ସେଠାକାର ପରିବେଶ ତାଙ୍କୁ ଏହି କଳା ପ୍ରତି ବେଶୀ ଆଗ୍ରହ ସୃଷ୍ଟି କରିଥିଲା ବୋଲି କୁହନ୍ତି। ଯେଉଁଠି ସେ ବିଭିନ୍ନ ପ୍ରକାରର ଘାସ ସହ ପରିଚିତ ହେଲେ। ପରେ ପରେ ଏହା ତାଙ୍କର ଏକ ପ୍ରକାରର ନିଶା ଭାବେ ପରିଲକ୍ଷିତ ହେଲା। କଳା ପ୍ରଦର୍ଶନ ପାଇଁ ଏବଂ ସେଥିରେ ବିଭିନ୍ନ ଗବେଷଣାତ୍ମକ କାର୍ଯ୍ୟ ଶିଖିବା ପାଇଁ ତାଙ୍କୁ ଅନେକ ସମୟରେ ବିଭିନ୍ନ ରାଜ୍ୟ ତଥା ସହର ବୁଲିବାକୁ ପଡ଼ିଥାଏ। ସେଠାରୁ ଫେରିଲାବେଳେ ସେହି ସ୍ଥାନର ଘାସ ସଂଗ୍ରହ କରି ସାଙ୍ଗରେ ନେଇ ଆସିଥାନ୍ତି। ଯାହା ତାଙ୍କୁ କଳାରେ ଏକ ଭିନ୍ନ ପରିଚୟ ଦେଇଛି।

ବର୍ତ୍ତମାନ ସମୟରେ ବଦଳୁଥିବା ପରିବେଶ ଏବଂ ସହରୀକରଣ ପ୍ରଭାବରେ ଅନେକ କିସମର ଘାସ ଲୋପ ପାଇବାକୁ ବସିଲାଣି। ଯାହାର ଅନେକ ଔଷଧୀୟ ଗୁଣ ରହିଛି। ତେଣୁ ଆଗକୁ ଏସବୁ ନ ମିଳିବା ଆଶଙ୍କାରେ ସେ ଏପରି ସଂଗ୍ରହ କରି ରଖୁଛନ୍ତି ବୋଲି କହିଥିଲେ।



ସକାଳ THE SAKALA



■ ରଥଖଳାରୁ...

## ତାଳଧ୍ୱଜ ରଥ ପୋଲ ଗୟଳ ଚିରଟ ଆରମ୍ଭ



ପୁରୀ,୨୮।୫(ସମିସ): ରଥଯାତ୍ରା ପାଇଁ ରଥ ନିର୍ମାଣ ଦ୍ରୁତ ଗତିରେ ଆଗେଇ ଚାଲିଛି। ପରମ୍ପରା ଅନୁଯାୟୀ, ସ୍ନାନ ପୂର୍ଣ୍ଣିମାକୁ ତିନିରଥର ଚକ, ଅଖ ଏବଂ ଦଣ୍ଡା ସଂଯୋଗ ହୋଇ ଗରଗରା ଉପରେ ଚାରିନାହାକା ଉଠିଥାଏ। ତେଣୁ ଏହାକୁ ନଜରରେ ରଖି ରଥ ନିର୍ମାଣକାରୀ କାମକୁ ଗତିଶୀଳ କରିଛନ୍ତି। ମଙ୍ଗଳବାର ତିନିରଥର ସମସ୍ତ ୪୨ଟି ଚକ (ତାଳଧ୍ୱଜ ୧୪, ଦେବଦଳନ ୧୨ ଓ ନନ୍ଦିଘୋଷ ୧୬) ନିର୍ମାଣ ଶେଷ ହୋଇଥିଲା। ଏହାପରେ ତିନି ରଥ ଚାଲିକୁ ଗରଗରା ନିର୍ମାଣ ପାଇଁ ଦୁଇଟି ଲେଖାଏ ୨୦ଫୁଟିଆ ଧଉରା କାଠ, ଚାରି ନାହାକା ପାଇଁ ପ୍ରଥମ ଦଫାରେ ଦୁଇଟି ଲେଖାଏଁ ୨୦ ଫୁଟିଆ ଧଉରା କାଠ ଏବଂ ପୋଲ ଗୟଳ ନିର୍ମାଣ ପାଇଁ ୪୦ ଫୁଟିଆ ଧଉରା କାଠ ଯୋଗାଇ ଦିଆଯାଇଥିଲା। ବୁଧବାର ଏହି ସବୁର କାମ ଜାରି ରହିଛି। ଅନ୍ୟାନ୍ୟ କାମ ମଧ୍ୟରେ ପ୍ରତ୍ୟେକ ରଥର ପାଞ୍ଚଦଣ୍ଡା ଚଡପଟ କାମ ଚାଲିଛି। ପ୍ରତ୍ୟେକ ରଥର ଦୁଇଟି ଲେଖାଏଁ ଗରଗରା କାଠର ଚଡପଟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ସେହିପରି ତାଳଧ୍ୱଜ ରଥର ପୋଲ ଗୟଳ ଉଭୟ ପାର୍ଶ୍ୱ ସମତଳ ପରେ ଚିରଟ କାର୍ଯ୍ୟ ଆରମ୍ଭ ହୋଇଛି। କରତୀ ସେବକମାନେ ବାହାର ରଥ ଖଳାରେ ଏହାକୁ ଚିରଟ କରୁଛନ୍ତି। ଏହାର ଚିରଟ ଶେଷ ହେବା ପରେ ନନ୍ଦିଘୋଷ ରଥର ଗୟଳ ଚିରଟ କରାଯିବ। ରୂପକାର ସେବକମାନେ ତିନିରଥର ୧୧ଟି ଲେଖାଏଁ ସାଲ ଗୁଜରେ ରୂପ ଅଙ୍କନ ସହ ପଲିସ କାର୍ଯ୍ୟ ଶେଷ କରିଛନ୍ତି। ରୂପଗୁଡ଼ିକର ଅଳଙ୍କାର ପକା କାର୍ଯ୍ୟ ପ୍ରାୟ ସରିଯାଇଛି। ସେହିପରି ଦୋଳବେଦୀ ପରିସର ଅସ୍ଥାୟୀ କମାର ଶାଳରେ କମାର ସେବକମାନେ ତିନି ରଥର ଦଣ୍ଡା କଣ୍ଟା, ଗୟଳ କଣ୍ଟା ନିର୍ମାଣ ଜାରି ରଖିଛନ୍ତି। ଦୋଳବେଦୀଠାରେ ମହାପ୍ରଭୁଙ୍କ ସ୍ନାନ ଯାତ୍ରା, ରଥଯାତ୍ରାରେ ଆବଶ୍ୟକ କାଠ ସରଞ୍ଜାମ ନିର୍ମାଣ କରୁଛନ୍ତି।

## ରାଜ୍ୟ ସରକାରଙ୍କ ପାଇଁ ଆହ୍ୱାନ ଆର୍ଥିକ ପରିଚାଳନା

# ନିଜସ୍ୱ ଟିକସ ଓ ଅଣଟିକସ ରାଜସ୍ୱ ସଂଗ୍ରହ ହ୍ରାସ

ଭୁବନେଶ୍ୱର, ୨୮।୫ (ସମିସ): ରାଜ୍ୟରେ ଡବଲ ଇଞ୍ଜିନ ବିଜେପି ସରକାରକୁ ଏକ ବର୍ଷ ପୂରଣ ହେବାକୁ ଯାଉଛି। ଏହି ବର୍ଷ ମଧ୍ୟରେ ରାଜ୍ୟ ସରକାର ନିଜ ଉପଲବ୍ଧିକୁ ରାଜ୍ୟବ୍ୟାପୀ ପ୍ରଚାର ପ୍ରସାର କରିବାକୁ ନିଜର ପ୍ରସ୍ତୁତି ଚଳାଇଛନ୍ତି। ତେବେ ଏହି ବର୍ଷକ ମଧ୍ୟରେ ରାଜ୍ୟ ସରକାର ଯେଉଁ କେତେକ କ୍ଷେତ୍ରରେ ସବୁଠାରୁ ଅଧିକ ଆହ୍ୱାନର ସମ୍ମୁଖୀନ ହୋଇଛନ୍ତି, ତନ୍ମଧ୍ୟରେ ଦୁର୍ବଳ ଆର୍ଥିକ ପରିଚାଳନା ସର୍ବାଗ୍ରେ ରହିଥିବା ଜଣାପଡ଼ିଛି। ପୂର୍ବ ବିଜେଡି ସରକାର ନବୂଆ ସରକାରଙ୍କୁ ଏକ ରାଜସ୍ୱ ବଳକା ଏବଂ ସବଳ ଅର୍ଥନୀତି ଉତ୍ତରାଧିକାରୀ ସତ୍ତ୍ୱରେ ଛାଡ଼ି ଯାଇଥିଲେ। ମାତ୍ର ଏହି ବର୍ଷକର ଯାତ୍ରାରେ ରାଜ୍ୟର ଆର୍ଥିକ ସ୍ଥିତିକୁ ଅନୁଧ୍ୟାନ କଲେ ଏହା ଯେ ପୂର୍ବପରି ଶୃଙ୍ଖଳିତ ଭାବେ ପରିଚାଳିତ ହେଉନାହିଁ, ତାହା ଜଳଜଳ ଦିଶୁଛି। ନିଜସ ଟିକସ ରାଜସ୍ୱଠାରୁ ଆରମ୍ଭ କରି ନିଜସ୍ୱ ଅଣ-ଟିକସ ରାଜସ୍ୱ ଆଦାୟ ହ୍ରାସ ପାଇଥିବା ବେଳେ ଆଗାମୀ ଦିନରେ ଶୃଙ୍ଖଳିତ ଆର୍ଥିକ ପରିଚାଳନା ସରକାରଙ୍କ ପାଇଁ ଆହ୍ୱାନ ପାଲଟିବାକୁ ଯାଉଛି।

୨୦୨୩-୨୪ଆର୍ଥିକ ବର୍ଷରେ ନିଜସ୍ୱ ଟିକସ ସଂଗ୍ରହ ପୂର୍ବ ଆର୍ଥିକ ବର୍ଷ ତୁଳନାରେ ୧୬.୯୧ ପ୍ରତିଶତ ବଢ଼ିଥିଲା। ମାତ୍ର ୨୦୨୪-୨୫ରେ ସେଥିରେ ମାତ୍ର ୩.୬୫ ପ୍ରତିଶତ ବୃଦ୍ଧି ହୋଇଥିବା ଜଣାପଡ଼ିଛି। ୨୦୨୫-୨୬ ଅର୍ଥାତ୍ ଚଳିତ ଆର୍ଥିକ ବର୍ଷରେ ସରକାର ଏଥିରୁ ୬୬ ହଜାର କୋଟି ସଂଗ୍ରହ ଲକ୍ଷ୍ୟ ରଖିଛନ୍ତି। ମାତ୍ର ଉକ୍ତ ପରିମାଣର ରାଜସ୍ୱ ସଂଗ୍ରହରେ ଯେ ସରକାର ସଫଳ ହେବେ ତାହାକୁ ନେଇ ସନ୍ଦେହ ପ୍ରକାଶ ପାଇଛି। ସମାନ ଭାବେ ରାଜ୍ୟରେ ନିଜସ୍ୱ ଅଣଟିକସ ରାଜସ୍ୱ ସଂଗ୍ରହ ମଧ୍ୟ ନିରାଶାଜନକ ରହିଛି। ୨୦୨୩-୨୪ରେ ଅଣ ଟିକସ ରାଜସ୍ୱ ସଂଗ୍ରହ ୨୦୨୨-୨୩ ଆର୍ଥିକ ବର୍ଷ ତୁଳନାରେ ପ୍ରାୟ ୨୪.୦୯ ପ୍ରତିଶତ ବଢ଼ିଥିଲା। ଫଳରେ ଏଥିରୁ ୨୦୨୪-୨୫ ଆର୍ଠଥିକ ବର୍ଷରେ ୫୮ ହଜାର କୋଟି ଟଙ୍କା ଆଦାୟ ଲକ୍ଷ୍ୟ ରଖାଯାଇଥିଲା। ମାତ୍ର ୨୦୨୪-୨୫ରେ ଏହା ବଢ଼ିବା ପରିବର୍ତ୍ତେ ଆଶ୍ଚର୍ଯ୍ୟଜନକ ଭାବେ ୩.୬୬ ପ୍ରତିଶତ ହ୍ରାସ ପାଇଛି। ୨୦୨୫-୨୬ ଆର୍ଥିକ ବର୍ଷରେ ରାଜ୍ୟ ସରକାର ଏଥିରୁ ୬୦ ହଜାର କୋଟି ଟଙ୍କା ସଂଗ୍ରହ କରିବାକୁ ଲକ୍ଷ୍ୟ ରଖିଛନ୍ତି। ଉଭୟ ନିଜସ୍ୱ ଟିକସ ରାଜସ୍ୱ ଏବଂ ନିଜସ୍ୱ ଅଣଟିକସ ରାଜସ୍ୱରୁ ୨୦୨୫-୨୬ ଆର୍ଥିକ ବର୍ଷରେ ମୋଟ ୧ ଲକ୍ଷ ୨୬ ହଜାର କୋଟି ଟଙ୍କା ସଂଗ୍ରହ ଲକ୍ଷ୍ୟ ରଖାଯାଇଛି। ତେବେ ଟିକସ ସଂଗ୍ରହରେ ସରକାରଙ୍କ ପ୍ରଦର୍ଶନକୁ ଦେଖିଲେ ଏହା ବେଶ୍ ଆହ୍ୱାନପୂର୍ଣ୍ଣ ରହିବ ବୋଲି ବିଶେଷଜ୍ଞ ମହଲରେ ମତ ପ୍ରକାଶ ପାଇଛି। ଅପରପକ୍ଷେ ୨୦୨୩-୨୪ରେ ରାଜ୍ୟରେ ଖଣି ରାଜସ୍ୱ ପୂର୍ବ ଆର୍ଥିକ ବର୍ଷ ତୁଳନାରେ ୧୯.୭୬ ପ୍ରତିଶତ ବଢ଼ିଥିବା ବେଳେ ୨୦୨୪-୨୫ରେ ତାହା ପ୍ରାୟ ୯.୬୯ ପ୍ରତିଶତ ହ୍ରାସ ପାଇଛି। ସବୁ କ୍ଷେତ୍ରରେ ରାଜସ୍ୱ ପ୍ରାପ୍ତି କମ୍ ସରକାରଙ୍କ ଅପାରଗତାକୁ ଜଳଜଳ ଦର୍ଶାଉଛି। ଅତଏବ ରାଜ୍ୟ ସରକାର ରାଜ୍ୟର ଆର୍ଠିକ ପରିଚାଳନା ଦିଗ ପ୍ରତି ସର୍ବାଧିକ ଗୁରୁତ୍ୱ ଦେବାର ଆବଶ୍ୟକତା ରହିଛି। ରାଜ୍ୟରେ ସୁଭଦ୍ରା, ଧାନର ଏମଏସପି ୩୧୦୦ ଟଙ୍କା ବାବଦରେ ବିପୁଳ ପରିମାଣରେ ଅର୍ଥ ବ୍ୟୟ କରିଛନ୍ତି। ଏସବୁ ଅର୍ଥର ଭରଣା ପାଇଁ ସରକାର ଟିକସ ସଂଗ୍ରହ କ୍ଷେତ୍ରରେ ସରକାର ଅଧିକ ଯତ୍ନବାନ ହୋଇ କାର୍ଯ୍ୟ କରିବାର ଆବଶ୍ୟକତା ରହିଛି ବୋଲି ବିଶେଷଜ୍ଞ ମହଲରେ ମତପ୍ରକାଶ ପାଇଛି।

**ପିପିଲିରେ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ**

## ମୁଖ୍ୟମନ୍ତ୍ରୀ ଓ ବିଧାୟକଙ୍କ କୁଶପୁତ୍ତଳିକା ଦାହ କଲା ବିଜେଡି

ପିପିଲି, ୨୮।୫ (ସମିସ): ପିପିଲି ଓ ଡେଲାଙ୍ଗରେ ଆଇନଶୃଙ୍ଖଳା ପୂରା ଭୁଶୁଡ଼ି ପଡ଼ିଥିବା ଅଭିଯୋଗ କରି ଆଜି ବିଜେଡି ପକ୍ଷରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ସ୍ଥାନୀୟ ବିଧାୟକ ଆଶ୍ରିତ ପଟ୍ଟନାୟକଙ୍କ କୁଶପୁତ୍ତଳିକା ଦାହ କରାଯାଇଛି। ବିଜେଡିର ଅଭିଯୋଗ ହେଲା, ପିପିଲି, ଡେଲାଙ୍ଗରେ ଆଇନଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ ହୋଇପଡ଼ିଛି। ନାବାଳିକା ଦୁଷ୍କର୍ମଠାରୁ ଆରମ୍ଭ କରି ଅପହରଣ ପରେ ହତ୍ୟା, ବେଆଇନ ନିଶା କାରବାର, ବାଲି ଚୋରାଚାଲାଣ ସହ ମହିଳା ଆର୍‌ଆଇଙ୍କୁ ଅତିରିକ୍ତ ତହସିଲ୍‌ଦାରଙ୍କ ଅସଦାଚରଣ ଘଟଣାକୁ ନେଇ ପିପିଲି ପୂରା ରାଜ୍ୟରେ ଲଜ୍ଜିତ ହୋଇଛି। ମହିଳା ଆର୍‌ଆଇଙ୍କ ଅଭିଯୋଗ ପରେ ପିପିଲିରୁ ଅତିରିକ୍ତ ତହସିଲ୍‌ଦାରଙ୍କୁ ଅନ୍ୟତ୍ର ବଦଳି କରି ଜିଲ୍ଲା ଓ ବ୍ଲକ୍ ପ୍ରଶାସନ ଚୁପ୍ ବସି ଯାଇଛି। ଏହାର ପ୍ରତିବାଦରେ ବିଜୁ ଜନତା ଦଳର ପିପିଲି ବ୍ଲକ୍ ସଭାପତି ତଥା



ଉପାଧ୍ୟକ୍ଷ ପ୍ରଫୁଲ୍ଲ ସ୍ୱାଇଁଙ୍କ ନେତୃତ୍ୱରେ ଆଜି ଅପରାହ୍ଣରେ ହାଟଛକଠାରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା।

ବିଜେଡି କର୍ମୀମାନେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ସ୍ଥାନୀୟ ବିଧାୟକ ଆଶ୍ରିତ ପଟ୍ଟନାୟକଙ୍କ କୁଶପୁତ୍ତଳିକା ଦାହ କରିଥିଲେ। ଏଥିରେ ବରିଷ୍ଠ ବିଜେଡି ନେତା ଶରତ ବେହେରା, ପିପିଲି ଏନ୍‌ଏସିର ଅଧ୍ୟକ୍ଷ ସେକ୍ ବାବୁ, ଉପାଧ୍ୟକ୍ଷ ଭାଗ୍ୟବତୀ ମହାରଣା, ଜିଲ୍ଲା ପରିଷଦ ସଭ୍ୟ ଧରଣୀଧର ସାହୁ, ପୂର୍ବତନ ସରପଞ୍ଚ କୁଞ୍ଜମୋହନ ଦାଶ, ସୁକାନ୍ତ ପଣ୍ଡା, ସରପଞ୍ଚ ଧ୍ରୁବଚରଣ ପ୍ରଧାନ, ପ୍ରଦୀପ୍ତ ମିଶ୍ର, ବିଜେଡି ନେତା ଦେବାଶିଷ ନନ୍ଦ, ଆର୍ତ୍ତବନ୍ଧୁ ସାମନ୍ତରାୟ, ପ୍ରକାଶ ଧଳ, ବିରଜା ପ୍ରସାଦ ପଟ୍ଟନାୟକ,

**ଅତିରିକ୍ତ ତହସିଲଦାରଙ୍କୁ ତୁରନ୍ତ ଗିରଫ କର**

ଆଶିଷ ବରାଳ, ସମିତିସଭ୍ୟ ରଶ୍ମିରଞ୍ଜନ ଭଟ୍ଟ, ସରପଞ୍ଚ ସତ୍ୟନାରାୟଣ ବସ୍ତିଆ, ଯୁବ ବିଜେଡି ନେତା ବିଶ୍ୱଜିତ ଦାଶ, ସୌମ୍ୟରଞ୍ଜନ ମହାପାତ୍ର, ଛାତ୍ରନେତା ଅଜୟ ବେହେରା, କାଉନସିଲର୍ ଚନ୍ଦନ ସେଠୀ, ଜୟନ୍ତ ଦାଶ ପ୍ରମୁଖ ଶତାଧିକ ଲୋକ ସାମିଲ ହୋଇ ବିଜେପି ସରକାରଙ୍କ ବିରୋଧରେ ବିଭିନ୍ନ ସ୍ଲୋଗାନ ଦେଇଥିଲେ। ଏଥିରେ ଅତିରିକ୍ତ ତହସିଲ୍‌ଦାରଙ୍କୁ ତୁରନ୍ତ ଗିରଫ କରିବା ସହ ଚାକିରିରୁ ବହିଷ୍କାର କରିବା ପାଇଁ ବିଜେଡି ପକ୍ଷରୁ ଦାବି ହୋଇଥିଲା।

## ହାଡ଼,ଗୋଡ଼ ଚୂନା କରି ମାରିଦେଲେ ହାତୀପଲ

ଓଡ଼ଗାଁ,୨୮।୫(ସମିସ): ନୟାଗଡ଼ ଜିଲ୍ଲା ଓଡ଼ଗାଁ ଥାନା ଅନ୍ତର୍ଗତ ପୋକସୁଗାଁ ଗାଁର ବ୍ରଜବନ୍ଧୁ ମଳିକ ହାତୀ ଆକ୍ରମଣରେ ପ୍ରାଣ ହରାଇଛନ୍ତି। ମଙ୍ଗଳବାର ସନ୍ଧ୍ୟାରେ ସେ ଘରକୁ ଫେରୁଥିବା ବେଳେ ସୁରୁକାବାରି ଉପର ତଇଲା ଅଞ୍ଚଳରେ ୧୪ ଘରିଆ ଏକ ହାତୀପଲ ତାଙ୍କୁ ଆକ୍ରମଣ କରିଥିଲେ। ହାତୀ ଆକ୍ରମଣରେ ତାଙ୍କ ଶରୀରର ହାଡ଼ ଚୂନା ହୋଇଯାଇଥିବା ବେଳେ ମୁଣ୍ଡ ଓ କାନରୁ ପ୍ରଚୁର ରକ୍ତସ୍ରାବ ହୋଇଥିଲା। ପରିବାରଲୋକ ଘଟଣାସ୍ଥଳରୁ ବ୍ରଜବନ୍ଧୁଙ୍କ ମୃତଶରୀରକୁ ଉଦ୍ଧାର କରି ଓଡ଼ଗାଁ ଡାକ୍ତରଖାନାରେ ଭର୍ତ୍ତି କରାଇଥିଲେ। ଏନେଇ ଅଭିଯୋଗ ହେବା ପରେ ଓଡ଼ଗାଁ ପୁଲିସ୍ ୨୦/୨୫ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି। ବ୍ରଜବନ୍ଧୁ ମଙ୍ଗଳବାର ଅପରାହ୍ଣରେ ଅନ୍ୟ ଗାଁରୁ କାର୍ଯ୍ୟସାରି ସାଇକଲ ଯୋଗେ ଏକ ଓସାରିଆ ରାସ୍ତା ଦେଇ ନିଜ ଗାଁ ଘରକୁ ଫେରୁଥିଲେ। ସେ ଜଣେ ଶ୍ରବଣବାଧିତ ବ୍ୟକ୍ତି ହୋଇଥିବାରୁ ହାତୀପଲଙ୍କ ଆତଯାତ ସମ୍ପର୍କରେ ଶୁଣି ନ ପାରି ହଠାତ୍ ହାତୀପଲଙ୍କ ସାମ୍ନାକୁ ଆସିଯାଇଥିଲେ। ଫଳରେ ହାତୀଙ୍କ ଆକ୍ରମଣରେ ତାଙ୍କର ମୃତ୍ୟୁ ହୋଇଥିଲା ବୋଲି ମହିପୁର ବନାଞ୍ଚଳ ଅଧିକାରୀ ଅମ୍ରିତ୍ ସାହୁ କହିଛନ୍ତି। ସେ ତାଙ୍କ ପରିବାରର ଏକମାତ୍ର ରୋଜଗାରିଆ ବ୍ୟକ୍ତି ହୋଇଥିବାରୁ ତାଙ୍କୁ ସରକାରୀ ସହାୟତା ଯୋଗାଇଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

# ବିଶ୍ୱ ବାଣିଜ୍ୟ

### ମୁଦ୍ରା ବିନିମୟ ମୂଲ୍ୟ



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୮୫.୭୫
- ପାଉଣ୍ଡ ୧୧୫.୦୪
- ୟୁରୋ ୯୬.୯୩
- ୟେନ୍ ୦.୫୯


### ସୁନା, ରୁପା ଦର (ଟଙ୍କାରେ)



୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)
- ସୁନା: ୮୯,୩୫୦ (ନୂଆଦିଲ୍ଲୀ)
- ରୁପା : ୧୦୦,୦୦୦ (କେଜି)

### ଷ୍ଟକ୍ ମାର୍କେଟ୍

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୮୧,୩୧୨.୦୦
- ନିଫ୍ଟି ୨୪,୭୫୨.୦୦



### ପେଟ୍ରୋଲ-ଡିଜେଲ୍

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦



## ପୂର୍ବତନ ସେବି ମୁଖ୍ୟ ମାଧବୀ ବୁଚ୍‌ଙ୍କୁ କ୍ଲିନ୍‌ଚିଟ୍

ନୂଆଦିଲ୍ଲୀ,୨୮।୫(ଏଜେନ୍ସି) : ପୂର୍ବତନ ଭାରତୀୟ ପ୍ରତିଭୂତି ବିନିମୟ ବୋର୍ଡ (ସେବି) ଅଧ୍ୟକ୍ଷା ମାଧବୀ ପୁରୀ ବୁଚ୍‌ଙ୍କୁ ବଡ଼ ଆଶ୍ୱସ୍ତି ମିଳିଛି। ଦୁର୍ନୀତିର ଅଭିଯୋଗଗୁଡ଼ିକର ତଦନ୍ତ କରିବା ପରେ ଲୋକପାଳ ତାଙ୍କୁ କ୍ଲିନ୍ ଚିଟ୍ ଦେଇଛନ୍ତି। ଲୋକପାଳ କହିଛନ୍ତି ଯେ ମାଧବୀଙ୍କ ବିରୋଧରେ ଲଗାଯାଇଥିବା ଅଭିଯୋଗଗୁଡ଼ିକ କେବଳ ଅନୁମାନ ଏବଂ ଧାରଣା ଉପରେ ଆଧାରିତ, ଯାହାର କୌଣସି ଠୋସ୍ ପ୍ରମାଣ ନାହିଁ। ଅଭିଯୋଗଗୁଡ଼ିକରେ ହିଣ୍ଡେନବର୍ଗ ରିସର୍ଚ୍ଚର ରିପୋର୍ଟକୁ ଆଧାର କରାଯାଇଥିଲା, କିନ୍ତୁ ଲୋକପାଳ ଏହାକୁ କାର୍ଯ୍ୟାନୁଷ୍ଠାନ ପାଇଁ ପର୍ଯ୍ୟାପ୍ତ ନୁହେଁ ବୋଲି କହିଥିଲେ।



ମାଧବୀ ପୁରୀ ବୁଚଙ୍କ ବିରୁଦ୍ଧରେ ଅଭିଯୋଗ ୨୦୨୩ରେ ତୃଣମୂଳ କଂଗ୍ରେସ ସାଂସଦ ମହୁଆ ମୋଇତ୍ର ଏବଂ ଅନ୍ୟ ଦୁଇଜଣଙ୍କ ଦ୍ୱାରା ଦାୟର କରାଯାଇଥିଲା। ଏହି ଅଭିଯୋଗଗୁଡ଼ିକରେ

● **ସମସ୍ତ ଅଭିଯୋଗକୁ ଲୋକପାଳ ଖାରଜ କଲେ**

ଦର୍ଶାଯାଇଥିଲା ଯେ ବୁଚ୍ ଏବଂ ତାଙ୍କ ସ୍ୱାମୀ କିଛି ଅଫଶୋର ପାଣ୍ଠିରେ ଅଂଶଧନ ରଖିଛନ୍ତି, ଯାହା ଆଦାନୀ ଗ୍ରୁପ୍ ସହିତ ଜଡିତ କଥିତ ପାଣ୍ଠି ସ୍ଥାନାନ୍ତର ସହିତ ଜଡିତ ବୋଲି କୁହାଯାଇଥିଲା। ଏହି ଅଭିଯୋଗଗୁଡ଼ିକ ଆମେରିକୀୟ ଗବେଷଣା ସଂସ୍ଥା ହିଣ୍ଡେନବର୍ଗ ରିସର୍ଚ୍ଚ ଦ୍ୱାରା ୨୦୨୪ ଅଗଷ୍ଟ ୧୦ରେ ପ୍ରକାଶିତ ଏକ ରିପୋର୍ଟ ଉପରେ ଆଧାରିତ ଥିଲା। ବୁଚ୍ ଏବଂ ତାଙ୍କ ସ୍ୱାମୀ ଏହି ଅଭିଯୋଗଗୁଡ଼ିକୁ ସମ୍ପୂର୍ଣ୍ଣ ପ୍ରତ୍ୟାଖ୍ୟାନ କରିଥିଲେ ଏବଂ କହିଥିଲେ ଯେ ଏକ ଛୋଟ ଶର୍ଟ ସେଲିଂ ସଂସ୍ଥା ଦେଶର ନିୟାମକ ସଂସ୍ଥାର ବିଶ୍ୱସନୀୟତା ଉପରେ ଆକ୍ରମଣ କରିବାକୁ ଏବଂ ଏହାର ଚରିତ୍ରକୁ ବଦନାମ କରିବାକୁ ଚେଷ୍ଟା କରୁଛି। ଆଦାନୀ ଗ୍ରୁପ୍ ମଧ୍ୟ ଏହି ଅଭିଯୋଗଗୁଡ଼ିକୁ ମିଥ୍ୟା ଏବଂ ଭ୍ରମାତ୍ମକ ବୋଲି କହିଥିଲା।

ବିଚାରପତି ଏଏମ୍ ଖାନଭିଲକରଙ୍କ ଅଧ୍ୟକ୍ଷତାରେ ଲୋକପାଳର ୬ ଜଣିଆ ଖଣ୍ଡପୀଠ ମେ ୨୨ରେ ତାଙ୍କ ଆଦେଶରେ ସ୍ପଷ୍ଟ କରିଥିଲେ ଯେ କରାଯାଇଥିବା ଅଭିଯୋଗଗୁଡ଼ିକ ଅନୁମାନ ଏବଂ ଧାରଣା ଉପରେ ଆଧାରିତ ଏବଂ କୌଣସି ପ୍ରାମାଣିକ ଦସ୍ତାବିଜ ଦ୍ୱାରା ପ୍ରମାଣିତ ନୁହେଁ। ଆଦେଶରେ ଏହା ମଧ୍ୟ କୁହାଯାଇଛି ଯେ ଏହି ଅଭିଯୋଗଗୁଡ଼ିକରେ ଏପରି କୌଣସି ଉପାଦାନ ନାହିଁ ଯାହା ଦୁର୍ନୀତି ନିବାରଣ ଆଇନର ଧାରା ଅନୁଯାୟୀ ତଦନ୍ତ କରିବା ଯୋଗ୍ୟ। ତେଣୁ, ଏହି ଅଭିଯୋଗଗୁଡ଼ିକୁ ଖାରଜ କରାଯାଉଛି।

## ଜାରି ରହିବ ସୁଧ ସବ୍‌ସିଡି ଯୋଜନା

ନୂଆଦିଲ୍ଲୀ,୨୮।୫(ଏଜେନ୍ସି): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ କେନ୍ଦ୍ର କ୍ୟାବିନେଟ ଆଜି ଆର୍ଥିକ ବର୍ଷ ୨୦୨୫-୨୬ ପାଇଁ ସଂଶୋଧିତ ସୁଧ ସବସିଡି ଯୋଜନା (ଏମଆଇଏସଏସ) ଅନ୍ତର୍ଗତ ସୁଧ ସବସିଡି (ଆଇଏସ) ବ୍ୟବସ୍ଥା ଜାରି ରଖିବାକୁ ଏବଂ ଏଥିପାଇଁ ଆବଶ୍ୟକ ପାଣ୍ଠି ବନ୍ଦୋବସ୍ତକୁ ଅନୁମୋଦନ ଦେଇଛନ୍ତି। ସଂଶୋଧିତ ସୁଧ ସବସିଡି ଯୋଜନା ହେଉଛି ଏକ କେନ୍ଦ୍ରୀୟ କ୍ଷେତ୍ର ଯୋଜନା ଯାହାର ଲକ୍ଷ୍ୟ ହେଉଛି କିଷାନ କ୍ରେଡିଟ୍ କାର୍ଡ (କେସିସି) ମାଧ୍ୟମରେ ଚାଷୀମାନଙ୍କୁ ସୁଲଭ ସୁଧ ହାରରେ ସ୍ୱଳ୍ପକାଳୀନ ଋଣ ଉପଲବ୍ଧତା ସୁନିଶ୍ଚିତ କରିବା। ଏହି ଯୋଜନା ଅଧୀନରେ ଚାଷୀମାନେ କିଷାନ କ୍ରେଡିଟ୍ କାର୍ଡ (କେସିସି) ମାଧ୍ୟମରେ ୭ ପ୍ରତିଶତ ରିହାତି ସୁଧ ହାରରେ ୩ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସ୍ୱଳ୍ପକାଳୀନ ଋଣ ପାଆନ୍ତି, ଯୋଗ୍ୟ ଋଣ ପ୍ରଦାନକାରୀ ସଂସ୍ଥାଗୁଡ଼ିକୁ ୧.୫ ପ୍ରତିଶତ ସୁଧ ରିଆତି ପ୍ରଦାନ କରାଯାଏ।

### ଇଣ୍ଡିଗୋରୁ ଶେୟାର ବିକିଲେ ସହପ୍ରତିଷ୍ଠାତା

ନୂଆଦିଲ୍ଲୀ,୨୮।୫ (ଏଜେନ୍ସି): ଇଣ୍ଟରଗ୍ଲୋବ ଆଭିଏସନର ପ୍ରମୋଟର ରାକେଶ ଗଙ୍ଗଓ୍ୱାଲ ଏବଂ ତାଙ୍କ ଫ୍ୟାମିଲି ଟ୍ରଷ୍ଟ, ଇଣ୍ଡିଗୋରେ ଥିବା ଏହାର ୫.୭ ପ୍ରତିଶତ ଅଂଶଧନ ବିକ୍ରି କରିଛି। 'ବ୍ଲକ୍ ଡିଲ୍' ଦ୍ୱାରା ପ୍ରାୟ ୧୧, ୩୮୬ କୋଟି ଟଙ୍କାରେ ଏହି ଶେୟାର ବିକ୍ରି ହୋଇଛି। ଜାତୀୟ ଗଣମାଧ୍ୟମରେ ପ୍ରକାଶିତ ରିପୋର୍ଟ ଅନୁସାରେ ଗଙ୍ଗଓ୍ୱାଲଙ୍କ ବ୍ୟତୀତ ଚିଙ୍କରପୁ ଫ୍ୟାମିଲି ଟ୍ରଷ୍ଟ ଏହି ଶେୟାର ବିକ୍ରି କରିଛି। ଗୋଲ୍ଡମ୍ୟାନ ସ୍ୟାଚ୍, ମର୍ଗାନ ଷ୍ଟାନଲି ଏବଂ ଜେପି ମୋର୍ଗାନ ଭଳି ବଡ଼ ଇନଭେଷ୍ଟମେଣ୍ଟ ବ୍ୟାଙ୍କ ଏହି ଡିଲ୍‌କୁ କାର୍ଯ୍ୟକାରୀ କରିବେ। ସୂଚନାଥାଉକି, ଚିଙ୍କରପୁ ଫ୍ୟାମିଲି ଟ୍ରଷ୍ଟର ଟ୍ରଷ୍ଟି ହେଉଛି ଶୋଭା ଗଙ୍ଗୱାଲ ଏବଂ ଡେଲାୱେରର ଜେପି ମୋର୍ଗାନ ଟ୍ରଷ୍ଟ କମ୍ପାନି। ପୂର୍ବରୁ ଗଙ୍ଗୱାଲ ଏବଂ ପାରିବାରିକ ଟ୍ରଷ୍ଟ ନିକଟରେ ଇଣ୍ଡିଗୋରେ ପ୍ରାୟ ୧୩.୫ ପ୍ରତିଶତ ଅଂଶଧନ ଥିଲା।

**ଦେଶସାରା 'ବୟକଟ୍ ତୁର୍କୀ' ନାରା**

## ଇସ୍ତାନବୁଲ୍‌କୁ ପ୍ରଶଂସା କଲା 'ନିତି' ଆୟୋଗ




ନୂଆଦିଲ୍ଲୀ,୨୮।୫(ଏଜେନ୍ସି):ସାରା ଦେଶରେ ବର୍ତ୍ତମାନ ତୁର୍କୀ ବଏକଟ୍ ନାରା ଜାରି ରହିଛି। ହେଲେ ଏଭଳି ସମୟରେ ଇସ୍ତାନବୁଲ୍‌କୁ ପ୍ରଶଂସା କରିଛି ନିତି ଆୟୋଗ। ନିତି ଆୟୋଗର ଏକ ରିପୋର୍ଟରେ ତୁର୍କୀକୁ ପ୍ରଶଂସା କରାଯାଇଛି। ପାକିସ୍ତାନର ବନ୍ଧୁ ରାଷ୍ଟ୍ରଠାରୁ କିଛି ଶିଖିବାର ଥିବା ଏଥିରେ କୁହାଯାଇଛି। ଏହି ରିପୋର୍ଟ ଏପରି ସମୟରେ ଆସିଛି ଯେତେବେଳେ ଭାରତ ଏବଂ ତୁର୍କୀ ମଧ୍ୟରେ ସମ୍ପର୍କ ଉତ୍ତେଜନାପୂର୍ଣ୍ଣ ରହିଛି। ଅପରେସନ ସିନ୍ଦୂର ସମୟରେ ତୁର୍କୀ ପାକିସ୍ତାନ ସହିତ ଠିଆ ହୋଇଥିଲା। ଏହା ଭାରତୀୟମାନଙ୍କୁ ଏହାର ବିରୁଦ୍ଧରେ କ୍ରୋଧିତ କରିଛି। ଲୋକମାନେ ତୁର୍କୀ ଉତ୍ପାଦ ଏବଂ ସେବାକୁ ବୟକଟ୍ କରୁଛନ୍ତି। ସେହି ସମୟରେ, ନୀତି ଆୟୋଗ ଭଳି ସରକାରୀ ପ୍ରତିଷ୍ଠାନ ବିଶ୍ୱାସ କରନ୍ତି ଯେ ତୁର୍କୀର କିଛି କ୍ଷେତ୍ରରେ ଉତ୍କୃଷ୍ଟ ପଦ୍ଧତି ଅଛି ଯେଉଁଠାରୁ ଭାରତ ଶିଖିପାରିବ। ନିତି ଆୟୋଗ ରିପୋର୍ଟରେ ତୁର୍କୀକୁ ଏପରି ଏକ ଦେଶ ଭାବରେ ବର୍ଣ୍ଣନା କରାଯାଇଛି ଯେଉଁଠାରୁ ଭାରତ ଏହାର ମଧ୍ୟମ ଉଦ୍ୟୋଗଗୁଡ଼ିକରେ ଦକ୍ଷତାର ବ୍ୟବଧାନକୁ ଦୂର କରିବା ପାଇଁ ସର୍ବୋତ୍ତମ ବିଶ୍ୱସ୍ତରୀୟ ଅଭ୍ୟାସ ଗ୍ରହଣ କରିପାରିବ। ରିପୋର୍ଟରେ କାନାଡା, ସିଙ୍ଗାପୁର ଏବଂ ଅଷ୍ଟ୍ରେଲିଆ ବ୍ୟତୀତ ମଧ୍ୟମ ଉଦ୍ୟୋଗଗୁଡ଼ିକୁ ଉତ୍ସାହିତ କରିବା ପାଇଁ ତୁର୍କୀର କାର୍ଯ୍ୟକ୍ରମଗୁଡ଼ିକୁ ତାଲିକାଭୁକ୍ତ କରାଯାଇଛି।

ନିତି ଆୟୋଗ ରିପୋର୍ଟରେ କୁହାଯାଇଛି ଯେ ମଧ୍ୟମ ଉଦ୍ୟୋଗଗୁଡ଼ିକୁ ସଫଳ କରିବା ପାଇଁ, ଦକ୍ଷତା ବିକାଶ ପାଇଁ ଏକ କଷ୍ଟୋମାଇଜ୍ଡ, ଡାଟା-ଚାଳିତ ପଦ୍ଧତି ଆବଶ୍ୟକ ଯାହା ଶିଳ୍ପର ଆବଶ୍ୟକତା ସହିତ ମେଳ ଖାଇପାରିବ ଏବଂ ଏକ ପ୍ରତିଯୋଗିତାମୂଳକ, ଦକ୍ଷ କର୍ମଶକ୍ତି ସୁନିଶ୍ଚିତ କରିପାରିବ। ତୁର୍କୀର ଇ-ଏକାଡେମୀ ଏବଂ କୋସ୍‌ଜେବ୍ କାର୍ଯ୍ୟକ୍ରମ ଉଲ୍ଲେଖ କରାଯାଇଛି ରିପୋର୍ଟରେ କୁହାଯାଇଛି ଯେ ତୁର୍କୀର କୋସ୍‌ଜେବ୍ ଉଦ୍ୟୋଗିତା ଉପରେ ଦୂର ଶିକ୍ଷା ପ୍ରଦାନ କରେ। ଇ-ଏକାଡେମୀ କାର୍ଯ୍ୟକ୍ରମ ସାହାଯ୍ୟରେ, ସମୟ ଏବଂ ସ୍ଥାନର ପ୍ରତିବନ୍ଧକ ବିନା ପ୍ରଭାବଶାଳୀ, ସହଜ ଏବଂ ନମନୀୟ ଉଦ୍ୟୋଗିତା ତାଲିମ ପ୍ରଦାନ କରାଯାଏ। ତୁର୍କୀର ଇ-ଏକାଡେମୀକୁ ଏକ ଅନଲାଇନ୍ ତାଲିମ ପ୍ଲାଟଫର୍ମ ଭାବରେ ବର୍ଣ୍ଣନା କରି ରିପୋର୍ଟରେ କୁହାଯାଇଛି ଯେ ଏହା ରିହାତି ଦରରେ ପାଠ୍ୟକ୍ରମ ପ୍ରଦାନ କରେ।

## ୭୨,୦୦୦ କୋଟିରୁ ଅଧିକ ମୂଲ୍ୟର ଭିତ୍ତିଭୂମି ପ୍ରକଳ୍ପର ସମୀକ୍ଷା

ନୂଆଦିଲ୍ଲୀ,୨୮।୫(ଏଜେନ୍ସି): ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତିକ୍ରମେ ପ୍ରଧାନମନ୍ତ୍ରୀ ଆଜି ବିଭିନ୍ନ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳରେ ଅବସ୍ଥିତ ସଡ଼କ ପରିବହନ, ଶକ୍ତି ଏବଂ ଜଳ ସମ୍ପଦ କ୍ଷେତ୍ରରେ ୭୨,୦୦୦ କୋଟି ଟଙ୍କାରୁ ଅଧିକ ମୂଲ୍ୟର ତିନୋଟି ପ୍ରମୁଖ ଭିତ୍ତିଭୂମି ପ୍ରକଳ୍ପର ସମୀକ୍ଷା କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କୁ ନେଇ ସକ୍ରିୟ ପ୍ରଶାସନ ଏବଂ ସମୟୋଚିତ କାର୍ଯ୍ୟାନ୍ୱୟନ ପାଇଁ ଆଇସିଟି ଆଧାରିତ ପ୍ରଗତି ବୈଠକରେ ଅଧ୍ୟକ୍ଷତା କରିଛନ୍ତି। ଏହି ବୈଠକରେ ପ୍ରକଳ୍ପ

**ପ୍ରଗତି ବୈଠକ**

ବିଳମ୍ବ ଯୋଗୁଁ ଉପୁଜିଥିବା ପ୍ରତିକୂଳ ପ୍ରଭାବ ଉପରେ ଆଲୋକପାତ କରି ପ୍ରଧାନମନ୍ତ୍ରୀ ଦୋହରାଇଥିଲେ ଯେ ଏଭଳି ବିଫଳତା କେବଳ ଖର୍ଚ୍ଚ ବୃଦ୍ଧି କରି ନ ଥାଏ, ବରଂ ନାଗରିକମାନଙ୍କୁ ଅତ୍ୟାବଶ୍ୟକ ସେବା ଏବଂ ଭିତ୍ତିଭୂମିରୁ ବଞ୍ଚିତ କରିଥାଏ। ରିଅଲ୍ ଇଷ୍ଟେଟ୍ ରେଗୁଲେଟୋରୀ ଅଥରିଟି (ରେରା) ସହିତ ଜଡିତ ସାର୍ବଜନୀନ ଅଭିଯୋଗଗୁଡ଼ିକର ସମୀକ୍ଷା ସମୟରେ ଗୃହ କ୍ରେତାମାନଙ୍କ ପାଇଁ ନ୍ୟାୟ ଏବଂ ନିରପେକ୍ଷତା ସୁନିଶ୍ଚିତ କରିବା ପାଇଁ ଅଭିଯୋଗ ସମାଧାନର ଗୁଣବତ୍ତା ଏବଂ ସମୟାନୁବର୍ତ୍ତୀତାରେ ଉନ୍ନତି ଆଣିବାର ଆବଶ୍ୟକତା ଉପରେ ପ୍ରଧାନମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି। ରେରା ଅଧିନିୟମ ଅନୁଯାୟୀ ସମସ୍ତ ଯୋଗ୍ୟ ରିଅଲ ଇଷ୍ଟେଟ୍ ପ୍ରକଳ୍ପର ବାଧ୍ୟତାମୂଳକ ପଞ୍ଜୀକରଣ ସୁନିଶ୍ଚିତ କରିବାକୁ ସେ ରାଜ୍ୟ ସରକାରମାନଙ୍କୁ କହିଛନ୍ତି।

## ଟାଟା ମୋଟର୍ସ ଅଲ-ନ୍ୟୁ ଆଲଟ୍ରୋଜ୍ ବଜାରରେ




ମୁମ୍ବଇ,୨୮।୫: ଟାଟା ମୋଟର୍ସ ପକ୍ଷରୁ ୬.୮୯ ଲକ୍ଷ ଟଙ୍କା ମୂଲ୍ୟରେ ଅଲ୍-ନ୍ୟୁ ଆଲଟ୍ରୋଜର ଶୁଭାରମ୍ଭ ଘୋଷଣା କରିଛି। ଏହାର ଚମତ୍କାର ଡିଜାଇନ୍, ବିଳାସପୂର୍ଣ୍ଣ ଆଭ୍ୟନ୍ତରୀଣ ଏବଂ ଉନ୍ନତ ବୈଶିଷ୍ଟ୍ୟ ସହିତ ପ୍ରିମିୟମର ଏକ ନୂତନ ଯୁଗରେ ଉପଯୋଗ କରି, ଅଲ-ନ୍ୟୁ ଆଲଟ୍ରୋଜକୁ ଆକର୍ଷିତ କରିବା ପାଇଁ ଡିଜାଇନ୍ କରାଯାଇଛି। ଏହା ପ୍ରିମିୟମ୍ ଡିଜାଇନ୍, ଦୃଢ଼ ନିରାପତ୍ତା, କଟିଙ୍ଗ୍ ଏଜ୍ ଟେକ୍ନୋଲୋଜି ଏବଂ ରୋମାଞ୍ଚକର କାର୍ଯ୍ୟଦକ୍ଷତାର ମୂଳ ସ୍ତମ୍ଭ ଉପରେ ନିର୍ମିତ। ଏହାର ସତେଜ ବାହ୍ୟ ଏବଂ ବିଳାସପୂର୍ଣ୍ଣ ବୈଷୟିକ ସମୃଦ୍ଧ କ୍ୟାବିନରୁ ଏହାର ବର୍ଦ୍ଧିତ ସଂଯୋଗୀକରଣ ଏବଂ ବିସ୍ତାରିତ ମଲ୍ଟି ପାୱାର୍ ଟ୍ରେନ୍ ଲାଇନ୍ ଅପ୍ - ବର୍ତ୍ତମାନ ପ୍ରଥମ ଥର ପାଇଁ ଏକ ଏଏମ୍‌ଟି ବିକଳ୍ପକୁ ଦର୍ଶାଉଛି। ଦୈନନ୍ଦିନ ଡ୍ରାଇଭଗୁଡ଼ିକୁ ଅସାଧାରଣ ଯାତ୍ରାରେ ପରିଣତ କରିବା ପାଇଁ ଆଲଟ୍ରୋଜ ଇଞ୍ଜିନିୟରିଂ ଆଲ୍ଟ୍ରୋଜ ପ୍ରିମିୟମ୍ ହ୍ୟାଚବ୍ୟାକ୍ ସେଗମେଣ୍ଟରେ ଏକ ମାନଦଣ୍ଡ ଭାବରେ ନିଜକୁ ଦୃଢ଼ ଭାବରେ ପ୍ରତିଷ୍ଠିତ କରିଛି। ଏହାର ବର୍ଗରେ ପ୍ରଥମ ଏବଂ କେବଳ ଗୋଟିଏ ହୋଇ ୫ ତାରକା ଜିଏନ୍‌ସିଏପି ମୂଲ୍ୟାୟନ ପାଇଛି, ଏହା ନିରାପତ୍ତାରେ ଶୀଘ୍ର ନୂତନ ମାନକ ସ୍ଥିର କରୁଛି। ଅଲ୍-ନ୍ୟୁ ଆଲଟ୍ରୋଜ୍‌ରେ ସେଗମେଣ୍ଟର ପ୍ରଥମ ଡିଜାଇନ୍ ଉପାଦାନଗୁଡିକ ଅଛି ଯେପରିକି ଫ୍ଲାଶ୍ ଡୋର ହ୍ୟାଣ୍ଡଲ୍ସ ଏବଂ ଇନଫିନିଟି ସଂଯୁକ୍ତ ଏଲଇଡି ଟେଲ ଲ୍ୟାମ୍ପ, ଯେତେବେଳେ ଇଣ୍ଟିଗ୍ରେଟେଡ୍ ଉଜଖ ସହିତ ଲ୍ୟୁମିନେଟ୍ ଏଲଇଡି ହେଡଲ୍ୟାମ୍ପ ଏବଂ ଏକ ଚମତ୍କାର ୩ଡି ଗ୍ରୀଲ୍ ଏହାର ଅତ୍ୟାଧୁନିକ ସଡ଼କ ଉପସ୍ଥିତିରେ ଯୋଗ କରିଥାଏ।

ନୃତ୍ୟଶିଳ୍ପୀ ସହିତ କଣ୍ଠଶିଳ୍ପୀ ହେବାକୁ ସେ ସ୍ୱପ୍ନ ଦେଖୁଥିଲେ। ଅନେକ ଲାଇଭ୍ ଷ୍ଟେଜ୍‌ରେ ସେ ନୃତ୍ୟ ପରିବେଷଣ କରିଛନ୍ତି। ହେଲେ ୨୦୧୯ ମସିହା 'ରଜକୁଇନ୍' ଅଡିସନ୍ ତାଙ୍କ ଜୀବନରେ ଏକ ପରିବର୍ତ୍ତନ ନେଇ ଆସିଥିଲା। ଏହା ପରେ ସେ ମ୍ୟୁଜିକ୍ ଭିଡିଓ, ଟେଲି ଫିଲ୍ମ ଓ ଏକାଧିକ ଓଡ଼ିଆ ଧାରାବାହିକରେ କାମ କରିଛନ୍ତି। ସେ ହେଉଛନ୍ତି ଯାଜପୁରର ଲିପିକା ପରିଡ଼ା। ନାୟିକା ହେବାକୁ ଇଚ୍ଛା ରଖିଥିବା ଲିପିକା ଓଡ଼ିଆ ଧାରାବାହିକର ଖଳନାୟିକା ଭାବେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି। ଅଭିନେତ୍ରୀ ଲିପିକାଙ୍କ ମୁହଁରୁ ଜାଣିବା ତାଙ୍କ ଅଭିନୟ କ୍ୟାରିଅର୍ ସଂପର୍କରେ।

ସାକ୍ଷାତ୍କାର



# "ସବୁ ଚରିତ୍ରରେ ଅଭିନୟ କରିବାର କଳା ଜାଣିଛି"

**ଲିପିକା ପରିଡ଼ା**, ଅଭିନେତ୍ରୀ

**କ୍ୟାମେରା ଆଗରେ ପ୍ରଥମ ଦିନ ଅନୁଭୂତି କେମିତି ଥିଲା ?**

● ଇଣ୍ଡଷ୍ଟ୍ରିରେ ମୁଁ ପୂରା ନୂଆ ଥାଏ। ଅଭିନୟ ବାବଦରେ ମୋତେ କିଛି ଜଣା ନ ଥାଏ। ଯେହେତୁ ମୋ ବାପା ଜଣେ କ୍ଲାସିକାଲ ଡ୍ୟାନ୍ସର, ତାଙ୍କର କିଛି କଥାକୁ ଧ୍ୟାନରେ ରଖି କ୍ୟାମେରାକୁ ସାମ୍ନା କରିଥିଲି।

**ନୃତ୍ୟଶିଳ୍ପୀରୁ ଅଭିନେତ୍ରୀ ହେବାକୁ କାହିଁକି ଆଗ୍ରହ ପ୍ରକାଶ କଲେ ?**

● ମୋ ବାପା ଜଣେ କ୍ଲାସିକାଲ୍ ନୃତ୍ୟଶିଳ୍ପୀ। ଭବିଷ୍ୟତରେ ମୁଁ ମଧ୍ୟ ନୃତ୍ୟଶିଳ୍ପୀ ଏବଂ କଣ୍ଠଶିଳ୍ପୀ ହେବାକୁ ସ୍ୱପ୍ନ ଦେଖି ନାଚ ଓ ଗୀତ ଶିଖୁଥିଲି। ହେଲେ ୨୦୧୯ ମସିହାରେ 'ରଜ କୁଇନ୍' ଅଡିସନ୍ ଦେଇ ଫାଇନାଲ୍ ରାଉଣ୍ଡ ଯାଏଁ ଯାଇଥିଲି। ଏହା ପରେ 'ସିନେ ଷ୍ଟାର୍‌କି ଖୋଜ୍'ରେ ଭାଗ ନେଇଥିଲି। କିଛି ଦିନ ବ୍ରେକ୍ ନେଇଥିବା ବେଳେ ଜି-ସାର୍ଥକରୁ ମୋତେ ଧାରାବାହିକରେ ଅଡିସନ୍ ଦେବାକୁ ଯୋଗାଯୋଗ କରାଯାଇଥିଲା। ମୁଖ୍ୟ ଚରିତ୍ର କରିବି ଭାବିଥିଲି ; ହେଲେ 'ରହିଛି ରହିବି ତୋରି ପାଇଁ' ମୋର ପ୍ରଥମ ଧାରାବାହିକରୁ ଖଳନାୟିକା ଭାବେ ଅଭିନୟ କରିବାର ସୁଯୋଗ ମିଳିଲା। 'ତୋ ପାଇଁ ମୁଁ ମୋ ପାଇଁ ତୁ', 'ମୋ ଅଗଣାର ତୁଳସୀ ତୁ', 'ଝିଲି', 'ତୁ ରାଜା ମୁଁ ରାଣୀ' ଧାରାବାହିକରେ 'ଖଳନାୟିକା' ଭାବେ କାମ କରିଛି। 'ଟିଙ୍ଗା ରାଜୁ', 'ମୋ ଜେଜେଙ୍କ ଲଭ୍ ଷ୍ଟୋରୀ', 'ହାପି ଏଣ୍ଡିଂ' ଆଦି ଟେଲି ଫିଲ୍ମ ଓ କିଛି ମ୍ୟୁଜିକ୍ ଭିଡ଼ିଓ କରିବାକୁ ସୁଯୋଗ ପାଇଛି।

**ଖଳନାୟିକାରୁ ନାୟିକା ହେବାକୁ ଇଚ୍ଛା ରଖିଛନ୍ତି ?**


● ଧାରାବାହିକ ହେଉ କି ଫିଲ୍ମ, ସବୁଥିରେ ନାୟିକା ପରି ଖଳନାୟିକାର ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ଥାଏ। ଯେହେତୁ ମୁଁ କଳାକୁ ଗୁରୁତ୍ୱ ଦିଏ, ତେଣୁ ମୋତେ ଯାହା ଚରିତ୍ର ମିଳିଥିଲା, ମୁଁ କରିଥିଲି। ମୁଁ କେବଳ ଖଳନାୟିକା ନୁହେଁ, ସମସ୍ତ ପ୍ରକାର ଚରିତ୍ରକୁ ନିଖୁଣ ଭାବେ ଫୁଟାଇ ପାରିବି। ତେବେ ଗୋଟେ ପରେ ଗୋଟେ ଧାରାବାହିକରେ ଖଳନାୟିକା ଭାବେ ଦେଖି ଦର୍ଶକ ମଧ୍ୟ ମୋ ଚରିତ୍ରକୁ ଭଲ ପାଇବା ଦେଲେ। ଏ ସବୁ ମଧ୍ୟରୁ 'ଝିଲି'ର ମାୟା ଚରିତ୍ର ମୋ ପାଇଁ ଏକ ଟର୍ଣ୍ଣିଂ ପଏଣ୍ଟ। ଆଗକୁ କେବଳ ଖଳନାୟିକା ହେବି ତାହା ନୁହେଁ, ସବୁ ପ୍ରକାର ଚରିତ୍ରକୁ ଭଲ ଭାବେ କରିପାରିବାର କଳା ମୁଁ ଜାଣିଛି।

**ଚରିତ୍ରକୁ ଦମ୍‌ଦାର କରିବାକୁ କେତେ ପରିଶ୍ରମ କରନ୍ତି?**

● ପ୍ରତିଦିନ ଦର୍ପଣ ସାମ୍ନାରେ ସଂଳାପ କହେ। ଧାରାବାହିକ ସୁଟିଂ ପରେ ବି ମୁଁ ସେହି ସଂଳାପକୁ ଅଭ୍ୟାସ କରୁଥାଏ। ସିନିୟର୍ କଳାକାରଙ୍କ ଅଭିନୟ, ସେମାନଙ୍କ ଭାବଭଙ୍ଗୀକୁ ଗୁରୁତ୍ୱ ଦିଏ। ସେହିପରି ଅନୁପମ ଖେରଙ୍କ ଶୋ'ରେ ଅନେକ ବଲିଉଡ୍ କଳାକାରଙ୍କ ଜୀବନୀ ବିଷୟରେ ଜାଣେ। ସବୁପରେ ନିଜ ହିସାବରେ କେମିତି ଆଗକୁ ବଢ଼ିବି ତାହାକୁ ଗୁରୁତ୍ୱ ଦିଏ। ଏବେ ମୁଁ ଅଭିନୟ ସହିତ ପୁଣି ଓଡ଼ିଶୀ ନୃତ୍ୟ ଶିଖୁଛି।

**ଆଗାମୀ ଯୋଜନା?**

● ଭଲ କଳାକାରଟିଏ ସହ ଓଡ଼ିଶୀ ନୃତ୍ୟଶିଳ୍ପୀ ହେବାକୁ ଗୁରୁତ୍ୱ ଦେବି। ବଡ଼ ପ୍ରୋଜେକ୍ଟରେ କାମ କରିବାକୁ ଇଚ୍ଛା ଅଛି। ଭଗବାନଙ୍କ ଆଶୀର୍ବାଦରେ ଆଗକୁ ନିଜ ପାଇଁ ପ୍ରଡକ୍ସନ୍ ହାଉସ୍ ଖୋଲିବି। ଯେଉଁମାନେ ପରିଶ୍ରମ କରି କାମ ପାଉନାହାଁନ୍ତି, ସେମାନଙ୍କ ପାଇଁ କିଛି କରିବାକୁ ଯୋଜନା ରଖିଛି। ■



# ୨୦୨୬ରେ 'ଲ୍ୟାଣ୍ଡଫଲ୍'

ପିକ୍ସେଲ ମୁଭି ନିବେଦିତ ନୂଆ ଓଡ଼ିଆ ସିନେମା 'ଲ୍ୟାଣ୍ଡଫଲ' ଖୁବ୍‌ଶୀଘ୍ର ଆସିବ। ଇତି ମଧ୍ୟରେ ଏହାର ମୋସନ୍ ପୋଷ୍ଟର ଲଞ୍ଚ କରାଯାଇଛି। ଯାହାକୁ ଦର୍ଶକେ ବେଶ୍ ପସନ୍ଦ ମଧ୍ୟ କରିଛନ୍ତି। ଲୋକେ ଏହି ସିନେମା ମାଧ୍ୟମରେ ବାତ୍ୟାର କରାଳ ରୂପ ଦେଖିବେ। ବିଶେଷକରି ଏଥିରେ ୧୯୯୯ ମହାବାତ୍ୟାଠୁ ଆରମ୍ଭ କରି ଫାଇଲିନ୍ ପର୍ଯ୍ୟନ୍ତ ବାତ୍ୟାଗୁଡ଼ିକକୁ ଦେଖାଇବାକୁ ପ୍ରୟାସ କରାଯାଇଛି। ପ୍ରଭାତ କୁମାର ପ୍ରଧାନଙ୍କ ପ୍ରଯୋଜିତ ଏହି ସିନେମାର ମୁଖ୍ୟ ଚରିତ୍ରରେ ନଜର ଆସିବେ ଓଲିଉଡ୍‌ର ଲୋକପ୍ରିୟ ଅଭିନେତା ସବ୍ୟସାଚୀ। ସିନେମାଟିର କାହାଣୀ ବିଶାଳ ମୌର୍ଯ୍ୟ ଲେଖିଥିବା ବେଳେ ଏହାର ନିର୍ଦ୍ଦେଶନା ଦାୟିତ୍ୱରେ ଅଛନ୍ତି ଦେବୀ ପ୍ରସାଦ ଲେଙ୍କା। ତେବେ ଏହା ହେବ ଓଡ଼ିଶାର ସବୁଠାରୁ ବ୍ୟୟ ବହୁଳ ସିନେମା। ଏହାର ବିଶାଳ ସେଟ୍ ୧୦ କୋଟି ଟଙ୍କା ବ୍ୟୟରେ କରାଯିବ। ସେହିପରି ଏହା ଓଡ଼ିଆ ଓ ହିନ୍ଦୀ ଭାଷାରେ ନିର୍ମିତ ହେବ। ତେବେ ସିନେମାଟି ୨୦୨୬ ମସିହାରେ ପ୍ରେକ୍ଷାଳୟକୁ ଆସିବ। ଅନ୍ୟପଟେ ଏହି ସିନେମା ମାଧ୍ୟମରେ ସବ୍ୟସାଚୀ ଦର୍ଶକଙ୍କ ମନ ଜିଣିବେ ବୋଲି ସେ ନିଜ ସାମାଜିକ ଗଣମାଧ୍ୟମରେ କହିଛନ୍ତି। ■

# ଓଲିଉଡ୍‌ରେ ପୀୟୂଷ

ଯାତ୍ରାରେ ନିଜର ଦମ୍‌ଦାର୍ ଅଭିନୟ ମାଧ୍ୟମରେ ଦର୍ଶକଙ୍କ ମନ ଜିଣିଛନ୍ତି ଅଭିନେତା ପୀୟୂଷ। ତେବେ ଏବେ ସେ ରୁପେଲିରେ ପରଦାରେ ପାଦ ଥାପିବେ। ନୂଆ ଓଡ଼ିଆ ଚଳଚ୍ଚିତ୍ର 'ଶମ୍ଭୁ'ରେ ପୀୟୂଷଙ୍କୁ ଦେଖିବାକୁ ମିଳିବ। ସିନେମାର ନିର୍ଦ୍ଦେଶନା ଏବଂ ଚିତ୍ରନାଟ୍ୟରେ ଅଛନ୍ତି ଏସ୍. ଦିଲୀପ ପଣ୍ଡା। ସେହିପରି ସିନେମାର ସଂଳାପ ରଚନା କରିଛନ୍ତି ଡକ୍ଟର ରଜନୀ ରଞ୍ଜନ। ଏହାର କାହାଣୀ ମନୋରମା ଜେନା ରଚନା କରିଥିବା ବେଳେ ସହ ପ୍ରଯୋଜନାରେ ଅଛନ୍ତି ବିବେକ ଜେନା ଏବଂ ଅଭିଷେକ ଜେନା। ସେହିପରି ସଂଗୀତରେ ଅଛନ୍ତି ଦୀପକ କୁମାର। ତେବେ ଯାତ୍ରା ଭଳି ସିନେମାରେ ପୀୟୂଷଙ୍କୁ ସଫଳତା ମିଳୁଛି କି ନାହିଁ, ସେକଥା ସିନେମା ରିଲିଜ୍ ହେଲେ ଜଣାପଡ଼ିବ। ■





# 'ୱାର୍ -୨'ର ଟିଜର ରିଲିଜ୍

ବଲିଉଡ୍‌ର ବହୁ ପ୍ରତିକ୍ଷୀତ ଫିଲ୍ମ 'ୱାର୍-୨'ର ଟିଜର୍ ଇତିମଧ୍ୟରେ ରିଲିଜ୍ ହୋଇଛି। ଏହି ସିନେମାରେ ହ୍ରିତିକ୍ ରୋଶନ ଏବଂ ଜୁନିୟର ଏନ୍‌ଟିଆର୍‌ଙ୍କ ଦମଦାର ଆକ୍ସନ ଦେଖିବାକୁ ମିଳିବ। ଏହା ହେଉଛି ଏକ ଆକ୍ସନ୍ ଓ ଥ୍ରିଲରଧର୍ମୀ ସିନେମା। ତେବେ ଟିଜର୍‌ର ଆକ୍ସନ ଦୃଶ୍ୟ ମଝିରେ କିୟାରାଙ୍କ ବୋଲ୍ଡ ଲୁକ୍ ଦେଖିବାକୁ ମିଳିଛି। ଟିଜର୍‌କୁ ଦେଖି ଦର୍ଶକେ ଏହାକୁ ୫୦୦ କୋଟିର ଫିଲ୍ମ ବୋଲି କହିଛନ୍ତି। ତା'ସହ ସିନେମାକୁ ନେଇ ଅଧିକ ଉତ୍ସାହିତ ହୋଇଛନ୍ତି। ଅୟାନ ମୁଖାର୍ଜୀଙ୍କ ନିର୍ଦ୍ଦେଶିତ ଏହି ସିନେମା ମାଧ୍ୟମରେ ସାଉଥ୍ ସୁପରଷ୍ଟାର୍ ଜୁନିୟର ଏନ୍‌ଟିଆର୍ ବଲିଉଡ୍‌ରେ ଡେବ୍ୟୁ କରିଛନ୍ତି। ଅନ୍ୟପଟେ 'ୱାର୍-୨'ର ପ୍ରଥମ ଭାଗ ୨୦୧୯ ମସିହାରେ ଆସିଥିଲା। ସିନେମାଟି ବକ୍ସ ଅଫିସ୍‌ରେ ୩୪୪ କୋଟି ଟଙ୍କା ଆୟ କରିଥିଲା। ■

# ମୁହଁ ଲୁଚାଇଲେ ବାଣୀ

ବଲିଉଡ୍ ଅଭିନେତ୍ରୀ ବାଣୀ କପୁରଙ୍କ ଅଭିନୀତ 'ରେଡ୍-୨' ସିନେମାକୁ ଦର୍ଶକୀୟ ଆଦୃତି ମିଳିଛି। ଏଥିରେ ସେ ଅଜୟ ଦେବଗନଙ୍କ ସ୍ତ୍ରୀ ଚରିତ୍ରରେ ଅଭିନୟ କରିଛନ୍ତି। ଏହାରି ଭିତରେ ବାଣୀଙ୍କ ଏକ ନୂଆ ଭିଡିଓ ସାମ୍ନାକୁ ଆସିଛି। ଯାହାକି ସାମାଜିକ ଗଣମାଧ୍ୟମରେ ଚର୍ଚ୍ଚା ସାଉଁଟୁଛି। ତେବେ ଏ ଭିଡିଓରେ ସେ ପାପାରାଜିଙ୍କଠାରୁ ନିଜକୁ ଲୁଚାଇଥିବା ଦେଖିବାକୁ ମିଳିଛି। ସେହିପରି ଏହି ଭିଡିଓ ସାମ୍ନାକୁ ଆସିବା ପରେ ଲୋକେ ତାଙ୍କୁ ଟ୍ରୋଲ କରିବା ଆରମ୍ଭ କରିଛନ୍ତି। ତେବେ ବାଣୀ ଡ୍ୟାନ୍ସିଂ ପୋଷାକରେ ନଜର ଆସିଛନ୍ତି। ସେଟ୍ ବାହାରେ ସେ ଜଣେ ତାଙ୍କ ଟିମ୍ ସଦସ୍ୟଙ୍କ ସହ ନଜର ଆସିଛନ୍ତି। ସେମାନଙ୍କ ସହ କଥାବାର୍ତ୍ତା କରୁଥିବା ବେଳେ ପାପାରାଜିଙ୍କୁ ଦେଖି ତାଙ୍କୁ ଫଟୋ ଉଠାଇବାକୁ ତାଙ୍କ ଟିମ୍ ସଦସ୍ୟ ମନା କଲେ। ଫଳରେ ସେ ତାଙ୍କ ମୁହଁ ଲୁଚାଇ ଚାଲି ଯାଇଛନ୍ତି। ଯାହାକୁ ନେଇ ତାଙ୍କୁ ଏବେ ଟ୍ରୋଲ୍ ହେବାକୁ ପଡ଼ିଛି। ତେବେ ବାଣୀ କ'ଣ ପାଇଁ ଏମିତି କଲେ, ତାହାକୁ ନେଇ ଲୋକେ ସାମାଜିକ ଗଣମାଧ୍ୟମରେ ପ୍ରଶ୍ନ କରିଛନ୍ତି। ■



# ଆସିବ 'ଓଃ ମାଇଁ ଗଡ୍-୩'

୨୦୧୨ ମସିହାରେ ପ୍ରେକ୍ଷାଳୟକୁ ଆସିଥିଲା 'ଓଃ ମାଇଁ ଗଡ୍'। ଏହାର ସଫଳତାକୁ ଦେଖି ପୁଣି ଥରେ ଏହାର ଦ୍ୱିତୀୟ ଭାଗ ୨୦୨୩ ମସିହାରେ ଆସିଥିଲା। ଏହାର ଉଭୟ ପ୍ରଥମ ଓ ଦ୍ୱିତୀୟ ଭାଗରେ ଅକ୍ଷୟ କୁମାର ନଜର ଆସିଥିଲେ। ତା'ସହ ଏଥିରେ ଅକ୍ଷୟଙ୍କ ଅଭିନୟକୁ ଦର୍ଶକେ ବେଶ୍ ପସନ୍ଦ ମଧ୍ୟ କରିଥିଲେ। ଏହି କ୍ରମରେ ଏବେ ଆସିବାକୁ ଯାଉଛି ଏହାର ତୃତୀୟ ଭାଗ। ଏ ନେଇ ଅକ୍ଷୟ ଓ ନିର୍ଦ୍ଦେଶକ ଅମିତ ରାୟ ଏହାର ତୃତୀୟ ଭାଗ ନିର୍ମାଣ ଉପରେ ଚିନ୍ତା କରୁଛନ୍ତି। ଖୁବ୍‌ଶୀଘ୍ର ଏହାର କାହାଣୀ ଉପରେ କାମ ଆରମ୍ଭ ହେବା କୁହାଯାଉଛି। ତେବେ କାହାଣୀ ତିଆରି ହେବା ପରେ କାଷ୍ଟିଂ କଥା ଚିନ୍ତା କରାଯିବ ବୋଲି କୁହାଯାଇଛି। ସେହିପରି ଯଦି ସବୁକିଛି ଠିକ୍‌ଠାକ୍ ରୁହେ, ତେବେ ଏହାର ସୁଟିଂ ୨୦୨୬ରେ ଆରମ୍ଭ ହେବ ଏବଂ ୨୦୨୭ରେ ସିନେମାଟି ପ୍ରେକ୍ଷାଳୟକୁ ଆସିବ। ■



ପରଦା ପଛର କାହାଣୀ



# ବାଇକ୍‌ରୁ ଖସି ପଡ଼ିଥିଲେ ଶାହାରୁଖ୍

ବଲିଉଡ୍ ସୁପରଷ୍ଟାର୍ ଶାହରୁଖ୍ ଖାନ୍‌ଙ୍କ ଅଭିନୀତ ଫିଲ୍ମ 'ସ୍ୱଦେଶ' ୨୦୦୪ ମସିହାରେ ମୁକ୍ତିଲାଭ କରିଥିଲା। ଆଶୁତୋଷ ଗୋବାରିକରଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମରେ ସେ ମୋହନ ଭାର୍ଗବ ଚରିତ୍ରରେ ଅଭିନୟ କରିଥିଲେ। ଏଥିପାଇଁ ଶାହରୁଖ୍ ବେଷ୍ଟ ଆକ୍ଟର ଭାବେ ଫିଲ୍ମ ଫେୟାର୍ ଆୱାର୍ଡ ପାଇଥିଲେ। ଏହି ଫିଲ୍ମରେ ଶାହାରୁଖ୍‌ଙ୍କ ସହ ମେଲା ରାମ ଚରିତ୍ରରେ ଦୟା ଶଙ୍କର ପାଣ୍ଡେ ଅଭିନୟ କରିଥିଲେ। ନିକଟରେ ଦୟା ଶଙ୍କର ପାଣ୍ଡେ ଫିଲ୍ମ 'ସ୍ୱଦେଶ'କୁ ନେଇ ଏକ ରୋଚକୀୟ କଥା ସେୟାର୍ କରିଛନ୍ତି। ଏହି ଫିଲ୍ମର ଏକ ଦୃଶ୍ୟ ସୁଟିଂ ସମୟରେ ଶାହରୁଖ୍ ଖାନ୍ କିପରି ବାଇକ୍‌ରୁ ସତରେ ଖସି ପଡ଼ିଥିଲେ ସେ ବିଷୟରେ କହିଛନ୍ତି। ଫ୍ରାଇଡେ ଟକିଜ୍‌ରେ ବାର୍ତ୍ତାଳାପ କରି ଦୟା କହିଛନ୍ତି, ଫିଲ୍ମରେ ଗୋଟିଏ ସିନ୍ ଥିଲା ଯେଉଁଥିରେ ସେ ସ୍କୁଟର୍ ଚଳାଉଥିଲେ। ତାଙ୍କ ପଛରେ ଶାହରୁଖ୍ ଖାନ୍ ବସିଥିଲେ। ତାଙ୍କୁ ଗାଡ଼ି ଚଳାଇବା ଆସୁନଥିଲେ ମଧ୍ୟ ସେ ଗାଡ଼ି ଚଳାଇ ପାରନ୍ତି ବୋଲି କହିଥିଲେ। ସେଟ୍‌ରେ ସେହି ସିନ୍‌ର ଅଭ୍ୟାସ କାର୍ଯ୍ୟ ଆରମ୍ଭ ହୋଇଥିଲା। ଦୟାଙ୍କୁ ଶାହରୁଖ୍ ଚାହିଁଥିଲେ ଏବଂ ପାଖକୁ ଡାକି ସେ ଗାଡ଼ି ଚାଳନା ଜାଣିଛନ୍ତି କି ନାହିଁ ପ୍ରଶ୍ନ କରିଥିଲେ। ଦୟା ମିଛରେ ହଁ କହିଥିଲେ। ଫଳରେ ଶାହରୁଖ୍ ଆଗପଛ ବିଚାର ନ କରି ତାଙ୍କ ବାଇକ୍‌ରେ ବସିଥିଲେ। ସେତେବେଳେ ସତକୁ ସତ ପବନରେ ବାଇକ୍‌ଟି ଉପରକୁ ଉଠିଗଲା। ଫଳରେ ଶାହରୁଖ୍ ଖାନ ତଳେ ପଡ଼ିଗଲେ। ଦୟା ସଙ୍ଗେ ସଙ୍ଗେ ବାଇକ୍ ଛାଡ଼ି ସେହି ସ୍ଥାନରେ ଛିଡ଼ା ହୋଇ ଭୟରେ ଥରିବାକୁ ଲାଗିଲେ। ଏସବୁ ହେବା ପରେ ସେ ଶାହରୁଖ୍‌ଙ୍କୁ ଖାଲି ଚାହୁଁଥିଲେ, ତାଙ୍କୁ ଉଠାଇବାକୁ ସାହସ କରୁ ନଥିଲେ। ଶାହରୁଖ୍ ଖାନ୍ ଆପେ ଆପେ ଉଠିଲେ। ଦୟାଙ୍କ ପାଖକୁ ଆସି ତାଙ୍କ କାନ୍ଧରେ ହାତ ରଖି, କହିଲେ, ମୁଁ ଜାଣିଥିଲି ତମକୁ ଗାଡ଼ି ଚଳାଇବା ଆସେନି। ଏହାପରେ ସେ ଆଶୁତୋଷ ଗୋବାରିକରଙ୍କୁ ଚାହିଁ ଚାଲ ସଟ୍ ନେବା ବୋଲି କହିଥିଲେ। ଏହାପରେ ଆଶୁତୋଷ ଦୟାଙ୍କୁ ବଡ଼ ଆଖିରେ ଚାହୁଁଥିଲେ। କିନ୍ତୁ ଶାହରୁଖ୍ ତାଙ୍କୁ କହିଥିଲେ "ଏମିତି କାଇଁ ଚାହୁଁଛ। ଭୁଲ ମୋର ଥିଲା। ମୁଁ ତାଙ୍କ ଭାରସାମ୍ୟ ବିଗାଡ଼ି ଦେଇଥିଲି।" ■

## ଆଇପିଏଲ୍-୧୮ | ରୋମାଞ୍ଚକ ହେବ ପ୍ଲେ ଅଫ୍ ମୁକାବିଲା

# କ୍ୱାଲିଫାୟର-୧ ମୁକାବିଲା ଆଜି | ପଞ୍ଜାବ-ବେଙ୍ଗାଲୁରୁ ଲଢ଼େଇ

ମୁଲାନପୁର, ଚଣ୍ଡିଗଡ଼,୨୮।୫ (ଏଜେନ୍ସି):

ଲକ୍ଷ୍ନୌ ସୁପର ଜାଏଣ୍ଟସକୁ ୬ ୱିକେଟରେ ହରାଇ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ଉତ୍କଣ୍ଠାପୂର୍ଣ୍ଣ ବିଜୟ ହାସଲ କରିବା ସହ ଆଇପିଏଲ୍-୧୮ ’ର ଲିଗ ପର୍ଯ୍ୟାୟ ମୁକାବିଲା ଶେଷ ହୋଇଛି। ଏହା ମଧ୍ୟରୁ ପଏଣ୍ଟ ଟେବଲରେ ଥିବା ପ୍ରଥମ ୪ଟି ଦଳ ଯଥା ପଞ୍ଜାବ କିଙ୍ଗ୍ସ, ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ, ଗୁଜରାଟ ଟାଇଟନ୍ସ ଓ ମୁମ୍ବାଇ ଇଣ୍ଡିଆନ୍ସ ପ୍ଲେ ଅଫ୍‌ରେ ପ୍ରବେଶ କରିଛନ୍ତି। ଏହି ଟୁର୍ଣ୍ଣାମେଣ୍ଟରେ ଭାଗ ନେଇଥିବା ଅନ୍ୟ ୬ଟି ଦଳ ଟାଇଟଲ ଦୌଡ଼ରୁ ବାଦ୍ ପଡ଼ିଛନ୍ତି। ଟୁର୍ଣ୍ଣାମେଣ୍ଟର ନିୟମ ଅନୁଯାୟୀ ଆସନ୍ତାକାଲି ବା ମେ ୨୯ ତାରିଖ ଗୁରୁବାର ନଂ-୧ ଟିମ୍ ପଞ୍ଜାମ ସହ ନଂ-୨ ଟିମ୍ ବେଙ୍ଗାଲୁରୁ ସହ କ୍ୱାଲିଫାୟର-୧ ମୁକାବିଲା ହେବ। ଏହି ମୁକାବିଲାରେ ଯେଉଁ ଦଳ ବିଜୟୀ ହେବ ସେହି ଦଳ ସିଧାସଳଖ ଫାଇନାଲ ଖେଳିବ। ସେହିପରି ମେ ୩୦ରେ ଗୁଜରାଟ ଟାଇଟନ୍ସ ଓ ୫ ଥରର ଚାମ୍ପିଅନ ମୁମ୍ବାଇ ଇଣ୍ଡିଆନ୍ସ ମଧ୍ୟରେ ଏଲିମିନେଟର ଖେଳାଯିବ। ଏହି ମ୍ୟାଚ୍‌ରେ ଯେଉଁ ଦଳ ବିଜୟୀ ହେବ ସେହି ଦଳ କ୍ୱାଲିଫାୟର-୨କୁ ଯୋଗ୍ୟତା ଅର୍ଜନ କରିବ। ଏହି ମ୍ୟାଚ୍‌ର ବିଜେତା ଦଳ ଓ କ୍ୱାଲିଫାୟର-୧’ରେ ପରାଜିତ ଦଳ ମଧ୍ୟରେ ଦ୍ୱିତୀୟ କ୍ୱାଲିଫାୟର ଜୁନ୍-୧ରେ ଖେଳାଯିବ। ଦୁଇ କ୍ୱାଲିଫାୟରର ବିଜେତାଙ୍କ ମଧ୍ୟରେ ଫାଇନାଲ ମ୍ୟାଚ୍ ଜୁନ୍-୩ରେ ଖେଳାଯିବ।



### ନଂ-୧ ଓ ୨ ମଧ୍ୟରେ ପ୍ରଥମ ଲଢ଼େଇ

ପଏଣ୍ଟ ଟେବଲର ପ୍ରଥମ ଦୁଇଟି ସ୍ଥାନରେ ଥିବା ପଞ୍ଜାବ ଓ ବେଙ୍ଗାଲୁରୁ ମଧ୍ୟରେ ଆସନ୍ତାକାଲି କ୍ୱାଲିଫାୟର-୧ ମୁକାବିଲା ହେବ। ଏହି ଟୁର୍ଣ୍ଣାମେଣ୍ଟରେ ଉଭୟ ଦଳ ସ୍ଥିର ଖେଳ ପ୍ରଦର୍ଶନ କରି ୧୯ ପଏଣ୍ଟ ଲେଖାଏଁ ସଂଗ୍ରହ କରିଛନ୍ତି। ଏହା ମଧ୍ୟରୁ ବେଙ୍ଗାଲୁରୁ ୧୦ମ ଓ ପଞ୍ଜାବ ଚତୁର୍ଥଥର ପ୍ଲେ ଅଫ୍ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଛନ୍ତି। ଏହା ମଧ୍ୟରୁ ବେଙ୍ଗାଲୁରୁ ୩ଥର ଓ ପଞ୍ଜାବ ଥରେ ଫାଇନାଲ ଖେଳିଛି। କିନ୍ତୁ ଉଭୟ ଦଳ ଏଯାଏ ଟାଇଟଲ ଜିତିବାରେ ସମର୍ଥ ହୋଇପାରି ନାହାନ୍ତି। ୨୦୧୪ରେ ପଞ୍ଜାବ ଶେଷଥର ପ୍ଲେ ଅଫ୍‌ରେ ପ୍ରବେଶ କରିଥିଲା ଓ ଏହି ବର୍ଷ ମଧ୍ୟ ଦଳ ଫାଇନାଲ ଖେଳି କୋଲକାତା ନାଇଟ୍ ରାଇଡର୍ସ ନିକଟରୁ ପରାଜିତ ହୋଇଥିଲା। ୨୦୨୪ରେ ବେଙ୍ଗାଲୁରୁ ପ୍ଲେ ଅଫ୍ ଖେଳିଥିଲେ ମଧ୍ୟ ଫାଇନାଲକୁ ଯାଇ ପାରି ନ ଥିଲା। ଏହି ମୁକାବିଲାରେ ବେଙ୍ଗାଲୁରୁ ଦଳରେ ଅଧିକ ଅଭିଜ୍ଞ ଓ ଅନ୍ତର୍ଜାତୀୟ ଅଭିଜ୍ଞତା ସମ୍ପନ୍ନ ଖେଳାଳି ରହିଛନ୍ତି। ଅନ୍ୟ ପକ୍ଷରେ ପଞ୍ଜାବ ଅନ୍‌କ୍ୟାପ୍‌ଡ ବା ଅନ୍ତର୍ଜାତୀୟ ଅଭିଜ୍ଞତା ନ ଥିବା ଖେଳାଳିଙ୍କ ଉପରେ ନିର୍ଭର କରିଛି। ଆସନ୍ତାକାଲି ମୁକାବିଲାରେ ଉଭୟ ଦଳ ସେମାନଙ୍କ ଶ୍ରେଷ୍ଠ ବୋଲର ପଞ୍ଜାର ଯୁଜବେନ୍ଦ୍ର ଚହଲ ଓ ବେଙ୍ଗାଲୁରୁ ଜୋଶ ହାଜ୍‌ଲେଉଡ୍‌ଙ୍କୁ ଦଳରେ ସାମିଲ କରିବ ବୋଲି ଆଶା କରାଯାଉଛି। ଉଭୟ ଆଘାତ ଜନିତ କାରଣରୁ ଶେଷ ଦୁଇଟି ମ୍ୟାଚ୍ ନିଜ ଟିମ୍ ପକ୍ଷରୁ ଖେଳି ପାରି ନ ଥିଲେ। ଦୁଇ ବିଦେଶୀ ଖେଳାଳି ପଞ୍ଜାବର ମାର୍କୋ ଜାନ୍‌ସେନ ଓ ବେଙ୍ଗାଲୁରୁର ଟିମ୍ ଡେଭିଡ୍ ଭିନ୍ନ କାରଣରୁ ଏହି ମ୍ୟାଚ୍ ଖେଳିବେ ନାହିଁ।

### କୋହଲି ବନାମ ଆୟର

ଏହି ଟୁର୍ଣ୍ଣାମେଣ୍ଟରେ ବେଙ୍ଗାଲୁରୁ ପକ୍ଷରୁ ତାରକା ଖେଳାଳି ବିରାଟ କୋହଲି ଓ ପଞ୍ଜାବ ପକ୍ଷରୁ ଅଧିନାୟକ ଶ୍ରେୟସ ଆୟର ଶ୍ରେଷ୍ଠ ବ୍ୟାଟିଂ ପ୍ରଦର୍ଶନ କରିଛନ୍ତି। କୋହଲି ୧୩ଟି ମ୍ୟାଚ୍‌ରୁ ୬୦.୨୦ ହାରରେ ସର୍ବାଧିକ ୬୦୨ ରନ୍ କରିଛନ୍ତି। ଏହା ମଧ୍ୟରେ ୮ଟି ଅର୍ଦ୍ଧଶତକ ରହିଛି। ଅନ୍ୟପକ୍ଷରେ ଆୟର ୧୪ଟି ମ୍ୟାଚ୍‌ରୁ ୫୧.୪୦ ହାରରେ ୫୧୪ ରନ୍ ସଂଗ୍ରହ କରିଛନ୍ତି। କିନ୍ତୁ ମ୍ୟାଚ୍ ଖେଳାଯିବାକୁ ଥିବା ମୁଲାନପୁରରେ ଆୟରଙ୍କ ଅପେକ୍ଷା କୋହଲି ଆଗରେ ରହିଛନ୍ତି। ଉଭୟଙ୍କ ମଧ୍ୟରେ ଏଠାରେ ଅନୁଷ୍ଠିତ ମୁକାବିଲାରେ ବେଙ୍ଗାଲୁରୁ ବିଜୟୀ ହୋଇଥିଲା। ଏଥିରେ କୋହଲି ୫୪ ବଲ୍‌ରୁ ଅପରାଜିତ ୭୩ ରନ୍ କରିଥିଲେ। କିନ୍ତୁ ଏଠାରେ ଆୟର ୪ଟି ମ୍ୟାଚ୍ ଖେଳି ମାତ୍ର ୨୫ ରନ୍ ସଂଗ୍ରହ କରିଛନ୍ତି।

ବ୍ୟାଟିଂରେ ବେଙ୍ଗାଲୁରୁ ପକ୍ଷରୁ ଫିଲ ସଲ୍ଟ ୩୧୧, ରଜତ ପାଟିଦାର ୨୭୧, ଜିତେଶ ଶର୍ମା ୨୩୭, କ୍ରୁନାଲ ପାଣ୍ଡ୍ୟା ୧୦୫ ରନ୍ କରିଛନ୍ତି। ପାଡିକଲ ୨୪୭ ଓ ଡେଭିଡ ୧୮୭ ରନ୍ କରିଥିଲେ ମଧ୍ୟ ଏହି ମ୍ୟାଚ୍ ଖେଳିବେ ନାହିଁ। ଅନ୍ୟପକ୍ଷରେ ପଞ୍ଜାବ ପକ୍ଷରୁ ଅନ୍‌କ୍ୟାପ୍‌ଡ ଖେଳାଳି ପ୍ରଭସିମରନ ସିଂହ ୪୯୯, ଡେବ୍ୟୁଟାଣ୍ଟ ପ୍ରିୟାଂଶ ଆର୍ଯ୍ୟ ୪୨୪, ନେହାଲ ୱାଧେରା ୨୯୮, ଶଶାଙ୍କ ସିଂ ୨୮୪ ରନ୍ କରିଛନ୍ତି। କିନ୍ତୁ ଜୋଶ ଇଂଲିଶ ୧୬୪.୧୬ ଷ୍ଟ୍ରାଇକ୍‌ରେଟ୍‌ରେ ୧୯୭ ଓ ମାର୍କସ ଷ୍ଟୋଇନିସ ୧୯୩.୮୪ ହାରରେ ୧୨୬ ରନ୍ କରି ପ୍ରଭାବଶାଳୀ ସାବ୍ୟସ୍ତ ହୋଇଛନ୍ତି।

### ଅର୍ଶଦୀପ ବନାମ ହାଜ୍‌ଲେଉଡ୍

ବୋଲିଂରେ ଉଭୟ ଦଳର ସ୍ଥିତି ପ୍ରାୟ ସମାନ। ପେସ୍ ବୋଲିଂରେ ଜୋଶ ହାଜ୍‌ଲେଉଡ୍ (୧୮ ୱିକେଟ)ଙ୍କ ନେତୃତ୍ୱରେ ଭୁବନେଶ୍ୱର କୁମାର (୧୪), ଯଶ ଦୟାଲ (୧୦) ବେଶ ପ୍ରଭାବୀ ସାବ୍ୟସ୍ତ ହୋଇଛନ୍ତି। ରୋମାରିଓ ସେଫର୍ଡ ଓ ନୁୱାନ ତୁଷାରା ବେଶ ଚତୁର ବୋଲିଂ ପ୍ରଦର୍ଶନ କରିଛନ୍ତି। ସ୍ପିନ୍‌ର ଭାବେ କ୍ରୁନାଲ ପାଣ୍ଡ୍ୟା (୧୫ ୱିକେଟ)ଙ୍କୁ ଦ୍ୱିତୀୟ ଶ୍ରେଷ୍ଠ ସଫଳତା ମିଳିଛି। ଅନ୍ୟ ପକ୍ଷରେ ଭାରତର ନଂ-୧ ବୋଲର ଅର୍ଶଦୀପ ସିଂ ପଞ୍ଜାବ ପକ୍ଷରୁ ଶ୍ରେଷ୍ଠ ସଫଳତା ପାଇ ୧୮ ୱିକେଟ ପାଇଛନ୍ତି। ୧୬ଟି ୱିକେଟ ନେଇଥିବା ଜାନ୍‌ସେନ ଏହି ମ୍ୟାଚ୍ ଖେଳିବେନି। ଦଳର ପେସ୍ ବୋଲିଂ ଦୁର୍ବଳ। ଆଫଗାନିସ୍ତାନର ଆଜମତୁଲ୍ଲା ଓମରଜାଇ, ଜାଭିୟର ବାର୍ଟଲେଟ୍, ବିଜୟ କୁମାର ବ୍ୟାସକ ପେସ ସ୍ଥାନ ପୂରଣ କରିବେ। ଦଳ ନିକଟରେ କିନ୍ତୁ ଦୁଇ ଜଣ ପ୍ରଭାବୀ ସ୍ପିନର ଅଛନ୍ତି। ୧୪ଟି ୱିକେଟ ନେଇଥିବା ଯୁଜବେନ୍ଦ୍ର ଚହଲ ଓ ୧୦ଟି ୱିକେଟ ନେଇଥିବା ହରପ୍ରୀତ ବ୍ରାର ସଫଳ ହେବେ ବୋଲି ଆଶା କରାଯାଉଛି।

### ସମ୍ଭାବ୍ୟ ଖେଳାଳି ଦଳ

**ପଞ୍ଜାବ କିଙ୍ଗ୍ସ:** ପ୍ରିୟାଂଶ ଆର୍ଯ୍ୟ, ପ୍ରଭସିମରନ ସିଂହ, ଜୋଶ ଇଂଲିଶ (ୱିକେଟରକ୍ଷକ), ଶ୍ରେୟସ ଆୟର (ଅଧିନାୟକ), ନେହାଲ ୱାଧେରା, ଶଶାଙ୍କ ସିଂ, ମାର୍କସ ଷ୍ଟୋଇନିସ୍, ଆଜମତୁଲ୍ଲା ଓମରଜାଇ, କାଏଲ ଜାମିସନ, ହରପ୍ରୀତ୍ ବ୍ରାର୍, ଅର୍ଶଦୀପ ସିଂହ ଓ ଯୁଜବେନ୍ଦ୍ର ଚହଲ।

**ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ:** ବିରାଟ କୋହଲି, ଫିଲ ସଲ୍ଟ, ମୟଙ୍କ ଅଗରୱାଲ, ରଜତ ପାଟିଦାର (ଅଧିନାୟକ), ଜିତେଶ ଶର୍ମା (ୱିକେଟରକ୍ଷକ), କ୍ରୁନାଲ ପାଣ୍ଡ୍ୟା, ଲିଆମ ଲିଭିଙ୍ଗଷ୍ଟୋନ୍, ରୋମାରିଓ ସେଫର୍ଡ, ଭୁବନେଶ୍ୱର କୁମାର, ଯଶ ଦୟାଲ, ଜୋଶ ହାଜ୍‌ଲେଉଡ୍ ଓ ସୂୟାଶ ଶର୍ମା।

### ବ୍ୟାଟିଂରେ ପଞ୍ଜାବ ଆଗୁଆ

ବେଙ୍ଗାଲୁରୁ ନିକଟରେ ଅଧିକ ଅଭିଜ୍ଞ ବ୍ୟାଟର ରହିଛନ୍ତି, କିନ୍ତୁ ପଞ୍ଜାବ କିଙ୍ଗ୍ସ ଏହି ଟୁର୍ଣ୍ଣାମେଣ୍ଟରେ ୧୪ଟି ମ୍ୟାଚ୍‌ରୁ ୭ଥର ୨୦୦ କିମ୍ବା ତା’ଠାରୁ ଅଧିକ ରନ୍ ସଂଗ୍ରହ କରିଛି। ହାଇଦରାବାଦ୍ ବିପକ୍ଷରେ ୬ ୱିକେଟରେ ୨୪୫ ରନ୍ ଦଳର ସର୍ବାଧିକ ଦଳଗତ ସ୍କୋର। ସେହିପରି ବେଙ୍ଗାଲୁରୁ ୪ଥର ୨୦୦ରୁ ଅଧିକ ରନ୍ କରିଥିଲାବେଳେ ଏଲ୍‌ଏସ୍‌ଜି ବିପକ୍ଷରେ ୪ ୱିକେଟରେ ୨୩୦ ରନ୍‌ର ସର୍ବାଧିକ ସ୍କୋର ସଂଗ୍ରହ କରିଛି। ପଞ୍ଜାବ ପକ୍ଷରୁ ପ୍ରିୟାଂଶ ଆର୍ଯ୍ୟ ଏକମାତ୍ର ଶତକ ହାସଲ କରିଛନ୍ତି। ଶ୍ରେୟସ ଆୟର ଅପରାଜିତ ୯୭, ୮୨, ୭୨ ରନ୍‌ର ପାଳି ଖେଳିଛନ୍ତି। ପ୍ରଭସିମରନ ୯୧, ୮୩ ଓ ୬୯ ରନ୍‌ର ପାଳି ଖେଳିଛନ୍ତି। ବେଙ୍ଗାଲୁରୁ ପକ୍ଷରୁ ଶେଷ ଲିଗ୍‌ରେ ଜିତେଶ ଶର୍ମାଙ୍କ ଅପରାଜିତ ୮୫ ରନ୍ ସର୍ବାଧିକ। ୮ଟି ଅର୍ଦ୍ଧଶତକ ହାସଲ କରି କୋହଲି ସ୍ଥିର ବ୍ୟାଟିଂ ପ୍ରଦର୍ଶନ କରିଛନ୍ତି। ଫିଲିପ୍ ସଲ୍ଟ ୬୫ ଓ ୬୨ ରନ୍ କରି ଉପଯୋଗୀ ସାବ୍ୟସ୍ତ ହୋଇଛନ୍ତି।

## ଟିମ୍ ଇଣ୍ଡିଆ ଫିଲ୍ଡିଂ କୋଚ୍ ପଦକୁ ଫେରିଲେ ଟି ଦିଲୀପ

ନୂଆଦିଲ୍ଲୀ,୨୮।୫(ଏଜେନ୍ସି): ଟି ଦିଲୀପ ପୁଣି ଥରେ ଭାରତୀୟ କ୍ରିକେଟ ଦଳରେ ଫିଲ୍ଡିଂ କୋଚ୍ ନିଯୁକ୍ତ ହୋଇଛନ୍ତି। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ତାଙ୍କ ଗୋଟିଏ ବର୍ଷ ପାଇଁ ଚୁକ୍ତି କରିଛି। ସେ ଆସନ୍ତା ମାସରେ ଭାରତୀୟ ଦଳ ସହ ଇଂଲଣ୍ଡ ଗସ୍ତରେ ଯିବେ। ଅଷ୍ଟ୍ରେଲିଆ ବିପକ୍ଷରେ ଭାରତର ଖରାପ ପ୍ରଦର୍ଶନ ପରେ ଦଳର କୋଚିଂ ଷ୍ଟାଫ୍‌ରେ ପରିବର୍ତ୍ତନ କରାଯାଇଥିଲା। ଫଳରେ ଦିଲୀପ୍‌ଙ୍କୁ ପଦରୁ ହଟାଇ ଦିଆଯାଇଥିଲା। ତାଙ୍କ ଅନୁପସ୍ଥିତିରେ ସହାୟକ କୋଚ୍ ରିଆନ ଟେନ ଡୋଏଶ୍ଚେଟ ଦାୟିତ୍ୱ ସମ୍ଭାଳିଥାନ୍ତେ। ପୂର୍ବତନ ଅଧିନାୟକ ରୋହିତ ଶର୍ମାଙ୍କ ପରାମର୍ଶ କ୍ରମେ ଦିଲୀପ୍‌ଙ୍କୁ ପୁଣି ଥରେ ଏହି ଗୁରୁ ଦାୟିତ୍ୱ ଦେବାକୁ ବିସିସିଆଇ ନିଷ୍ପତ୍ତି ନେଇଛି। ଟେଷ୍ଟରୁ ଅବସର ଘୋଷଣା କରିସାରିଥିଲେ ମଧ୍ୟ ରୋହିତ କୋଚ୍ ଗୌତମ ଗମ୍ଭୀରଙ୍କୁ ଫେରାଇଆଣିବାକୁ ଅନୁରୋଧ କରିଥିଲେ। ଦିଲୀପଙ୍କୁ ୨୦୨୧ରେ ଭାରତୀୟ ଦଳର ଫିଲ୍ଡିଂ କୋଚ୍ ନିଯୁକ୍ତ ହୋଇଥିଲେ। ସେ ଆର ଶ୍ରୀଧରଙ୍କ ସ୍ଥାନରେ ଏହି ଦାୟିତ୍ୱ ସମ୍ଭାଳିଥିଲେ। ୨୦୨୪ ଟି-୨୦ ବିଶ୍ୱକପ୍ ପରେ ତାଙ୍କ ଚୁକ୍ତି ଶେଷ ହୋଇଥିଲା। ଫଳରେ ୨୦୨୫ ମାର୍ଚ୍ଚ ପର୍ଯ୍ୟନ୍ତ ତାଙ୍କୁ ଚୁକ୍ତିକୁ ବୃଦ୍ଧି କରାଯାଇଥିଲା। କିନ୍ତୁ ତାଙ୍କୁ ପରେ ହଟାଇ ଦିଆଯାଇଥିଲା। କିନ୍ତୁ ବିକଳ୍ପ ନ ମିଳିବା ଫଳରେ ଦିଲୀପଙ୍କୁ ପୁଣି ଦାୟିତ୍ୱ ମିଳିଛି। ଦିଲୀପ୍ ୨୦୦୭ରୁ ୨୦୧୯ ପର୍ଯ୍ୟନ୍ତ ହାଇଦରାବାଦ କ୍ରିକେଟ ଆସୋସିଏସନ (ଏଚ୍‌ସିଏ) ସହିତ କୋଚିଂ ଦେବା ଆରମ୍ଭ କରିଥିଲେ।



## ଅନିରୁଦ୍ଧଙ୍କ ଅଲ୍‌ରାଉଣ୍ଡ ପ୍ରଦର୍ଶନ; ଗଞ୍ଜାମ ବିଜୟୀ

କଟକ,୨୮।୫(ସମିସ): କଟକରେ ଚାଲିଥିବା ୧୯ବର୍ଷରୁ କମ୍ ବାଳକ ଆନ୍ତଃଜିଲ୍ଲା କ୍ରିକେଟ ଟୁର୍ଣ୍ଣାମେଣ୍ଟର ଏକ ମ୍ୟାଚ୍‌ରେ ଗଞ୍ଜାମ ୫୪ରନରେ ନୂଆପଡାକୁ ପରାସ୍ତ କରିଛି। ଉଭୟ ବ୍ୟାଟିଂ ଓ ବୋଲିଂରେ ଚମତ୍କାର ପ୍ରଦର୍ଶନ କରିଥିବା ଅନିରୁଦ୍ଧ ପଟ୍ଟନାୟକ ପ୍ଲେୟାର ଅଫ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ଡ୍ରିମସ ଗ୍ରାଉଣ୍ଡରେ ଅନୁଷ୍ଠିତ ଏହି ମ୍ୟାଚ୍‌ରେ ନୂଆପଡା ଟସ୍ ଜିତି ଗଞ୍ଜାମକୁ ବ୍ୟାଟିଂ ଆମନ୍ତ୍ରଣ ଦେଇଥିଲା। ଅନିରୁଦ୍ଧଙ୍କ ୨୯ରନ ସହାୟତାରେ ଦଳ ସମସ୍ତ ୱିକେଟ ହରାଇ ୧୦୮ରନ ସଂଗ୍ରହ କରିଥିଲା। ନୂଆପଡାର ଅର୍ମାନ ପତି ୫ଟି ୱିକେଟ ଦଖଲ କରିଥିଲେ। ୧୦୯ରନର ବିଜୟ ଲକ୍ଷ୍ୟକୁ ପିଛା କରୁଥିବା ନୂଆପଡା ମାତ୍ର ୫୪ରନରେ ଅଲଆଉଟ ହୋଇଥିଲା। ଅଭିରୂପ ଦାସ ସର୍ବାଧିକ ୧୬ରନ କରିଥିଲେ। ଅନିରୁଦ୍ଧ ୧୩ରନ ବିନିମୟରେ ୫ଟି ୱିକେଟ ଦଖଲ କରିଥିଲେ।

ରେଭେନ୍ସା ଗ୍ରାଉଣ୍ଡରେ ଭୁବନେଶ୍ୱର-ଏ ୧୫ରନରେ ବରଗଡକୁ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରିଥିବା ଭୁବନେଶ୍ୱର-ଏ ୧୩୮ରନରେ ଅଲଆଉଟ ହୋଇଥିଲା। ଆୟୁଷ ଚାନ୍ଦ ସର୍ବାଧିକ ୪୭ରନ କରିଥିଲେ। ବରଗଡର ସେଖ ହାୟତ ଏବଂ କ୍ରୀଷ୍ଣା ସାମଲ ୩ଟି ଲେଖାଏ ୱିକେଟ ହାସଲ କରିଥିଲେ। ୨୩.୪ ଓଭରରେ ବରଗଡ ସମସ୍ତ ୱିକେଟ ହରାଇ ୧୨୩ରନ କରିଥିଲା। ଭୁବନେଶ୍ୱରର ଅର୍ଣ୍ଣଭ ଶତପଥୀ ୩ଟି ୱିକେଟ ଅକ୍ତିଆର କରି ପ୍ଲେୟାର ଅଫ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ଏଠାରେ ଖେଳାଯାଇଥିବା ଅନ୍ୟ ଏକ ମ୍ୟାଚ୍‌ରେ ବାଲେଶ୍ୱର ୭ ୱିକେଟରେ ପୁରୀକୁ ହରାଇଛି। ଓଦା ଗ୍ରାଉଣ୍ଡ ଯୋଗୁଁ ୨୪ଓଭର ବିଶିଷ୍ଟ ଖେଳାଯାଇଥିବା ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରିଥିବା ପୁରୀ ୭ ୱିକେଟ ହରାଇ ୮୫ରନ ସଂଗ୍ରହ କରିଥିଲା। ରୋହନ ସାହୁ ସର୍ବାଧିକ ୩୬ରନ କରିଥିଲେ। ବାଲେଶ୍ୱରର ଶୁଶୋଭନ ଦାସ ଏବଂ ଶୁଭମ ପଲାଇ ଯଥାକ୍ରମେ ୨ଟି ଏବଂ ଗୋଟିଏ ୱିକେଟ ହାସଲ କରିଥିଲେ। ଶୁଭମଙ୍କ ଅପରାଜିତ ୧୯ରନ ସହାୟତାରେ ୩ ୱିକେଟ ହରାଇ ବାଲେଶ୍ୱର ବିଜୟ ଲକ୍ଷ୍ୟ ହାସଲ କରିଥିଲା। ଶୁଭମ ପ୍ଲେୟାର ଅଫ ଦି ମ୍ୟାଚ୍ ସାବ୍ୟସ୍ତ ହୋଇଥିଲେ। ବିଡାନାସୀ ଗ୍ରାଉଣ୍ଡରେ କେନ୍ଦୁଝର ୪୬ରନରେ କନ୍ଧମାଳକୁ ହରାଇଥିଲା। ୩ରନ ବ୍ୟୟରେ ୩ ୱିକେଟ ଦଖଲ କରିଥିବା କେନ୍ଦୁଝରର ସରୱନ ସାହୁ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ।



## ଉତ୍ତର ପୂର୍ବାଞ୍ଚଳ ଦୃଷ୍ଟିବାଧିତ ଫୁଟବଲ | ମେଘାଳୟ ଚାମ୍ପିଅନ, ଓଡ଼ିଶା ତୃତୀୟ

ଭୁବନେଶ୍ୱର,୨୮।୫(ସମିସ): ଆସାମ ରାଜଧାନୀ ଗୌହାଟୀରେ ଅନୁଷ୍ଠିତ ଉତ୍ତର ପୂର୍ବାଞ୍ଚଳି ଦୃଷ୍ଟିବାଧିକ ଫୁଟବଲ ଟୁର୍ଣ୍ଣାମେଣ୍ଟରେ ଓଡ଼ିଶା ପୁରୁଷ ଦଳ ତୃତୀୟ ସ୍ଥାନରେ ରହି ଜାତୀୟସ୍ତର ଟୁର୍ଣ୍ଣାମେଣ୍ଟ ଖେଳିବାକୁ ମନୋନୀତ ହୋଇଛି। କିନ୍ତୁ ଓଡ଼ିଶା ମହିଳା ଦଳ ଜାତୀୟସ୍ତରକୁ ମନୋନୀତ ହେବାରେ ବିଫଳ ହୋଇଛି। ଏ ଗ୍ରୁପ୍‌ର ବିଜେତା ମେଘାଳୟ ଫାଇନାଲ ମୁକାବିଲାରେ ବି ଗ୍ରୁପ୍‌ର ବିଜେତା ଅରୁଣାଚଳକୁ ୯-୧ ଗୋଲରେ ପରାସ୍ତ କରି ଚାମ୍ପିଅନ ହୋଇଥିଲା। ଏ ଗ୍ରୁପ୍‌ରେ ଓଡ଼ିଶା ୪-୦ ଗୋଲରେ ଆସାମକୁ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲା ଏବଂ ବି ଗ୍ରୁପ୍‌ର ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ଦଳ ନାଗାଲାଣ୍ଡକୁ ୧-୦ ଗୋଲରେ ପରାସ୍ତ କରିଥିଲା। ଏଥିରେ ଓଡ଼ିଶା ଅଧିନାୟକ ଆଶିଷ ସାହୁ ମ୍ୟାଚ୍‌ର ଏକାମାତ୍ର ଗୋଲ ସ୍କୋର କରିଥିଲେ। ସମ୍ପୂର୍ଣ୍ଣ ଟୁର୍ଣ୍ଣାମେଣ୍ଟରେ ପ୍ରଦର୍ଶନକୁ ଭିତ୍ତିକରି ଓଡ଼ିଶା ପୁରୁଷ ଦଳ ତୃତୀୟ ସ୍ଥାନରେ ରହି ଅଭିଯାନ ଶେଷ କରିଛି।



## ଜାତୀୟ କନିଷ୍ଠ ସଫ୍ଟବଲ: ରାଜ୍ୟ ଦଳର ଚଣ୍ଡିଗଡ ଯାତ୍ରା

କଟକ,୨୮।୫(ସମିସ): ଗୁରୁବାର ଠାରୁ ଚଣ୍ଡୀଗଡରେ ୪୫ତମ କନିଷ୍ଠ ଜାତୀୟ ସଫ୍ଟବଲ ଚାମ୍ପିଅନସିପ୍ ଆରମ୍ଭ ହେବ। ଏଥି ନିମନ୍ତେ ଆଜି ରାଜ୍ୟ ସଂଘ ପକ୍ଷରୁ ଘୋଷିତ ଉଭୟ ବାଳକ ଏବଂ ବାଳିକା ଦଳ ଚଣ୍ଡୀଗଡ ଯାତ୍ରା କରିଛନ୍ତି। ବାଳକ ଦଳରେ ଅମରନାଥ ଭୋଳ, ମୁକ୍ତିକାନ୍ତ ପ୍ରଧାନ, ଶିବ କିରସାନି, କୁମାର ଶୁଭଙ୍କର, ଅନୀଲ କଦରକା, ମିଥୁନ କୁମାର ମଲ୍ଲିକ, ଗଡୁ ବଡନାୟକ, ରାଜୁ ପିଡିସିକା, ସଂଗ୍ରାମ ସୋରେନ, ସୋନାଲ ସଞ୍ଜୀବ ବେହେରା, ସତ୍ୟ ନାରାୟଣ ଦାସ, ସରୋଜ ମାଝୀ, ସୁବ୍ରତ ସାହୁ, ନିହାର ରଞ୍ଜନ ନାୟକ, ଶାନ୍ତନୁ କୁମାର ମଲ୍ଲିକ, ହେମନ୍ତ କୁମାର କର ସ୍ଥାନ ପାଇଛନ୍ତି। ମନୋଜ କୁମାର ପ୍ରଧାନ ପ୍ରଶିକ୍ଷକ ଏବଂ ପ୍ରଭାତ କୁମାର ସାହୁ ମ୍ୟାନେଜର ଭାବେ ଦଳରେ ରହିଛନ୍ତି।

## ଫ୍ରେଞ୍ଚ୍ ଓପନ୍ ଟେନିସ | ତୃତୀୟ ରାଉଣ୍ଡରେ ଆଲ୍‌କାରାଜ୍, ମୁସେଟ୍ଟି, ସେଲ୍‌ଟନ୍

ପ୍ୟାରିସ୍,୨୮।୫(ଏଜେନ୍ସି):

ଚଳିତ ଫ୍ରେଞ୍ଚ୍ ଓପନ ଟେନିସ ଟୁର୍ଣ୍ଣାମେଣ୍ଟରେ ଦ୍ୱିତୀୟ ସିଡ୍ ସ୍ପେନ୍‌ର କାର୍ଲୋସ ଆଲକାରାଜ, ଅଷ୍ଟମ ସିଡ୍ ଇଟାଲୀର ଲୋରେଞ୍ଜୋ ମୁସେଟ୍ଟି, ୧୩ତମ ସିଡ୍ ଆମେରିକାର ବେନ୍ ସେଲଟନ ତୃତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ତେବେ ସପ୍ତମ ସିଡ୍ ନରୱେର କାସ୍ପେର ରୁଡ୍ ଦ୍ୱିତୀୟ ରାଉଣ୍ଡରେ ପର୍ତ୍ତୁଗାଲର ନୁନୋ ବୋର୍ଗେସ୍‌ଙ୍କଠାରୁ ୬-୨, ୪-୬, ୧-୬, ୦-୬ ସେଟ୍‌ରେ ପରାସ୍ତ ହୋଇ ବିପର୍ଯ୍ୟୟର ସମ୍ମୁଖୀନ ହେବା ସହ ବିଦାୟ ନେଇଛନ୍ତି। ଦ୍ୱିତୀୟ ରାଉଣ୍ଡରେ ଆଲକାରାଜ ୬-୧, ୪-୬, ୬-୧, ୬-୨ ସେଟ୍‌ରେ ହଙ୍ଗେରୀର ଫାବିଆନ ମାରୋଜସାନ୍‌ଙ୍କୁ, ମୁସେଟ୍ଟି ୬-୪, ୬-୦, ୬-୪ ସେଟ୍‌ରେ କଲମ୍ବିଆର ଡାନିଏଲ୍ ଗଲାନଙ୍କୁ, ୨୫ତମ ସିଡ୍ ଅଷ୍ଟ୍ରେଲିଆର ଆଲେକ୍ସେଇ ପପିରିନ୍ ୭-୫, ୬-୩, ୬-୪ ସେଟ୍‌ରେ ଚିଲିର ଆଲେଜାଣ୍ଡ୍ରୋ ଟାବିଲୋଙ୍କୁ ପରାସ୍ତ କରି ଅଗ୍ରଗତି କରିଛନ୍ତି। ସେଲଟନ ଫ୍ରାନ୍ସର ହୁଗୋ ଗାଷ୍ଟନଙ୍କ ବିପକ୍ଷରେ ୱାକ୍‌ଓଭର ପାଇଁ ତୃତୀୟ ରାଉଣ୍ଡକୁ ଉନ୍ନୀତ ହୋଇଛନ୍ତି।



### ଭିଟୋଲିନା, ପାଓଲିନି, ଝେଙ୍ଗ୍‌ଙ୍କ ଅଗ୍ରଗତି

ମହିଳା ଏକକରେ ମଧ୍ୟ ସିଡେଡ ଖେଳାଳିମାନେ ଦ୍ୱିତୀୟ ରାଉଣ୍ଡରେ ବିଜୟୀ ହୋଇ ଅଗ୍ରଗତ କରିଛନ୍ତି। ଦ୍ୱିତୀୟ ରାଉଣ୍ଡ ମୁକାବିଲାରେ ଚତୁର୍ଥ ସିଡ୍ ଇଟାଲୀର ଜସ୍ମିନ ପାଓଲିନି ୬-୩, ୬-୩ ସେଟ୍‌ରେ ଅଷ୍ଟ୍ରେଲିଆର ଅଜଲା ଟୋମଲଜାନୋଭିକଙ୍କୁ, ୫ମ ସିଡ୍ ପୋଲାଣ୍ଡର ଇଗା ସ୍ୱିଆଟେକ୍ ୬-୧, ୬-୨ ସେଟ୍‌ରେ ବ୍ରିଟେନର ଇମ୍ମା ରାଡୁକାନୁଙ୍କୁ, ଅଷ୍ଟମ ସିଡ୍ ଚୀନ୍‌ର କିନୱେନ ଝେଙ୍ଗ ୬-୨, ୬-୩ ସେଟ୍‌ରେ କଲମ୍ବିଆର ଏମିଲିଆନୋ ଅରାଙ୍ଗୋଙ୍କୁ, ୧୬ତମ ସିଡ୍ ଆମେରିକାର ଅମଣ୍ଡା ଅନିସିମୋଭା ୬-୦, ୬-୨ ସେଟ୍‌ରେ ସ୍ୱିଜରଲାଣ୍ଡର ଭିକ୍ଟୋରିଆ ଗୋଲୁବିକଙ୍କୁ, ୧୩ତମ ସିଡ୍ ୟୁକ୍ରେନର ଏଲିନା ଭିଟୋଲିନା ୬-୧, ୬-୧ ସେଟ୍‌ରେ ତୁର୍କୀର ଜେନେପ ସୋନମେଜଙ୍କୁ ହରାଇ ତୃତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ୧୪ତମ ସିଡ୍ ଚେକ୍ ଗଣରାଜ୍ୟର କାରୋଲିନ୍ ମୁଚୋଭା ୩-୬, ୬-୨, ୧-୬ ସେଟ୍‌ରେ ଆମେରିକାର ଆଲିସିଆ ପାର୍କଙ୍କଠାରୁ ପରାସ୍ତ ହୋଇ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ବିଦାୟ ନେଇଛନ୍ତି।

### ଯୁଗଳରେ ହାରିଲେ ବୋଲିପାଲ୍ଲି

ଫ୍ରେଞ୍ଚ୍ ଓପନ ପୁରୁଷ ଯୁଗଳରେ ଭାରତର ଋତ୍ୱିକ ଚୌଧୁରୀ ବୋଲିପାଲ୍ଲି ପରାସ୍ତ ହୋଇ ବିଦାୟ ନେଇଛନ୍ତି। ବୋଲିପାଲ୍ଲି ଓ କଲମ୍ବିଆ ପାର୍ଟନର ନିକୋଲାସ ବାରିଏଣ୍ଟୋସ୍ ୦-୬, ୨-୬ ସିଧାସଳଖ ସେଟ୍‌ରେ ବ୍ରିଟେନର ଜ୍ୟାକବ ଫିୟର୍ଣ୍ଣଲି ଓ କାନାଡାର ଗାବ୍ରିଏଲ୍ ଡିଆଲୋଙ୍କଠାରୁ ପରାସ୍ତ ହୋଇ ବିଦାୟ ନେଇଛନ୍ତି। ଅଭିଜ୍ଞ ଭାରତୀୟ ଖେଳାଳି ରୋହନ ବୋପାନ୍ନା ଓ ଚେକ ଗଣରାଜ୍ୟ ପାର୍ଟନର ଆଡାମ ପାଭଲାସେନ ଏବଂ ଯୁକି ଭାମ୍ବ୍ରି ଓ ତାଙ୍କ ଆମେରିକୀୟ ପାର୍ଟନର ରୋବେର୍ଟ ଗାଲୋୱେ ପ୍ରଥମ ରାଉଣ୍ଡରେ ଅଭିଯାନ ଆରମ୍ଭ କରିବେ।

### ଏସିଆନ ଆଥ୍‌ଲେଟିକ୍ ଚାମ୍ପିଅନସିପ୍

## ୪ ଗୁଣା ୪୦୦ମି ମିକ୍ସଡ୍ ରିଲେରେ ଭାରତକୁ ସ୍ୱର୍ଣ୍ଣ

ଗୁମି,୨୮।୫(ଏଜେନ୍ସି): କୋରିଆର ଗୁମିଠାରେ ଚାଲିଥିବା ଏସିଆନ ଆଥଲେଟିକ୍ସ ଚାମ୍ପିଅନସିପ୍‌ର ୨୬ତମ ସଂସ୍କରଣରେ ବୁଧବାର ତୃତୀୟ ଦିବସରେ ଭାରତୀୟ ଖେଳାଳିମାନେ ଏକାଧିକ ପଦକ ହାସଲ କରିଛନ୍ତି। ୪ ଗୁରା ୪୦୦ମିଟର ମିକ୍ସଡ ରିଲେ ଇଭେଣ୍ଟରେ ଭାରତୀୟ ଖେଳାଳିମାନେ ପ୍ରଥମସ୍ଥାନରେ ରହି ଦେଶ ପାଇଁ ଦ୍ୱିତୀୟ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ଭାରତୀୟ ଆଥଲେଟ୍‌ମାନେ ଏହି ଇଭେଣ୍ଟରେ ୩ ମିନିଟ୍ ୧୮.୧୨ ସେକେଣ୍ଡ ସମୟ ନେଇ ପ୍ରଥମ ହୋଇଥିଲେ। ଏଥିରେ ଚୀନ ରୌପ୍ୟ ଓ ଶ୍ରୀଲଙ୍କା କାଂସ୍ୟ ପଦକ ହାସଲ କରିଥିଲା। ସେହିପରି ତେଜସ୍ୱିନ ଶଙ୍କର ଡେକାଥଲନ୍‌ରେ, ପ୍ରବୀଣ ଚିତ୍ରାଭେଲ୍ ପୁରୁଷ ଟ୍ରିପଲ ଜମ୍ପରେ, ପାରୁଲ ଚୌଧୁରୀ ମହିଳା ୪୦୦ମିଟରରେ, ପୂଜା ମହିଳା ୧୫୦୦ ମିଟର ରେସ୍‌ରେ ଦ୍ୱିତୀୟ ସ୍ଥାନରେ ରହି ରୌପ୍ୟ ପଦକ ହାସଲ କରିଛନ୍ତି। କିନ୍ତୁ ପୁରୁଷ ୧୫୦୦ମି ରେସ୍‌ରେ ୟୁନୁସ ଶାହା କାଂସ୍ୟ ପଦକ ହାସଲ କରିଛନ୍ତି। ଭାରତ ଏବେ ୨ ସ୍ୱର୍ଣ୍ଣ, ୪ ରୌପ୍ୟ ଓ ୨ କାଂସ୍ୟ ପଦକ ସହ ମୋଟ୍ ୮ ପଦକ ହାସଲ କରି ତାଲିକାର ତୃତୀୟ ସ୍ଥାନରେ ରହିଛି। ଚୀନ୍ ୧୧ ସ୍ୱର୍ଣ୍ଣ ସହ ମୋଟ୍ ୧୩ ପଦକ ଏବଂ ଜାପାନ ୩ ସ୍ୱର୍ଣ୍ଣ ସହ ୧୪ ପଦକ ପାଇଁ ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ରହିଛି।



PRINTED & PUBLISHED BY AMIT KUMAR MALLICK FOR ‘THE SAKALA’ A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS